ଧରିତ୍ରୀ 52 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୬/୨୦୨୬ (୧୪ ପୃଷ୍ଠା) Bhubaneswar, Tuesday, January 6/2026 Page 14 ₹ 7.00 | SAMBALPUR
୫୨ଶ ଭାଗ ୪୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 44 ମୂଲ୍ୟ ₹୭/-

# ସ୍କୁଲରେ ପୋଡ଼ିହୋଇ ୪ ଛାତ୍ର ଗୁରୁତର

ବିଷମକଟକ,୫।୧(ପ୍ରସନ୍ନ କୁମାର ପଣ୍ଡା)

ବିଦ୍ୟାଳୟ ପରିସରରେ ପାଠପଢ଼ା ଚାଲିଥିଲାବେଳେ ଅଗ୍ନିକାଣ୍ଡ ଘଟି ୪ ଛାତ୍ର ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡାସ୍ଥିତ ପ୍ରାଇମେରି ବିଦ୍ୟାଳୟରେ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟରେ ଥିନର ବୋତଲ ଥିବା ସମୟରେ ପିଲାମାନେ ତାକୁ ତଳେ ଢାଳି ଦିଆସିଲି ମାରି ନିଆଁ ଲଗାଇ ଖେଳୁଥିଲେ। ଏହି ସମୟରେ ହଠାତ୍ ନିଆଁ ବ୍ୟାପିଯିବାରୁ ପିଲାମାନଙ୍କ ଶରୀରରେ ଅଗ୍ନି ସଂଯୋଗ ହୋଇଯାଇଥିଲା। ଖବରପାଇ ଶିକ୍ଷକ ଓ ସ୍ଥାନୀୟ ☞ପୃଷ୍ଠା-୪

Supported by MSME MINISTRY OF MSME GOVT. OF INDIA | MSME DEPARTMENT ODISHA | ODISHA NEW OPPORTUNITIES
ORGANISER Futurex LET'S BUILD THE FUTURE TOGETHER



4th ODISHA MINING & INFRASTRUCTURE INTERNATIONAL EXPO
8th to 11th Jan 26
VISIT! THE LARGEST EXHIBITION ON MINING, CONSTRUCTION AND EARTHMOVING EQUIPMENTS
Baramunda Ground Bhubaneswar, Odisha
FOR DETAILS CONTACT +91 80105 79828 / +91 70085 03839
SHOW HIGHLIGHTS
- 300+ Exhibitors
- 1000+ Products
- Live Demonstrations
- Mining Awards
ENTRY FREE 11 AM - 8 PM
IN ASSOCIATION WITH · INDUSTRY PARTNER · NALCO · MCL · vedanta · IREL (INDIA) LIMITED · SERAJUDDIN · INDRANI PATNAIK · AB-VENTURES

## ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ଉପରେ କଟକଣା

ଢାକା,୫।୧(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ଦ୍ଦେଶକ୍ରମେ ବାଂଲାଦେଶୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲର ପରବର୍ତ୍ତୀ ସିଜନରୁ ବିଦା କରାଯିବା ଘଟଣା ଯୋଗୁ ଦୁଇ ପଡ଼ୋଶୀ ଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ତା'ର ମ୍ୟାଚ୍ ଭାରତ ପରିବର୍ତ୍ତେ ଶ୍ରୀଲଙ୍କାରେ ଖେଳିବାକୁ ଆଇସିସି ନିକଟରେ ଅନୁରୋଧ କରିବା ପରେ ବର୍ତ୍ତମାନ ଦେଶରେ ଆଇପିଏଲ୍‌ର ପ୍ରସାରଣ ଉପରେ କଟକଣା ଜାରି କରାଯାଇଛି। ତେବେ ଆଇପିଏଲ ଆସନ୍ତା ମାର୍ଚ୍ଚ ୨୬ ତାରିଖରୁ ଆରମ୍ଭ ହେବ। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ସୂଚନା ଓ ପ୍ରସାରଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶିକ୍ଷିତ ଦେଶବିରୋଧୀ**

ବିଶ୍ୱାସ ହିଁ ସନାତନ
ଏହାର ଅକାଳ ବିୟୋଗ ହେବାକୁ ଦିଅନ୍ତୁ ନାହିଁ



ଭାରତୀୟ ଜୀବନ ବୀମା ନିଗମ ଆରମ୍ଭ କରୁଛି
ସ୍ପେଶାଲ୍ ରିଭାଇଭାଲ୍ କ୍ୟାମ୍ପେନ୍
ଲେଟ୍ ଫୀ ରିହାତି ସହିତ
ଅବଧି 1 ଜାନୁଆରୀ, 2026 ରୁ 2 ମାର୍ଚ୍ଚ, 2026 ପର୍ଯ୍ୟନ୍ତ

ଜଲ୍‌ଦି କରନ୍ତୁ! ଏହି ସୁଯୋଗ କରଛଡ଼ା କରନ୍ତୁ ନାହିଁ
ନିଜ ଲାପ୍ସଡ ପଲିସୀ ଅନ୍ତର୍ଗତ ଇନ୍‌ସ୍ୟୋରାନ୍‌ସ ପ୍ରୋଟେକ୍‌ଶନ୍ ପୁନଃ ଆରମ୍ଭ କରନ୍ତୁ ଆଉ ଏହାର ଲାଭ ପାଇବା ଜାରି ରଖନ୍ତୁ।*
*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ

| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ଅନୁମତ** |
|---|---|---|
| ₹ 1,00,000 ପର୍ଯ୍ୟନ୍ତ | 30% | ₹ 3,000 |
| ₹ 1,00,001 ରୁ ₹ 3,00,000 ପର୍ଯ୍ୟନ୍ତ | 30% | ₹ 4,000 |
| ₹ 3,00,001 ଓ ଅଧିକ | 30% | ₹ 5,000 |

**ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ
ପଲିସୀ କୁ/କୁ ପ୍ଲାନ୍ କଣ୍ଡିଶନ୍‌ସ ଅନୁସାରେ ପ୍ରଥମ ଦିଆଯାଇନଥିବା ପ୍ରିମିଅମ ଦିନାଙ୍କଠାରୁ 5 ବର୍ଷ ମଧ୍ୟରେ ପୁନଃଆରମ୍ଭ କରାଯାଇ ପାରେ। ସମ୍ପର୍କରେ ରୁହନ୍ତୁ। ଏଲଆଇସି ରେ ନିଜ ମୋବାଇଲ ନମ୍ବର, ଇମେଲ, ଏନ୍‌ଇଏଫ୍‌ଟି ଓ ପ୍ୟାନ୍ ଅପଡେଟ୍ କରନ୍ତୁ।
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ/ଦେଖନ୍ତୁ: www.licindia.in ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ
LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
ଆମର ହ୍ୱାଟ୍‌ସଆପ୍ ନ.: 8976862090 'Hi' କୁହନ୍ତୁ
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital
ଦେଖନ୍ତୁ: licindia.in
କଲ୍ ସେଣ୍ଟର ସର୍ଭିସ : (022) 6827 6827
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
LIC/ P1/2025-26/30/Ori
ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ। ଆଇଆରଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ। ଏଭଳି ଫୋନ କଲ୍ ପାଇବା ପଲିସିଧାରକ ବା ପ୍ରସ୍ପେକ୍‌ଟମାନେ ଏକ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ। ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ।

DSPL-456
ଓଡ଼ିଶା ଶାସନ · ପାଣି ପଞ୍ଚାୟତ

# ରାଜ୍ୟବ୍ୟାପୀ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ
୦୬ - ୨୦ ଜାନୁଆରୀ ୨୦୨୬



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସଶକ୍ତ ପାଣି ପଞ୍ଚାୟତ**
- ସଂଶୋଧିତ ଅଧିନିୟମ ୨୦୨୩ କାର୍ଯ୍ୟକାରୀ।
- ମହିଳାମାନଙ୍କୁ ପାଣି ପଞ୍ଚାୟତରେ ସମ୍ପୃକ୍ତି ଓ ସମାନତାର ଅଧିକାର।
- ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ପାଣି ପଞ୍ଚାୟତ ଗଠନ।
- ୪୦,୩୮୦ଟି ପାଣି ପଞ୍ଚାୟତ କ୍ରିୟାଶୀଳ।

**ଦକ୍ଷତା ବୃଦ୍ଧି**
- ପାଣି ପଞ୍ଚାୟତମାନଙ୍କ ଦକ୍ଷତା ବିକାଶ ତଥା ସମ୍ପୃକ୍ତ ଅଧିକାରୀଙ୍କ ନେତୃତ୍ୱ ଜାଗରଣ ନିମନ୍ତେ **ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଁ XIM ବିଶ୍ୱବିଦ୍ୟାଳୟ** ସହ ଅନୁବନ୍ଧିତ।
- WALMI ଦ୍ୱାରା ପାଣି ପଞ୍ଚାୟତ ସଦସ୍ୟମାନଙ୍କୁ ତାଲିମ୍।
- ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ଅଧୀନ **୪୩୪ ମହିଳା ଚାଷୀଙ୍କୁ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (CIWA)** ଦ୍ୱାରା ତାଲିମ୍ ପ୍ରଦାନ।

**ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି**
- ୨୦୨୮-୨୯ ପର୍ଯ୍ୟନ୍ତ **୮୦ ହଜାର ହେକ୍ଟର** ସେଚାଞ୍ଚଳରେ **୨,୪୦୦ କି.ମି.** କଂକ୍ରିଟ କରନାଳୀ ଏବଂ **୬୦ ହଜାର ହେକ୍ଟର** ସେଚାଞ୍ଚଳରେ ପୁରାତନ, ଜରାଜୀର୍ଣ୍ଣ କରନାଳୀକୁ କଂକ୍ରିଟରେ ପୁନଃନିର୍ମାଣ ପାଇଁ **୧,୩୩୮ କୋଟି** ଟଙ୍କାର ପ୍ରାବଧାନ।
- ପ୍ରଶାସନିକ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ **e-CAD** ଆପ୍ଲିକେସନ ଭଳି **IT** ପଦକ୍ଷେପ, ପ୍ରକଳ୍ପଗୁଡିକର ତଦାରଖ, ଦେୟ ଏବଂ **ରେକର୍ଡ ସଂରକ୍ଷଣକୁ** ସୁଗମ କରିବ।
- କେନ୍ଦ୍ର ପ୍ରାୟୋଜିତ **ସମୃଦ୍ଧି ଯୋଜନା** ମାଧ୍ୟମରେ ସେଚାଞ୍ଚଳ ଉନ୍ନୟନର ଆଧୁନିକୀକରଣ **(MCAD)** କାର୍ଯ୍ୟକ୍ରମର ପାଇଲଟ୍ ପ୍ରକଳ୍ପ ନିଆଯାଇଅଛି।
- **୨୫୬ଟି** ପାଣି ପଞ୍ଚାୟତରେ **କୃଷି ଯନ୍ତ୍ରପାତି ସେବା କେନ୍ଦ୍ର** ପ୍ରତିଷ୍ଠା କରାଯାଇ ଚାଷୀ ଭାଇ ଓ ଭଉଣୀମାନଙ୍କୁ **ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଭଡା ସୂତ୍ରରେ** ପ୍ରଦାନ କରାଯାଉଅଛି।
- **୨,୧୪୩ଟି** ସୌରଶକ୍ତି ଚାଳିତ ଗଭୀର ନଳକୂପ ମାଧ୍ୟମରେ ପ୍ରାୟତଃ **୬,୫୦୦ ହେକ୍ଟର** ଚାଷଜମିକୁ ଅତିରିକ୍ତ ଜଳସେଚନର ସୁବିଧା କରାଯାଇ ସେଠାରେ ରବି ଏବଂ ଗ୍ରୀଷ୍ମ ଋତୁରେ ପନିପରିବା ଆଦି ଚାଷ କରାଯାଇ ଚାଷୀମାନଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହୋଇପାରିଛି।
- **୮୪୨ଟି** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ଷୁଦ୍ର ଡାଲି କଳ, କ୍ଷୁଦ୍ର ତୈଳ ଉତ୍ପାଦନ କଳ ଏବଂ କ୍ଷୁଦ୍ର ମାଣ୍ଡିଆ ପ୍ରକ୍ରିୟାକରଣ ଯନ୍ତ୍ର ପାଇଁ ସହାୟତା।



ପାଣି ପଞ୍ଚାୟତ - ଚାଷୀ ଓ ଚାଷର ହିତେ ସଦା ଜାଗ୍ରତ
OIPR-32001/13/0024/2526
dowr.odisha.gov.in · x.com/OdishaWater · facebook.com/odishawater · instagram.com/odisha_water
ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର

# ମୋହନ @ ୫୫





ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୫୫ ବର୍ଷରେ ପଦାର୍ପଣ କରିବେ। ୧୯୭୨ ଜାନୁଆରୀ ୬ ତାରିଖରେ କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ରାଇକଳା ଗ୍ରାମର ଏକ ସାଧାରଣ ସାନ୍ତାଳ ଆଦିବାସୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ଅତି ସାଧାରଣ ପୃଷ୍ଠଭୂମିରୁ ଆସି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀରେ ପହଞ୍ଚିବା ପଛରେ ରହିଛି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ସଂଘର୍ଷର କାହାଣୀ। ଜଣେ ନିରାଡ଼ମ୍ବର ମଣିଷ ଭାବେ ସେ ଆଜି ମଧ୍ୟ ନିଜର ସାଧାରଣ ଜୀବନଶୈଳୀ ପାଇଁ ସମସ୍ତଙ୍କର ପ୍ରିୟ ହୋଇରହିଛନ୍ତି। ତାଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନ ସାକାର ହେବ ବୋଲି ଓଡ଼ିଶାବାସୀ ଆଶାବାଦୀ। ମୋହନ ସପ୍ତମ ଶ୍ରେଣୀରେ ପଢ଼ିବା ସମୟରେ ମା'ଙ୍କ ଦେହାନ୍ତ ପରେ ସାବତ ମା' ନାଥମଣି ମାଝି ତାଙ୍କୁ ପୁଅ ଭଳି ଯତ୍ନ କରି ବଡ଼ କରିଥିଲେ। ପରେ ସେ ୧୯୮୭ରେ ଝୁମ୍ପୁରା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ୧୯୯୦ରେ ଆନନ୍ଦପୁର କଲେଜରୁ ଯୁକ୍ତ୨ ପାସ୍ କରିଥିଲେ। ଚମ୍ପୁଆ ଚନ୍ଦ୍ରଶେଖର କଲେଜରୁ ୧୯୯୩ରେ ସ୍ନାତକ (ଗ୍ରାଜୁଏଶନ) ଏବଂ ପରେ ସ୍ନାତକୋତ୍ତର (ଏମ୍ଏ) ପାସ୍ କରିଥିଲେ। ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ଏଲଏଲ୍‌ବି ପାସ୍ କରି ପ୍ରଥମେ ଝୁମ୍ପୁରାସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକତା (ଗୁରୁଜୀ) ଆରମ୍ଭ କରିଥିଲେ। ଶିକ୍ଷକତା ସମୟରୁ ହିଁ ତାଙ୍କ ମଧ୍ୟରେ ସମାଜସେବା ଓ ଶୃଙ୍ଖଳିତ ଜୀବନଯାପନର ମୂଳଦୁଆ ପଡ଼ିଥିଲା।

## ସରପଞ୍ଚରୁ ମୁଖ୍ୟମନ୍ତ୍ରୀ

ତାଙ୍କର ରାଜନୈତିକ ଜୀବନ ତୃଣମୂଳ ସ୍ତରରୁ ଆରମ୍ଭ ହୋଇଥିଲା। ସେ ପ୍ରଥମେ ନିଜ ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ୧୯୯୭ରେ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହା ଯାଏ ସେ ଏହି ପଦବୀରେ ଜନସେବା କରିଥିଲେ। ଏହାପରେ ସେ କେନ୍ଦୁଝର ସଦର ବିଧାନସଭା ଆସନରୁ ଭାଜପା ଟିକେଟରେ ୨୦୦୦, ୨୦୦୪, ୨୦୧୯ ଏବଂ ୨୦୨୪ରେ ବିଜୟୀ ହୋଇଛନ୍ତି। ୨୦୧୯ରୁ ୨୦୨୪ ମଧ୍ୟରେ ସେ ଭାଜପାର ମୁଖ୍ୟ ସଚେତକ ଭାବେ ବିଧାନସଭାରେ ଲୋକଙ୍କ ସମସ୍ୟାକୁ ଦୃଢ଼ ଭାବେ ଉପସ୍ଥାପନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ପଦବୀ

- ୨୦୦୫-୨୦୦୯ ପର୍ଯ୍ୟନ୍ତ ସେ ସରକାରୀ ଉପ-ମୁଖ୍ୟ ସଚେତକ ଥିଲେ।
- ୨୦୧୯-୨୦୨୪ରେ ସେ ଭାଜପା ବିଧାୟକ ଦଳର ମୁଖ୍ୟ ସଚେତକ ଭାବେ କାର୍ଯ୍ୟ କରି ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିଥିଲେ।
- ସେ ସାର୍ବଜନିକ ହିସାବ କମିଟି (ପିଏସି) ର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି।





ଜନ୍ମ ମାଟିରେ ପରିବାର ସଦସ୍ୟଙ୍କ ସହ

## ବ୍ୟକ୍ତିଗତ ଜୀବନ, ରୁଚି

ମୋହନଙ୍କ ପିତାଙ୍କ ନାମ ସ୍ୱର୍ଗତ ଗୁଣରାମ ମାଝୀ ଏବଂ ମାତାଙ୍କ ନାମ ସ୍ୱର୍ଗତ ବାଲେ ମାଝୀ। ତାଙ୍କ ପିତା ସରକାରୀ ସ୍କୁଲରେ ଜଣେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ମୋହନଙ୍କ ସହଧର୍ମିଣୀ ହେଲେ ଡ. ପ୍ରିୟଙ୍କା ମାର୍ଣ୍ଡି। ତାଙ୍କର ଦୁଇଟି ପୁଅ ଅଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ମଧ୍ୟ ସେ ନିଜ ପରିବାରକୁ ଲାଇମଲାଇଟ୍‌ଠାରୁ ଦୂରେଇ ରଖିବାକୁ ପସନ୍ଦ କରନ୍ତି ଏବଂ ଏକ ସାଧାରଣ ପରିବାର ଭଳି ରହନ୍ତି। ମୋହନଙ୍କର ଫୁଟବଲ ପ୍ରତି ଅହେତୁକ ଦୁର୍ବଳତା ରହିଛି। ଯୁବାବସ୍ଥାରେ ସେ ଜଣେ ଭଲ ଫୁଟବଲ ଖେଳାଳି ଥିଲେ। ଆଜି ମଧ୍ୟ ସେ ତାଙ୍କ ଗ୍ରାମ ରାଇକଳାରେ ହେଉଥିବା ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ସହ ଜଡ଼ିତ ରହିଥାନ୍ତି। ସେ ଶୃଙ୍ଖଳିତ ଜୀବନ ଏବଂ ସମୟାନୁବର୍ତ୍ତିତା ପାଇଁ ଜଣାଶୁଣା। ଆର୍‌ଏସଏସ କାର୍ଯ୍ୟକର୍ତ୍ତା ଏବଂ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଭାବେ କାର୍ଯ୍ୟ କରିଥିବାରୁ ତାଙ୍କ ଜୀବନରେ ଆଧ୍ୟାତ୍ମିକତା ଏବଂ ସେବା ମନୋଭାବର ପ୍ରଭାବ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ। ଜଣେ ଆଇନଜୀବୀ ଭାବେ ତାଙ୍କର ଜ୍ଞାନ ତାଙ୍କୁ ବିଧାନସଭାରେ ବିଭିନ୍ନ ବିଲ୍ ଏବଂ ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରିବା ସମୟରେ ବେଶ୍ ସହାୟକ ହୋଇଥାଏ।

## ଲୋକଙ୍କ ନେତା

ମୋହନ ଚରଣ ମାଝୀଙ୍କୁ ଜଣେ 'ଲୋକଙ୍କ ନେତା' ବୋଲି କୁହାଯାଏ। ସେ ଜଣେ ଆଦିବାସୀ ଚେହେରା ହୋଇଥିଲେ ମଧ୍ୟ ସବୁବର୍ଗର ଲୋକଙ୍କ ସହ ତାଙ୍କର ସୁସମ୍ପର୍କ ରହିଛି। ତାଙ୍କ ଶାସନରେ 'ଓଡ଼ିଆ ଅସ୍ମିତା'କୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଏବଂ ସାଧାରଣ ଲୋକଙ୍କ ଅଭିଯୋଗକୁ ସିଧାସଳଖ ଶୁଣିବା ତାଙ୍କ କାର୍ଯ୍ୟଶୈଳୀର ପ୍ରମୁଖ ଦିଗ।



ଶ୍ରୀଜୀଉଙ୍କ ଦର୍ଶନ ଅବସରରେ।

## ଐତିହାସିକ ନିଷ୍ପତ୍ତି, ଜନକଲ୍ୟାଣକାରୀ ଯୋଜନା

*ମୋହନଙ୍କ ମୁଖ୍ୟମନ୍ତ୍ରିତ୍ୱର ପ୍ରଥମ କିଛି ମାସ ମଧ୍ୟରେ ସେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ଓଡ଼ିଶାର ସାମାଜିକ ଓ ଆର୍ଥିକ ଛବିରେ ଯଥେଷ୍ଟ ଉନ୍ନତି ଆଣିଥିବା କୁହାଯାଉଛି।*

**ସୁଭଦ୍ରା ଯୋଜନା:** ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ବିପ୍ଳବ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାୟ ୧ କୋଟି ମହିଳାଙ୍କୁ ୫ ବର୍ଷ ମଧ୍ୟରେ ୫୦,୦୦୦ ଟଙ୍କା ଲେଖାଏ କିସ୍ତିରେ (ବର୍ଷକୁ ୨ଥର) ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହା ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବା ସହ ସେମାନଙ୍କ ପରିବାରର ଉନ୍ନତିରେ ସହାୟକ ହେଉଛି।

**ସମୃଦ୍ଧ କୃଷକ ଯୋଜନା:** ଚାଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାସହ 'ସିଏମ୍-କିଷାନ' ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

**ଶ୍ରୀମନ୍ଦିରର ଚାରିଦ୍ୱାର ଓ ରତ୍ନଭଣ୍ଡାର:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁ ସେ ଦାୟିତ୍ୱ ନେବାର ତୁରନ୍ତ ପରେ ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲିବା ସହ ଦୀର୍ଘ ୪ ଦଶନ୍ଧି ଧରି ବନ୍ଦ ଥିବା ରତ୍ନଭଣ୍ଡାରକୁ ଖୋଲିବା ପାଇଁ ସାହସିକ ନିଷ୍ପତ୍ତି ନେଇଛନ୍ତି।

**ଓଡ଼ିଆ ଅସ୍ମିତା:** ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ 'ଓଡ଼ିଆ ଅସ୍ମିତା ଭବନ' ଓ ସ୍ୱତନ୍ତ୍ର କର୍ପସ ଫଣ୍ଡ୍ ଗଠନ କରିଛନ୍ତି।

**ଲୋକଙ୍କ ସ୍ୱରକୁ ପ୍ରାଧାନ୍ୟ:** ମୋହନ ମାଝୀଙ୍କ ଶାସନରେ ସାଧାରଣ ଲୋକଙ୍କ ସ୍ୱରକୁ ପ୍ରାଧାନ୍ୟ ଦିଆଯାଉଛି। ଦୀର୍ଘ ୧୬ ବର୍ଷ ଧରି ବନ୍ଦ ଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ସେ ପୁନଃ କାର୍ଯ୍ୟକ୍ଷମ କରିଛନ୍ତି, ଯେଉଁଠାରେ ସେ ନିଜେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।



ସିଙ୍ଗାପୁରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।



ସ୍ପେନ୍ ଆମ୍ବାସାଡର ଜୁଆନ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲଙ୍କ ସହ।



ବରଗଡ଼ ଧନୁଯାତ୍ରା କଂସ ଦରବାରରେ ମୁଖ୍ୟମନ୍ତ୍ରୀ।



ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ।




# ଭାରତକୁ ପୁଣି ଟ୍ରମ୍ପ୍ ଟାରିଫ୍ ଭୟ

**ଭାରତ ରୁଷିଆଠାରୁ ତୈଳ କ୍ରୟ ବନ୍ଦ ନ କଲେ ଆହୁରି ଉଚ୍ଚ ଟାରିଫ୍‌ର ସମ୍ମୁଖୀନ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି । ଏୟାରଫୋର୍ସ ୱାନ୍‌ରେ ଖବରଦାତାମାନଙ୍କୁ ଟ୍ରମ୍ପ୍ କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଭଲ ବ୍ୟକ୍ତି। କିନ୍ତୁ ମୁଁ ଖୁସି ନୁହେଁ ବୋଲି ସେ ଜାଣନ୍ତି ଏବଂ ମୋତେ ଖୁସି କରିବା ଜରୁରୀ । ମୋତେ ଖୁସି କରିବା ପାଇଁ ମୋଦି ରୁଷିଆଠାରୁ ତୈଳ କିଣିବା କମାଇଛନ୍ତି। ତେବେ ତାହା ଯଥେଷ୍ଟ ନୁହେଁ ବୋଲି ଟ୍ରମ୍ପ୍ କହିଛନ୍ତି । ୨୦୨୫ ଅଗଷ୍ଟରୁ ଭାରତର ପଣ୍ୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ କଷିଛି। ସେଥିରୁ ୨୫% ଦଣ୍ଡ ସ୍ୱରୂପ ଲଗାଯାଇଛି କେବଳ ରୁଷିଆଠାରୁ ତୈଳ କିଣିବାକୁ ନେଇ । ଫଳସ୍ୱରୂପ ଆମେରିକାକୁ ଭାରତର ରପ୍ତାନି ବହୁଳ ଭାବେ ହ୍ରାସ ପାଇଛି। ଟ୍ରମ୍ପ୍‌ଙ୍କ ସଦ୍ୟ ଚେତାବନୀ ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଜୋର୍‌ଦାର ସମାଲୋଚନା କରିଛି । ଏହା ବୈଦେଶିକ ନୀତିର ବଡ଼ ବିଫଳତା। ଟ୍ରମ୍ପ୍‌ଙ୍କୁ ଖୁସି କରିବା ପାଇଁ ଭାରତ ରୁଷିଆଠାରୁ ତୈଳ କିଣା କମାଇଥିବା କଥାରୁ ସ୍ପଷ୍ଟ ହେଉଛି, ଦେଶର ବୈଦେଶିକ ନୀତି ଆମେରିକା ଦ୍ୱାରା ପରିଚାଳିତ । ପ୍ରଧାନମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି ।**


ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ/ନୂଆଦିଲ୍ଲୀ,୫।୧(ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ କଷିଥିଲେ। ଏହାର ପ୍ରଭାବରେ ଭାରତରୁ ଆମେରିକାକୁ ଟେକ୍ସଟାଇଲ୍ସ, ମୁକ୍ତା, ଜୁଏଲାରି, ଔଷଧ, ଚିଙ୍ଗୁଡ଼ି, ଦୁଗ୍ଧ ଉତ୍ପାଦ ଓ ଚମଡ଼ା ଆଦି ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଥିଲା। ଭାରତର ଅର୍ଥନୀତି ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥିଲା। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଏକାଧିକ ଥର ଦ୍ୱିପାକ୍ଷିକ ବାଣିଜ୍ୟିକ ଆଲୋଚନା ହେଲାଣି। କିନ୍ତୁ ଏଥିରୁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଏଭଳି ସ୍ଥିତିରେ ରୁଷିଆର ଅଶୋଧିତ ତୈଳକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ବିବେଚନା କରୁଥିବା ଟ୍ରମ୍ପ୍ ପୁଣି ଥରେ ଭାରତକୁ ଚେତାଇ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ରୁଷିଆଠାରୁ ତୈଳ କିଣୁଥିବାରୁ ସେ ଖୁସି ନୁହନ୍ତି। ଏକଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଣିଛନ୍ତି। ଖୁବ୍‌ଶୀଘ୍ର ଆମେରିକା ଭାରତ ଉପରେ ଟାରିଫ୍ ବଢ଼ାଇପାରେ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ରବିବାର ଫ୍ଲୋରିଡାରୁ ଏୟାରଫୋର୍ସ ୱାନ୍‌ରେ ୱାଶିଂଟନ୍ ଡିସି ଯାଉଥିବାବେଳେ ସେ ଖବରଦାତାମାନଙ୍କୁ ଏହା କହିଛନ୍ତି। ଆମେରିକା ବଜାରରେ ଭାରତୀୟ ରପ୍ତାନି ଅତ୍ୟଧିକ ଟାରିଫ୍‌ର ସମ୍ମୁଖୀନ ହୋଇଥିବାବେଳେ ପୁନର୍ବାର ଏହା ବଢ଼ିବାକୁ ଯାଉଛି। ବର୍ତ୍ତମାନ ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଜବାବୀ ଶୁଳ୍କ ହୋଇଥିବାବେଳେ ବାକି ୨୫ ପ୍ରତିଶତ ଭାରତ ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଲଗାଯାଇଛି।

ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ମୂଳତଃ ତାଙ୍କୁ ଖୁସି କରିବାକୁ ଚାହିଁଥିଲା। ମୋଦି ଜଣେ ଭଲ ମଣିଷ। ସେ ଜାଣନ୍ତି ମୁଁ ସୁଖୀ ନୁହେଁ। ମୋତେ ଖୁସି କରାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ଟ୍ରମ୍ପ୍ କହିଛନ୍ତି। ସେମାନେ ବାଣିଜ୍ୟ କରୁଛନ୍ତି ଏବଂ ଆମେ ଖୁବ୍‌ଶୀଘ୍ର ସେମାନଙ୍କ ଉପରେ ଟାରିଫ୍ ବଢ଼ାଇପାରିବୁ, ଯାହା ସେମାନଙ୍କ ପାଇଁ ବହୁତ ଖରାପ ହେବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ନୂଆଦିଲ୍ଲୀ ଏବେ ରୁଷିଆଠାରୁ ଯଥେଷ୍ଟ କମ୍ ତେଲ କିଣୁଛି। ଏହାର ମୁଖ୍ୟ କାରଣ ଆମେରିକା ଲଗାଇଥିବା ଟାରିଫ୍ ବୋଲି ଆମେରିକା ସିନେଟର ଲିଣ୍ଡସେ ଗ୍ରାହାମ କହିବା ପରେ ଟ୍ରମ୍ପ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକରୁ ଆମଦାନୀ ସାମଗ୍ରୀ ଉପରେ ୫୦୦% ଶୁଳ୍କ ଲଗାଇବାକୁ ଗ୍ରାହାମ ତାଙ୍କ ଟାରିଫ୍ ବିଲ୍‌ରେ ଚାହିଁଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ହେଲେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଗ୍ରାହକମାନଙ୍କ ଉପରେ ଚାପ ପକାଇବାକୁ ହେବ ବୋଲି ଗ୍ରାହାମ କହିଛନ୍ତି। ଏହି କଟକଣା ରୁଷିଆକୁ ଯଥେଷ୍ଟ କ୍ଷତିଗ୍ରସ୍ତ କରିବ ବୋଲି ଟ୍ରମ୍ପ୍ କହିବା ପରେ ଭାରତର ନାଁ ନେଇଥିଲେ।

ଗତବର୍ଷ ଏପ୍ରିଲରୁ ନଭେମ୍ବର ମଧ୍ୟରେ ରୁଷିଆ ଭାରତର ସର୍ବବୃହତ୍ ତୈଳ ଯୋଗାଣକାରୀ ଥିବାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଆମେରିକାରୁ ଭାରତର ତୈଳ ଆମଦାନୀ ୯୨ ପ୍ରତିଶତ ବଢ଼ିଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଗତ ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ମୋଟ ୧୭୮.୧ ନିୟୁତ ଟନ୍ ଅଶୋଧିତ ତୈଳ ଆମଦାନୀ କରିଥିଲା। ସେଥିରୁ ୬୦ ନିୟୁତ ଟନ୍ ରୁଷିଆରୁ ଥିବାବେଳେ ଆମେରିକାରୁ ୧୩ ନିୟୁତ ଟନ୍ ଥିଲା। ଏହାର ବର୍ଷେ ପୂର୍ବରୁ ଭାରତ ମୋଟ ୧୬୫ ନିୟୁତ ଟନ୍ ତୈଳ ଆମଦାନୀ କରିଥିବାବେଳେ ସେଥିରୁ ରୁଷିଆରୁ ଆମଦାନୀ ପରିମାଣ ୬୨.୪ ନିୟୁତ ଟନ୍ ଏବଂ ଆମେରିକାରୁ ମାତ୍ର ୭.୧ ନିୟୁତ ଟନ୍ ଥିଲା।

# ଆଗକୁ ଆସିପାରନ୍ତି ନୂଆ ଆଇଏଏସ୍ ଅଫିସର

ଭୁବନେଶ୍ୱର,୫।୧(ସୁନିତ୍ ମିଶ୍ର)

୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁଗର୍ଗ ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ କେତେଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ଜଣେ ଲେଖା ଅଫିସରଙ୍କ ହାତରେ ବର୍ତ୍ତମାନ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିବାର ଦାୟିତ୍ୱ ପଡ଼ିଛି। ଏପରି ହେଲେ କାର୍ଯ୍ୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଦେଖା ଦେଇପାରେ ବୋଲି ସରକାର ଚିନ୍ତା କରୁଥିବା ଶୁଣିବାକୁ ମିଳୁଛି। ନିକଟ ଭବିଷ୍ୟତରେ ଅନେକ ଆଇଏଏସ୍ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ଲକ୍ଷ୍ୟ କରାଯାଇଛି, ହେଲେ କେନ୍ଦ୍ରରୁ କେହି ଫେରିବା ଦୃଷ୍ଟିକୁ ଆସୁନି। ତେଣୁ ଏଭଳି ସ୍ଥିତି ନୂଆ ଆଇଏଏସ୍ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ଆଗକୁ ଆଣିପାରନ୍ତି, ଯାହା ନିକଟରେ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଅନେକ ନୂଆ ଅଫିସରଙ୍କୁ ନିକଟରେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେଇ ଆଗକୁ ଆଣିବେ ବୋଲି ଜଣାପଡୁଛି। ସେହିକ୍ରମରେ ଦେଖିଲେ ରାଜ୍ୟର ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ୧୯୯୩ ବ୍ୟାଚ୍‌ର ସୁରେନ୍ଦ୍ର କୁମାର ଏବଂ ୧୯୯୪ ବ୍ୟାଚ୍‌ର ଜି. ମାଥିଭାଥନନ ନିକଟରେ ଅବସର ନେବାକୁ ଯାଉଛନ୍ତି। ମାଥିଭାଥନନ୍‌ଙ୍କ କାର୍ଯ୍ୟକାଳ ଆସନ୍ତା ୩୧ରେ ସରିଯିବ। ସେହିପରି ଆସନ୍ତା ଜୁନ୍ ୩୦ରେ ସୁରେନ୍ଦ୍ରଙ୍କ କାର୍ଯ୍ୟକାଳ ଶେଷ ହେବ। ମାଥିଭାଥନନ୍ ବର୍ତ୍ତମାନ ଗୋପବନ୍ଧୁ ଏକାଡେମିର ନିର୍ଦ୍ଦେଶକ ଅଛନ୍ତି। ତେଣୁ ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ରାଜ୍ୟ ସରକାର ଦାୟିତ୍ୱ ଦେବେ। ସେହିପରି ସୁରେନ୍ଦ୍ର କୁମାର ବର୍ତ୍ତମାନ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ମୂଳ ଦାୟିତ୍ୱରେ ରହିଛନ୍ତି। ଅତିରିକ୍ତ ଭାବେ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଂସଦୀୟ ବ୍ୟାପାର ବିଭାଗ, ଓଏମ୍‌ସି ଅଧ୍ୟକ୍ଷ, ଓଏମ୍‌ଇଏଲ୍ ଏବଂ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଅବଶ୍ୟ ସୁରେନ୍ଦ୍ରଙ୍କ ଅବସର ଲାଗି ଆହୁରି ୬ ମାସ ସମୟ ବାକି ଅଛି, ହେଲେ ଏହା ପୂର୍ବରୁ ସରକାର କିଛି ନିଷ୍ପତ୍ତି ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ପୂର୍ବ ସରକାର ସମୟରୁ ରାଜ୍ୟର କୃଷି ଉତ୍ପାଦନ ଆୟୁକ୍ତ(ଏପିସି) ପଦବୀ ଖାଲି ପଡ଼ିଲାଣି। ଏହା ଏକ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ। ଏହି ପଦବୀ ପାହ୍ୟା ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ସହିତ ସମାନ। ହେଲେ ସରକାର ବଦଳିବା ଏବଂ ଶାସନକୁ ଆସିବାର ୧୮ ମାସ ପରେ ମଧ୍ୟ ଏପିସି ପଦ ପୂରଣ କରାଯାଇପାରି ନାହିଁ। ଏହି ପଦରେ ଯାହାକୁ ଦାୟିତ୍ୱ ମିଳିବ ସେ ରାଜ୍ୟ ଶାସନର ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ଦରକାର। ସେହି ଦୃଷ୍ଟିରୁ ଦେଖିଲେ ସରକାର ଏହି ପଦରେ କାହାକୁ ବସାଉଛନ୍ତି ନା ବର୍ତ୍ତମାନ ଭଳି ଖାଲି ରଖିବେ ସେନେଇ ଚର୍ଚ୍ଚା ଶୁଣିବାକୁ ମିଳୁଛି। ସୂଚନା ମୁତାବକ ପ୍ରାୟ ୩ ବର୍ଷରୁ ଅଧିକ ଦିନ ହେଲାଣି ଏହି ପଦବୀ ଖାଲି ପଡ଼ିଛି। ସେହିପରି କେବିକେ ଆଡମିନିଷ୍ଟ୍ରେଟର ପଦ ମଧ୍ୟ ଦୀର୍ଘଦିନ ହେଲା ଖାଲି ରହିଛି। ଏହି ପଦରେ ସରକାର କାହାକୁ ବସାଇ ନାହାନ୍ତି। ପଦବୀ ଦୃଷ୍ଟିରୁ ଦେଖିଲେ ଏହା ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଅନ୍ୟପଟେ ସରକାର ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁଙ୍କୁ ଗୃହ ବିଭାଗ ଦାୟିତ୍ୱରୁ ହଟାଇ ତାଙ୍କୁ କେବଳ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଦାୟିତ୍ୱ ତାଙ୍କ ପୂର୍ବରୁ ଗତ ୧ ତାରିଖ ପର୍ଯ୍ୟନ୍ତ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟ ବିଳାସ ପକ୍ଷରୁ ୫ମ ନୃତ୍ୟ ଉତ୍ସବ, ପଦ୍ମଶ୍ରୀ ଡ.ମିନତୀ ମିଶ୍ର ସମ୍ମାନ ଏବଂ ଗୁରୁଶ୍ରୀ ଗାନ୍ଧୀ ମଲ୍ଲିକ ସ୍ମୃତି ସମ୍ମାନ-୨୦୨୬, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଉତ୍କଳ ମଣ୍ଡପ, ରିଜର୍ଭ ବ୍ୟାଙ୍କ ସମ୍ମୁଖ, ସମୟ: ଅପରାହ୍ନ ୫ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବାଲିଅନ୍ତା ବ୍ଲକ ବେଣ୍ଟପୁରସ୍ଥିତ ପିଏମ୍‌ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୩ଟା।
- ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।

**ଖୋର୍ଦ୍ଧା**
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ରୋଡ୍, ଜଟଣୀ, ସମୟ: ଅପରାହ୍ନ ୩ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥ୍‌ଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା,ସ୍ଥାନ: ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ନ ୩ଟା।

**ବ୍ରହ୍ମପୁର**
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା,ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବୁଗୁଡା ବ୍ଲକ୍ ଅନ୍ତରପଡ଼ା ମା' ସାଙ୍କୁଳାଇ ପୀଠ, ସମୟ: ପୂର୍ବାହ୍ନ ୧୦ ଟା।

**କନ୍ଧମାଳ**
- ଶୀତ ମହୋତ୍ସବ ପାଇଁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ମହୋତ୍ସବ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।

**ଗଜପତି**
- ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନୀ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୮ ଟା ୩୦।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଉଠା ଜଳସେଚନ କାର୍ଯ୍ୟାଳୟ ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦରର ଆଗାମୀ ୧୦ ବର୍ଷ ନୂତନ ପ୍ରକଳ୍ପ ପାଇଁ ପରିବେଶୀୟ ଜନଶୁଣାଣି, ସ୍ଥାନ: ପୌର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ପାଣି ପଞ୍ଚାୟତ ପକ୍ଷ ପାଳନର ସଚେତନତା ରଥ ଆରମ୍ଭ, ସ୍ଥାନ:ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ମଙ୍ଗଳା ମଣ୍ଡପ, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପୁସ୍ତକମେଳା ପରିସର, ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଯାଜପୁର ଟାଉନ୍ ପ୍ରଶାସନିକ ଭବନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜାରକା ଜଳସେଚନ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ :ଜାରକା ଜଳସେଚନ ଡିଭିଜନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯାଜପୁର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାଜପୁର ଜଳସେଚନ ବିଭାଜନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା୩୦।

**ନୟାଗଡ଼**
- ନୟାଗଡ଼ ଜିଲ୍ଲାସ୍ତରୀୟ ୭ମ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋରି, ସ୍ଥାନ: ନୂଆଗାଁ ବ୍ଲକ ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ:ଅପରାହ୍ନ ୩ଟା ୩୦।
- ରଣପୁର ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ, କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପାଣି ପଞ୍ଚାୟତ ରଥ ଶୁଭାରମ୍ଭ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ-ନୋଡାଲ ହାଏର ସେକେଣ୍ଡାରୀ ସ୍କୁଲ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ରାୟଗଡା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପ୍ରାଙ୍ଗଣ, ଗୁଣପୁରର ଚିନ୍ତାଲୁଗୁଡା, ସମୟ: ପୂର୍ବାହ୍ନ ୧୧ ଟା ୩୦।

**ନବରଙ୍ଗପୁର**
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ନବରଙ୍ଗପୁର ଉଠା ଜଳସେଚନ ବିଭାଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ପୁଷ୍ପୁନି ଭେଟଘାଟ ଉଦ୍‌ଘାଟନ, ସ୍ଥାନ: ଲକ୍ଷ୍ମଣ ନାୟକ ପଡ଼ିଆ ସାଗରଗୁଡ଼ା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଘଟ ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: କୋଟପାଡ଼ ଶୀତଳା ଠାକୁରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ ଟା।

**ମାଲକାନଗିରି**
- ସିଦ୍ଧେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ ଆରମ୍ଭ, ସ୍ଥାନ: କୋରୁକୋଣ୍ଡା ବ୍ଲକ୍ ଡ଼ାଇକ-୨ ଗ୍ରାମ, ସମୟ: ସକାଳ ୬ ଟା।

**ସମ୍ବଲପୁର**
- ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶାର ଲୋକ କ୍ରୀଡା, ଲୋକ ଚିକିତ୍ସା, ଲୋକ ଚିତ୍ର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- କଳାକାର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଆଧାରିତ କବିତା ପାଠୋତ୍ସବ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା।
- ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା ୩୦।

**ବଲାଙ୍ଗୀର**
- ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବଲାଙ୍ଗୀର ଜିଲ୍ଲା ଜଳସେଚନ ବିଭାଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତ ଋତୁ ଉପରେ ଆଲୋଚନାଚକ୍ର, କବିତା ପାଠୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର, କଦମପଡ଼ା, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

**ରାଉରକେଲା**
- ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ କଥା, ସ୍ଥାନ: ପାନପୋଷ ବସ୍ତି ରାମମନ୍ଦିର, ସମୟ: ଅପରାହ୍ନ ୩ଟା।
- ଲୋକନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ସପ୍ତମ କୋଏଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ: ଦୁର୍ଗାପୂଜା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବଡ଼ଗାଁ ହାଇସ୍କୁଲ ଖେଳ ପଡିଆ, ବଡଗାଁ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନ ସମାରୋହ,ସ୍ଥାନ: ମାଦ୍ରିକାଲୋ ଭବନ ପଡିଆ,ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ସ୍ୱର୍ଣ୍ଣମଣ୍ଡିତ ଧନୁକୁ ସ୍ୱାଗତ, ସ୍ଥାନ: ଅମ୍ବାପାଲି ଛକ, ବରଗଡ଼, ସମୟ: ସକାଳ ୮ଟା ୩୦।
- କୃଷକ ମାରଣ ନୀତି ପ୍ରତିବାଦରେ ବିଜେଡ଼ିର ପ୍ରତିବାଦ ସମାବେଶ, ସ୍ଥାନ: ମାରୱାଡ଼ି ଧର୍ମଶାଳା, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଚତୁର୍ଥ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: କେଶିଙ୍ଗା ବ୍ଲକ କଣ୍ଟେଶିର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନୀପୁର, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ଉଠା ଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉତ୍ସବ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପର ଦ୍ୱିତୀୟ ଦିବସ, ସ୍ଥାନ ସ୍ପୋର୍ଟିଂ ଭୁବନେଶର ବନାମ ଜେସିସି ସମ୍ବଲପୁର, ସ୍ଥାନ: ବିକଳପୁର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜୀବନ ଓ ମଙ୍ଗଳୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ସୁବଳୟା, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବରଘାଟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମୈତ୍ରୀ ସଦନ, ବୀରମହାରାଜପୁର, ସମୟ: ଅପରାହ୍ନ ୨ଟା୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୮ତମ ଜୟ ମା' ସୁନାଦେଈ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ସୁନାବେଡା କଣା ଭଏଁରା ଖେଳ ପଡିଆ, ସମୟ: ସକାଳ ୯ଟା।
- ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ସକାଳ ୯ଟା।
- ପ୍ରଭାଗ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଳସେଚନ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଷଷ୍ଠତମ ରୁଦ୍ର ମହାଯଜ୍ଞ, ସ୍ଥାନ: ଠକରସପୁର, ଲୋଇସିଂହ, ସମୟ: ପୂର୍ବାହ୍ନ ୧୦ଟା।

## ଆଗକୁ ଆସିପାରନ୍ତି...

ପୃଷ୍ଠା-୩ର ଅବଶିଷ୍ଟାଂଶ

ଅତିରିକ୍ତ ଭାବେ ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଦେଓ ରଞ୍ଜନ କୁମାର ସିଂଙ୍କ ନିକଟରେ ଥିଲା। ସେହିପରି ଦେଓ ରଞ୍ଜନ ଉନ୍ନୟନ କମିଶନର ହେବା ସହିତ ଅତିରିକ୍ତ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ଶାସନ ସଚିବ ଅଛନ୍ତି। ଉନ୍ନୟନ କମିଶନର ଭାବେ ସେ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେଲେ। ତାଙ୍କ ହାତରେ ଆଉ କୌଣସି ଦାୟିତ୍ୱ ନାହିଁ। ସତ୍ୟବ୍ରତଙ୍କ ହାତରୁ ଗୃହ ବିଭାଗ ଯିବା ପରେ ତାହା ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ହେମନ୍ତ ଶର୍ମାଙ୍କୁ ମିଳିଛି। ଅତିରିକ୍ତ ଭାବେ ହେମନ୍ତ ବର୍ତ୍ତମାନ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ପାଇଛନ୍ତି। ସେ ମୂଳତଃ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ଏହା ସହିତ ତାଙ୍କ ହାତରେ ଅତିରିକ୍ତ ଭାବେ ସୂଚନା ଓ ଲୋକ ସମ୍ପର୍କ, ଇପିକଲ ଅଧ୍ୟକ୍ଷ ଦାୟିତ୍ୱ ରହିଛି। ତେଣୁ ଏତେଗୁଡିଏ ବିଭାଗର ଦାୟିତ୍ୱ ଠିକ୍ ଭାବେ ତୁଲାଇବା ଜଣେ ଦକ୍ଷ ଅଫିସରଙ୍କ ପାଇଁ ବଡ଼ କଥା ନୁହେଁ। ହେଲେ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା କାରଣରୁ ତାଙ୍କୁ ଏହି ବିଭାଗର ସ୍ଥାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ କରିଦିଆଯାଇପାରେ ବୋଲି ଶୁଣିବାକୁ ମିଳୁଛି। ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଶୋଭା ଶର୍ମାଙ୍କୁ ଅତିରିକ୍ତ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ସେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିଛନ୍ତି। ତେଣୁ ଜଳ ସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ଅତିରିକ୍ତ ଭାବେ ନ ରହି ଏହି ପଦରେ ଶୋଭାଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ କିଛି ନୂଆ ଆଇଏଏସ୍ ଅଫିସରଙ୍କୁ ସୁଯୋଗ ମିଳିବ ବୋଲି ଅନୁମାନ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଚତୁର୍ଥକେନ୍ଦ୍ରରେ ଚନ୍ଦ୍ର ପାରିବାରିକ ଶାନ୍ତି ଏବଂ ସମସ୍ୟାମୁକ୍ତ କର୍ମକ୍ଷେତ୍ର ଯୋଗୁ ଖୁସିରହିବେ। ବ୍ୟବସାୟ,ପରିବହନ,ପ୍ରଶାସନ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଶୁଭଫଳ ପାଇବେ। ଯାନ୍ତ୍ରିକ ମରାମତି ଓ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ରହିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହେବ। ବନ୍ଧୁଙ୍କ ପ୍ରତିଶ୍ରୁତିରୁ ମନ ହାଲୁକା ରହିବ।

**ବୃଷ** - ବୃହସ୍ପତିଙ୍କ ଯୋଗୁ ଧନହାନି,ପ୍ରାପ୍ତିରେ ପ୍ରତିବନ୍ଧକ କିମ୍ବା ଅର୍ଥନୈତିକ ଅପରାଧରେ ଜଡ଼ିତ କରାଇପାରନ୍ତି। ବ୍ୟୟାଧିପ ମଙ୍ଗଳଙ୍କ ପ୍ରଭାବରେ ଜମିଜମା,ଯାନ୍ତ୍ରିକ ଜିନିଷ, ମରାମତି କିମ୍ବା ବିକ୍ରି ପାଇଁ ମନସ୍ଥ କରିପାରନ୍ତି। ସଭାସମିତିରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ମିଥୁନ** - ଆଜିର ସପ୍ତମକେନ୍ଦ୍ରସ୍ଥ ଗ୍ରହଯୋଗ ଏକାଧିକ କାମରେ ପ୍ରବେଶ କରାଇପାରେ। ବିବାଦୀୟ ଘଟଣାରେ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତାରେ ସଫଳତା ପାଇବା କଷ୍ଟପ୍ରଦ ହେବ। ଅର୍ଥ କାରବାରରେ ଜଟିଳତାକୁ ଦୂରେଇବାରେ ସମର୍ଥ ହୋଇପାରନ୍ତି। ଘରମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ** - ସ୍ୱଗୃହୀ ଚନ୍ଦ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ ଏବଂ ଯାତ୍ରା, ବାଣିଜ୍ୟରେ ଅନୁକୂଳ ପରିବେଶ ସୃଷ୍ଟିହେବ। ସମ୍ପର୍କ ଯୋଡ଼ିବା ଚେଷ୍ଟା ନିରର୍ଥକ ହେବନାହିଁ। କର୍ମକ୍ଷେତ୍ର, ପରିବାର ଓ ଅଭିଳାଷିତ ଦ୍ରବ୍ୟ ପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେବେ। ରାହୁଙ୍କ ପ୍ରଭାବରେ ବନ୍ଧୁଙ୍କ ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ସିଂହ** - ଲାଭଭାବକୁ ଏକାଧିକ ଗ୍ରହ ଦେଖୁଥିବାରୁ ସ୍ଥଗିତ କାମ, ପାଉ ନ ଥିବା ଅର୍ଥ, ବନ୍ଧୁଙ୍କ ସାକ୍ଷାତ ଆଜି ପାଇପାରିବେ। ମନ ବୁଝିଲା ଭଳି କଥା କହି ସମ୍ପର୍କ ଯୋଡ଼ିବାରେ ସମର୍ଥ ହେବେ। ସାହିତ୍ୟ, ସାମ୍ବାଦିକତା ଆଦିରେ ପ୍ରଶଂସା ପାଇବେ। ପାରିବାରିକ ସମସ୍ୟା ସୁଧାରିବାରେ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ।

**କନ୍ୟା** - କର୍ମକ୍ଷେତ୍ରକୁ ଏକାଧିକ ଗ୍ରହ ଦେଖୁଥିବାରୁ କର୍ମଜଞ୍ଜାଳ ବୃଦ୍ଧିପାଇବ। ଅଷ୍ଟମାଧିପତିଙ୍କ ପ୍ରଭାବରେ ପ୍ରତିବନ୍ଧକ ପଛରୁ ଗୋଡ଼ଟାଣିପାରେ। ପ୍ରବଳ ଧୈର୍ଯ୍ୟ ସାଙ୍ଗକୁ ଅବିଚଳିତ ମନୋଭାବରୁ ସମସ୍ୟା ସମାଧାନରେ ସଫଳ ହେବେ। ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିରୁ କଠୋର କଥା କହି ବନ୍ଧୁମାନଙ୍କ ରୋଷର ଶିକାର ହୋଇପାରନ୍ତି।

**ତୁଳା** - ଭାଗ୍ୟସ୍ଥାନ ପ୍ରତି ଗ୍ରହସମ୍ପର୍କଜନିତ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଅତିବାହିତ ହେବ। ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ସମ୍ପର୍କ ଗଡ଼ବଡ଼ ହୋଇପାରେ। ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଇଥିବା ଲୋକଟି ବିଭିନ୍ନ ଆଳରେ ନାସ୍ତିବାଣୀ ଶୁଣାଇପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥହେବା ଆଶା ରହିଛି।

**ବିଛା** - ଗୁରୁଙ୍କ ଶୁଭଦୃଷ୍ଟିରୁ ଆର୍ଥିକ ଉନ୍ନତି ସାଙ୍ଗକୁ ନୂତନ ବନ୍ଧୁସମ୍ପର୍କ ଏବଂ ସନ୍ତାନହେତୁକ ଗୌରବାନ୍ୱିତ ହୋଇପାରନ୍ତି। ରାହୁଙ୍କ ସ୍ଥିତି ପ୍ରଭାବରେ ପାରିବାରିକ ଜୀବନରେ ସମସ୍ୟା ଆଶଙ୍କା ରହିଛି। ଆଜିର ଯାତ୍ରା, ବାଣିଜ୍ୟ, ଆନୁଷ୍ଠାନିକ କର୍ମାରମ୍ଭ ସନ୍ତୋଷଜନକ ରହିବ। ରାଶ୍ୟାଧିପ ମଙ୍ଗଳଙ୍କ ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରିବ।

**ଧନୁ** - ଗ୍ରହଙ୍କ ଅନୁକୂଳ ପ୍ରଭାବରୁ କର୍ମକ୍ଷେତ୍ର ଏବଂ ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ପାପଗ୍ରହ ପ୍ରଭାବ ମୁକ୍ତ ଚନ୍ଦ୍ର ଶାରୀରିକ ଓ ମାନସିକ ସ୍ଥିତିକୁ ସୁସ୍ଥ ରଖିବ। ଅଟକିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଆର୍ଥିକ, ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ସମ୍ପର୍କ କେତେକାଂଶରେ ପ୍ରଭାବିତ ହେବା ଆଶଙ୍କା ରହିଛି।

**ମକର** - ସପ୍ତମାଧିପତି ଚନ୍ଦ୍ରଙ୍କ ସ୍ଥିତି ପାରିବାରିକ ଜୀବନକୁ ଶୃଙ୍ଖଳିତ ରଖିବ। ବନ୍ଧୁଙ୍କ ପରାମର୍ଶରେ ଦୀର୍ଘଦିନରୁ ଅଟକିଥିବା କାମଟିକୁ ଆରମ୍ଭକରିବାକୁ ମନ ବଳାଇବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦୂରଯାତ୍ରା, ବ୍ୟବସାୟ, ପରିବହନ, ବନ୍ଧୁଙ୍କ ସହ ଆଲୋଚନା ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** - ବୃହସ୍ପତିଙ୍କ ପ୍ରଭାବ ଉନ୍ନତ ଚିନ୍ତା ଓ ଗଠନମୂଳକ ଚିନ୍ତାଧାରାଯୁକ୍ତ କଲେ ମଧ ରାହୁ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ବାଧ୍ୟବାଧକତାରେ ନୂତନ କାର୍ଯ୍ୟରେ ହାତ ଦେବେ। ଋଣ ପରିଶୋଧ କରିବାରେ ବିଫଳ ହୋଇପାରନ୍ତି। ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି, ବନ୍ଧୁରେ କଳହ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ** - କର୍ମସ୍ଥାନରେ ଚତୁର୍ଗ୍ରହ ପରିବାର ସ୍ଥାନକୁ ଦେଖୁଥିବାରୁ ପରିବାର, ବନ୍ଧୁସମ୍ପର୍କ, ସଭାସମିତିରେ ସଫଳତା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟିହୋଇପାରେ। କୌଣସି କାମ ସୁବିଧାରେ ହେବା କଷ୍ଟକର ହୋଇପାରେ। ବ୍ୟବସାୟିକ ଦିଗଟି ସନ୍ତୋଷଜନକ ରହିବ ଏବଂ ବିବାଦର ସମାଧାନ ହେବା ଆଶା ରହିଛି।

ଆଜି ଜାନୁଆରୀ ୬ ତାରିଖ, ମାଘ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ. ୧୨।୧୯ ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୨୬ ଗତେ, ଘ.୦୭।୧୦ ମଧ୍ୟେ, ଘ.୦୯।୦୯ ଗତେ, ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୩୫ ମି. ଗତେ, ଘ.୦୩।୫୬ ମି. ମଧ୍ୟେ ରାହୁକାଳ ।

# ୧୬୦ ଗ୍ରାମ ବ୍ରାଉନସୁଗାର ଜବତ

**ଭୋଗରାଇ,୫।୧ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାଉବଣୀଠାରେ ଜଳେଶ୍ୱର ରେଞ୍ଜର ଇନ୍ସପେକ୍ଟର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୧୬୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ କାଉବଣୀ ଗ୍ରାମର ଭୁଦେବ ଦଳାଇ(୨୮)। ଏନେଇ ଭୋଗରାଇ ଅବକାରୀ ଥାନାରେ ୧୮୭/୨୫-୨୬ ରେ ମାମଲା ରୁଜୁ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଷ୍ଟ ଅଳଙ୍କାର ଜୁଡ଼ାରେ ଜବା,**
**ମା'ମଲା ଝିଅର କେଉଁଠି ଶୋଭା ?**

ସନ୍ତାନ ପାଇଁ ମା'ର ମୂଲ୍ୟ ଅମୂଲ୍ୟ। ମା' ନ ଥିବା ଝିଅ ଯେତେ ଅଳଙ୍କାରରେ ଆବୃତ୍ତ ହେଲେ ମଧ୍ୟ ତା'ର ଶୋଭା ବର୍ଦ୍ଧିତ ହୋଇପାରେ ନାହିଁ। ମା' ହିଁ କନ୍ୟାର ସର୍ବଶ୍ରେଷ୍ଠ ଅଳଙ୍କାର ବୋଲି ଏଠାରେ ଦର୍ଶାଯାଇଛି।

**ଅଦିନେ ଜହ୍ନି ରାଇତା**
**ଚନ୍ଦ୍ରମା ମୁହଁଟି ଶୁଖିଯାଇଛି ଲୋ**
**ଆଜିକ ଫେରିଯାଇଥା ।**

ଇଚ୍ଛା ଫଳବତୀ ନ ହେଲେ ମନର ସରାଗ ମରିଯାଇଥାଏ। ଅଭିମାନରେ ଝାଉଁଳି ପଡିଥିବା ଜଣେ ରୂପବତୀ କନ୍ୟାର ମୁଖମଣ୍ଡଳକୁ ଚାହିଁ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପଞ୍ଚଭୂତରେ ଲୀନ ହେଲା ରାଜାଙ୍କ ପାର୍ଥିବ ଶରୀର

**ଖଡ଼ିଆଳ,୫।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲ୍ଲା ଖଡିଆଳ ରାଜା ସ୍ୱର୍ଗତ ଡ. ଜିତାମିତ୍ର ପ୍ରସାଦ ସିଂଦେଓଙ୍କ ପାର୍ଥିବ ଶରୀର ସୋମବାର ନେହେନା ସୁନ୍ଦର ନଦୀ ରାଣୀଘାଟରେ ପଞ୍ଚଭୂତରେ ଲୀନ ହୋଇଛି। ଏହାପରେ ଖଡିଆଳର ୧୯ତମ ରାଜାଭାବେ ଯୁବରାଜ ଦେବଦେବ ସିଂଦେଓଙ୍କ ନାମ ଘୋଷଣା କରାଯାଇ ରାଜ ପରିବାରର ରୀତିନୀତି ଅନୁଯାୟୀ ରାଜାଭିଷେକ କରାଯାଇଥିଲା। ଏହି ସମାରୋହରେ ରାଜ ପୁରୋହିତ ପ୍ରଫୁଲ୍ଲ ରଥ, ପୂଜକ ସୁଦର୍ଶନ ଠାକୁର, ପାଟଯୋଷୀ, ସେବାୟତ, ବୁଦ୍ଧିଜୀବୀ, ସଚେତନ ନାଗରିକ, ରାଜପରିବାର ସଦସ୍ୟ ଯୋଗ ଦେଇଥିଲେ। ପରେ ରାଜା ଦେବଦେବ ସିଂଦେଓ ସ୍ୱର୍ଗତ ରାଜା ଡ. ଜିତାମିତ୍ର ସିଂଦେଓଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ତାଙ୍କ ସାନ ପୁଅ ଅମ୍ବରିଶ ସିଂଦେଓ ମୁଖାଗ୍ନି ଦେଇଥିଲେ।

ଏହା ପୂର୍ବରୁ ତାଙ୍କ ପାର୍ଥିବ ଶରୀରକୁ ବିଶାଳ ଶୋଭାଯାତ୍ରାରେ ଖଡିଆଳ ସହର ପରିକ୍ରମା କରାଯାଇଥିଲା। ଏହି ସମୟରେ ସହରର ହଜାର ସଂଖ୍ୟାରେ ଲୋକ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

## ଯୁବରାଜ ଦେବଦେବ ସିଂଦେଓଙ୍କ ରାଜାଭିଷେକ



ଖଡିଆଳର ୧୯ତମ ରାଜା ଭାବରେ ଯୁବରାଜ ଦେବଦେବ ସିଂଦେଓଙ୍କ ରାଜାଭିଷେକ କରାଯାଉଛି।

ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ତାଙ୍କୁ ସମ୍ମାନ ଜଣାଇ ସହରର ଅନେକ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିଥିଲା। ଖଡ଼ିଆଳର ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରି ସ୍ୱର୍ଗତ ରାଜା ଜିତାମିତ୍ରଙ୍କୁ ସମ୍ମାନ ଜଣାଇଥିଲେ। ଶୋଭାଯାତ୍ରାରେ ନେହେନା ଗ୍ରାମରେ ପାର୍ଥିବ ଶରୀର ପହଞ୍ଚିବା ପରେ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ ରବିବାର ମଧ୍ୟାହ୍ନଭୋଜନ ପରେ ରାଜା ଡ. ଜିତାମିତ୍ର ପ୍ରସାଦ ସିଂଦେଓ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାର କିଛି ସମୟ ଭିତରେ ଖଡ଼ିଆଳସ୍ଥିତ ରାଜଭବନରେ ତାଙ୍କର ପରଲୋକ ହୋଇଯାଇଥିଲା।

## ସ୍କୁଲରେ ପୋଡ଼ିହୋଇ...

ପ୍ରଥମ ପୃଷ୍ଠାରୁ...

ଲୋକେ ସତର୍କତାର ସହ ତୁରନ୍ତ ୪ ଛାତ୍ରଙ୍କୁ ଉଦ୍ଧାରକରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଖ୍ରୀଷ୍ଟିଆନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଛାତ୍ର ହେଲେ ସପ୍ତମ ଶ୍ରେଣୀର ବିରାଟ ଟାକ୍ରି (୧୨), ନବୀନ ହୁଇକା (୧୨), ରୋହିତ ଖୋରା (୧୨) ଏବଂ ପଞ୍ଚମ ଶ୍ରେଣୀର ସୁଦାମ ବାଗ (୧୦) ବୋଲି ସିଆର୍‌ସିସି ଅନନ୍ତ ଓଡାକା ସୂଚନା ଦେଇଛନ୍ତି। ତେବେ ଛାତ୍ର ବିରାଜ ଟାକ୍ରି ଗୁରୁତର ଥିବାରୁ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବିଷମକଟକ ତହସିଲଦାର କେ. ଭେଙ୍କଟଶ୍ୱର ରେଡି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ବିଦ୍ୟାଳୟ ପରିସରରେ ଭୟ ଓ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟ କାର୍ଯ୍ୟ ସମୟ ଭିତରେ ଛାତ୍ରମାନେ ପୋଡ଼ିହେବା ଏକ ନିନ୍ଦନୀୟ ଘଟଣା ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ସୁରକ୍ଷା ଅବହେଳାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ ପୁଲାକାଙ୍କୁ ଯୋଗାଯୋଗ କରିବାରୁ ସେ ବ୍ୟସ୍ତରେ ଅଛନ୍ତି, ଏବେ କିଛି ସୂଚନା ଦେଇପାରିବେ ନାହିଁ ବୋଲି କହିଛନ୍ତି।




ଆହତ ଛାତ୍ରଙ୍କୁ ମେଡିକାଲ ନିଆଯାଉଛି।

## ବାଂଲାଦେଶରେ ଆଇପିଏଲ୍...

ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ବିସିସିଆଇ ଦ୍ୱାରା ରହମାନଙ୍କୁ ରିଲିଜ୍ କରିବା ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଏଭଳି ନିଷ୍ପତ୍ତି ବାଂଲାଦେଶବାସୀଙ୍କୁ ଦୁଃଖ, ଆଘାତ ଦେବା ସହ ଅସନ୍ତୁଷ୍ଟ କରିଛି। ଏଭଳି ପରିସ୍ଥିତିରେ ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ଆଇପିଏଲ୍‌ର ସମସ୍ତ ମ୍ୟାଚ୍ ଓ ପ୍ରୋଗ୍ରାମର ପ୍ରସାରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନ ହିତରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ଉକ୍ତ ବିବୃତିରେ କୁହାଯାଇଛି। ଏଥିରେ ଆସିଷ୍ଟାଣ୍ଟ ସେକ୍ରେଟାରି ଫିରୋଜ ଖାନଙ୍କ ହସ୍ତାକ୍ଷର ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ସରକାର ବିରୋଧୀ ଆନ୍ଦୋଳନ ହିଂସା ରୂପ ନେବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଭାରତରେ ଶରଣ ନେଇଥିଲେ। ଆନ୍ଦୋଳନ ବେଳେ ଛାତ୍ରଙ୍କୁ ଦମନ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯିବା ପରେ ତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦିଆଯାଇଛି। ହାସିନାଙ୍କ ବିଦାୟ ପରଠାରୁ ବାଂଲାଦେଶରେ ଅଳ୍ପ ସଂଖ୍ୟକ ହିନ୍ଦୁଙ୍କୁ ଟାର୍ଗେଟ କରାଯାଉଛି।




# ୯୫% ଅଭିଯୋଗର ସମାଧାନ

## ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

**ଭୁବନେଶ୍ୱର,୫ା୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୬ତମ ପାଳି ସୋମବାର ଭୁବନେଶ୍ୱର ୟୁନିଟ-୨ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନ ୧୦ଟାରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସବୁଥର ଭଳି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଛନ୍ତି। ଏହି ଅବସରରେ ପୀଡ଼ିତଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ୧୨,୭୮୮ଟି ସମାଧାନ କରାଯାଇଛି, ଯାହା ଶତକଡ଼ା ୯୫%। ବକେୟା ଅଭିଯୋଗଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଥିବା ସୂଚନା ଦିଆଯାଇଛି।

ଜଟିଳ ରୋଗରେ ପୀଡ଼ିତ କେନ୍ଦୁଝର ଜିଲାର ପପୁନ ମହାରଣା, ଖୋର୍ଦ୍ଧା ଜିଲାର ପ୍ରିୟବ୍ରତ ପ୍ରଧାନ ଏବଂ କଟକ ଜିଲାର ଦୀପ୍ତିମୟୀ ଦାଶଙ୍କ ପାଇଁ ସିଙ୍ଗିଲ ୱିଣ୍ଡୋ ସିଷ୍ଟମ ଜରିଆରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୋଗଗୁଡ଼ିକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆସୁଛି। ଗୋଟିଏ ଅଭିଯୋଗ ସହିତ ଅତି କମ୍‌ରେ ୩ ଜଣରୁ ଆରମ୍ଭ କରି ୧୦ ଜଣ ପର୍ଯ୍ୟନ୍ତ ରହୁଛନ୍ତି। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଜନଶୁଣାଣି ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଶୁଣାଇଛନ୍ତି। ଏଥିସହିତ ଜନଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ ୮୮% ଅଭିଯୋଗର ସମାଧାନ କରାଯାଇଛି।

ଏହି ଅବସରରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛନ୍ତି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କ ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି ଏବଂ ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି। ଏଥିଯୋଗୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଛନ୍ତି।



ଅଭିଯୋଗ ପ୍ରକୋଷ୍ଠରେ ଜଣେ ବରିଷ୍ଠ ନାଗରିକଙ୍କ ଗୁହାରି ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ସଚିବମାନଙ୍କୁ ସିଏସ୍ ମାଗିଲେ ୫ ପ୍ରସ୍ତାବ

**ଭୁବନେଶ୍ୱର,୫ା୧ (ରବିନାରାୟଣ ଜେନା)**



ଅନୁ ଗର୍ଗ

ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଇଂଲିଶ ନୂଆବର୍ଷ ୨୦୨୬ ପୂର୍ବରୁ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି। ମୁଖ୍ୟଶାସନ ସଚିବ ପଦରେ ରାଜ୍ୟର ପ୍ରଥମ ମହିଳା ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବା ପରେ ସେ ସମସ୍ତ ସଚିବଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫେବୃଆରୀ ତୃତୀୟ ସପ୍ତାହରେ ବିଧାନସଭାର ୨୦୨୬-୨୭ବର୍ଷର ବଜେଟ ଅଧିବେଶନ ହେବାକୁ ଥିବାରୁ ଜାନୁଆରୀ ମାସ ପାଇଁ ସବୁଠାରୁ ମୁଖ୍ୟ ଟାସ୍କ ଭାବେ ସବୁ ସଚିବମାନଙ୍କଠାରୁ ୫ଟି ଲେଖାଏ ପ୍ରସ୍ତାବ ଲୋଡ଼ାଯାଇଛି। ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡି. କେ. ଜେନା ଚଳିତମାସ ୩ରେ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ନେଇ ସ୍ୱତନ୍ତ୍ର ସଚିବ ପତ୍ରରେ ଦର୍ଶାଇଛନ୍ତି ଯେ, ଜାନୁଆରୀ ମାସରେ ମୁଖ୍ୟ ସଚିବ ୧୨ଟି ଦିଗ ଉପରେ କାର୍ଯ୍ୟ କରିବାକୁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରେ ନୂତନ ବଜେଟ ଅଧିବେଶନ ଲାଗି ସଚିବମାନେ ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ୫ଟି ପ୍ରସ୍ତାବ ଦେବେ। ଏହାସହିତ ପ୍ରତ୍ୟେକ ବିଭାଗ ସଚିବ ବିଭାଗର ୫ଟି ପ୍ରକଳ୍ପ କିମ୍ବା ସମସ୍ୟା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତାହା ଯେକୌଣସି ନୀତିଗତ ନିଷ୍ପତ୍ତି ହେଉ କିମ୍ବା ଭିତ୍ତିଭୂମି ସମ୍ପର୍କିତ ଅଥବା ଯୋଜନା ତଥା ପ୍ରକଳ୍ପ ସମ୍ବନ୍ଧୀୟ ହୋଇଥିବା ଆବଶ୍ୟକ। ତେବେ ଏହି ପଦକ୍ଷେପ ନେବା ସମୟରେ ସଚିବମାନେ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିପାରିବେ।

ମୁଖ୍ୟସଚିବ ବିଭାଗସ୍ତରରେ କ୍ଷେତ୍ରପରିଦର୍ଶନକୁ ପ୍ରାଥମିକତା ଦେଇଛନ୍ତି। ବିଭାଗର ସଚିବ, ନିର୍ଦ୍ଦେଶକ କିମ୍ବା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ବାସ୍ତବକ୍ଷେତ୍ରରେ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାହା ପରଖିବା ସହିତ ସରକାରଙ୍କୁ ଅବଗତ କରାଇବାକୁ ପଡ଼ିବ। ତେବେ କ୍ଷେତ୍ର ପରିଦର୍ଶନ ବେଳେ କିଭଳି ଯୋଜନାର କାର୍ଯ୍ୟକାରିତା ପରଖିବେ ସେନେଇ ଏକ ଉଦାହରଣ ଦେଇ କୁହାଯାଇଛି। ଗୋଟିଏ ବିଦ୍ୟାଳୟରେ କେତେ ଛାତ୍ରୀଛାତ୍ର ଅଛନ୍ତି, ନିୟମିତ କେତେ ଉପସ୍ଥିତ ରହୁଛନ୍ତି, ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟରେ କ୍ଲାସ୍ ନେଉଛନ୍ତି କି ନାହିଁ? ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଏବଂ ବ୍ୟବସ୍ଥିତ ଭାବେ ଛାତ୍ରୀଛାତ୍ରଙ୍କୁ ମିଳୁଛି କି ନାହିଁ। ଏହି ସମୟରେ ସରକାରଙ୍କ ମାର୍ଗଦର୍ଶିକାର ପାଳନ ହେଉଛି କି ନାହିଁ ? ସେସବୁ ଭଲ ଭାବେ ଅବଗତ ହେବା ସହିତ ସରକାରଙ୍କୁ ଅବଗତ କରାଇବାକୁ ହେବ। ସେହିପରି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ବେଳେ ତାହା କେଉଁ ପର୍ଯ୍ୟାୟରେ ରହିଛି ଏବଂ ତାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ କି ନାହିଁ ତା’ର ଯାଞ୍ଚ କରି ବିବରଣୀ ଦେବେ।

ସେହିପରି ରାଜ୍ୟ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରତ୍ୟେକ ବିଭାଗର ପ୍ରସ୍ତାବକୁ ଯାଞ୍ଚ କରିବା ସହିତ ଚଳିତ ଆର୍ଥିକବର୍ଷର ଖର୍ଚ୍ଚ କିଭଳି ତ୍ୱରାନ୍ୱିତ ହେବ ସେଥିପ୍ରତି ଦୃଷ୍ଟିଦେବେ। ଯଦି କୌଣସି ବିଭାଗର ଖର୍ଚ୍ଚ ତ୍ୱରାନ୍ୱିତ ହେବାରେ ସମସ୍ୟା ଉପୁଜୁଛି ତେବେ ସେକ୍ଷେତ୍ରରେ ରାଜ୍ୟ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥବିଭାଗ ପ୍ରମୁଖ ସଚିବଙ୍କ ସହିତ ପରାମର୍ଶ କରି ବିଭାଗ ପଦକ୍ଷେପ ନେଇପାରିବେ।

ଏହି ଅବସରରେ ମୁଖ୍ୟସଚିବ ସରକାରୀ ପାଣ୍ଠିକୁ ବିଭିନ୍ନ ବ୍ୟାଙ୍କରେ ପାର୍କିଂ(ଠୁଳ) କରିବା ଉପରେ ଶକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟସଚିବ କହିଛନ୍ତି, ଯଦି କୌଣସି ଯୋଜନାରେ ବ୍ୟାଙ୍କରେ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ତେବେ ତୁରନ୍ତ ତାକୁ ମାପିଂ ଅପ୍ ଏକ୍ସରସାଇଜ୍ କରି ରାଜକୋଷକୁ ଉକ୍ତ ଟଙ୍କା ଫେରାଇବେ।

# ନରେନ୍ଦ୍ରପୁରରେ ଅଗ୍ନିକାଣ୍ଡ: ୨୬ ବଖରା ଜଳିଗଲା



ଅଗ୍ନିକାଣ୍ଡସ୍ଥଳରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଆଲୋଚନା କରୁଛନ୍ତି।

**ତିହିଡ଼ି,୫ା୧(ସଞ୍ଜିତ ବଳ)**

### ୮ ଗୋରୁ, ୫ ଛେଳି ଜୀବନ୍ତ ଦଗ୍ଧ

ଭଦ୍ରକ ଜିଲା ତିହିଡ଼ି ତହସିଲ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମର ପଣ୍ଡିତସାହିରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୬ ବଖରା ଘର ଜଳିଯାଇଥିବା ବେଳେ ୮ ଗୋରୁ ଓ ୫ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।

ଗ୍ରାମର ଦାଶରଥି ନାୟକ, ଚକ୍ରଧର ନାୟକ, ଗୁଣନିଧି ନାୟକ, ସନାତନ ନାୟକ, ସୁଧାକର ନାୟକ ଓ ରାଧେଶ୍ୟାମ ନାୟକଙ୍କ ଘର ମୋଟ ୬ ପରିବାରର ୧୬ ବଖରା ଘର ସହ ୧୦ ବଖରା ଗୁହାଳ ଜଳିଯାଇଛି। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଲୋକେ ପାଖକୁ ଯାଇ ଲିଭାଇବା ସମ୍ଭବ ହୋଇ ନ ଥିଲା। ସମସ୍ତଙ୍କ ଘରେ ଥିବା ଧାନ ଚାଉଳ ସହ ସବୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗଦି ବଜାରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଖବର ପାଇ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଅଗ୍ନିବିପନ୍ନ ପରିବାରଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ରାଜସ୍ୱ ନିରୀକ୍ଷକ ନୀହାର ରଞ୍ଜନ ଦାସ ଓ ସୁପରଭାଇଜର ଚନ୍ଦନ କୁମାର ମହାନ୍ତି ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।



ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

-ସଙ୍କଟ ଚତୁର୍ଥୀ ବ୍ରତ



# ଶିକ୍ଷିତ ଦେଶବିରୋଧୀ

ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିକଟରେ ବିବୃତି ଦେବା ଅନେକଙ୍କୁ ବ୍ୟଥିତ କରିବା କଥା। ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ସେ ଶିକ୍ଷିତଙ୍କ ପାଇଁ ଦେଶରେ ହ୍ୱାଇଟ କଲାର ଆତଙ୍କବାଦ ମୁଣ୍ଡ ଟେକିଛି ବୋଲି କହିବା ବେଳେ ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ କାର୍ ବୋମା ବିସ୍ଫୋରଣରେ ଡାକ୍ତରଙ୍କ ସମ୍ପୃକ୍ତି ଥିବା ବିଷୟକୁ ସମ୍ଭବତଃ ଇଙ୍ଗିତ କରିଛନ୍ତି। ଆତଙ୍କବାଦ ସହିତ ଡାକ୍ତର ଜଡ଼ିତ ହେବା ନିଶ୍ଚିତ ନିନ୍ଦନୀୟ। କିନ୍ତୁ ତାହାକୁ ନେଇ ସମଗ୍ର ଶିକ୍ଷିତ ସମାଜକୁ ଗୋଟିଏ ଚଷମାରେ ଦେଖାଯିବା ଉଚିତ ନୁହେଁ। ପୂର୍ବରୁ ଆଜିକାର ଶାସକ ଦଳ ଶିକ୍ଷିତ ସହରବାସିନ୍ଦାଙ୍କୁ 'ଅର୍ବାନ ନକ୍ସଲ' ଆଖ୍ୟା ଦେଇ ସମାଲୋଚନା କରିଆସୁଥିଲେ। ସମ୍ଭବତଃ ବିଭିନ୍ନ କ୍ଷେତ୍ରରେ ଆଜିର ସରକାରଙ୍କ ନୀତି ବିଫଳ ହେବା ଯୋଗୁ ସେହି ଦୁଇ ଶବ୍ଦକୁ ଏବେ ବ୍ୟବହାର କରିବା ପରିବର୍ତ୍ତେ ସମଗ୍ର ଶିକ୍ଷିତ ସମାଜ ଉପରେ ଆକ୍ରମଣ ଆରମ୍ଭ କରାଯାଉଛି। ସମସ୍ତଙ୍କ ମନେଅଛି ଯେ, ପୂର୍ବରୁ ଯେତେବେଳେ କୌଣସି ଆକ୍ରମଣ ହେଉଥିଲା ସେତେବେଳେ ମୁସଲମାନ ସମ୍ପ୍ରଦାୟକୁ ଦୋଷ ଦେବା ସହିତ ପାକିସ୍ତାନର ମସୁଧାରେ ହୋଇଛି ବୋଲି କୁହାଯାଉଥିଲା। 'ଅପରେଶନ ସିନ୍ଦୂର' ଏବେ ବି ଚାଲୁରହିଛି ବୋଲି ରାଜନାଥ ସିଂ ଏବଂ ଅନ୍ୟ ବରିଷ୍ଠ ନେତାମାନେ ବାରମ୍ବାର ଦାବି କରିଆସୁଥିବା ବେଳେ ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟିଗଲା। ସେହି ବିସ୍ଫୋରଣ ଯେଉଁ ବିଫଳତା ଦର୍ଶାଇଲା ତାହା ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁହିଁଙ୍କୁ ଇଙ୍ଗିତ କରୁଛି। ଏହି ବିସ୍ଫୋରଣ ପରେ ପାକିସ୍ତାନର ନାଁ ନେବାକୁ ଦିଲ୍ଲୀ ପୋଲିସ କିମ୍ବା ଭାରତୀୟ ଗୋଇନ୍ଦା ସଂସ୍ଥାର ସାହସ ପାଇଲା ନାହିଁ। ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବା ଅନୁଯାୟୀ ଶିକ୍ଷିତଙ୍କ ଅର୍ଥ ସ୍କୁଲ କିମ୍ବା କଲେଜରେ ପାଠ ପଢ଼ିଥିବା ଭାରତୀୟଙ୍କ ପରିବର୍ତ୍ତେ 'ଶିକ୍ଷିତ ସମାଜ'ର ଅର୍ଥ ହେଉଛି ଯେଉଁମାନେ ସରକାରଙ୍କ ବିଫଳତା ବୁଝି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି। ଗଣତନ୍ତ୍ରରେ ଶିକ୍ଷିତ ସମାଜ ପ୍ରଶ୍ନ କରିବା ସ୍ୱାଭାବିକ। ଅନ୍ୟପଟେ ସମ୍ପୂର୍ଣ୍ଣ ଅଶିକ୍ଷିତ ତାଙ୍କର ମନର ଚାହିଦା ଅନୁଯାୟୀ ଭୋଟ ଦେଇଥାନ୍ତି। ତେବେ ମଧ୍ୟ-ଶିକ୍ଷିତ ହେଉଛନ୍ତି ସମାଜ ପାଇଁ ସବୁଠାରୁ ଅଧିକ କ୍ଷତିକାରକ। ସେହିମାନେ ପ୍ରଶ୍ନ କରିବାକୁ ଇଚ୍ଛାକରନ୍ତି ନାହିଁ କିମ୍ବା ଭୁଲ୍ ଦେଖିବାରେ ସମୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। ସେହି ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥପର ହୋଇ ଦେଶର ମଙ୍ଗଳ ପରିବର୍ତ୍ତେ ନିଜର ସୁବିଧାକୁ ଦେଖିଥାନ୍ତି ଏବଂ ସ୍ରୋତ ସହିତ ବହିଯିବାକୁ ଆଗଭର ହୁଅନ୍ତି। ତେଣୁ ସେଭଳି ଶିକ୍ଷିତଙ୍କୁ ନେଇ ଭିଡ଼ କରିବା ସହଜ ହୋଇଥାଏ। ଯେଉଁମାନେ ବ୍ୟବସ୍ଥାକୁ ପ୍ରଶ୍ନ କରନ୍ତି, ସେମାନେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରନ୍ତି।

**ଓଡ଼ିଆରେ ଢଗ ଅଛି-'ଚାଲି ନ ଜାଣି ବାଟର ଦୋଷ'। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି। ଜଣେ ବରିଷ୍ଠ ମନ୍ତ୍ରୀ, ଯିଏକି ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଅଛନ୍ତି, ତାଙ୍କ ତୁଣ୍ଡରୁ ଯେତେବେଳେ ଶିକ୍ଷିତଙ୍କ ବିରୋଧରେ ବିବୃତି ବାହାରୁଛି; ସେତେବେଳେ ମନେହେଉଛି ଏବେ ଦେଶକୁ ଅଶିକ୍ଷିତ କରି ରଖିବାର ଉଦ୍ୟମ ଆରମ୍ଭ ହେଲା।**

ଆଶ୍ଚର୍ଯ୍ୟ ଲାଗେ, ଗତ ୧୧ ବର୍ଷର ଇତିହାସ ମଧ୍ୟରେ ଭାରତ ଭିତରେ କେତେ ପ୍ରକାରର ବିଭାଜନ ସୃଷ୍ଟି କରାଯିବାର ଚେଷ୍ଟା କରାଗଲାଣି। ନିର୍ବାଚନବେଳେ ହିନ୍ଦୁ-ମୁସଲମାନ ବିଭାଜନ, ବିମୁଦ୍ରୀକରଣ ବେଳେ ଧନୀ-ଗରିବ ବିଭାଜନ, ଚାଷୀ ଆନ୍ଦୋଳନ ବେଳେ ଭାରତ-ଖଲିସ୍ତାନ ବିଭାଜନ, ହିନ୍ଦୀ-ଅଣହିନ୍ଦୀ ଭାଷୀଙ୍କ ମଧ୍ୟରେ ବିଭାଜନ, ନିର୍ବାଚନ ଦୂରରେ ଥିବାବେଳେ ଉଚ୍ଚ ଜାତି ଓ ନୀଚ ଜାତି ମଧ୍ୟରେ ବିଭାଜନ, ରାଜନୈତିକ ଦୃଷ୍ଟିକୋଣରୁ ସୁହାଉଥିବା ଗୋଷ୍ଠୀ ଦେଶପ୍ରେମୀ ଆଖ୍ୟା ପାଇଲାବେଳକୁ ବିରୋଧୀଙ୍କୁ ଦେଶଦ୍ରୋହୀ କହି ବିଭାଜନ, ଐତିହାସିକ ଦୃଷ୍ଟିକୋଣରୁ କୁହାଯାଉଛି ଭାରତରେ ପୂର୍ବରୁ ଯାହା କରାଯାଉଥିଲା ତାହା ଥିଲା ତ୍ରୁଟିପୂର୍ଣ୍ଣ ଏବଂ ୨୦୧୪ ପରେ କେବଳ ଦେଶ ହିତକାରୀ ହେଉଛି ବୋଲି କୁହାଯାଇ ସେଥିରେ ମଧ୍ୟ ବିଭାଜନ; ଏହିଭଳି ଆହୁରି ଅନେକ ବିଷୟକୁ ନେଇ ବିଭାଜନ ସୃଷ୍ଟି କରାଯାଉଥିବାବେଳେ ଏବେ ପ୍ରଶ୍ନ କରୁଥିବା ଶିକ୍ଷିତ ନାଗରିକଙ୍କୁ ହ୍ୱାଇଟ୍ କଲାର ଅତଙ୍କବାଦର ଆଖ୍ୟା ଦିଆଯିବାର ଅର୍ଥ ହେଉଛି ସେମାନଙ୍କ ବ୍ୟତୀତ ଅନ୍ୟମାନେ ସମସ୍ତେ ଦେଶପ୍ରେମୀ। ଏହା ଏକ ନୂଆ ବିଭାଜନ।

ଓଡ଼ିଆରେ ଢଗ ଅଛି-'ଚାଲି ନ ଜାଣି ବାଟର ଦୋଷ'। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି। ଜଣେ ବରିଷ୍ଠ ମନ୍ତ୍ରୀ, ଯିଏକି ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଅଛନ୍ତି, ତାଙ୍କ ତୁଣ୍ଡରୁ ଯେତେବେଳେ ଶିକ୍ଷିତଙ୍କ ବିରୋଧରେ ବିବୃତି ବାହାରୁଛି; ସେତେବେଳେ ମନେହେଉଛି ଏବେ ଦେଶକୁ ଅଶିକ୍ଷିତ କରି ରଖିବାର ଉଦ୍ୟମ ଆରମ୍ଭ ହେଲା।

# ଗଣତନ୍ତ୍ରରେ ରାଜୁଡ଼ା ଗନ୍ଧ



ସହଦେବ ସାହୁ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଖାଇଦେଲେଣି ଯେ ନିର୍ବାଚନରେ ଜିତିବା ରାଜ୍ୟ ଜୟ ସହ ସମାନ। ଆଗକାଳରେ ରାଜାମାନେ କୌଣସି ଅଞ୍ଚଳ ଅଧିକାର କଲେ ସେଠାକାର ଭାଷା ସଂସ୍କୃତି ଓ ନାମ ଧାମ ବଦଳାଇ ଦିଅନ୍ତି, ରାଜାଙ୍କ ମର୍ଜି ବାଟରେ ଆଇନ ଯାଏ, ସିଭିଲ ସର୍ଭିସ୍ ପଲିଟିକାଲ୍ ସର୍ଭିସ୍ ହୋଇଯାଏ, ଅନୁଗତମାନଙ୍କ ପୋଷାକର ରୂପ ଓ ରାଜ୍ୟର ସମ୍ପତ୍ତିର ରଙ୍ଗ ବଦଳେ। କିନ୍ତୁ ଗଣତନ୍ତ୍ରରେ ଯେଉଁ ରାଜନୈତିକ ଦଳ ସରକାର ଗଢ଼େ, ତାହାର ମୁଖ୍ୟ ଆଗକାଳର ରାଜାଙ୍କ ଭଳି ବ୍ୟବହାର କଲେଣି, ଆଇନ କେଉଁ ବାଟରେ ଯିବ ତାହା ସେ ନିର୍ଦ୍ଦେଶ ଦେଲେଣି, ବିଧାନସଭାରେ ତାଙ୍କର ସଂଖ୍ୟାଗରିଷ୍ଠ ଦଳ ସେହିପରି ଆଇନ ତିଆରି କରୁଛି, ତାଙ୍କ ଇସାରାରେ କେତେ ଦିନ ଅଧିବେଶନ ହେବ ତାହା ବାଚସ୍ପତି ମାନିନେଉଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୪ର ରାଷ୍ଟ୍ରପତି ନିର୍ବାଚନରେ ଜିତିଥିବା ରିପବ୍ଲିକାନ୍ ଦଳର ଡୋନାଲ୍ଡ ଟ୍ରମ୍ପ୍ ସେଇୟା କରୁଛନ୍ତି। ଅଖାଡୁଆ ରାଜନୀତି ଚଳାଇଛନ୍ତି ଏବଂ ତାଙ୍କ ପରେ କ'ଣ ହେବ ତାହା ଭାବୁନାହାନ୍ତି । ସମ୍ବିଧାନ ଆର୍ଟିକଲ୍ ୨ କହୁଛି: The executive-Power shall be vested in a President of the United States of America.। ଜୁଡିସିଆରିର ରାୟକୁ ଓ ଲେଜିସ୍‌ଲେଚର ଆଇନକୁ ଏକ୍‌ଜିକ୍ୟୁଟିଭ୍ ହିଁ କାର୍ଯ୍ୟକାରୀ କରେ! ତେଣୁ ଟ୍ରମ୍ପଙ୍କ ଆଖିରେ ଗଣତନ୍ତ୍ରର ଅନ୍ୟ ଦୁଇଟି ଅଙ୍ଗ ଅଥର୍ବ ଏବଂ ସେ ସମ୍ରାଟ । ସେ ଇଂଲିଶ ଭାଷାକୁ ସରକାରୀ ଭାଷା କରିସାରିଲେଣି, ଇମିଗ୍ରାଣ୍ଟ(ଆପ୍ରବାସୀ)ଙ୍କୁ ତଡିବାରେ ଲାଗିଛନ୍ତି । ସିଭିଲ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ (ଆଗର ସ୍ୱଏଲ୍‌ସ ସିଷ୍ଟମ ଭଳି) କରିଲେଣି, ଅପସନ୍ଦ ଅଧିକାରୀମାନଙ୍କୁ ଛଟେଇ କରୁଛନ୍ତି, ନିଜ ଲୋକଙ୍କୁ ସେମାନଙ୍କ ସ୍ଥାନରେ ରଖୁଛନ୍ତି । ସବୁ ଯୋଜନାର ନାମରେ ନିଜ ନାଁ ଯୋଡୁଛନ୍ତି, ଏପରି କି ଯୁକ୍ତରାଷ୍ଟ୍ର ସମ୍ବିଧାନର ୨୫୦ ବାର୍ଷିକୀ ପାଳନର ସ୍ମାରକୀ ମୁଦ୍ରାରେ ଟ୍ରମ୍ପଙ୍କ ଛବି ରହିବ ଆଦେଶ ଦେଲେଣି ।

ଆମ ଦେଶରେ ବି ନିର୍ବାଚନ ପରେ ସରକାର ବଦଳିଲେ ପ୍ରଧାନମନ୍ତ୍ରୀ (ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀ) ସିଭିଲ ସର୍ଭିସ୍ ଅଧିକାରୀମାନଙ୍କୁ ନିଜର ଇଚ୍ଛାନୁଯାୟୀ ବଦଳି କରୁଛନ୍ତି, ଛଟେଇ କରିବା କ୍ଷମତା ନ ଥିବାରୁ ଅପସନ୍ଦ ଅଧିକାରୀମାନଙ୍କୁ ନିମ୍ନତର କାମ ଦେଉଛନ୍ତି ବା ବିନା କାମରେ ବସେଇ ଦେଉଛନ୍ତି । କାରଣ ଆମ ସମ୍ବିଧାନକୁ ରାଜନୈତିକ ଦଳଗୁଡ଼ିକ ୧୯୭୬, ୧୯୮୫ ଓ ୨୦୦୩ରେ ଏପରି ସଂଶୋଧନ କରିଦେଇଛନ୍ତି: ବ୍ୟକ୍ତିବାଦ (ଡିକ୍ଟେଟରଶିପ୍) ବା ପରିବାରବାଦ (ରାଜୁଡ଼ା) ଉଧେଇଛି। ଆମ ସମ୍ବିଧାନରେ ଅଛି



ରାଷ୍ଟ୍ରପତିଙ୍କଠାରେ ଏକ୍‌ଜିକ୍ୟୁଟିଭ୍ ପାୱାର ଠୁଳ, (ଧାରା ୫୩) ୫୩ (୧) The executive power of the Union shall be vested in the President...କିନ୍ତୁ ସେ ଏକ ରବର ଷ୍ଟାମ୍ପ, ୧୯୭୬ର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ଅନୁଯାୟୀ ପ୍ରେସିଡେଣ୍ଟ ପ୍ରଧାନମନ୍ତ୍ରୀ (ମନ୍ତ୍ରିମଣ୍ଡଳର ମୁଖ୍ୟ)ଙ୍କ ପରାମର୍ଶରେ କାମ କରିବାକୁ ବାଧ୍ୟ-୭୪। There shall be a Council of Ministers with the Prime Minister at the head to aid and advise the President who shall, in the exercise of his functions, act in accordance with such advice ଆମେରିକାରେ ରାଷ୍ଟ୍ରପତି ଯାହା କରୁଛନ୍ତି ଆମ ଦେଶରେ ପ୍ରଧାନମନ୍ତ୍ରୀ ତାହା କରିପାରିବେ ।

ପ୍ରାଦେଶିକ ସ୍ଥଳରେ ମୁଖ୍ୟମନ୍ତ୍ରୀ ତାହା କରିପାରିବେ। ମନ୍ତ୍ରିମଣ୍ଡଳ ଗଠନ ହେଲା କ୍ଷଣି ପ୍ରଥମ କାମ ହେଉଛି ସିଭିଲ ସର୍ଭିସକୁ ପଲିଟିକାଲ ସର୍ଭିସ ଭଳି ଦେଖିବା – ଆଗ ସରକାରର ଲୋକ ହୋଇଥିବେ ବୋଲି ଯାହାକୁ ମନେକରିବେ ତାକୁ ଅବହେଳିତ ପଦବୀକୁ ପଠାଇବା ଓ ନିଜ ଦଳର ସମର୍ଥନରେ କାମ କରିବେ ବୋଲି ଭାବୁଥିବା କର୍ମଚାରୀମାନଙ୍କୁ ଭଲ ଭଲ ପଦପଦବୀରେ (ଅର୍ଥକରୀ ପଦବୀ କହିଲେ ଭଲ ହେବ) ଅବସ୍ଥାପିତ କରିବେ, ପୂର୍ବ ସରକାରର ଚିହ୍ନବର୍ଣ୍ଣ ଲିଭାଇବେ ଓ ରଙ୍ଗଢ଼ଙ୍ଗ ତଥା ନାମକରଣ ବଦଳାଇବେ, ସେପରି ଖର୍ଚ୍ଚକୁ ଅପବ୍ୟୟ ଭାବିବେ ନାହିଁ। ତାଙ୍କ କାମରେ ବାଡ଼ବତା ନାହିଁ। କିଛି ଅଖାଡୁଆ କରୁଛନ୍ତି ବୋଲି ଭାବୁନାହାନ୍ତି।

ଆମ ଦେଶରେ ସେବା ଯୋଗାଇବାକୁ କର୍ମଚାରୀ ନିଯୁକ୍ତ କରିବାର ପ୍ରାବଧାନ ((SERVICES UNDER THE UNION AND THE STATES)) ସମ୍ବିଧାନର ପାର୍ଟ ୧୪ରେ ଥିଲେ ବି ଠିକାରେ ନିଯୁକ୍ତି ଦେବା ପାରମ୍ପରିକ (ସନାତନୀ ?) ହୋଇଗଲାଣି – କାରଣ ଠିକାଦାରିରେ ଉପୁରି ଅଛି । ଲୋକଦେଖାଣିଆ ବଡ଼ ବଡ଼ କମ୍ପାନୀକୁ ଠିକା ଦେଲେ ବି କମ୍ପାନୀଗୁଡ଼ିକ ଯେପରି କୁଜିନେତାମାନଙ୍କୁ ଉପ ଠିକା ଦିଅନ୍ତି ତାହା ଦେଖିବାକୁ ମିଳୁଛି। କମ୍ପାନୀଗୁଡ଼ିକ ବି ଖୁସ୍, କୁଜିନେତାମାନେ ସେମାନଙ୍କ ପ୍ରଭାବ ପକାଇ ସହଜରେ ସରକାରୀ ସ୍ତରରେ ବିଲ୍ ପାସ୍ କରାଇନେବେ। କାମ ଅଧାପନ୍ତରିଆ ହୋଇଥିଲେ ବି। ଡାକ୍ତରଖାନାରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକ ଅଭାବ, ଏହାର ସମାଧାନ ନ କରି ବଡ଼ ବଡ଼ ଚିକିତ୍ସାଳୟ ଓ ଶିକ୍ଷାୟତନ କରି ଲୋକଙ୍କୁ ଆଗ ନିର୍ବାଚନ ଯାଏ ଭୁଆଁ ବୁଲେଇ ହେଉଛି। ସ୍ଥାନୀୟ ଅଧିକାରୀ ପ୍ରତି ଲୋକର ଆପତ୍ତି ୩ ଦିନ ଭିତରେ ଓ (ମନ୍ତ୍ରୀ ସମେତ) ରାଜ୍ୟସ୍ତରୀୟ ଅଧିକାରୀ ସର୍ବସାଧାରଣ ସମସ୍ୟା ବର୍ଷ ଭିତରେ ସମାଧାନ କରି ନ ପାରିଲେ ସେମାନଙ୍କୁ କାହିଁକି ଦଣ୍ଡମୁକ୍ତ ରଖାଯାଉଛି ତାହାର କାରଣ ଖୋଜିଲେ ଆମକୁ ପଲିଟିକ୍ସ ଜଳ ଜଳ ଦିଶିବ । ଗ୍ରିଭାନ୍ସ ସେଲ୍‌ରେ ଆଦେଶ ଦେଇଥିବା ଶାସନ-ମୁଖ୍ୟ ଯେତେବେଳେ କହିବେ ମୋ ଚିଟ୍ ଉପରେ ଅଫିସରମାନେ କାମ କରୁନାହାନ୍ତି ସେ ପରିସ୍ଥିତିକୁ ଆମେ କ'ଣ କହିବା ନାଚି ନ ଜାଣି ଅଗଣାର ଦୋଷ ? ଗାଁ ଗଣ୍ଡାରେ ଏହାକୁ କହନ୍ତି ପଲିଟିକ୍ସ । ଖାଦ୍ୟ ପାନୀୟ ପରୀକ୍ଷା ନିରୀକ୍ଷା କରୁଥିବା ଫୁଡ୍ ଇନ୍ସପେକ୍ଟର, ଔଷଧ ଯାଞ୍ଚ କରୁଥିବା ଡ୍ରଗ୍ ଇନ୍ସପେକ୍ଟର, ଜଙ୍ଗଲ ଜଗୁଥିବା ଫରେଷ୍ଟର, ଜମି ଜଗୁଥିବା ରାଜସ୍ୱ କର୍ମଚାରୀ, ଖଣି ତନଖି କରୁଥିବା ମାଇନିଂ ଅଧିକାରୀ, ରାସ୍ତାଘାଟ ଓ ପୋଲ ଆଦି ତନଖି କରୁଥିବା ଛୋଟ ବଡ ଇଞ୍ଜିନିଅର, ଶିକ୍ଷାନୁଷ୍ଠାନରେ ଭଲ ନ ପଢ଼ାଇ ଘରୋଇ ଟିଉସନକୁ ଉତ୍ସାହିତ କରୁଥିବା ଶିକ୍ଷକ, ଏତଲା ଗ୍ରହଣ କରୁ ନ ଥିବା ଥାନାର ବାବୁମାନେ, ଏତଲା ରଖି ତନଖିରେ ହେଳା କରୁଥିବା ଥାନାର ବାବୁମାନେ, ଲୋକମାନଙ୍କ ଆପତ୍ତିକୁ ତିନି ଦିନ ଭିତରେ ସମାଧାନ କରୁ ନ ଥିବା କିରାଣି ଏବଂ କିରାଣିର ନୋଟ୍‌କୁ ଅନୁଶୀଳନ ନ କରି ସବୁବେଳେ ହଁ (ଆଜ୍ ପ୍ରପୋଜଡ୍) କରୁଥିବା ଅଫିସରମାନଙ୍କୁ ସାବାଡ୍ ନ କରିବା ତ ପଲିଟିକ୍ସ । ଲୋକ-ପ୍ରତିନିଧିତ୍ୱକୁ ଚାକିରି ମନେ କରୁଥିବା ଏବଂ ଉପୁରି ଆଶା କରୁଥିବା (ଅଫିସ ଅଫ୍ ପ୍ରଫିଟ୍‌କୁ ଅଫିସ ଅଫ୍ ପ୍ରଫିଟ୍ ନୁହେଁ ବୋଲି ସଂସଦରେ ଆଇନ ପାସ୍ କରାଇନେବା) ତ ପଲିଟିକ୍ସ। ନିର୍ବାଚନ ପୂର୍ବରୁ ନିଃସର୍ତ୍ତ ନଗଦ ପ୍ରଦାନ (unconditional cash transfers) ତ ଭୋଟ ଖରିଦ! ୨୬ ସେପ୍ଟେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ୭୬ଲକ୍ଷ ବିହାରୀ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏ ସିଧାସଳଖ ପୁଞ୍ଜି ପଠାଇଦେଲେ । ଭୁଲ୍‌ରେ କେତେଜଣ ପୁରୁଷଙ୍କୁ ଏପରି ରାଶି ଚାଲିଯାଇଛି ଜାଣି ବିଭାଗୀୟ ଅଧିକାରୀ ସେମାନଙ୍କୁ ଟଙ୍କା ଫେରାଇ ଦିଅ କହିଲାରୁ ସେମାନେ କହୁଛନ୍ତି ଆମ ଭୋଟ ଫେରାଇ ଦିଅ ଆମେ ଟଙ୍କା ଫେରାଇବୁ। ସିଧାସଳଖ ସେମାନେ କହୁଛନ୍ତି ଆମ ଭୋଟ କିଣିଛ । ଆମ ରାଜନୈତିକ ଦଳଗୁଡ଼ିକ ଗଣତନ୍ତ୍ରକୁ କେତେ ଫିକା କରିଦେଲେଣି ଆଉ ଆମେ ବୃହତ୍ ଗଣତନ୍ତ୍ର ବୋଲି ବାଉଳି ହେଉଛୁ!

-sahadevas@yahoo.com

# କିଏ ଓଡ଼ିଆ



ଡ.ସତ୍ୟ ନାରାୟଣ ମିଶ୍ର

ଓଡ଼ିଶାର ଭାଷା, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଇତିହାସ ସ୍ୱତନ୍ତ୍ର। ପ୍ରତ୍ୟେକ ରାଜ୍ୟର ଭାଷାକୁ ନେଇ ସେହି ରାଜ୍ୟର ଜାତୀୟତା ବା ରାଜ୍ୟର ପ୍ରାମାଣିକ ପରିଚୟ ହୋଇଥାଏ। ସେ ଦୃଷ୍ଟିରୁ ବିଚାର କଲେ ଅନେକ ପ୍ରଶ୍ନ ଆସେ ଓଡ଼ିଆ କିଏ ବା କିଏ ଓଡ଼ିଆ। ତେବେ ଏଥିରେ ଅନେକ ଯୁକ୍ତି ଉପସ୍ଥାପନ କରାଯାଇ ପାରେ ଯଥା: ୧- ବ୍ୟକ୍ତିର ଜନ୍ମ ଓଡ଼ିଶାରେ ହୋଇଥାଏ ଓ ଭାଷା ଅନ୍ୟ ଭାଷାରେ କରିଥାଏ, ୨- ଜନ୍ମ ଓଡ଼ିଶାରେ ଭାଷା ଓଡ଼ିଆରେ, ୩- ଜନ୍ମ ଓଡ଼ିଶାରେ, ଭାଷା ଓଡ଼ିଆରେ ଜାଣି ମଧ୍ୟ ଅନ୍ୟ ଭାଷାରେ ବାର୍ତ୍ତାଳାପ କରିଥାନ୍ତି, ୪- ଜନ୍ମ ଓଡ଼ିଶା ବାହାରେ, ଭାଷା ଅନ୍ୟ ଭାଷାରେ ମାତ୍ର କାର୍ଯ୍ୟ ଓଡ଼ିଶାରେ, ୫- ଜନ୍ମ ଓଡ଼ିଶାରେ, ଭାଷା ଓଡ଼ିଆ ସହିତ ଅନ୍ୟ ଭାଷାରେ ମାତ୍ର ଓଡ଼ିଆ ପାଇଁ କାମ ବିଦେଶରେ। ଓଡ଼ିଆ ସମାଜ ବା ଜାତିର ମୁକ୍ତି ସଂଗ୍ରାମ ଆନ୍ଦୋଳନ ସାଧୀନତା ପୂର୍ବରୁ ଓ ପରେ। ଓଡ଼ିଆ ଧର୍ମ, ସଂସ୍କୃତି, ପରମ୍ପରା, ଖାଦ୍ୟ, ପୋଷାକ ଆଦି ଆଦରକୁ ନେଇ ଓଡ଼ିଶା ବାହାରେ ପରିଚୟ, ୬- ଅନ୍ୟ ରାଜ୍ୟର ବ୍ୟକ୍ତି ଓଡ଼ିଆ ଝିଅ ବା ପୁଅ ବିବାହ ଦ୍ୱାରା, ୭- ଅଧ୍ୟୟନ ପାଇଁ ଅନ୍ୟ ରାଜ୍ୟରୁ ଓଡ଼ିଶାରେ ଦୀର୍ଘଦିନ ଧରି ବସତି ସ୍ଥାପନ ଓ ଓଡ଼ିଶାର ରୀତି ନୀତି ସହିତ ସମ୍ପୃକ୍ତି , ୮- କର୍ମ ସଂସ୍ଥାନ ପାଇଁ ଅନ୍ୟ ରାଜ୍ୟରୁ ଓଡ଼ିଶାରେ ବସତି ବା ଓଡ଼ିଶାରେ କର୍ମସଂସ୍ଥାନ ପାଇଁ ଓଡ଼ିଆ ଶିକ୍ଷାର ବାଧ୍ୟତା। ଏସବୁ ଦୃଷ୍ଟିକୋଣକୁ ବିଚାର କଲେ ଅନେକ ଦ୍ୱନ୍ଦ୍ୱ ଓ ନିର୍ଣ୍ଣୟରେ ଉପନୀତ ହେବାକୁ ପଡ଼ିଥାଏ ଯେ ସିଏ ହେଉଛି ଓଡ଼ିଆ, ଯିଏ ଓଡ଼ିଆକୁ ଭଲ ପାଏ ଓ ଓଡ଼ିଶାର ହିତ ତଥା ସଂସ୍କୃତି ପରମ୍ପରା ଆଦିକୁ ସମ୍ମାନ ଦିଏ।

ଓଡ଼ିଶା ମଧ୍ୟରେ ଅନେକ ବ୍ୟକ୍ତି ଜନ୍ମ ହୋଇ ଓଡ଼ିଆ କହନ୍ତି ନାହିଁ, କେବଳ ଓଡ଼ିଶାର ପରିଚୟ ନେଇ ବା କେତେବେଳେ ଓଡ଼ିଶାର ପରିଚୟ ନ ନେଇ ଜୀବନ ଅତିବାହିତ କରିଥାନ୍ତି। ଅନ୍ୟପକ୍ଷରେ ଅନେକେ ଓଡ଼ିଶା ବାହାରର ବ୍ୟକ୍ତି ଓଡ଼ିଶାରେ ଜନ୍ମ ନ ହୋଇ ବା ଭାରତ ବାହାରେ ଜନ୍ମ ହୋଇ ଓଡ଼ିଶା ପ୍ରତି ବା ଓଡ଼ିଆ ଜାତି ପ୍ରତି ସେମାନଙ୍କ ଅବଦାନ ରହିଛି। ଅନସୂୟା ପ୍ରସାଦ ପାଠକ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଓଡ଼ିଶାରେ ଅନେକ କାର୍ଯ୍ୟ କରିଛନ୍ତି ତଥା ଭାଷାର ଉନ୍ନତି ପାଇଁ ତାଙ୍କର ଯଥେଷ୍ଟ ଯୋଗଦାନ ରହିଛି, ଯାହା ସୃଷ୍ଟି କରିଥିଲା ଐକ୍ୟତା। ପ୍ରେମଚାନ୍ଦ ହିନ୍ଦୀ ଭାଷାର ବ୍ୟକ୍ତି ହୋଇ ମଧ୍ୟ ଓଡ଼ିଆର ଅନେକ ପୁସ୍ତକ ସୃଷ୍ଟି କରିଛନ୍ତି। ବାବୁଲାଲ ଯୋଶୀ ଯିଏ କଳା ବିକାଶ କେନ୍ଦ୍ର ପ୍ରତିଷ୍ଠା, ଓଡ଼ିଆ ଚଳଚ୍ଚିତ୍ର, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ ଆଦି କରି ଓଡ଼ିଆ ଜୀବନର ଧାରାକୁ ଆଦରି ନେଇଥିଲେ। ଜେବିଏସ ହାଲଡେନ ଭୁବନେଶ୍ୱରରେ ଜେନେଟିକ୍ସ ଓ ବାୟୋମେଟ୍ରି ଲାବରେଟୋରୀ ପ୍ରତିଷ୍ଠା କରିବା ତଥା ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ନେଇ ପଶୁ ଓ ମାନବ ଜେନେଟିକ୍ସରେ ଗବେଷଣା କରିବା ହେଉଛି ତାଙ୍କର ବିଶେଷ କୃତି। ସେ ବୈଜ୍ଞାନିକ ଚିନ୍ତାଧାରାକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ, ସରଳ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ତଥା ସୀମିତ ସମ୍ବଳ ସତ୍ତ୍ୱେ ମୂଳ ପ୍ରକଳ୍ପଗୁଡ଼ିକୁ ଉତ୍ସାହିତ କରିଥିଲେ। ସମୟକ୍ରମେ ବିଜୁ ପଟ୍ଟନାୟକଙ୍କ ନିମନ୍ତ୍ରଣ କ୍ରମେ



ଓଡ଼ିଶାରେ ବିଜ୍ଞାନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଏକ ଦୃଷ୍ଟାନ୍ତ ଭାବେ ପ୍ରତିପାଦନ କରାଯାଏ। ଓଡ଼ିଶାର କଳା ପାଇଁ ଚାର୍ଲ୍ସ ଲୁଇସ ଫାବ୍ରିଙ୍କର ମୁଖ୍ୟ ଅବଦାନ ଥିଲା। ତାଙ୍କର ପୁସ୍ତକ 'ଆର୍ଟ ଅଫ୍ ଓଡ଼ିଶା', ଯାହା ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅଞ୍ଚଳର କଳାତ୍ମକ ବିବର୍ତ୍ତନର ଏକ ବିସ୍ତୃତ, ବଂଶାନୁକ୍ରମିକ ବିବରଣୀ ପ୍ରଦାନ କରିଥାଏ ତଥା କଳା ଭଣ୍ଡାରକୁ ଉନ୍ମୋଚନ କରିଥିଲା ଓ ଏହାର ମନ୍ଦିର ସ୍ଥାପତ୍ୟକୁ ଉନ୍ମୋଚିତ କରିଥିଲା। ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ରୂପକୁ ପ୍ରୋତ୍ସାହିତ କରିବାରେ, ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ କଳା ରୂପ ଭାବରେ ସ୍ୱୀକୃତି ଦେବା ଓ ଏହାର ବିକାଶକୁ ଉତ୍ସାହିତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦେଓକରନ ଝୁନ୍‌ଝୁନୱାଲା ଓଡ଼ିଶାର ବାରଙ୍ଗରେ ପ୍ରଥମ କାଚ କାରଖାନା ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହାକୁ ସେ ଦୁର୍ଗା କାଚ କାରଖାନା ନାମ ରଖିଥିଲେ। ଏହି କାରଖାନା ନିର୍ମାଣରେ ତାଙ୍କ ପରିବାରର ଉଦ୍ୟୋଗୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହା ଶେଷରେ ଓଡ଼ିଶା ଇଣ୍ଡଷ୍ଟ୍ରିଜରେ ପରିଣତ ହୋଇଥିଲା। ଉକ୍ତ ଅଞ୍ଚଳରେ ବିଭିନ୍ନ ଉତ୍ପାଦନ ୟୁନିଟକୁ ଅନ୍ତର୍ଭୁକ୍ତ କରୁଥିବା ବିବିଧ ଶିଳ୍ପ ସମ୍ମିଳନୀ ଆଦି ସୃଷ୍ଟି କରିବା ତାଙ୍କର ଉଦ୍ଦେଶ୍ୟ ଥିଲା, ଯାହା ଥିଲା ଓଡ଼ିଶାର ଉନ୍ନତି।

ଭାଷା ଏକ ସମାଜ ବା ଜାତିକୁ ବାନ୍ଧି ତାହାର ପରିଚୟ ସୃଷ୍ଟି କରେ। ସେ ଦୃଷ୍ଟିରୁ ବିଚାର କଲେ କେବଳ ଓଡ଼ିଶାର ଜନ୍ମିତ ବ୍ୟକ୍ତିକୁ ଓଡ଼ିଆ କୁହାଯାଇପାରେ, ମାତ୍ର ଓଡ଼ିଶାରେ ଜନ୍ମିତ ବ୍ୟକ୍ତି ଓଡ଼ିଆ କହୁ ନ ଥିବା ବା ଓଡ଼ିଶା ପ୍ରତି କୌଣସି ଅବଦାନ ନ ଥିବା ବ୍ୟକ୍ତିଙ୍କୁ ଓଡ଼ିଆ କୁହାଯାଇପାରେ ନାହିଁ। ଜାତି ପ୍ରୀତି ଏକ ଭାବପ୍ରବଣତା ତଥା ଭାବାନୁବେଗର କ୍ରିୟା ଓ ପ୍ରତିକ୍ରିୟା। ଓଡ଼ିଶାରେ ଜନ୍ମ ହୋଇ ଓଡ଼ିଆ ଭାଷା ଓ ଓଡ଼ିଶା ପ୍ରତି ବୈମାତୃକ ଭାବ ବ୍ୟକ୍ତିଙ୍କୁ ଏ ସମାଜ ଓଡ଼ିଆ କହିପାରିବ ତ ? ମାତ୍ର ଓଡ଼ିଶାରେ ଜନ୍ମ ନ ହୋଇ ଓଡ଼ିଶା ପ୍ରତି ତ୍ୟାଗ ଓ ଅବଦାନ ଥିବା ବ୍ୟକ୍ତିଙ୍କୁ ସମାଜ ଓଡ଼ିଆ କହିବା ଆଦୌ ଅଯୌକ୍ତିକ ନୁହେଁ। ଜାତିପ୍ରୀତି ଦେଶପ୍ରୀତି ବ୍ୟକ୍ତି ପାଇଁ ସ୍ୱାର୍ଥ ରହିତ ହୋଇଥାଏ। ମାତ୍ର ଓଡ଼ିଆର ସଂଜ୍ଞାକୁ ବିସ୍ତାରିତ ଭାବେ ଚିତ୍ରଣ କଲେ ଜଣାଯାଏ ଯେ ଓଡ଼ିଆ ହେଉଛି ଓଡ଼ିଶାର ଅଧିବାସୀ ତଥା ଓଡ଼ିଶା ପ୍ରତି ସେମାନଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ଅବଦାନ ଓ ଯୋଗଦାନ। ଯଦି ମଣିଷର ଜାତିପ୍ରୀତି ଦେଶପ୍ରୀତି ନ ରହେ ତେବେ ସେ ସମାଜର ଅଲୋଡ଼ା ହୋଇଥାଏ। ଅତଏବ ମଣିଷ ଜୀବଦ୍ଦଶା ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ନେଇ ଜୀବନ ନିର୍ବାହ କରିବା ଉଚିତ, ଯେଉଁ ପରିଚୟରେ ମଣିଷ ବର୍ତ୍ତମାନରୁ ଇତିହାସ ହୋଇଥାଏ ଓ ଇତିହାସ ଚିରଦିନ ବ୍ୟକ୍ତିର କର୍ମ ଓ ଆଦର୍ଶକୁ ମନେ ରଖି ସେଥିପାଇଁ କୃତଜ୍ଞ ହୋଇଥାଏ। ତେଣୁ ଓଡ଼ିଆ ସିଏ ଯିଏ ଓଡ଼ିଶାରେ ଜନ୍ମ ହୋଇଥାଏ ବା ନ ହୋଇଥାଏ, ମାତ୍ର ଓଡ଼ିଶାକୁ ଭଲପାଏ ଓ ଓଡ଼ିଶାର ଧର୍ମ ସଂସ୍କୃତି, ଭାଷା, ପରମ୍ପରା ତଥା ବ୍ୟବହାରିକ ଦୃଷ୍ଟିକୋଣକୁ ସାଦରେ ଗ୍ରହଣ କରି ଓଡ଼ିଶାର ନୈତିକ ମୂଲ୍ୟବୋଧକୁ ସମ୍ମାନ ଦେଇଥାଏ। ଯିଏ ଓଡ଼ିଶାର ଉନ୍ନତି ପାଇଁ ନିଜର ସାମର୍ଥ୍ୟକୁ ଅଙ୍ଗୀକାରବଦ୍ଧ କରିଥାଏ, ସେ ହେଉଛି ଓଡ଼ିଆ।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶର**
**ମୋ :୯୯୩୭୩୪୫୯୦୦**

## ଏଇ ଭାରତରେ

ବେଆଇନ ଶିକାର ଯୋଗୁ ବହୁ ପ୍ରାଣୀଙ୍କ ଜୀବନ ଯାଉଛି। ଶିକାରୀଙ୍କୁ ରୋକିବା ପାଇଁ ବନ ବିଭାଗ ଅନେକ ପଦକ୍ଷେପ ନେଉଛନ୍ତି। ହେଲେ ବେସରକାରୀ ସ୍ତରରେ ପ୍ରାଣୀଙ୍କ ଜୀବନ ବଞ୍ଚାଉଛନ୍ତି ମହାରାଷ୍ଟ୍ର ୱାର୍ଦ୍ଧାର ଏକ ଟିମ୍। ଏହି ଟିମ୍ ଆହତ ବାଘ, ବିଲୁପ୍ତି ପଥରେ ଥିବା ବିଭିନ୍ନ ପକ୍ଷୀ, ବଜ୍ରକାପ୍ତା, ସ୍ଲଥ ବିୟର, ହରିଣ, କୁଟୁରା, ମାଙ୍କଡ଼ ଇତ୍ୟାଦି ବନ୍ୟଜୀବଙ୍କୁ ଉଦ୍ଧାର କରି ୱାର୍ଦ୍ଧା ସ୍ଥିତ ପିଏଫ୍ଏ ୱାଇଲ୍ଡ ଲାଇଫ ରେସ୍‌କ୍ୟୁ ଆଣ୍ଡ୍ ରିହାବିଲିଟେଶନ ସେଣ୍ଟରରେ ସେମାନଙ୍କ ଚିକିତ୍ସା କରୁଛନ୍ତି। ୨୫ ଏକର ଜମି ପରିମିତ ଏହି ସେଣ୍ଟର ଆଶିଷ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଚାଲୁଛି। ଏଯାବତ୍ ଏହି ଟିମ୍ ୪୦,୦୦୦ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦେଇସାରିଲେଣି। ଫଳରେ ଅନେକ ଆହତ ପ୍ରାଣୀଙ୍କ ଜୀବନ ବଞ୍ଚିଯାଉଛି। ମୋଟରେ ୯ଟି ଟିମ୍ ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରତ୍ୟେକରେ ୫ ଜଣ ଜଙ୍ଗଲ ଅଧିକାରୀ ମଧ୍ୟ ରହିଛନ୍ତି। ଏହି କାର୍ଯ୍ୟରେ ମହାରାଷ୍ଟ୍ର ଜଙ୍ଗଲ ବିଭାଗ ସହଯୋଗ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୬ ଜାନୁଆରୀ ୧୯୭୭

- ଦୁଇଟି ଓଡ଼ିଆ କଥାଚିତ୍ର ବିଦେଶରେ ପ୍ରଦର୍ଶନ ବା ରପ୍ତାନି କରାଯିବା ଉଦ୍ଦେଶ୍ୟରେ ପ୍ରଥମ କରି ଚଳଚ୍ଚିତ୍ର ବଜାରରେ ପ୍ରବେଶ କରିବାକୁ ସମର୍ଥ ହୋଇଛି।
- ନୈନିତାଲ ଓ ବରେଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୀରବଲ୍ଲଭ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ପରାଜିତ କରି ନିର୍ବାଚିତ।
- ଭୂମଧ୍ୟ ସାଗରର ଗଭୀର ଜଳ ମଧ୍ୟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ବୁଡ଼ାଜାହାଜ ଉଦ୍ଧାର କରାଯାଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 7 | 8 | 2 | | | |
| | | | 3 | | | | | |
| | | | | 6 | | 2 | 1 | |
| | 8 | | 2 | 3 | 7 | 9 | | |
| 4 | | | 9 | | | | 7 | |
| | 9 | | 1 | | | 8 | 3 | |
| | | | | | 3 | 7 | | |
| | 7 | | | | | | | |
| | 4 | 9 | | | | 1 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 8 | 1 | 9 | 7 | 3 | 5 | 6 |
| 6 | 7 | 5 | 8 | 3 | 2 | 1 | 4 | 9 |
| 3 | 1 | 9 | 6 | 5 | 4 | 2 | 7 | 8 |
| 1 | 5 | 6 | 9 | 4 | 8 | 7 | 2 | 3 |
| 7 | 8 | 4 | 2 | 1 | 3 | 6 | 9 | 5 |
| 2 | 9 | 3 | 7 | 6 | 5 | 8 | 1 | 4 |
| 5 | 3 | 7 | 4 | 2 | 6 | 9 | 8 | 1 |
| 9 | 4 | 2 | 3 | 8 | 1 | 5 | 6 | 7 |
| 8 | 6 | 1 | 5 | 7 | 9 | 4 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟଜନ୍ତୁଙ୍କ ଅଧିକାର ଓ ଆମ ଦାୟିତ୍ୱ

ମହାଶୟ,

'ବନ୍ୟଜନ୍ତୁଙ୍କ ଅଧିକାର' ଏବେ ଏକ ଚର୍ଚ୍ଚାର ବିଷୟ ହୋଇଛି। ବନ୍ୟଜନ୍ତୁମାନେ କେବଳ ପ୍ରକୃତିର ଶୋଭା ନୁହନ୍ତି, ସେମାନେ ପରିସ୍ଥିତିକ ସମତୁଳନର ଅବିଭାଜ୍ୟ ଅଂଶ। ବନ୍ୟଜନ୍ତୁଙ୍କର ପ୍ରଥମ ଓ ମୂଳ ଅଧିକାର ହେଉଛି ନିଜ ବାସସ୍ଥାନରେ ସୁରକ୍ଷିତ ଭାବେ ବଞ୍ଚିବା। କିନ୍ତୁ ଅନିୟନ୍ତ୍ରିତ ଜଙ୍ଗଲ କ୍ଷୟ, ଖଣିଜ ଖନନ, ସହରୀକରଣ ଓ ଶିଳ୍ପ ଦ୍ୱାରା ଆଜି ସେହି ବାସସ୍ଥାନ ଧ୍ୱଂସ ହେଉଛି। ଫଳସ୍ୱରୂପ ବନ୍ୟଜନ୍ତୁ ଏବଂ ମଣିଷ ମଧ୍ୟରେ ସଂଘର୍ଷ ବଢୁଛି। ହାତୀଦାନ୍ତ, ବାଘଛାଲ, ଦୁର୍ଲଭ ପଶୁପକ୍ଷୀଙ୍କ ଅଙ୍ଗପ୍ରତ୍ୟଙ୍ଗ ପାଇଁ ଚାଲୁଥିବା ଅବୈଧ ବଜାର କେବଳ ଆଇନ ଭଙ୍ଗ ନୁହେଁ, ଏହା ମାନବୀୟ ନୀତିବୋଧର ମଧ୍ୟ ପତନ। ଭାରତରେ ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ ଭଳି କଠୋର ଆଇନ ଥିବା ସତ୍ତ୍ୱେ ମଧ୍ୟ, ଏହାର ଠିକ୍ କାର୍ଯ୍ୟାନ୍ୱୟନ ଏକ ବଡ଼ ଆହ୍ୱାନ। କେବଳ ଆଇନ ନୁହେଁ, ସାମାଜିକ ସଚେତନତା ଓ ସମ୍ବେଦନଶୀଳତା ହିଁ ବନ୍ୟଜନ୍ତୁ ଅଧିକାରକୁ ବାସ୍ତବ ରୂପ ଦେଇପାରିବ। ବନ୍ୟଜନ୍ତୁଙ୍କ ଅଧିକାର ସୁରକ୍ଷିତ ହେଲେ ହିଁ ପରିବେଶ ସୁରକ୍ଷିତ ରହିବ ଏବଂ ପରିବେଶ ସୁରକ୍ଷିତ ହେଲେ ମନୁଷ୍ୟର ଭବିଷ୍ୟତ ମଧ୍ୟ ସୁରକ୍ଷିତ ରହିବ।

**-ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର, ସୋନପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖତ୍ୟାଅ ରୂପ କବି,
ଦୂର ପାଟେ ବୁଢ଼େ ରବି-
ଶରତର ଆଜି ସୁନା ଆକାଶ
ଅନ୍ତରେ ଲଭୁ ତୋର ବିକାଶ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମିଲ୍‌ରେ ପଡ଼ିଛି ୮ ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ

**ସମ୍ବଲପୁର, ୫।୧ (ପ୍ରମୋଦ ବହିଦାର)**

ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଅସହଯୋଗରୁ ମଲରୁ ଉଠି ପାରୁନାହିଁ ଗଚ୍ଛିତ ଚାଉଳ। ଫଳରେ କଷ୍ଟମ୍ ମିଲିଂ ପରେ ଜିଲାର ଅଧିକାଂଶ ମିଲ୍ ଗୋଦାମରେ ପୂର୍ବବର୍ଷ ଖରିଫ୍ ଓ ରବିଋତୁର ଚାଉଳ ଭର୍ତ୍ତି ହୋଇରହିଛି। ବ୍ୟବସ୍ଥାଗତ ତ୍ରୁଟି ଯୋଗୁ ଏଫ୍‌ସିଆଇ ପକ୍ଷରୁ କଷ୍ଟମମିଲିଂ ପରେ ମିଲର୍ସଙ୍କଠାରୁ ଚାଉଳ ଫେରସ୍ତ ନିଆଯାଉ ନାହିଁ। ସରକାର ଧାନ କ୍ରୟ କରିବା ପରେ ସାଧାରଣ ବଣ୍ଟନ ବ୍ୟବସ୍ଥା ହାତକୁ ନେଇଥିବା ଏଫସିଆଇ ମିଲର୍ସଙ୍କଠାରୁ ଚାଉଳ ଆକାରରେ ଗ୍ରହଣ କରିଥାଏ। ମାତ୍ର ଏଫସିଆଇର ଅବହେଳା ଯୋଗୁ ମିଲରୁ ଚାଉଳ ଉଠିପାରୁନାହିଁ।ଏଭଳିପରିସ୍ଥିତିରେ ୨୦୨୪-୨୫ ବର୍ଷଖରିଫ୍‌ଓ ରବିଋତୁର କଷ୍ଟମିଲିଂ ଚାଉଳ ବିଭିନ୍ନ ମିଲ୍‌ରେ ଧାର୍ଯ୍ୟ ଲକ୍ଷ୍ୟର ଅଧାରୁ ଅଧିକ ଗଚ୍ଛିତ ହୋଇରହିଛି। ଫଳରେ ଚଳିତ ଖରିଫ୍‌ଋତୁରେ ଧାନ ଗଚ୍ଛିତ ରଖିବାକୁ ମିଲର୍ସ ସ୍ଥାନାଭାବ ଜନିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତଥାପି ଚାଷୀଙ୍କୁ ସହଯୋଗ ଉଦ୍ଦେଶ୍ୟରେ ସେମାନେ ଧାନ ଉଠାଇ ଅସ୍ଥାୟୀ ଗୋଦାମରେ ଧାନ ଓ ଚାଉଳ ଗଚ୍ଛିତ ରଖିବାକୁ ବାଧ ହୋଇଛନ୍ତି ବୋଲି ମିଲ୍ ମାଲିକମାନେ କହିଛନ୍ତି।

ଜିଲା ଯୋଗାଣ ବିଭାଗ ତଥ୍ୟ ଅନୁସାରେ ୨୦୨୪-୨୫ବର୍ଷ ଉଭୟ ଖରିଫ ଓ ରବିଋତୁର ୮ ଲକ୍ଷ କୁଇଣ୍ଟାଲରୁ ଅଧିକ କଷ୍ଟମ୍‌ମିଲିଂ ଚାଉଳ ଡେଲିଭରି ହୋଇ ନ ପାରି ମିଲ୍ ଗୋଦାମରେ ପଡ଼ିରହିଛି। କେବଳ ସମ୍ବଲପୁର ଜିଲାରୁ ଗତ ଖରିଫରେ ୩୧ଲକ୍ଷ ୫୧ହଜାର ୧୮୬ କୁଇଣ୍ଟାଲ ଓ ରବିଋତୁରେ୧୪ଲକ୍ଷ ୧୮ହଜାର ୧୧୭ କୁଇଣ୍ଟାଲ ମିଶି ଉଭୟ ଋତୁରେ ମୋଟ ୪୫ଲକ୍ଷ ୬୯ ହଜାର ୩୦୩ କୁଇଣ୍ଟାଲ ଧାନ ବିଭିନ୍ନ ମିଲକୁ ଦିଆଯାଇଥିଲା। ଏଥିରୁ କଷ୍ଟମ୍ ମିଲିଂ ପରେ ଖରିଫରେ ୨୧ ଲକ୍ଷ ୪୨ହଜାର ୮୦୬ କୁଇଣ୍ଟାଲ ଓ ରବିରେ ୯ଲକ୍ଷ ୬୪ହଜାର ୩୧୯ କୁଇଣ୍ଟାଲ ମିଶି ମୋଟ୍ ୩୧ଲକ୍ଷ ୭ହଜାର ୧୨୫ କୁଇଣ୍ଟାଲ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ୨୦୨୬ ଜାନୁଆରୀ ୩ ସୁଦ୍ଧା ଜିଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ସମସ୍ତ ୨୧ ଲକ୍ଷ ୪୨ହଜାର ୮୦୬ କୁଇଣ୍ଟାଲ ଚାଉଳ ଫେରସ୍ତ ହୋଇସାରିଛି। ରବିଋତୁରେ ଧାର୍ଯ୍ୟ ୯ଲକ୍ଷ ୬୪ହଜାର ୩୧୯ କୁଇଣ୍ଟାଲ ଚାଉଳ ଫେରସ୍ତ ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ମଧ୍ୟରୁ ଏଯାଏ ୪ଲକ୍ଷ ୪୫ହଜାର ୨୧୯ କୁଇଣ୍ଟାଲ ଫେରସ୍ତ ମିଳିଛି। ବର୍ତ୍ତମାନ ଅବଶିଷ୍ଟ ୫ଲକ୍ଷ ୧୯ହଜାର ୧୦୦ କୁଇଣ୍ଟାଲ ଚାଉଳ ମିଲର୍ସଙ୍କ ନିକଟରେ ବକେୟା ରହିଛି।

ଗତ ଖରିଫ ଓ ରବିରେ ସମ୍ବଲପୁରର ବିଭିନ୍ନ ମିଲର୍ସଙ୍କ ନିକଟରୁ କଷ୍ଟମ୍‌ମିଲିଂ ପାଇଁ ବାହାର ଜିଲାରୁ ଯଥାକ୍ରମେ ୧୫ଲକ୍ଷ ୧୯ହଜାର ୩୧୪ କୁଇଣ୍ଟାଲ ଓ ୭୩ ହଜାର ୬୬୭ କୁଇଣ୍ଟାଲ ମିଶି ମୋଟ ୧୫ଲକ୍ଷ ୯୨ହଜାର ୯୮୧ କୁଇଣ୍ଟାଲ ଧାନ ଆସିଥିଲା। ସେଥିରୁ ଉଭୟ ଋତୁରେ ମୋଟ୍ ୧୦୮୩ହଜାର ୨୨୭ କୁଇଣ୍ଟାଲ ଚାଉଳ ଆକାରରେ ଫେରସ୍ତ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏଯାଏ ଏଫ୍‌ସିଆଇ ଆଦୌ ଫେରସ୍ତ ନେଇ ନ ଥିବାବେଳେ ଆର୍‌ଏମ୍‌ସିକୁ ଉଭୟ ଋତୁର ମୋଟ୍ ୭ଲକ୍ଷ ୪୩ହଜାର ୬୫୯ କୁଇଣ୍ଟାଲ ଧାନ ଫେରସ୍ତ ହୋଇଛି। ଫଳରେ ବର୍ତ୍ତମାନ ଗତବର୍ଷର ଉଭୟ ଖରିଫ୍ ଓ ରବିଋତୁରେ ବାହାର ଜିଲାର ପ୍ରାୟ ୩ଲକ୍ଷ ୩୯ହଜାର ୫୬୭ କୁଇଣ୍ଟାଲ ଚାଉଳ ଫେରସ୍ତ ନ ହୋଇ ବିଭିନ୍ନ ମିଲ୍‌ରେ ପଡ଼ି ରହିଛି।

ସୂଚନାଯୋଗ୍ୟ ଯେ, ପରବର୍ତ୍ତୀ ଋତୁର ଧାନ ସଂଗ୍ରହ ପୂର୍ବରୁ ପୂର୍ବଋତୁରେ ସଂଗୃହୀତ ଧାନର କଷ୍ଟମ୍‌ମିଲିଂ ଚାଉଳ ଫେରସ୍ତ କରିବାକୁ ମିଲର୍ସ ବାଧ ହେଉଥିଲେ। ଚାଉଳ ବକେୟା ଥିବା ମିଲର୍ସଙ୍କୁ କଳାତାଲିକାଭୁକ୍ତ କରି ସମସ୍ତ କଷ୍ଟମ୍ ମିଲିଂ ଚାଉଳ ଫେରସ୍ତ ନ କରିବା ଯାଏ କଷ୍ଟମ୍‌ମିଲିଂ ପାଇଁ ଧାନ ପ୍ରଦାନ କରାଯାଉ ନ ଥିଲା। ମାତ୍ର ବର୍ତ୍ତମାନ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଏହି ସଙ୍କଟ ଦୂର ପାଇଁ ଜିଲାରେ ୫୦ହଜାର ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ବ୍ୟବସ୍ଥା କରିବାକୁ ଯୋଜନା ରହିଛି। ଏହାବ୍ୟତୀତ ଆଗ୍ରହୀ ଚାଷୀମାନେ ମଧ୍ୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ନିଜସ୍ୱ ଗୋଦାମ ଘର କରିପାରିବେ ବୋଲି କହିଛନ୍ତି।



ମିଲ୍‌ରେ ସ୍ଥାନାଭାବରୁ ଅସ୍ଥାୟୀ ଗୋଦାମରେ ଗଚ୍ଛିତ ପୂର୍ବବର୍ଷର ଚାଉଳ।

# ବିକାଶର ବିକଳ ଚିତ୍ର ଉପସ୍ଥାପନ କରୁଛି ଅନୁଗୋଳ, ତାଳଚେର: ଉମାବଲ୍ଲଭ

**ଭୁବନେଶ୍ୱର, ୫।୧ (ସୁନିତ୍ ମିଶ୍ର)**

ଓଡ଼ିଶାର ଶିଳ୍ପ ସମୃଦ୍ଧ ଜିଲା ଅନୁଗୋଳ ଓ ତାଳଚେର ବର୍ତ୍ତମାନ ବିକାଶର ଏକ ବିକଳ ଚିତ୍ର ଉପସ୍ଥାପନ କରୁଛି। ରାଜ୍ୟ ରାଜସ୍ୱର ସିଂହଭାଗ ଯୋଗଦାନ ଦେଉଥିବା ଏହି ଅଞ୍ଚଳ ଏବେ ପ୍ରଦୂଷଣର ଏକ 'ଗ୍ୟାସ୍ ଚାମ୍ବର'ରେ ପରିଣତ ହୋଇଯାଇଛି। ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ଭାବେ ରେକର୍ଡ କରିଛି, ଯେଉଁଠାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ୩୮୦ ଅତିକ୍ରମ କରିସାରିଲାଣି। କିନ୍ତୁ ଦୁର୍ଭାଗ୍ୟଜନକ ବିଷୟ ଏଠାରେ ନିୟମ କେବଳ ଲୋକଙ୍କ ଲାଗି ଉଦ୍ଦିଷ୍ଟ, ଯାହା ଶିଳ୍ପପତିମାନଙ୍କ ପାଇଁ ନୁହେଁ ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ କହିଛନ୍ତି।

ଉମାବଲ୍ଲଭ କହିଛନ୍ତି, ପ୍ରଦୂଷଣର ମୁଖ୍ୟ କାରଣ କମ୍ପାନୀଗୁଡ଼ିକର ଦାୟିତ୍ୱହୀନତା। ତାଳଚେର ଅଞ୍ଚଳରେ ମୁଖ୍ୟତଃ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଓ ଏନ୍‌ଟିପିସି ଭଳି ସରକାରୀ ସଂସ୍ଥା ଏବଂ ନାଲ୍‌କୋ, ଜିନ୍ଦଲ, ଭୂଷଣ(ଟାଟା ଷ୍ଟିଲ୍) ଭଳି ବୃହତ ଶିଳ୍ପ ଅଞ୍ଚଳର ବାୟୁ ଏବଂ ଜଳକୁ ବିଷାକ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବିଡ଼ମ୍ବନାର ବିଷୟ ହେଉଛି, ଏହି ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ନିଜ ଦାୟିତ୍ୱରୁ ଖସିଯାଉଛନ୍ତି। ରାସ୍ତାରେ ନିୟମିତ ପାଣି ସିଞ୍ଚନ(ୱାଟର୍ ସ୍ପ୍ରିଙ୍କ୍‌ଲିଙ୍ଗ) କରିବା ସେମାନଙ୍କ ପ୍ରାଥମିକ କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଏହା କେବଳ କାଗଜପତ୍ରରେ ସୀମିତ ରହୁଛି। ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ର ମୁଖ୍ୟ ଲକ୍ଷ୍ୟ ହେଉଛି ଖଣି ପ୍ରଭାବିତ ଅଞ୍ଚଳର ପରିବେଶ ଓ ଲୋକଙ୍କ ବିକାଶ। କିନ୍ତୁ ତାଳଚେର-ଅନୁଗୋଳରେ ଡିଏମ୍‌ଏଫ ପାଣ୍ଠିକୁ ବାୟୁ ଗୁଣବତ୍ତାର ସୁଧାର ପାଇଁ ବିନିଯୋଗ ନ କରି ଅନ୍ୟାନ୍ୟ ଅନାବଶ୍ୟକ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ଏହି ପାଣ୍ଠିର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ଜଣେ ବାଇକ୍ ଆରୋହୀ ହେଲମେଟ୍ ପିନ୍ଧି ନ ଥିଲେ କିମ୍ବା ପିୟୁସିସି ନ ଥିଲେ ତାଙ୍କ ଉପରେ ହଜାର ହଜାର ଟଙ୍କାର ଚାଲାଣ କଟାଯାଉଛି। କିନ୍ତୁ ଖୋଲାଖୋଲି ଭାବେ ପରିବେଶକୁ ଧ୍ୱଂସ କରୁଥିବା ଶହ ଶହ କୋଇଲା ଟ୍ରକ୍ ଏବଂ ଖଣି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ। ଯେପର୍ଯ୍ୟନ୍ତ ବାୟୁ ଗୁଣବତ୍ତା ସ୍ୱାସ୍ଥ୍ୟପ୍ରଦ ନ ହୋଇଛି ସେ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରଖିବା ପାଇଁ ସରକାର କାହିଁକି ନିଷ୍ପତ୍ତି ନେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପିଲାଙ୍କ ଭବିଷ୍ୟତ କ'ଣ ଏହି କଳାଧୂଆଁ ଭିତରେ ଶେଷ ହୋଇଯିବ ବୋଲି ପଚାରିଛନ୍ତି। ସରକାର ଭାରିଯାନ ଚଳାଚଳ ପାଇଁ ତୁରନ୍ତ ସ୍ୱତନ୍ତ୍ର କୋଇଲା କରିଡର (ସ୍ପେଶାଲ କୋଲ୍ କରିଡର) ନିର୍ମାଣ କରାଯାଉ। ରାସ୍ତା ଓ ଜନବହୁଳ ଅଞ୍ଚଳରେ ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ଉଚ୍ଚ କ୍ଷମତାସମ୍ପନ୍ନ କୁହୁଡ଼ି ସୃଷ୍ଟିକାରୀ ଯନ୍ତ୍ର (ହାଇ ରେଞ୍ଜ ଫଗିଙ୍ଗ/ମିଷ୍ଟ ସିଷ୍ଟମ୍‌ସ) ବ୍ୟବହାର କରନ୍ତୁ। ବାୟୁର ମାନ ସୁଧାରିବା ପାଇଁ ଡିଏମ୍‌ଏଫ୍ ପାଣ୍ଠିର ଶତପ୍ରତିଶତ ଠିକ୍ ବିନିଯୋଗ ହେଉ। କୋଇଲା ପରିବହନ ପାଇଁ ରାସ୍ତା ବଦଳରେ ସ୍ୱୟଂଚାଳିତ ପରିବାହକ ପଟା (କନ୍‌ଭେୟର ବେଲ୍ଟସ) ବ୍ୟବହାର ବାଧ୍ୟତାମୂଳକ ହେଉ। ଅଞ୍ଚଳବାସୀଙ୍କ ଜୀବନ ସହ ଖେଳି ଶିଳ୍ପାୟନର କୌଣସି ମୂଲ୍ୟ ନାହିଁ। ଏମ୍‌ସିଏଲ୍ ଓ ଏନ୍‌ଟିପିସି ଭଳି ସଂସ୍ଥାଗୁଡ଼ିକ ସାମାଜିକ ଦାୟିତ୍ୱ(ସିଏସ୍‌ଆର୍) ତୁଲାଇବାରେ ବିଫଳ ହେଲେ ଲୋକେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଉମାବଲ୍ଲଭ କହିଛନ୍ତି।



ଉମାବଲ୍ଲଭ ରଥ

# ସ୍ୱାଭାବିକ ଜୀବନ ମୂଳଲକ୍ଷ୍ୟ



## ଆଜି ବିଶ୍ୱ ଯୁଦ୍ଧ ଅନାଥ ଦିବସ

ପ୍ରତିବର୍ଷ ଜାନୁଆରୀ ୬ରେ ପାଳନ ହୋଇଆସୁଛି ବିଶ୍ୱ ଯୁଦ୍ଧ ଅନାଥ ଦିବସ। ଯୁଦ୍ଧ ଏବଂ ସଂଘର୍ଷ ଯୋଗୁ ଅନାଥ ହୋଇଥିବା ପିଲାମାନେ କିପରି ସଂଘର୍ଷ କରୁଛନ୍ତି ଏ ବିଷୟରେ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯାଉଛି। ଏହି ଦିବସରେ ମାତାପିତାଙ୍କ ସମର୍ଥନ ବିନା ବଢୁଥିବା ସମୟରେ ପିଲାମାନେ ସମ୍ମୁଖୀନ ହେଉଥିବା ଶାରୀରିକ, ସାମାଜିକ ଏବଂ ମାନସିକ ଆହ୍ୱାନଗୁଡ଼ିକୁ ସାମ୍ନାକୁ ଅଣାଯାଇଥାଏ। ଅନେକ ଅନ୍ତର୍ଜାତୀୟ ସଂଗଠନ, ସ୍ଥାନୀୟ ସରକାର ଏବଂ ସାମାଜିକ ଅନୁଷ୍ଠାନ ଏଭଳି ପିଲାମାନଙ୍କ ଉପରେ ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରନ୍ତି। ୧୯୯୪ରେ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳନ ଲାଗି ଫରାସୀ ସଂଗଠନ SOS Enfants en Dtresses ଦ୍ୱାରା ଏକ ପ୍ରସ୍ତାବ ଦିଆଯାଇଥିଲା। ୧୯୯୫ରେ ପ୍ରଥମ ଥର ପାଇଁ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳିତ ହୋଇଥିଲା। ତେବେ ୨୦୦୬ରେ ଜାନୁଆରୀ ୬କୁ ଉକ୍ତ ଦିବସ ପାଳନ ଲାଗି ଜାତିସଂଘ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଥିଲା।

ଯୁଦ୍ଧ ଅନାଥ ପିଲାଙ୍କ ଜୀବନକୁ ସ୍ୱାଭାବିକ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ଅନାଥ ପିଲାଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ବୟସ ୫ବର୍ଷରୁ ଅଧିକ। ତେବେ ବିକଶିତ ଦେଶରେ ଏହି ଅନାଥଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି। ଜାତିସଂଘ ରିପୋର୍ଟ ଅନୁସାରେ ୨୦୧୫ରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ପ୍ରାୟ ୧୪୦ ନିୟୁତ ଥିଲା। ସେଥିମଧ୍ୟରେ ଏସିଆରେ ୬୧ ନିୟୁତ, ଆଫ୍ରିକାରେ ୫୨ ନିୟୁତ, ଲାଟିନ୍ ଆମେରିକା ଏବଂ କାରିବିଆନ ଦେଶରେ ୧୦ ନିୟୁତ, ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୭.୩ ନିୟୁତ ଯୁଦ୍ଧ ଅନାଥ ଥିଲେ। ୟୁନିସେଫ୍ ସୂଚନା ଅନୁଯାୟୀ, ୧୯୯୦ ଠାରୁ ଯୁଦ୍ଧ ଅନାଥ ପିଲାଙ୍କ ସଂଖ୍ୟା ବଢ଼ିଥିବାବେଳେ ୨୦୦୧ ଠାରୁ ଏହା ୦.୭ % ହାରରେ କମିବାରେ ଲାଗିଛି। ତେବେ ଏହି ଦିବସ ଅବସରରେ ପୃଥିବୀରେ ଯୁଦ୍ଧ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ।

## ପିକ୍‌ନିକ କରିବାକୁ ଆସି ଜଳପ୍ରପାତରେ ଭାସିଗଲେ

# ୧୮ ଘଣ୍ଟା ପରେ ମିଳିଲା ମୃତଦେହ

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୫।୧ (ଗିରିଧାରୀ ପରିଚ୍ଛା/ ମନୋଜ ପାଢ଼ୀ)**

ମାଙ୍କଡ଼ଡିଆଁ ଜଳପ୍ରପାତକୁ ପିକ୍‌ନିକ୍ କରିବାକୁ ଆସି ଜଳପ୍ରପାତରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ପାରଳାଖେମୁଣ୍ଡି ସହରସ୍ଥିତ ସେରିସାହିର କଲ୍ୟାଣୀ ସତୀଶ (୨୫)। ଜଳପ୍ରପାତରେ ଗାଧୋଉଥିବାବେଳେ ସେ ଭାସିଯାଇ ପାଣିରେ ବୁଡ଼ି ଯାଇଥିଲେ। ତେବେ ଦୀର୍ଘ ୧୮ ଘଣ୍ଟା ପରେ ଅଗ୍ନିଶମ କର୍ମଚାରୀମାନେ ଜଳପ୍ରପାତରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି।

ଖବରରୁ ଜଣାପଡ଼ିଛି, ପାରଳାଖେମୁଣ୍ଡିର କେତେଜଣ ଯୁବକ ଆର୍. ଉଦୟଗିରି ବ୍ଲକର ମାଙ୍କଡ଼ଡିଆଁ ଜଳପ୍ରପାତକୁ ରବିବାର ପିକ୍‌ନିକ୍ କରିବାକୁ ଯାଇଥିଲେ। ସେମାନଙ୍କ ସହ ସତୀଶ ଥିଲେ। ଅପରାହ୍ନରେ ଜଳପ୍ରପାତରେ ସତୀଶ ଗାଧୋଉଥିବାବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ତାଙ୍କ ସହ ଯାଇଥିବା ଯୁବକମାନେ ବହୁ ଖୋଜାଖୋଜି କରି ନ ପାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ରବିବାର ବିଳମ୍ବିତ ରାତିଯାଏ ଜଳପ୍ରପାତରେ ସତୀଶଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସୋମବାର ସକାଳୁ ପୁଣି କର୍ମଚାରୀମାନେ ଖୋଜାଖୋଜି କରିବାବେଳେ ଏକ ପଥର କୋରଡ଼ରୁ ସତୀଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଆର୍. ଉଦୟଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ୧୦ ବର୍ଷ ତଳେ ସତୀଶଙ୍କ ବାପାଙ୍କ ପରଲୋକ ହୋଇଥିଲା। ଡେଲିଭରି ବୟ ରୂପେ କାର୍ଯ୍ୟକରି ସତୀଶ ପରିବାର ଚଳାଉଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସତୀଶଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।


## OFFICE OF THE SUPERINTENDING ENGINEER
## P.W.D. (B&R) AMBIKAPUR CIRCLE
## AMBIKAPUR

Invitation Date : 02.01.2026

**E-PROCUREMENT TENDER NOTICE**

01. For tender detail please visit http://eproc.cgstate.gov.in
02. Concern Division - Jashpur Division
03. S.No. 1 'D' Class and Above Contractor
04. Bid Submission Due Date - 23.01.2026

| S. No. | N.I.T. No. | Name of work | P.A.C, in lacs |
|---|---|---|---|
| 1 | 2 | 3 | 4 |
| 1 | 229 | Construction of Boundary Wall at Government College, Duldula at Distt. Jashpur and Construction of Boundary Wall at Governmnet College, Tapkara at Distt. Jashpur. (C.G.) (First Call) | 61.68 |

Sd./- Superintending Engineer
P.W.D. Ambikapur Circle
Ambikapur

G-252605824/2



## वरीय पुलिस अधीक्षक का कार्यालय, राँची

सर्वसाधारण के लिए सूचना।



**नाम–अंशिका कुमारी, उम्र–04 वर्ष, उँचाई–2 फीट, 5 ईंच, रंग–गोरा, पहनावा–नीला रंग का टी शर्ट एवं नीला रंग का जींस पैंट पहनी हुई है।**

उपरोक्त लापता लडकी अंशिका कुमारी, उम्र–04 वर्ष, पिता–सुनील कुमार, ग्राम–हल्दी छपरा, बादल टोला, थाना–मनेर, जिला–पटना (बिहार), वर्तमान पता–मौसीबाड़ी खटाल, जगरनाथपुर, थाना–धुर्वा, जिला–राँची जो दिनांक–02.01.2026 को अपने घर से किराना दूकान के लिए निकले जो आजतक अपने घर वापस नहीं आए है। जिसके संबंध में धुर्वा थाना काण्ड संख्या–01/2026, दिनांक–03.01.2026, धारा–137(2) भा0न्या0सं0 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। Email ID(rnc-dcb@jhpolice.gov.in)

पुलिस उपाधीक्षक, हटिया, राँची। – 9431706143
थाना प्रभारी, धुर्वा, राँची। – 9431706166

वरीय पुलिस अधीक्षक,
राँची।

PR.NO.370061 Police(25-26):D



## EX-SERVICEMEN HIRING

**NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଓଡ଼ିଶା ରାଜ୍ୟର ବ୍ରହ୍ମପୁର (JCO & NCO), ନବରଙ୍ଗପୁର (JCO & NCO), ରାୟଗଡା (JCO & NCO), ଜୟପୁର (JCO & NCO), ବଲାଙ୍ଗିର (JCO & NCO), ବୁର୍ଲା (JCO & NCO), ଭଦ୍ରକ (JCO & NCO), ଖୋର୍ଦ୍ଧା (JCO & NCO), ସମ୍ବଲପୁର (JCO & NCO) ଏବଂ NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପାଇଁ (CDVO) । ସମୁଦାୟ (CDVO-01, JCO-12 ଏବଂ NCO-37) । ଚୁକ୍ତି ଭିତ୍ତିକ ପ୍ରଶିକ୍ଷଣ କର୍ମଚାରୀ ନିଯୁକ୍ତି ନିମନ୍ତେ ଅବସର ପ୍ରାପ୍ତ ସେନାର ଅନୁଶାସନ ଏବଂ ସତର୍କତା ସେବାନିବୃତ ଅଧିକାରୀ CDVO, JCO ଏବଂ NCOଙ୍କ ଠାରୁ NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଆବେଦନ ପତ୍ର ଆମନ୍ତ୍ରଣ କରୁଛନ୍ତି।**

ବିବରଣୀ ପାଇଁ ତଳେ ପରିଦର୍ଶନ କରନ୍ତୁ
https://nis.bisag-n-gov.in/nis/downloads
ସାର୍ବଜନୀକ ଆବେଦନଗୁଡିକ ତଳେ ଦିଆଯାଇଥିବା e-mail ID ରେ ଅପଲୋଡ୍ କରିବାକୁ ହେବ : adpcodisha-dte@nccindia.nic.in

**Address**
NCC Directorate Odisha
NCC Nagar, Plot No. G-41D,
Chandrasekharpur, Bhubaneswar-751016
Contact detail: 0674-3542899

ଆବେଦନ ପତ୍ର ପଠାଇବାର ଶେଷ ତାରିଖ 15 Jan 2026



## ଭାରତୀୟ କପା ନିଗମ ଲିମିଟେଡ୍

ଭା.କ.ନି. CCI | ମୋବାଇଲ ଆପ

ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ- ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା - ୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୦୫.୦୧.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫ ଠାରୁ ୧୬ ଜାନୁଆରୀ ୨୦୨୬କୁ ବୃଦ୍ଧି କରାଯାଇଛି ।**

ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./-ଶାଖା ପ୍ରମୁଖ



## कार्यपालक अभियंता का कार्यालय
## लघु सिंचाई रूपांकण प्रमण्डल, दुमका शिविर-देवघर

ई–निविदा आमंत्रण सूचना

e-Tender Reference No. : W.R.D./M.I.D.D.D.C.DEOGHAR/$F_2$-07/2025-26 (3rd Call) Dated :- 05/01/2026

| क्रम सं० | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रुपये में) | परिमाण विपत्र का मूल्य (रुपये में) | वेबसाईट में ई–निविदा प्रकाशन की तिथि एवं समय | वेबसाईट में ई–निविदा प्राप्ति की अंतिम तिथि एवं समय | ई–निविदा खोलने की तिथि एवं समय | ई–निविदा आमंत्रित करने वाले पदाधिकारी के कार्यालय का नाम एवं पता | ई–निविदा आमंत्रित करने वाले पदाधिकारी का मोबाईल नम्बर | कार्य समाप्ति की अवधि |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1. | कोयरी जमुआ जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,44,48,672.54 | 2,90,000.00 | 10,000.00 | 07/01/2026 (पूर्वाह्न 10.30 बजे से) | 14/01/2026 (अपराह्न 05.00 बजे तक) | 15/01/2026 (अपराह्न 05.00 बजे) | कार्यपालक अभियंता लघु सिंचाई रूपांकण प्रमण्डल दुमका शिविर देवघर | 7257990512 10 A.M से 5 P.M | 11 माह |
| 2. | बलियापुर जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,70,46,886.60 | 3,41,000.00 | 10,000.00 | | | | | | 11 माह |
| 3. | सितलकुन्डी बिराजपुर जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,35,65,153.41 | 2,72,000.00 | 10,000.00 | | | | | | 11 माह |
| 4. | पहरुडीह जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,46,07,898.14 | 2,93,000.00 | 10,000.00 | | | | | | 11 माह |
| 5. | परसबनी जोरिया पर चेकडैम निर्माण। | पालोजोरी | 43,69,009.30 | 88,000.00 | 5,000.00 | | | | | | 10 माह |

(1) केवल ई–निविदा ही स्वीकार किया जायेगा।
(2) निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
(3) निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो सारी जवाबदेही सम्बन्धित निविदादाता की होगी।
(4) प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
(5) राज्य सरकार के द्वारा निर्गत सभी अद्यतन आदेश/परिपत्र लागु होंगे।
(6) विस्तृत जानकारी के लिए वेबसाईट http://jharkhandtenders.gov.in में लॉग ऑन करें।

कार्यपालक अभियन्ता
लघु सिंचाई रूपांकण प्रमण्डल,दुमका शिविर–देवघर

PR 370055 Water Resource(25-26).D



## ବ୍ୟାଙ୍କ ଅଫ୍ ବରୋଦା — बैंक ऑफ़ बड़ौदा Bank of Baroda

** କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ, ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ମ୍ୟୁନିସିପାଲ ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ପିତା: ହରିରାମ ଅଗ୍ରୱାଲ, କ୍ରୀଷ୍ଣା କୁଞ୍ଜ, ଓଲ୍ଡ ମ୍ୟୁନିସିପାଲ ଅଫିସ୍ ନିକଟ, ଭିଡ଼ପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ, ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, ୨) ଶ୍ରୀ କମଳ କୁମାର ପାତ୍ର, ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, ୩) ଶ୍ରୀ ମୁନ୍ନା ବେହେରା, ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖ ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ତା.୦୯.୦୮.୨୦୨୫ ସୁଦ୍ଧା ବକେୟା ଟ.୧୨,୬୫,୦୭,୬୫୨.୪୨ + ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୧.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୨୨.୦୧.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି, ପିତା: ରାଇଚରଣ ମହାନ୍ତି, ୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖ ଅନୁଯାୟୀ ୦୧.୧୧.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୧୨.୦୭.୨୦୨୫ ସୁଦ୍ଧା ଟ.୫୯,୦୧,୯୮୧.୮୭+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୧.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | ୨୨.୦୧.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : https://www.bankofbaroda.bank.in/e-auction.htm ଏବଂ https://baanknet.com ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ୨୭.୦୧.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୦୫.୦୧.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ବାହାର ଠିକାଦାରଙ୍କ କାମ ବନ୍ଦକଲା ସ୍ଥାନୀୟ ସଂଘ

ରାଉରକେଲା,୫।୧( ସଙ୍ଗୀତା ଜେନା): ଇସ୍ପାତ କାରଖାନା ଟାଉନ ଇଞ୍ଜିନିୟରିଂ ଠିକାଦାର ସଂଘ ପକ୍ଷରୁ ସେକ୍ଟର-୬ରେ ସୋମବାର ପୂର୍ବାହ୍ନ ୧୦ଟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଠିକାଦାରମାନଙ୍କର ବିଭିନ୍ନ ଅସୁବିଧା ନେଇ ଆଲୋଚନା କରାଯାଇଥିଲା। ଶିଳ୍ପାଞ୍ଚଳରେ ବିଭିନ୍ନ ଠିକାକାମ (ଟେଣ୍ଡର) ବାହାର ଠିକାଦାରମାନଙ୍କୁ ଦେବା ପାଇଁ ମସୁଧା କରାଯାଉଛି। ଫଳରେ ସ୍ଥାନୀୟ ଠିକାଦାରମାନେ କାମ ପାଉନାହାନ୍ତି। ଛୋଟ ଛୋଟ କାମକୁ ମିଶାଇ ଗ୍ଲୋବାଲ ଟେଣ୍ଡର କରି ବଡ଼ ବଡ଼ ଅନୁଷ୍ଠାନକୁ ଦିଆଯାଉଛି। ବଡ଼ ଟେଣ୍ଡର ପାଇଁ ଅଧିକ କାର୍ଯ୍ୟ ଅଭିଜ୍ଞତା ଓ ଯୋଗ୍ୟତା ଆଦି ରହୁଛି। ଏହାସ୍ଥାନୀୟ ଠିକାଦାରମାନେ ଯୋଗ୍ୟ ବିବେଚିତ ହୋଇ ଠିକାକାମ ହରାଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବାହାର ଠିକାଦାରଙ୍କ କାମକୁ ବିରୋଧ କରି ବନ୍ଦ କରିଦିଆଯାଇଛି। ଯଦି ସ୍ଥାନୀୟ ଠିକାଦାରମାନଙ୍କ ଅସୁବିଧା ନ ବୁଝାଯାଏ କିମ୍ବା ସେମାନଙ୍କୁ କାମ ନ ମିଳେ ତେବେ ଏପରି କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ସଭାପତି ପ୍ରକାଶ ଚନ୍ଦ୍ର ପତି ଏକ ପ୍ରେସ ବିବୃତ୍ତିରେ ସୂଚନା ପ୍ରଦାନ କରିଛନ୍ତି।



ଆନ୍ଦୋଳନରେ ସାମିଲ ହୋଇଥିବା କମିଟି ସଦସ୍ୟ।

# ଆର୍‌ଏମ୍‌ସି ଅଫିସ ଆଗରେ ଆନ୍ଦୋଳନ

**ମେଡିକାଲ କଲେଜ, ବିମାନ ଚଳାଚଳ ପ୍ରସଙ୍ଗ**

ରାଉରକେଲା, ୫।୧(ସଙ୍ଗୀତା ଜେନା)

ଇଏସ୍‌ଆଇସି ମେଡିକାଲ କଲେଜ ଏବଂ ରାଉରକେଲାରେ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା, ରାଉରକେଲା ବିମାନବନ୍ଦରରେ ପୂର୍ବବତ୍ ଏଟିଆର୍ ୭୨ ପୁନଃ ଚଳାଚଳ ଦାବି ଦୀର୍ଘ ୧୫ ବର୍ଷରୁ ହେଳା କରାଯାଉଛି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଉରକେଲାବାସୀଙ୍କୁ ଛୋଟ ବିମାନରେ ସନ୍ତୁଷ୍ଟ କରାଯାଉଛି। ଏହି ଦାବି ତୁରନ୍ତ କରିବା ପାଇଁ ଆର୍‌ଏମ୍‌ସି ଅଫିସ ଆଗରେ ସୋମବାର ପୂର୍ବାହ୍ନ ସାଢ଼େ ୧୧ଟାରେ ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ଏବଂ ରାଉରକେଲା ଇଏସ୍‌ଆଇସି ମେଡିକାଲ କଲେଜ, ସୁପରସ୍ପେଶାଲିଟି ହସ୍ପିଟାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମିଳିତ ଭାବେ ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନ ପ୍ରତ୍ୟହ ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କରାଯିବ ବୋଲି ଶ୍ରମିକ ନେତା ଦିଗମ୍ବର ମହାନ୍ତି ସୂଚନା ଦେଇଛନ୍ତି। ଆନ୍ଦୋଳନରେ ଜ୍ୟୋତ୍ସ୍ନା ନାୟକ, ଚନ୍ଦ୍ରା ରାଓ, ବୃନ୍ଦା ବାରିକ, ଜ୍ୟୋତ୍ସ୍ନା ପାଲ୍, ଶୁରୁ ବାଲି, ଲକ୍ଷ୍ମୀ ମୋଦକ, ସୂର୍ଯ୍ୟା ବାଗ, ବୀଣାପାଣି ରାଉତ, ବିରେନ ସେନାପତି, ସୁପ୍ରତୀକ ମିଶ୍ର, ରଞ୍ଜନ ଲେଙ୍କା, ରତିକାନ୍ତ ସ୍ୱାଇଁ, ନଟବର ପାତ୍ର, ପ୍ରତାପ ଦାସ, ଜଗବନ୍ଧୁ ଜେନା, ବିଦ୍ୟାଧର ସାସମଲଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୫।୧(ସଙ୍ଗୀତା ଜେନା)

ସିଆଇଟିୟୁର ୧୮ତମ ସର୍ବଭାରତୀୟ ସମ୍ମିଳନୀ ଗତ ଡିସେମ୍ବର ୩୧ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଗାମୀ ୩ ବର୍ଷ ପାଇଁ ସର୍ବଭାରତୀୟ ସଭାପତି ଭାବେ ସୁଦୀପ ଦତ୍ତ, ସାଧାରଣ ସମ୍ପାଦକ ଭାବେ ଏଲାମରମ କରିମ୍, କୋଷାଧ୍ୟକ୍ଷ ଭାବେ ଏମ୍. ସାଇବାବୁ, ଉପ ସଭାପତି ଭାବେ ତପନ ସେନ୍, କେ. ହେମଲତା ଏବଂ ବିଷ୍ଣୁ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀରେ କେନ୍ଦ୍ରର ମୋଦି ସରକାରଙ୍କ ଶ୍ରମିକ ବିରୋଧୀ, ଦେଶ ବିରୋଧୀ ନୀତି ବିରୋଧରେ ଓ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ଫେବୃଆରୀ ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହେବ ବୋଲି ସୂଚନା ଦିଆଯାଇଥିଲା। ଚତୁର୍ଥ ଥର ପାଇଁ ନିର୍ବାଚିତ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିବା ବିଷ୍ଣୁ ମହାନ୍ତି ସୋମବାର ଅପରାହ୍ନରେ ରାଉରକେଲାରେ ପହଞ୍ଚିବା ପରେ ବିମାନ ବନ୍ଦରରେ ତାଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସିଆଇଟିୟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଜିଲା ଉପ ସଭାପତି ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ରାଜକିଶୋର ପ୍ରଧାନ, ଅରୁ ଦାସ, ରତ୍ନାକର ନାୟକ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ବିନୟ ବେହୁରିଆ, ଅରୁଣ ମହାରଣା, ଏମ୍. ଏ. ରବି, ଦିବାକର ମହାରଣା, ଶିବରାମ ବେହେରା, ଏନ୍. କେ. ରାଉତରାୟ, ଜନ୍ମେଜୟ ଘୋଷ, ଅଶୋକ ଦାସ ପ୍ରମୁଖ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।



ବିଷ୍ଣୁ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଆନ୍ତଃ ରାଜ୍ୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ

ରାଉରକେଲା,୫।୧(ବିପ୍ଳବ ରଞ୍ଜନ ଦାଶ)

କ୍ୟୁକୁସିଆନ କୁନବୁକାଇ ଓଡିଶାର ସ୍କୁଲ ଅଫ୍ ମାର୍ଶାଲ ଆର୍ଟ ପକ୍ଷରୁ ଜଲଦାସ୍ଥିତ ଅରିନ୍ଦମ ପାଲେସଠାରେ ଚାଲିଥିବା ଦ୍ୱି ଦିବସୀୟ ଆନ୍ତଃରାଜ୍ୟ ଫୁଲ୍ କଣ୍ଟାକ୍ଟ କରାଟେ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡର ଦେଢ଼ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ସର୍ବଭାରତୀୟ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ତନ୍ତୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରାଞ୍ଚ୍ ମୁଖ୍ୟ ତଥା ଦକ୍ଷିଣ ଏସିଆର ଅଧ୍ୟକ୍ଷ ସୁପ୍ରତିମ ମିତ୍ର, ସର୍ବଭାରତୀୟ ଲୋକ ସମ୍ପର୍କ ଅଧିକାରୀ ତିଳୋତ୍ତମା ମିତ୍ର, ଏମ୍‌ପି ପ୍ରତିନିଧି ପ୍ରକାଶ ପାଶ୍ୱାନ, ଖୁସ୍‌ବୁ ଯାଦବ ଓ ସ୍ଥାନୀୟ ସରପଞ୍ଚ ଗୀତା ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ଅଧ୍ୟକ୍ଷ ଭୁବନେଶ୍ୱର ଆର୍‌ଏଣ୍ଡବିର ସିସିଇ ମନୋଜ କୁମାର ମହାନନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ କଲିକତାରେ ହେବାକୁ ଥିବା ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ସୋନୁ ପାଣ୍ଡେ, ଜିଲା ସଭାପତି ହାପି ତନ୍ତୀ, ନିକୁଞ୍ଜ ବିହାରୀ ନାୟକ, ଅରବିନ୍ଦ ସିଂ, ଆଲୋକ ସିଂ, ବଳରାମ ତନ୍ତୀ, ଅଶୋକ ଶର୍ମା, ରମେଶ ସାହୁ, ରେବନ୍ତି ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ।

# ୧୩ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସମ୍ପନ୍ନ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ରାଉରକେଲା,୫।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୮ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନରେ ରବିବାର ହାପି ମୁମେଣ୍ଟ୍ସ ଇଣ୍ଡିଆ ପକ୍ଷରୁ ୧୩ତମ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଆଗକୁ ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ କର୍ମୀ କମଳ ଅଗ୍ରୱାଲ, ଅନୀତା ଅଗ୍ରୱାଲ, ସାଗର ମହାନ୍ତି, ବିଲ୍ଟୁ ସରକାର, ସସ୍ମିତା ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଦାଶ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କା ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ରଙ୍ଗଭରଣ, ହସ୍ତାକ୍ଷର, କୌତୁକ ପୋଷାକ, ରାଇମ୍ସ, ଗୀତ, ବାଦ୍ୟଯନ୍ତ୍ର ବାଦନ, ନୃତ୍ୟ ଓ ମଡେଲିଂ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ୫୦ରୁ ଅଧିକ ବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାଗୁଡ଼ିକରେ ପୁଷ୍ପା ମିଶ୍ର, ନୀତିନ ଦୀପ, ଭାସ୍କର ପୁହାଣ, ଅଜୟ ପାଣି, ଡ. କଲ୍ୟାଣୀ ମିଶ୍ର, ଗ୍ରେସୀ ଡେଭିଡ, ଶ୍ୱେତା ରାଉତ, ମାନସୀ ଘୋଷ, ଫକୀର ପତି, ନୀଳିମା ମହାପାତ୍ର, ଉଷାରାଣୀ ମହାପାତ୍ର, ବବିତା ମହାରଣା ଓ ସବିତା ପରିଡ଼ା ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ସଂସ୍ଥାର ଅଧ୍ୟକ୍ଷା ରଶ୍ମିତା ପଣ୍ଡା, ଅନ୍ୱେଷା ପଣ୍ଡା, ରଞ୍ଜନ ସାହୁ, ସୁବାଶିଷ ରାୟ, ଧନଲକ୍ଷ୍ମୀ ବେହେରା ସହଯୋଗ କରିଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶିଶୁମାନଙ୍କୁ ଟ୍ରଫି ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଓଡ଼ିଶୀ ନୃତ୍ୟରେ ଚମକିଲେ ଆୟେଶା

ରାଉରକେଲା,୫।୧(ବିପ୍ଳବ ରଞ୍ଜନ ଦାଶ)


ଆୟେଶା ମିଶ୍ର।

ରାଉରକେଲାର ଝିଅ ଆୟେଶା ମିଶ୍ର ଏକ ରାଜ୍ୟସ୍ତରୀୟ ରିଅଲିଟି ଶୋ'ରେ ଉପବିଜେତା ହୋଇ ରାଉରକେଲାକୁ ଗର୍ବିତ କରିଛନ୍ତି। ଏହି କୃତିତ୍ୱ ପାଇଁ ବିଭିନ୍ନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଆୟେଶା ଛେଣ୍ଡ ଚିନ୍ମୟ ସ୍କୁଲର ଅଷ୍ଟମ ଶ୍ରେଣୀର ମେଧାବୀ ଛାତ୍ରୀ। ଏଥିସହ ଓଡ଼ିଶୀ ନୃତ୍ୟରେ ସେ ନିପୁଣା ଅଟନ୍ତି। ଆୟେଶା ନୃତ୍ୟଗୁରୁ ପ୍ରଶାନ୍ତି ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ବର୍ଷ ଧରି ନୃତ୍ୟ ଶିକ୍ଷା କରୁଛନ୍ତି। ରାଉରକେଲାରେ ଆୟୋଜିତ ପ୍ରତିଟି କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ନିଜ ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି। ଏବେ ସେ ଦେବଦାସୀ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମାନପତ୍ର ସହ ୨୦ହଜାର ଟଙ୍କା ପୁରସ୍କାର ରାଶି ପାଇଛନ୍ତି। ୧୨୦୦ ପ୍ରତିଯୋଗୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ନୃତ୍ୟ କାର୍ଯ୍ୟକ୍ରମରେ ଗ୍ରାଣ୍ଡ ଫିନାଲେରେ ଉଭୟ ଜୁନିଅର ଓ ସିନିୟର ବର୍ଗରେ ୬ ଜଣ ଲେଖାଏଁ ପ୍ରତିଯୋଗୀ ଥିଲେ। ଜୁନିଅର ବର୍ଗରେ ଆୟେଶା ନୃତ୍ୟ ପରିବେଷଣ କରି ଉପବିଜେତା ହୋଇଥିଲେ।

# ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

**ପାଣି ପଞ୍ଚାୟତ ପକ୍ଷ ପାଳନ**

ରାଉରକେଲା,୫।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଠାଜଳସେଚନ ବିଭାଜନ ପକ୍ଷରୁ ସୋମବାର ରାଉରକେଲା ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ବିଭାଜନସ୍ତରୀୟ ଓଡ଼ିଆ ପ୍ରବନ୍ଧ ଲିଖନ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଉଠାଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମୃତ କୁମାର ବେହେରା ଓ ଏସ୍‌ଡିଓ ସେଲେଷ୍ଟିନା ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଷ୍ଟମ, ନବମ ଶ୍ରେଣୀର ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଓଡିଆ ପ୍ରବନ୍ଧ, ବକ୍ତୃତା, କୁଇଜ, ଚିତ୍ରାଙ୍କନ ଓ ଓଡ଼ିଆ ହସ୍ତାକ୍ଷର ଲେଖାରେ ଏହି ପ୍ରତିଯୋଗିତା ହୋଇଥିଲା। ଆସନ୍ତା ୭ ତାରିଖରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା, ଉଦିତନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷା ପ୍ରତି ଅନୁରାଗୀ ହେବାକୁ ଉତ୍ସାହିତ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତ୍ରିପତି ନନ୍ଦ, ସ୍ୱରୂପ ପରିଡା, ପଲ୍ଲଭୀ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ରାଉରକେଲା,୫।୧(ସଙ୍ଗୀତା ଜେନା)

ଗଞ୍ଜେଇ ଚାଲାଣ ଅଭିଯୋଗରେ ସେକ୍ଟର-୧୫ ଥାନା ପୋଲିସ ସୋମବାର ସକାଳ ୬ଟାରେ ସେକ୍ଟର-୧୮ ମାର୍କେଟରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୧୫ ମଲ୍ଲିକ ବସ୍ତିର ହୃଷୀକେଶ ପ୍ରଧାନ(୫୪)। ତାଙ୍କ ନିକଟରୁ ୧ କେଜି ୯୪୦ ଗ୍ରାମ ଗଞ୍ଜେଇ, ବାଇକ, ମୋବାଇଲ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୩/୨୬) ରୁଜୁ କରି ଅପରାହ୍ନ ୪ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ମାନବ ଶୃଙ୍ଖଳରେ ସଡ଼କ ସୁରକ୍ଷା ବାର୍ତ୍ତା

**ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ**

ରାଉରକେଲା,୫।୧(ବିପ୍ଳବ ରଞ୍ଜନ ଦାଶ)


ଆର୍‌ଏସ୍‌ପି ଅଧିକାରୀ, କର୍ମଚାରୀ ମାନବ ଶୃଙ୍ଖଳ ଗଠନ କରିଛନ୍ତି।

ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପରିପ୍ରେକ୍ଷୀରେ ଆର୍‌ଏସ୍‌ପିରେ ବିବିଧ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସଡ଼କ ସୁରକ୍ଷା ମାସ ପାଳନର ଏକ ଅଂଶସ୍ୱରୂପ କ୍ୟାପଟିଭ ପାୱାର ପ୍ଲାଣ୍ଟ-୧ (ସିପିପି-୧) ବିଭାଗ ସମୂହ ସୋମବାର ସିପିପି-୧ ବିଭାଗରୁ ସିଣ୍ଟରିଙ୍ଗ ପ୍ଲାଣ୍ଟ ରୋଡ୍ ପର୍ଯ୍ୟନ୍ତ ଏକ ଏକ ସୁଦୀର୍ଘ ମାନବ ଶୃଙ୍ଖଳ କରିଥିଲେ। ଏହି ଅବସରରେ ସିଜିଏମ୍ ପାୱାର ଓ ସିପିପି-୧ ବିଭାଗର ଜିଏମ୍ (ଓ ଆଣ୍ଡ ଏମ) ଏନ୍. ସି. ପରିଡା ଅଭିଯାନର ନେତୃତ୍ୱ ନେଇଥିଲେ। ଏହିକାର୍ଯ୍ୟକ୍ରମରେ ୩ଶହରୁ ଊର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ସିପିପି-୧ ବିଭାଗର ଡିଜିଏମ୍ ରଞ୍ଜିତ ରଞ୍ଜନ, ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ରୋହିତ ନାୟକ, ଆର.ଏନ୍. ପାଣିଗ୍ରାହୀ, ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ଆର. ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିପୂର୍ବରୁ ଗତ ୨ ତାରିଖରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଆର୍‌ଏସ୍‌ପି କର୍ମଚାରୀ ଏବଂ ଠିକା ଶ୍ରମକଙ୍କ ସମେତ ପ୍ରାୟ ୮୦୦ ଅଂଶଗ୍ରହଣକାରୀ ଉତ୍ସାହର ସହ ସଂସ୍କାର ଗେଟ୍‌ଠାରୁ ମୁଖ୍ୟ ଗେଟ୍ ଏବଂ ଇଡ଼ି (କାର୍ଯ୍ୟ) ଛକ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ କରିଥିଲେ। ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏବଂ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏଜିଏମ ବିକ୍ରମ ପାଢୀ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗୀୟ ଦଳ ସଂଯୋଜନା କରିଥିଲେ। ସୁରକ୍ଷା ବିଭାଗର ଅଂଶଗ୍ରହଣକାରୀ ମାନବ ଶୃଙ୍ଖଳ ଗଠନ କରି ଧାଡ଼ିରେ ଛିଡା ହେବା ସହ ହାତରେ ଜରୁରୀ ସୁରକ୍ଷା ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରିଥିଲେ। ପ୍ଲାକାର୍ଡଗୁଡ଼ିକରେ ସଡ଼କ ସୁରକ୍ଷାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ସୂଚନା ଦେଇଥିଲା।

# ଗୋଲ୍ଡେନ ଇଗଲ କ୍ଲବ ବିଜୟୀ

**୩ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବନ୍ଧମୁଣ୍ଡା, ୫।୧(ସୁବ୍ରତ ଦେ)

ବିଶ୍ରା ବ୍ଲକ ସନ୍ତୋଷପୁର ପଞ୍ଚାୟତ ପୋଗ୍ରାବାହାଲ ଗାଁରେ ଡୋନର୍ କ୍ଲବ ଦ୍ୱାରା ଆୟୋଜିତ ୩ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଭେଟେରାନ ଜୋଲ୍ଡା ଓ ରାଉରକେଲା ସେକ୍ଟର୨୦ର ଗୋଲ୍ଡେନ ଇଗଲ ଦଳ ମଧ୍ୟରେ ହୋଇଥିଲା। ଗୋଲ୍ଡେନ ଇଗଲ ଦଳ ବିଜୟ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସନ୍ତୋଷପୁର ପଞ୍ଚାୟତର ସରପଞ୍ଚ ରାଜକୁମାର କେର୍କେଟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଡୋନର୍ କ୍ଲବ ସୋହନ କେର୍କେଟା, ରାଜୁ ତାନ୍ତି, ସୂରଜ ମିଞ୍ଜ, ବିନୋଦ ମିଞ୍ଜ, ଗୁରୁଦେବ କେର୍କେଟା, ନିଖିଲ କେର୍କେଟା, ମୁକେଶ ଓରାମ, ବୁଧରାମ ଓରାମ, ଶୁଭମ ଓରାମ, ଅମନ ଓରାମ, ଅମୃତ ଓରାମ, ସୋନୁ ଏକ୍କା ସହ ଅନ୍ୟାନ୍ୟ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା।


ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ମଦଭାଟିକୁ ବିରୋଧ କରି ସ୍ମାରକପତ୍ର ପ୍ରଦାନ

ରାଉରକେଲା,୫।୧(ଦିନେଶ ମିଶ୍ର)

ଦେଶୀମଦ ଭାଟିକୁ ବିରୋଧ କରି ସୁନ୍ଦରଗଡ଼ ଜିଲା ନୂଆଗାଁ ଅଞ୍ଚଳବାସୀ ରାଉରକେଲା ଉଦିତନଗରସ୍ଥିତ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଉକ୍ତ ମଦଭାଟି ନ ଖୋଲିବା ପାଇଁ ଅବକାରୀ ଅଧୀକ୍ଷକ ଜସକେତନ ବରିହାଙ୍କୁ ଗ୍ରାମବାସୀ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସୋମବାର ନୂଆଗାଁ ସରପଞ୍ଚ ମାଇକେଲ ମିଞ୍ଜଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମବାସୀ ଏକତିତ୍ର ହୋଇ ଉକ୍ତ ଅଞ୍ଚଳରେ ଥିବା ମଦଭାଟିକୁ ବନ୍ଦ କରିବା ପାଇଁ ଦାବି କରିଥିଲେ। ଆଜିକୁ ବହୁ ବର୍ଷ ଧରି ନୂଆଗାଁ ଅଞ୍ଚଳରେ କୌଣସି ଦେଶୀମଦ ଭାଟି ନ ଥିବାରୁ ଅଞ୍ଚଳର ପରିବେଶ ଶାନ୍ତିପୂର୍ଣ୍ଣ ରହିଛି। ତେବେ ଜଣେ ମହିଳା ନୂଆଗାଁରେ ଏକ ଦୋକାନ କରିବେକେ ସେଠାରେ ମଦ ବିକ୍ରି ପାଇଁ ଉଦ୍ୟମ କରାଯାଉଛି। ଏ ବିଷୟରେ ଖବର ପାଇ ସ୍ଥାନୀୟ ଗ୍ରାମବାସୀ ଦେଶୀମଦ ଭାଟିକୁ ବାରଣ କରିଛନ୍ତି। ମଦଭାଟି ଖୋଲିଲେ ସ୍ଥାନୀୟ ଯୁବସମାଜ ଓ ଗରିବ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହେବେ। ଫଳରେ ଉକ୍ତ ଗ୍ରାମରେ ଅଶାନ୍ତ ବାତାବରଣ ସୃଷ୍ଟି ସାଙ୍ଗକୁ ଆପରାଧିକ କାର୍ଯ୍ୟ ବଢ଼ିବ ବୋଲି ସରପଞ୍ଚ ମିଞ୍ଜ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଦେଶୀମଦ ଭାଟିକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଏସ୍‌ପି ବରିହା ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀ ଉକ୍ତ ସ୍ଥାନରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ବିକ୍ଷୋଭରେ ରୂପାଲି ସାହୁ, ଆଲକା ଲୁଗୁନ, ମହିମା ଲୁଗୁନ, ନିଶା ଲୁଗୁନ, ନିର୍ମଳ କାଣ୍ଡୁଲାନା, ଇତିଶ୍ରୀ ଟେଟେ, ରତନି ଲୁଗୁନ, ସୋମେଶ ଓରାମ, ନୀତେଶ ଖାଲକୋ, ରେଣୁ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


ବିକ୍ଷୋଭରେ ସାମିଲ ହୋଇଥିବା ଗ୍ରାମବାସୀ।

# ପୁରୁଣା ଚିକିତ୍ସାଳୟରେ ଓପିଡି ଡାକ୍ତର ନିଯୁକ୍ତି, ସ୍ମାର୍ଟ ଚିକିତ୍ସା ଦାବିରେ ରାସ୍ତାରୋକୋ

ପାଟଣାଗଡ଼ ୫।୧ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ମୁଖ୍ୟ ସହର ଭିତରେ ଥିବା ପୁରୁଣା ଉପଖଣ୍ଡ ଚିକିତ୍ସାଳୟରେ ଓପିଡି ଡାକ୍ତର ନିଯୁକ୍ତି ଓ ସ୍ମାର୍ଟ ଚିକିତ୍ସା ଦାବିରେ ସୋମବାର ସହରବାସୀ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟରାସ୍ତାର ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସୂଚନା ଅନୁଯାୟୀ, ପାଟଣାଗଡ଼ ମୁଖ୍ୟ ସହର ଭିତରେ ଦୀର୍ଘବର୍ଷ ଧରି ଥିବା ପୁରୁଣା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ଚିକିତ୍ସା କରାଯାଉଥିଲା। ହେଲେ ଏବେ ଗଙ୍ଗାସାଗର ପାଖରେ ନିର୍ମାଣ କରାଯାଇଥିବା କୋଠାକୁ ପ୍ରଶାସନ ପକ୍ଷରୁ ଉକ୍ତ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ହେବା ସହ ରୋଗୀଙ୍କୁ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିବା ସହ ରାସ୍ତାରୋକୋ କରିଥିଲେ। ତୁରନ୍ତ ପୁରୁଣା ଚିକିତ୍ସାଳୟରେ ଜରୁରିକାଳୀନ ସେବା ପାଇଁ ଓପିଡି ଡାକ୍ତର



ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ସହରବାସୀ ରାସ୍ତାରୋକୋ କରିଛନ୍ତି।

## ଏସ୍‌ଡିଏମ୍‌ଓଙ୍କୁ ଦାବିପତ୍ର

ନିଯୁକ୍ତି, ସ୍ମାର୍ଟ ଚିକିତ୍ସା ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଏବଂ ଉପଖଣ୍ଡ ଚିକିତ୍ସା ଅଧିକାରୀ(ଏସ୍‌ଡିଏମ୍‌ଓ) ସୁରଜ ରଞ୍ଜନ ସ୍ୱାଇଁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଏ ବିଷୟରେ ଲିଖିତ ଭାବରେ ଦେବାକୁ ଅନୁରୋଧ କରିଥିଲେ। ପରେ ଆନ୍ଦୋଳନକାରୀ ଲିଖିତ ଭାବେ ଡା. ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ସମସ୍ୟା ସମାଧାନ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା





କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ଲୋଇସିଂହା,୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଆଗଲପୁର ବ୍ଲକ୍ ଅଧୀନ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାରରେ ସୋମବାର ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ଯୋଜନା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସ୍ଥାନୀୟ ସରପଞ୍ଚ ବି. ସେଠ, ସମିତିସଭ୍ୟ ଡି. ଦଣ୍ଡସେନା, ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀ ଶ୍ରାବଣୀ ମହାପାତ୍ର, ବ୍ଲକ୍ ପ୍ରାଣିସମ୍ପଦ ଅଧିକାରୀ ସତ୍ୟବ୍ରତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟାନ କୃଷି ଅଧିକାରୀ ମହାପାତ୍ର, ପ୍ରାଣି ସମ୍ପଦ ଅଧିକାରୀ ଦାଶ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଗୋପାଳନ, ଛେଳି ପାଳନ, ଆଳୁ ଚାଷ, ଛତୁ ଚାଷ, ଗେଣ୍ଡୁଫୁଲ ଚାଷ, ଆମ୍ବ ଓ କଦଳୀ ଚାଷ ପାଇଁ ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ଏବଂ ସବ୍‌ସିଡି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ଗୋବିନ୍ଦଚନ୍ଦ୍ର ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ନଅଗାଁ(ଖ) ଏବଂ ଆଖପାଖ ଗ୍ରାମର ଚାଷୀମାନେ ଅଂଶଗ୍ରହଣ କରିଥିଲେ। ନରେନ୍ଦ୍ର ପଧାନ, ପହଲ୍ଲାଦ ପଧାନ, ରାଜେଶ ପଧାନ, ସୁଶାନ୍ତ ସା, ରମେଶ ପଧାନ, ଅଚ୍ୟୁତ କୁମ୍ଭାର, ସତ୍ୟରଞ୍ଜନ ମହାଲିଙ୍ଗ, ସତ୍ୟ ବେହେରା, ପ୍ରଶାନ୍ତ କୁଅଁର ଓ ଆଶିଷ ବିଶ୍ୱାଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଧାନ ଚାଲାଣ ରୋକିବାକୁ ଦାବି

ଲାଠୋର, ୫।୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଲାଠୋର ଗ୍ରାମରେ ଏକ ଧାନମଣ୍ଡି ଖୋଲାଯାଇଛି। ଉକ୍ତ ମଣ୍ଡିରେ ଲାଠୋର, ମାଲପଡ଼ା, ବେନ୍ଦେର, କରୁଆଁଝର ଏବଂ ଟଙ୍କପାଣି ପଞ୍ଚାୟତର ୩୦ଟି ଗ୍ରାମର ଚାଷୀ ଧାନ ବିକ୍ରି ପାଇଁ ବ୍ୟବସ୍ଥା ହୋଇଛି। ହେଲେ ଯୋଗାଣ ବିଭାଗର ଖାମଖିଆଲ ନୀତି ଯୋଗୁ ଏହି ଅଞ୍ଚଳକୁ ପ୍ରତିଦିନ ନୂଆପଡ଼ା ଜିଲାର ବିଭିନ୍ନ ଗ୍ରାମର ଧାନ ବ୍ୟବସାୟୀ ୪ ଚକିଆ ଗାଡ଼ିରେ ଆସି ଚାଷୀଙ୍କୁ ପ୍ରଲୋଭିତ କରି ସରକାରୀ ଧାର୍ଯ୍ୟଠାରୁ କମ୍ ଦରରେ ଧାନ କିଣି ନେଇଯାଉଛନ୍ତି। ରବିବାର ସନ୍ଧ୍ୟାରେ ଲାଠୋର ନିକଟ ମସିଣା ଗ୍ରାମରୁ ଏକ ଟ୍ରାକ୍ଟର(ନଂ.ଓଡି୨୬ଜି-୦୧୩୨)ରେ ୬୪ ପ୍ୟାକେଟ୍ ଧାନ ନୂଆପଡ଼ା ଜିଲା କୋମନା ଥାନା ଅଧୀନ ଗଣ୍ଡାମେର ଗ୍ରାମକୁ ଯାଉଥିବା ଜଣାପଡିଥିଲା। ସେହିପରି ଏକ ମିନିଟ୍ରକ୍(ନଂ.ଓଆର୧୮ବି-୩୬୯୧)ରେ ୧୮୫ ପ୍ୟାକେଟ୍ ଧାନ ଲଖନା ଥାନା ଅଧୀନ ବରପଦର ଗ୍ରାମକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ଖୁଲମ୍ ଖୋଲା ଧାନ ଚାଲାଣ କରୁଥିଲେ ମଧ୍ୟ ଯୋଗାଣ ବିଭାଗର ନଜର ସେମାନଙ୍କ ଉପରେ ପଡୁନାହିଁ କିମ୍ବା ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ଚାଷୀ କ୍ଷତି ସହୁଥିବାବେଳେ ବ୍ୟବସାୟୀ ମାଲାମାଲ ହେଉଛନ୍ତି। ଏ ସମ୍ପର୍କରେ ଖପ୍ରାଖୋଲ ଯୋଗାଣ ଅଧିକାରୀ ବିକାଶ ବାର୍ଲାଙ୍କୁ ଯୋଗାଯୋଗ କରିବା ସମୟରେ ଧାନବୋଝେଇ ଗାଡ଼ି ଦୁଇଟି ଖସିଯିବାରେ ସକ୍ଷମ ହୋଇଥିଲା। ଏନେଇ ଯୋଗାଣ ଅଧିକାରୀ ବାର୍ଲା କହିଛନ୍ତି, ଗାଡ଼ିରେ ଧାନ ଲୋଡ୍ ଥିଲେ ଧରି ହୋଇଥାନ୍ତା। ହେଲେ ଖାଲି ଗାଡିକୁ ଏବେ ଧରି ହେବ ନାହିଁ। ଅପରପକ୍ଷେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯୋଗାଣ ବିଭାଗ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ତୃତୀୟ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ବଲାଙ୍ଗୀର, ୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆଠାରେ ସୋମବାର ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବ୍ ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ପୌର କାଉନସିଲର ଶମ୍ଭୁ ନାଗ, ନନ୍ଦିନୀ ପୋଢ଼, କ୍ଲବ୍ ସାଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ମଞ୍ଚାସୀନ ଥିଲେ। ଶରତ ନନ୍ଦ ସଭା ପରିଚାଳନା କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ୍ ବରଗଡ଼ର ୟୁନାଇଟେଡ୍ ଫୁଟ୍‌ବଲ କ୍ଲବ୍ ଏବଂ ସମ୍ବଲପୁର ଏକାଦଶ ଫୁଟ୍‌ବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲ୍‌ରେ ବରଗଡ଼ ଦଳ ବିଜୟୀ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ କ୍ରୀଡାବିତ୍ ବିଜୟ କୁମାର ତ୍ରିପାଠୀ ଓ ବଳରାମ ବିଶୋଇଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପବିତ୍ର ଖୁଣ୍ଟିଆ, ମଧୁ ବନଛୋର, ଲକ୍ଷ୍ମୀ ସ୍ୱାଇଁ, କିଶୋର ଦଣ୍ଡସେନା, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର, ଆକାଶ ମିଶ୍ର, ମନୋଜ ଦୀପ, ପୃଥୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ, ପୂର୍ଣ୍ଣ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ରାଉରକେଲା ଷ୍ଟିଲ ସିଟି କ୍ଲବ୍ ଓ ଭବାନୀପାଟଣା ଇଭିନିଂ କ୍ଲବ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ଜିଲାସ୍ତରୀୟ ସାବିତ୍ରୀବାଇ ଫୁଲେ ଜୟନ୍ତୀ ପାଳିତ

ବଲାଙ୍ଗୀର, ୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡ଼ିଶା ମହିଳା ସଙ୍ଗଠନ ଆନୁକୂଲ୍ୟରେ ସ୍ଥାନୀୟ ଯାଦବ ଭବନଠାରେ ଭାରତର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀବାଇ ଫୁଲେଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ସଭାନେତ୍ରୀ ସବିତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସୂଚନା ଅଧିକାରୀ କର୍ମୀ ହେମନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଆମ୍ବେଦକରବାଦୀ ରୂପାଲି ମହାନନ୍ଦ, ସମ୍ମାନିତ ଅତିଥି ଭାବେ କବି କାନ୍ତିଲାଲ ମୁଗ୍ରୀ, ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାର ଓ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମୁଗ୍ରୀ ଯୋଗଦେଇ ସାବିତ୍ରୀବାଇ ଫୁଲେଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଲେଖିକା ଲିଲି ପଟେଲ ସଭା ସଂଯୋଜନା କରିଥିଲେ। କୁନା ବାଗ, ଭୁବନ ନାଗ, ଜ୍ୟୋତିଶ ମୁଗ୍ରୀ, ରମାକାନ୍ତ ସୁନା ଯୋଗଦେଇ ସାବିତ୍ରୀବାଇ ଫୁଲେଙ୍କ ଉପରେ ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସତ୍ୟାନନ୍ଦ ସୁନା, ତରଣୀସେନ ଦୀପ, ଦିନେଶ ନାଗ, ଅର୍ଜୁନ ମୁଗ୍ରୀ, ଦଣ୍ଡୁଆ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସରୋଜ ମେଶ୍ରା, ହେମସୁନ୍ଦର ନାଗ, ସୂର୍ଯ୍ୟମଣି ସୁନା, କୁନାଲ ଗହୀର, ସୁଷମା ବୋଏ, ଅମ୍ବିକା କୁମ୍ଭାର, ବିପିନ ବାରିକ, କେସନ ମହାନନ୍ଦ, ବୀରେନ୍ଦ୍ର ଜଗଦଲା, ପ୍ରେମଶିଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସବିତା ନାଗ ଧନ୍ୟବାଦ ଦେଇଥିଲେ।

# ଆନ୍ଦୋଳନରେ ମିଲର, ଧାନମଣ୍ଡିରେ ଅଚଳାବସ୍ଥା



ଲାଠୋର ମଣ୍ଡିରେ ପଡିରହିଛି ଧାନବସ୍ତା।

ଲାଠୋର,୫।୧ (ଭୁବନେଶ୍ୱର ବାରିକ)

ମିଲରମାନଙ୍କ ଆନ୍ଦୋଳନ ଯୋଗୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଲାଠୋର ସରକାରୀ ଧାନମଣ୍ଡିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ବିଭିନ୍ନ ଦାବିନେଇ ସାରା ଓଡ଼ିଶାରେ ମିଲରମାନେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ ମଣ୍ଡିଗୁଡିକରୁ ଧାନ ଉଠାଇବା ବନ୍ଦ କରିଦେଇଛନ୍ତି। ଏହି କ୍ରମରେ ଲାଠୋର ମଣ୍ଡିରୁ ଧାନ ଉଠାଉଥିବା କଣ୍ଟାବାଞ୍ଜିର ଏକ ରାଇସ୍ ମିଲ୍ ମଧ୍ୟ ଧାନ ଉଠେଇବା ବନ୍ଦ କରିଦେଇଛି। ଏହି ମଣ୍ଡି ଉପରେ ୫ଟି ପଞ୍ଚାୟତର ୩୦ଟି ଗ୍ରାମର ଚାଷୀ ନିର୍ଭର କରନ୍ତି। ସୋମବାର ବିକ୍ରି ପାଇଁ ଆସିଥିବା ପ୍ରାୟ ୨ ହଜାର ଧାନବସ୍ତା ମଣ୍ଡିରେ ପଡ଼ି ରହିଛି। ମଣ୍ଡି କର୍ତ୍ତୃପକ୍ଷ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ରୋକ୍‌ଠୋକ୍ ମନା କରିଦେଉଛନ୍ତି । ଫଳରେ ଚାଷୀମାନେ ଧାନ ଘରେ ରଖିବେ ନା ମଣ୍ଡିକୁ ନେଇଯିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷେ ଉକ୍ତ ଅଞ୍ଚଳକୁ ହାତୀପଲ ଆସି ୨୦ରୁ ଊର୍ଦ୍ଧ୍ୱ ଦିନ ହେବ ଉପଦ୍ରବ ଚଳାଇଛନ୍ତି। ଲୋକଙ୍କ ଘର ଭାଙ୍ଗିଦେବା ସହ ଧାନ ଖାଇ ନଷ୍ଟ କରୁଛନ୍ତି। ଗୋଟେ ପଟେ ହାତୀ ଉପଦ୍ରବ ଏବଂ ଅନ୍ୟପଟେ ମିଲରଙ୍କ ଆନ୍ଦୋଳନ ଚାଷୀଙ୍କ ପରିସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ଏଭଳି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଲାଠୋର ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।

# ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗୀର, ୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ସୋମବାର ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୮ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ଏଥିରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଶୁଣାଣି କରିଥିଲେ। ସେଥିମଧ୍ୟରୁ ୫ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ଏବଂ ବାକିଥିବା ଅଭିଯୋଗଗୁଡ଼ିକ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ୨ ଜଣ ଦିବ୍ୟାଙ୍ଗ ଦୃଷ୍ଟିହୀନ ଛାତ୍ରଙ୍କୁ ଲାପ୍‌ଟପ୍, ଜାତୀୟସ୍ତରରେ ଖେଳାଳୀ ଭାବେ କୃତିତ୍ୱ ଅର୍ଜନ କରିଥିବା ସଇଁତଳା ମାନସିକ ଅନଗ୍ରସର ରେଡ୍‌କ୍ରସ ସ୍କୁଲର ଛାତ୍ର ରାମ ବରିହାଙ୍କୁ ୫୧ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲାପାଳ ଆଲୋକ କୁମାର ପଟେଲ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ମଦନଜିତ୍ ହୋତା, ଆସିଷ୍ଟାଣ୍ଟ କଲେକ୍ଟର (ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର ଉପସ୍ଥିତ ଥିଲେ।

# ଦ୍ୱାରସେନୀଙ୍କ ଜନ୍ମ ପୁସ୍ତିକା ଉନ୍ମୋଚିତ

ଟିଟିଲାଗଡ଼, ୫।୧ (ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ୍ ଅଧୀନ ଇଚଗାଁ ମା' ଦ୍ୱାରସେନୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମା'ଙ୍କ ପୀଠରେ ସୋମବାର ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟିକ ଲକ୍ଷ୍ମୀଧର ମାଝିଙ୍କ ଦ୍ୱାରା ଲିଖିତ ମା'ଙ୍କ ଜନ୍ମ ପୁସ୍ତିକା ଉନ୍ମୋଚିତ ହୋଇଯାଇଛି। ବନବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସିନ୍ଧେକେଲା ରାଜପରିବାର ମୁଖ୍ୟ ତଥା ମା'ଙ୍କ ପ୍ରଥମ ସେବାୟତ ଅରୁଣ ସିଂଦେଓ, ଚାନ୍ଦୋତରା ଉମରା ପରିବାର ସଦସ୍ୟ ସଞ୍ଜୀବ ସିଂଭୋଇ, ଅଲଣ୍ଡା ଗାଁ ପାଟ ମାଝୀ ଯୁବରାଜ ମାଝୀ, ପୁସ୍ତକ ଉନ୍ମୋଚନ ଉତ୍ସବ ସଭାପତି ଜୟକୃଷ୍ଣ ମାଝୀ, ମୁଖ୍ୟବକ୍ତା ଶିଶୁ ସାହିତ୍ୟିକ ଡ. ଯୁଗଲ କିଶୋର ଷଡ଼ଙ୍ଗୀ, ବିଶିଷ୍ଟ କବି ଭିକାରି ଚରଣ ମିଶ୍ର, ବ୍ୟଙ୍ଗକବି ଟିକେଲାଲ ବେହେରା, ଜ୍ୟୋତିପ୍ରକାଶ ଗଡତିଆ, ପ୍ରଫେସର ସୁବାସ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଦିଲୀପ ପଶାୟତ ପୁସ୍ତକର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲକ୍ଷ୍ମୀଧର ମାଝୀଙ୍କୁ ସଂସ୍କୃତି ସମ୍ମାନ, ନିରଞ୍ଜନ ରଣାଙ୍କୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସୁଧାକର ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ବହୁଭାଷୀ କବିତା ପାଠ କରାଯାଇଥିଲା। ଏଥିରେ ସାହିତ୍ୟିକ ଡ. ନାରାୟଣ ମିଶ୍ର, ନିମାଇଁ ଚରଣ ବେହେରା, ଟଙ୍କଧର ପୁଟେଲ, ଆଦିବାସୀ ଲୁହା ପ୍ରଗଣା ସଭାପତି ଚୈତନ୍ୟ ମାଝୀ, ଜିଲା ସଙ୍ଗଠକ ଥବିର ପୂଝାରୀ, ନାରୀନେତ୍ରୀ ରୀନା ମାଝୀ, ସୁରେଶ ଭୋଇ, ବିକ୍ରମ ଥନାପତି, କୁମରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜନସମ୍ପର୍କ ଶିବିର, ପାଠ୍ୟ ଉପକରଣ ବଣ୍ଟନ

ଖପ୍ରାଖୋଲ, ୫।୧ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ଝୁଡିଭେଟା ଗ୍ରାମ ପଡିଆଠାରେ ବଲାଙ୍ଗୀର ପୋଲିସ ସୌଜନ୍ୟରେ ଖପ୍ରାଖୋଲ ଥାନା ତରଫରୁ ସୋମବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ରିତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଭାନପୁର ସରପଞ୍ଚ ରୀନା ଜାଲ୍, ଡିଭିଏଫ୍ ଇନ୍‌ଚାର୍ଜ ଜୟନ୍ତ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ ଏବଂ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, ଲାଇଟ୍, ଛତା, ସାଉଣ୍ଡ ବାକ୍ସ ଓ ବିଭିନ୍ନ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ଯୁବକଙ୍କୁ କ୍ରିକେଟ୍ କିଟ୍ ସହ ଟି-ଶାର୍ଟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଜନସାଧାରଣଙ୍କ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏଥିସହ ଉକ୍ତ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମର ୮ଟି ଟିମ୍‌କୁ ନେଇ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଏହି ଜନସମ୍ପର୍କ ଶିବିର ପୋଲିସ ଓ ସାଧାରଣ ଜନତା ମଧ୍ୟରେ ବିଶ୍ୱାସ, ସହଯୋଗ ଓ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଥାନାଧିକାରୀ କହିଛନ୍ତି।

# କଣ୍ଟାବାଞ୍ଜି ମାଟିର ମହୋତ୍ସବ ପାଇଁ ପୋଷ୍ଟର ଉନ୍ମୋଚନ

କଣ୍ଟାବାଞ୍ଜି, ୫।୧ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାଟିର ମହୋତ୍ସବ ଆସନ୍ତା ୯ରୁ ତିନିଦିନ ଧରି ମହୋତ୍ସବ ପଡ଼ିଆ ରେଲୱେ ଫୁଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏଥିପାଇଁ କଣ୍ଟାବାଞ୍ଜି ବିଧାୟକ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ବାଗ୍ ସୋମବାର ଶୁଭଖମ୍ବ ସ୍ଥାପନ, ପୋଷ୍ଟର ଉନ୍ମୋଚନ ସହ ପ୍ରଚାର ଗାଡ଼ି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୂଜାର୍ଚ୍ଚନାରେ ପୁରୋହିତ ଭାବେ ସଞ୍ଜୟ କୁମାର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ବେଦବ୍ୟାସ ନାଗ୍, ଉପସଭାପତି କୈଳାଶ ଦୀପ, ସାଂସ୍କୃତିକ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ସିମେଣ୍ଟ ଗୋଦାମ କାନ୍ଥରେ ପିଣ୍ଡି ନିର୍ମାଣର ସୂଚନାଫଳକ

ଲୋଇସିଂହା,୫।୧ (ସୁଶାନ୍ତ ବାରିକ)

ଏମିତି ଚାଲିଛି ଉନ୍ନୟନ କାମ। ସରକାରୀ ଅନୁଦାନରେ ଚାଲିଥିବା ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଲୋକଙ୍କ ଅବଗତି ପାଇଁ ପ୍ରକଳ୍ପ ନିର୍ମାଣ ପୂର୍ବରୁ ସ୍ୱତନ୍ତ୍ର ଭାବେ ସୂଚନାଫଳକ ନିର୍ମାଣ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ସୂଚନାଫଳକ ପାଇଁ ବିଲ୍ ମଧ୍ୟ ହୋଇଥାଏ। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱ ହୀନତା ଓ କାମ କରୁଥିବା ଠିକାଦାରଙ୍କ ଲାଭ ଖୋର ମନୋଭାବ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍‌ରେ ଦେଖିବାକୁ ମିଳୁଛି। ସ୍ୱତନ୍ତ୍ର ଭାବେ ସୂଚନାଫଳକ ନିର୍ମାଣ ନ କରି କାନ୍ଥରେ ସୂଚନାଫଳକ ଲେଖି ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଅଭିଯୋଗ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅଧୀନ ତଲିଉଡାର ପଞ୍ଚାୟତରୁ ଆସିଛି।

ସୂଚନା ଅନୁଯାୟୀ, ତଲିଉଡାର ପଞ୍ଚାୟତ ଅଧୀନ ବୁରୋମୁଣ୍ଡା ସାପ୍ତାହିକ ବଜାରରେ ପିଣ୍ଡି ନିର୍ମାଣ ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଯୋଜନାରେ ୧ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି। ସପ୍ତାହର ମଙ୍ଗଳବାର ବସୁଥିବା ସାପ୍ତାହିକ ବଜାରରେ ଦୁଇଟି ପିଣ୍ଡି ନିର୍ମାଣ ହୋଇଛି। ବଜାର ପରିସରରେ ଥିବା ବରଗଛ ଚତୁଃପାର୍ଶ୍ୱରେ ଗୋଟିଏ ପିଣ୍ଡି ନିର୍ମାଣ ଏବଂ ଅନ୍ୟଟି ମଧ୍ୟ ସମାନ ଧରଣରେ ନିର୍ମାଣ ହୋଇଛି। ଅନୁଦାନ ଥିବା ସତ୍ତ୍ୱେ ସ୍ଥାନୀୟ ଏକ ସିମେଣ୍ଟ ଗୋଦାମ କାନ୍ଥରେ ଉକ୍ତ କାର୍ଯ୍ୟ ବାବଦୀୟ ସୂଚନା ଲେଖାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ପିଣ୍ଡି ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ଏପରି କି ସାମାଜିକ ଗଣମାଧ୍ୟମରେ ଏହି ଅନିୟମିତା ସମ୍ପର୍କିତ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏନେଇ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ନିରଞ୍ଜନ ମହାରଣା କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ୧ ଲକ୍ଷ ଟଙ୍କା ରହିଛି । ହେଲେ ଅନୁଦାନଠାରୁ ୨୦ରୁ ୩୦ ହଜାର ଟଙ୍କାର ଅଧିକ ଖର୍ଚ୍ଚ ହୋଇଛି। କାନ୍ଥରେ ସୂଚନାଫଳକ ସମ୍ପର୍କରେ ପଚାରିବାରୁ କାମ ହୋଇଛି, ବିଲ୍ ହୋଇନାହିଁ ବୋଲି ସେ କହିଥିଲେ। କାନ୍ଥରେ ପ୍ରକଳ୍ପ ବ୍ୟୟ ଅଟକଳ ସମ୍ପର୍କରେ ଦେଢ଼ ଲକ୍ଷ ଟଙ୍କା ଉଲ୍ଲେଖ କରାଯାଇଥିବାବେଳେ ବିଭାଗୀୟ ଯନ୍ତ୍ରୀ ୧ ଲକ୍ଷ ଟଙ୍କା କହିବା କଥା ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।





ସିମେଣ୍ଟ ଗୋଦାମ କାନ୍ଥକୁ ସୂଚନାଫଳକ ଭାବେ ବ୍ୟବହାର କରାଯାଇଛି।

# ସ୍ୱତନ୍ତ୍ର ଅଲିମ୍ପିକ୍ସ ପାଇଁ ରାମ ବରିହାଙ୍କ ପ୍ରସ୍ତୁତି: ଅର୍ଥ ସାଜିଛି ବାଧକ, ଜିଲାପାଳ ଦେଲେ ପ୍ରତିଶ୍ରୁତି

## ଜାତୀୟ ଚାମ୍ପିୟନଶିପ୍‌ରେ ଡବଲ ସ୍ୱର୍ଣ୍ଣପଦକ ଜିତିବାରେ ପ୍ରଥମ

ବଲାଙ୍ଗୀର, ୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଇଁତଳାସ୍ଥିତ ସ୍ୱତନ୍ତ୍ର ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟର ବୌଦ୍ଧିକ ଭିନ୍ନକ୍ଷମ ଛାତ୍ର ରାମ ବରିହା ବିଶ୍ୱସ୍ତରୀୟ ସ୍ୱତନ୍ତ୍ର ଅଲିମ୍ପିକ୍ସରେ ଭାଗ ନେବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଗତ ଡିସେମ୍ବରରେ ଝାଡ଼ଖଣ୍ଡର ବୋକାରୋଠାରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ସେ ୨ ଓ ୫ କିଲୋମିଟର ସାଇକେଲିଂ ରୋଡ୍ ରେସ୍ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣପଦକ ଜିତି ଜାତୀୟସ୍ତରରେ ଚର୍ଚ୍ଚା ସାଉଁଟିଥିଲେ। ଏହାସହିତ ୨୦୨୭ ମସିହାରେ ଦକ୍ଷିଣ ଆମେରିକାର ଚିଲି ଦେଶର ସାଣ୍ଟିଆଗୋଠାରେ ହେବାକୁ ଥିବା ସ୍ୱତନ୍ତ୍ର ଅଲିମ୍ପିକ୍ ବା ବିଶ୍ୱ ଗ୍ରୀଷ୍ମ କ୍ରୀଡ଼ା ଅଲିମ୍ପିକ୍‌ରେ ଭାଗ ନେବାର ସମ୍ଭାବ୍ୟ ତାଲିକାରେ ସ୍ଥାନ ପାଇଥିଲେ। ବିଶ୍ୱ ଗ୍ରୀଷ୍ମ କ୍ରୀଡ଼ା ଅଲିମ୍ପିକ୍‌ରେ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ରାମଙ୍କୁ ଆସନ୍ତା ୧୦ରୁ ୨୦ ତାରିଖ ମଧ୍ୟରେ ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ହେବାକୁ ଥିବା ଜାତୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ପଡିବ। ରାମଙ୍କ କୋଚ୍ ଉମାକାନ୍ତ ଷଡ଼ଙ୍ଗୀ କହିଛନ୍ତି, ରାମ ବରିହା ଜାତୀୟ ଚାମ୍ପିୟନଶିପ୍‌ରେ ଯେଉଁ ରେକର୍ଡ ପ୍ରତିଷ୍ଠା କରିଛନ୍ତି ସେଥିରୁ ସାରା ଦେଶ ତାଙ୍କର ପ୍ରତିଭା ଓ ଯୋଗ୍ୟତା ଦେଖିସାରିଛି। ଗ୍ୱାଲିୟରଠାରେ ହେବାକୁ ଥିବା ଜାତୀୟ ପ୍ରଶିକ୍ଷଣ ଶିବିରରେ ରାମ ଯୋଗ୍ୟତା ଅର୍ଜନ କରିବେ ବୋଲି ସମ୍ପୂର୍ଣ୍ଣ ଆଶାବାଦୀ ରହିଛି। ତେବେ ଜାତୀୟ ଚାମ୍ପିୟନଶିପ୍ ଏବଂ ବିଶ୍ୱ ଗ୍ରୀଷ୍ମ କ୍ରୀଡ଼ା ଅଲିମ୍ପିକ୍‌ରେ ଭାଗ ନେବାକୁ ହେଲେ ଯେଉଁ ସ୍ତରର ପ୍ରସ୍ତୁତି କିଟ୍ ଏବଂ ଆନୁସଙ୍ଗିକ ବ୍ୟବସ୍ଥା ଦରକାର ତାହା ରାମଙ୍କ ପାଖରେ ନାହିଁ। ଏପରି କି ରାମଙ୍କ ପାଖର ଭଲ୍ ରେସିଂ ସାଇକେଲ ମଧ୍ୟ ନାହିଁ। ସେଫ୍‌ଟି କିଟ୍ କି ଅନ୍ୟାନ୍ୟ ସୁବିଧା ନାହିଁ। ଅର୍ଥ ବାଧକ ସାଜିଛି। ଅତ୍ୟନ୍ତ ଗରିବ ଶ୍ରେଣୀରୁ ଆସିଥିବା ରାମଙ୍କ ଭିତରେ ପ୍ରତିଭା ଭରପୁର ରହିଛି ବୋଲି ଷଡଙ୍ଗୀ କହିଛନ୍ତି। ସୋମବାର ବଲାଙ୍ଗୀର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି କୋଚ୍ ଷଡଙ୍ଗୀ ଏବଂ କ୍ରୀଡାବିତ୍ ରାମ ଜିଲାପାଳଙ୍କୁ ଭେଟି ସମସ୍ତ ଅସୁବିଧା ଏବଂ ସମସ୍ୟା ସମ୍ପର୍କରେ ଜଣାଇ ସହାୟତା ପାଇଁ ଅନୁରୋଧ କରିଛନ୍ତି। ଜାତୀୟ ଚାମ୍ପିୟନସିପ୍‌ରେ ଡବ୍‌ଲ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ରାମଙ୍କୁ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଅଭିନନ୍ଦନ ଜଣାଇବା ସହ ଆଗାମୀ ବିଶ୍ୱ ଗ୍ରୀଷ୍ମ କ୍ରୀଡ଼ା ଅଲିମ୍ପିକ୍ ପାଇଁ ଜୋରଦାର ପ୍ରସ୍ତୁତି କରି ବଲାଙ୍ଗୀର, ଓଡ଼ିଶା ଏବଂ ଭାରତକୁ ଗୌରବାନ୍ୱିତ କରିବାକୁ କହିଥିଲେ। ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହି ବିଭିନ୍ନ ଅଧିକାରୀଙ୍କୁ ଏନେଇ ନିର୍ଦ୍ଦେଶ ଦେଇଥିଲେ।



ସ୍ୱର୍ଣ୍ଣ ପଦକ ବିଜେତା ସ୍ୱତନ୍ତ୍ର କ୍ରୀଡାବିତ୍ ରାମ ବରିହାଙ୍କ ସହ ସ୍ୱତନ୍ତ୍ର କୋଚ୍ ଉମାକାନ୍ତ ଷଡଙ୍ଗୀ।

# ଅବ୍ୟବସ୍ଥା ଘେରରେ ସଂସ୍କୃତ ବିଦ୍ୟାଳୟ

- ବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା
- ୭ ଛାତ୍ରୀଛାତ୍ର, ୨ ଶିକ୍ଷକରେ ଚାଲିଛି
- ଶିକ୍ଷକ ଅଭାବରୁ ପିଲା ଛାଡୁନାହାନ୍ତି ଅଭିଭାବକ


ଶ୍ୟାମସୁନ୍ଦର ସଂସ୍କୃତ ବିଦ୍ୟାଳୟ।

**ବୀରମହାରାଜପୁର,୫ା୧ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବଡ଼ଖମାରଠାରେ ଥିବା ଶ୍ୟାମସୁନ୍ଦର ସଂସ୍କୃତ ବିଦ୍ୟାଳୟ ଏବେ ଅବ୍ୟବସ୍ଥା ଘେରରେ ରହିଛି। ୭ ଛାତ୍ରୀଛାତ୍ର, ୨ ଶିକ୍ଷକରେ ଚାଲିଛି ଏହି ବିଦ୍ୟାଳୟ। କେତେଜଣ ଅଭିଭାବକ ଶିକ୍ଷକ ଅଭାବରୁ ପିଲା ଛାଡୁନାହାନ୍ତି। ଏଭଳିସ୍ଥିତିରେ ବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା କରାଯାଉଛି। ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏକ ସଂସ୍କୃତ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ବରାହପଦର ମଠର ପ୍ରତିଷ୍ଠାତା ମହନ୍ତ କୃଷ୍ଣଚରଣ ଦାସ ଏହି ସଂସ୍କୃତ ବିଦ୍ୟାଳୟ ୧୯୮୦ ଜାନୁଆରୀ ୧୪ ମକର ସଂକ୍ରାନ୍ତିରେ ପ୍ରତିଷ୍ଠା କରିଥିଲେ। ସଂସ୍କୃତ ଭାଷାର ପୁନଃରୁଦ୍ଧାର ସହିତ ମଠରେ ଛାତ୍ରୀଛାତ୍ର ମାଗଣାରେ ରହି ଏକ ଆଧ୍ୟାତ୍ମିକ ପରିବେଶ ଭିତରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିଲେ। ଏହାର ଭିତ୍ତିଭୂମି ଦେଖିଲେ ଯେକେହି କହିବେ ଏକ ସୁନ୍ଦର ଶିକ୍ଷା ଅନୁଷ୍ଠାନ। ଏହି ବିଦ୍ୟାଳୟରେ ପ୍ରଥମରୁ ସଂସ୍କୃତ ଶିକ୍ଷା ଦିଆଯାଇଥିଲା ଯାହାକି ପ୍ରଥମାରୁ ମଧ୍ୟମା ଦଶମ ଶ୍ରେଣୀ ପର୍ଯ୍ୟନ୍ତ। ଏହି ଶିକ୍ଷାନୁଷ୍ଠାନରୁ ହଜାର ହଜାର ଛାତ୍ରୀଛାତ୍ର ବାହାରି ରାଜ୍ୟ ତଥା ରାଜ୍ୟ ବାହାରେ ଚାକିରି କରିଛନ୍ତି। ଏହା ସହିତ ଏହି ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ସଂସ୍କୃତ ପଣ୍ଡିତ ଓ କର୍ମକାଣ୍ଡରେ ମଧ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ସେହି ଶ୍ୟାମସୁନ୍ଦର ସଂସ୍କୃତ ବିଦ୍ୟାଳୟ ଏବେ ଅବ୍ୟବସ୍ଥା ଘେରରେ ରହିଛି। ଏବେ ବିଦ୍ୟାଳୟରେ ୨ଜଣ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ସୀତାରାମ ଗୁରୁ ମେ'ରେ ଅବସର ଗ୍ରହଣ କରିବେ। ଗଣିତ ଶିକ୍ଷକ ରାଜେଶ କୁମାର ପାଣିଗ୍ରାହୀ ୨୦୨୭ରେ ଅବସର ଗ୍ରହଣ କରିବେ। ଆଗରୁ ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଥିଲେ। ଏବେ କେବଳ ନବମ ଓ ଦଶମ ଶ୍ରେଣୀରେ ମାତ୍ର ୭ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଅଭିଭାବକଙ୍କ କହିବା କଥା ଯଦି ବିଦ୍ୟାଳୟରେ ଶିକ୍ଷକ ରହିବେ ନାହିଁ, ତାହେଲେ ପିଲାଙ୍କୁ କ'ଣ ପାଇଁ ବିଦ୍ୟାଳୟରେ ନାମ ଲେଖାଇବୁ। ରାଜ୍ୟ ସରକାର ଅତିଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସେମାନେ ଯାହା କହନ୍ତି...



" ବଡ଼ଖମାର ସଂସ୍କୃତ ବିଦ୍ୟାଳୟ ଏକ ଉଚ୍ଚକୋଟିର ଶିକ୍ଷାନୁଷ୍ଠାନ ଥିଲା। ବିଦ୍ୟାଳୟରେ ଅବ୍ୟବସ୍ଥା କଥା ଜାଣିଲି। ରାଜ୍ୟରେ ଭାଜପା ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରୁଛନ୍ତି। ଏଣୁ ଏ ବିଷୟରେ ବିଭାଗୀୟ ମନ୍ତ୍ରୀ ତଥା ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ବିଦ୍ୟାଳୟର ସମସ୍ତ ପ୍ରକାର ସୁବିଧା କରିବା ପାଇଁ ଚେଷ୍ଟା କରିବି।

- ରଘୁନାଥ ଜଗଦଲା, ବିଧାୟକ, ବୀରମହାରାଜପୁର



" ବଡ଼ଖମାର ସଂସ୍କୃତ ବିଦ୍ୟାଳୟ ସାରା ଓଡ଼ିଶାରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଅନେକ ବର୍ଷ ଧରି ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର ଓଡ଼ିଶାର ୧୦ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ଏବେ ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଏଣୁ ରାଜ୍ୟ ସରକାର ବିଦ୍ୟାଳୟର ସମସ୍ତ ଶିକ୍ଷକ ନିଯୁକ୍ତି କଲେ ଛାତ୍ରୀଛାତ୍ର ନିଶ୍ଚିତ ଭାବେ ପୂର୍ବ ସଫଳତା ପାଇପାରିବେ।

-ଜତିନ କୁମାର ପାଣିଗ୍ରାହୀ, ଆଇନଜୀବୀ



" ଏହି ବିଦ୍ୟାଳୟରେ ସଂସ୍କୃତ ପାଠପଢ଼ା ସହିତ ଅନ୍ୟ ବିଷୟରେ ଉତ୍ତମ ପାଠପଢ଼ା ହେଉଥିଲା। ଏଣୁ ବିଦ୍ୟାଳୟରେ ସମସ୍ତ ଶିକ୍ଷକ ପଦବୀ ପୂରଣ କଲେ ପୁଣି ଶୈକ୍ଷିକ ବ୍ୟବସ୍ଥା ଫେରିଆସିବ। ସରକାର ଏହା ପ୍ରତି ଧାନ ନଦେଲେ ସଂସ୍କୃତ ବିଦ୍ୟାଳୟ ବନ୍ଦ ହୋଇଯିବ। ଏଣୁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ମୂଳ ସଂସ୍କୃତ ଭାଷାକୁ ବଞ୍ଚାଇ ପାରିବେ।

-ଆଚାର୍ଯ୍ୟ ଶୁଶାନ୍ତ କୁମାର ପୁରୋହିତ

# ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ


ବାର୍ଷିକୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

**ବଘିଆପଡା,୫ା୧ (ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଆୟୋଜନ ହେବ। ଏଥିପାଇଁ ଯଜ୍ଞ ମଣ୍ଡପରେ ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ସକାଳ ୭ଟାରେ ଶତାଧିକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ବାହାରି ଯଜ୍ଞମଣ୍ଡପ ହେବାକୁ ଥିବା ସ୍ଥାନରେ ପହଞ୍ଚିଥିଲେ। ଏହାପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ ପ୍ରମୋଦ ମେହେର ଓ ତାଙ୍କ ସ୍ତ୍ରୀ ହେମଲତା ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଅଜିତ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ମେହେର, ଉପସଭାପତି ଉପେନ୍ଦ୍ର ମେହେର, ଅଧିକାରୀ ଟିକେ ମେହେର, ବିଜୟ ସାହୁ, ଦୁର୍ଯ୍ୟୋଧନ ମେହେର, ବିଦେଶୀ ମେହେର, ବିଜୟ ମେହେର, ନବକିଶୋର ମେହେର ପ୍ରମୁଖ ସହଯୋଗ କରିଥିଲେ। ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ନାମଯଜ୍ଞ, କଳସ ଯାତ୍ରା, ପାରାୟଣ, ପ୍ରବଚନ, ହରିହାଟ, ଯଜ୍ଞମଣ୍ଡପ, ମିନାବଜାର, ଜଳନ୍ଧରରାଜ୍, ସାମାଜିକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଅଂଶଗ୍ରହଣ କରିବେ ୩୨ ପରେଡ୍ ଦଳ

**ଉପଖଣ୍ଡ ସାଧାରଣତନ୍ତ୍ର ଦିବସ ନେଇ ପ୍ରସ୍ତୁତି ବୈଠକ**

**ବୀରମହାରାଜପୁର, ୫ା୧ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ନେଇ ଏକ ପ୍ରସ୍ତୁତ ବୈଠକ ଉପଜିଲାପାଳ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପ ଜିଲାପାଳ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ସହକାରୀ ଜିଲାପାଳ ଶୁଭମ ଶିବାଶିଷ ଶତପଥୀ, ଅଜିତ କୁମାର ମିର୍ଦ୍ଧା, ନରେନ୍ଦ୍ର କୁମାର ଭୋଇ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଯୋଗଦେଇଥିଲେ। ଆଗାମୀ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ବିଭିନ୍ନ ବିଭାଗରେ ହେବାକୁ ଥିବା ପ୍ରତିଯୋଗିତା ପାଇଁ କିଏ ବିଚାରକ, କେଉଁ ସ୍ଥାନ ଏବଂ ବିଷୟ ନେଇ ଆଲୋଚନା ହେଇଥିଲା। ଆଲୋଚନାରେ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଅବସରପ୍ରାପ୍ତ କଲେଜ ପିଇଟି ନରେନ୍ଦ୍ର କୁମାର ଚାନ୍ଦ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ହୋତା, ଶିକ୍ଷକ ମେଘନାଦ ଭୋଇ, ଜ୍ୟୋତିରଞ୍ଜନ ପଧାନ, ଅକ୍ଷୟ ରାଏ, ନୀଳକମଳ ମିଶ୍ର, ବ୍ରଜ ଗୋପାଳ ପଣ୍ଡା, କିଶୋର ହୋତା, ଯୁଗଳ ମିଶ୍ର, ପଙ୍କଜ ଖମାରୀ ଉପସ୍ଥିତ ଥିଲେ । ଚଳିତ ବର୍ଷ ବିଭିନ୍ନ ସ୍କୁଲ କଲେଜରେ ୩୨ ପରେଡ ଦଳ ଅଂଶଗ୍ରହଣ କରିବେ ବୋଲି ସ୍ଥିର ହୋଇଥିଲା। ଉପଖଣ୍ଡର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାସହିତ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ସହିତ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଅଧିକାରୀ ପ୍ରିୟଦର୍ଶୀ ଜେନା ପରିଚାଳନା କରିଥିଲେ। ପ୍ରସ୍ତୁତି ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ଆରଡବ୍ଲ୍ୟୁଏସ ଏସ, ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ଯୋଗାଣ ବିଭାଗ, ପୂର୍ତ୍ତ ବିଭାଗ ସହିତ ବିଭିନ୍ନ ବିଭାଗର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ରାଣୀଝୁଲା ମହୋତ୍ସବର ପ୍ରସ୍ତୁତି ବୈଠକ

**ତରଭା, ୫ା୧ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ କମ ସରା ଗ୍ରାମର ପୂର୍ବ ଦିଗରେ ଥିବା ୩ଟି ପାହାଡ ଉପରେ ପ୍ରାକ ଐତିହାସିକ ଯୁଗରୁ ଅନେକ ଛୋଟ ବଡ଼ ଗୁମ୍ଫା ରହିଛି। ସେଥି ମଧ୍ୟରୁ ରାଣୀଗୁମ୍ଫା ବା ରାଣିଝୁଲା ଗୁମ୍ଫା ଅନ୍ୟତମ। ବହୁ ଦିନରୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦାବି ହୋଇ ଆସୁଥିବା ଏହି ପାହାଡରେ ଏ ବର୍ଷ ପାଇଁ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଶିଶିର ପଣ୍ଡାଙ୍କ ଆବାହକତ୍ୱରେ ରାଣୀ ଝୁଲା ଉନ୍ନୟନ କମିଟି, ମହୋତ୍ସବ କମିଟିର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଆସୁଛି। ଅନୁଷ୍ଠିତ ସଭାରେ ବିଶାମିତ୍ର କୁଆଁର ସଭାପତିତ୍ୱ କରିଥିଲେ। ଏ ବର୍ଷ ଗୋଟିଏ ଦିନ ମହୋତ୍ସବ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି କାର୍ଯ୍ୟରେ କମସରା ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମ ଯଥା କୟାପଦର, ମାଝିପାଲି, ଜାମକାନି, କୋଲପାଲି, ବଡଯୋର, ପଥରଟେକାର ଅନେକ ଲୋକ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ପୂଜାରୀ, ପଦ୍ମ କିଶୋର ମାଝୀ, କବି ଦଳବେହେରା ବିପିନ ଦାସ, ସୌଭାଗ୍ୟ ବିନ୍ଧାଣି ଓ ରାଜୁ ବିଭାର, ଦିଲୀପ ପୂଝାରୀ ସମସ୍ତ ପ୍ରକାର ଦାୟିତ୍ୱ ତୁଲାଇବାକୁ ସଭାରେ ଦାୟିତ୍ୱ ଦିଆଯାଇଥିଲା । ଶେଷରେ ଦିଲୀପ ଘିବେଲା ଧନ୍ୟବାଦ ଅର୍ପଣ କରିଥିଲେ।

# ମାହେଶ୍ୱରୀ କ୍ରିକେଟ: ବଲାଙ୍ଗୀର ବିଜୟୀ


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

**ଅମରପାଲି,୫ା୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ବିକଳପୁରରେ ସୋମବାର ୧୮ତମ ମା' ମାହେଶରୀ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ସଭାପତି ରାମ ପ୍ରସାଦ କର୍ଣ୍ଣଙ୍କ ପୌରୋହିତ୍ୟରେ ସ୍ଥାନୀୟ ସରପଞ୍ଚ ଅନୁସୟା ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କ୍ରୀଡାବିତ୍ ସପନ ପ୍ରଧାନ, ସ୍ୱେଚ୍ଛାସେବୀ ଧରଣୀଧର ପାଢ଼ୀ, ଆୟୋଜକ ସମ୍ପାଦକ ବିଶ୍ୱଜିତ ପାଢ଼ୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ଏମ୍‌ଏମ୍‌ସିସି ବିକଳପୁର ଓ ଏସ୍‌ଏସ୍‌ସିସି ବଲାଙ୍ଗୀର ମଧ୍ୟରେ ହୋଇଥିଲା। ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବିକଳପୁର ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୫ ଉଇକେଟ ହରାଇ ୯୧ ରନ କରିଥିଲା। ବଲାଙ୍ଗୀର ଦଳ ୧୦.୨ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୯୨ ରନ କରିଥିଲା। ଦଳର ସୁଦର୍ଶନ ବାଘ ସର୍ବାଧିକ ୬୨ ରନ କରିଥିଲେ। ଦ୍ୱିତୀୟ ଫର୍ମାଟରେ ବିକଳପୁର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪୯ ରନ କରିଥିଲା। ଜବାବରେ ବଲାଙ୍ଗୀର ଦଳ ୫.୪ ଓଭରରେ ୫୦ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବଲାଙ୍ଗୀର ଦଳ ମ୍ୟାଚ ବିଜେତା ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ସଙ୍କୀର୍ତ୍ତନ ସାହୁ ଅତିଥିଭାବେ ଯୋଗଦେଇ ବଲାଙ୍ଗୀରର ସୁଦର୍ଶନ ବାଘଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ପ୍ରଶାନ୍ତ ନନ୍ଦ ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିଲେ।

# ନବମ ଗଡ଼ଜାତ ଲୋକ ମହୋତ୍ସବର ଶୁଭଖମ୍ବ ସ୍ଥାପିତ

**ହରଭଙ୍ଗା,୫ା୧ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସାଧୁ ଚରଣ ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ନବମ ଗଡ଼ଜାତ ଲୋକ ମହୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉପଲକ୍ଷେ ସୋମବାର ପୂର୍ବାହ୍ନ ୧୧ଟାରେ ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ରଙ୍କ ଦ୍ୱାରା ମହୋତ୍ସବ ପଡ଼ିଆରେ ପୂଜାର୍ଚ୍ଚନା କରାଯିବା ପରେ ଶୁଭଖୁଣ୍ଟ ସ୍ଥାପନ କରାଯାଇଥିଲା। ପୂଜକ ଶ୍ୟାମସୁନ୍ଦର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ନରେନ୍ଦ୍ର କୁମାର ସାହୁ, ଡ୍ରାଇଭର ସଂଘ ସଭାପତି ସୁଶାନ୍ତ ପାତ୍ର, ବରିଷ୍ଠ ସଦସ୍ୟ ଜୟ କିଶୋର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗାଇଗୋରିଆ, ଦେବାଶିଷ ମହାକୁଳ, ସୁଜ୍ଞାନ ପ୍ରଧାନ ଓ ଆୟୋଜକ କମିଟି ସଦସ୍ୟ ଏବଂ ଡ୍ରାଇଭର ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଭିନ୍ନମୋଡ଼ ନେଲା ଯୁବତୀ ଆତ୍ମହତ୍ୟା ମାମଲା

**ତରଭା, ୫ା୧ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବନ୍ଧପଡାର ଜଣେ ଯୁବତୀ ଗତ ୨୫ ତାରିଖରେ ଘରେ କେହି ନ ଥିବା ସମୟରେ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାକୁ ତରଭା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଶନିବାର ରାତି ୧୦ଟାରେ ମୃତ ଯୁବତୀଙ୍କ ବାପାଙ୍କ ପୁଣି ଏତଲା ଯୋଗୁ ମାମଲା ଭିନ୍ନ ଏକ ମୋଡ଼ ନେଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୃତ ଯୁବତୀଙ୍କ ସହିତ ଦୀର୍ଘ ଦଶବର୍ଷ ହେଲା ଆକାଶ ଦଳବେହେରା(୨୬)ଙ୍କ ସମ୍ପର୍କ ରହିଥିଲା। ବିବାହ ଖୁବ୍‌ଶୀଘ୍ର ହେବ କହି ବିଭିନ୍ନ ଆଳରେ ବାଇକ କିଣିବା ପାଇଁ ଯୁବତୀଙ୍କ ଜାଣତରେ ଦେଢଲକ୍ଷ ଟଙ୍କା ନେଇଥିଲେ। ଏହାର କିଛି ଦିନପରେ ବ୍ୟବସାୟ କରିବା ପାଇଁ ଟଙ୍କା ମାଗିଥିଲେ। ହେଲେ ଘରେ ଟଙ୍କା ପଇସା ନ ଥିବାରୁ ଯୁବତୀଙ୍କ ବାହାଘର ପାଇଁ କିଣା ହୋଇଥିବା ପ୍ରାୟ ଦେଢ ଲକ୍ଷ ଟଙ୍କା ମୂଲ୍ୟର ସୁନା ମାଳି ନେଇଥିଲେ। ଏପଟେ ଆକାଶ ଅନ୍ୟ ଜଣେ ଝିଅକୁ ବିବାହ କରିବାକୁ ଆଗକୁ ବଢୁଥିଲେ। ଏ ବିଷୟକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର କଳି ଝଗଡା ହେଉଥିଲା। ମାନସିକ ସ୍ତରରେ ଆଘାତପାଇ ଯୁବତୀ ଆତ୍ମହତ୍ୟା କରିଛନ୍ତି। ଯୁବତୀଙ୍କ ବାପା ପୁନଃ ଏତଲା କରିବାରୁ ମାମଲା ରୁଜୁ କରିଥିବା ଆଇଆଇସିଅନିତା କିଡୋ ପ୍ରକାଶ କରିଛନ୍ତି।

# ଖଟଖଟିଆ କ୍ରିକେଟ କପ୍: ଡିସିଏ ବୌଦ୍ଧ ବିଜୟୀ

**ଘଣ୍ଟାପଡ଼ା,୫ା୧ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଖଟଖଟିଆ ଖେଳପଡ଼ିଆରେ ୩୧ତମ ରାଜ୍ୟସ୍ତରୀୟ ଖଟଖଟିଆ କ୍ରିକେଟ କପ୍-୨୦୨୬ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ରଞ୍ଜନ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୁବନେଶ୍ୱର ବସ୍ତିଆ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନନ୍ତ ଚରଣ ବେହେରା, ପଞ୍ଚାୟତ କୃଷି ଅଧିକାରୀ ସର୍ଜନ ଅଡବାଙ୍କ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବୌଦ୍ଧ ଓ ସିଣ୍ଡୋଲ ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ଡିସିଏ ବୌଦ୍ଧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ ସିଣ୍ଡୋଲ ଦଳ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ରନ କରି ୭୨ ରନରେ ପରାସ୍ତ ହୋଇଥିଲା। ସୁରେଶ ବିଶି ଓ ରଘୁବୀର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

# ସେମିରେ ଅରୁଣ ଇଲେଭେନ ବିଜୟୀ

**ସୁଜନ ନାଗ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

**ସୋନପୁର,୫ା୧ (ମୃତ୍ୟୁଞ୍ଜୟ ଶତପଥୀ)**

୧୩ତମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ସୁବର୍ଣ୍ଣପୁର ସହର ରୟାଲ ପଡ଼ିଆଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଫୌଜି କ୍ଲବ ବଲାଙ୍ଗୀର ଓ ଅରୁଣ ଇଲେଭେନ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ । ଟ୍ରାଇବେକର ସହାୟତାରେ ୭-୬ ଗୋଲ ବ୍ୟବଧାନରେ ଅରୁଣ ଇଲେଭେନ ସମ୍ବଲପୁର ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଏହି ଖେଳକୁ ମୁଖ୍ୟ ରେଫରୀ ଭାବରେ ସଞ୍ଜୀବ ସାହୁ, ସହଯୋଗୀ ଭାବରେ ସୁଶାନ୍ତ ବାଘ, ଗୌରାଙ୍ଗ ବାରିକ ଓ ଅଜୟ ପଧାନ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବରେ ଉମ୍ବରୁଧର ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ଭାବରେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ଗୋରେଖ ନାଥ ସାହୁ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜ୍ୟୋତି ପଟ୍ଟନାୟକ, ଅରୁଣ ୧୧ ଦଳର ପ୍ରଯୋଜକ ରଶ୍ମିରଞ୍ଜନ ଦାଶ, ବରିଷ୍ଠ କ୍ରୀଡ଼ାବିତ ସନତ ହୋତା, ଅନିଲ ଭୋଇନା, ଏସ୍.କେ ଡାନିଏଲ, ସୁଜନ ନାଗ ଏକାଡେମୀର ବରିଷ୍ଠ ସଦସ୍ୟ ଜଳନ୍ଧର ଦୀପ ଓ ଶ୍ରୀରାମ ଚରଣ ସୁନା ପ୍ରମୁଖ ଯୋଗଦାନ କରିଥିଲେ। ଖେଳର ଧାରାବିବରଣୀ ଅଭିମନ୍ୟୁ ବରଗଡ଼ି ପ୍ରଦାନ କରିଥିଲେ। ପୁରସ୍କାର ବିବରଣୀ କାର୍ଯ୍ୟକ୍ରମକୁ ରାକେଶ ନାଗ ପରିଚାଳନା କରିଥିଲେ। ମଙ୍ଗଳବାର ମ୍ୟାଚ ସୁରଜ ଏଫସି ଫୁଲବାଣୀ ଓ ରାମଧୁନ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହେବ ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ୭ରୁ ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ

**ଭାଗ ନେବେ ୫୯ ସାଂସ୍କୃତିକ ଦଳର ୧୦୦୦ରୁ ଉର୍ଦ୍ଧ୍ୱ କଳାକାର**


ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଏସ୍‌ପି ଲୋକ ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

**ସୋନପୁର,୫ା୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମରେ ଆସନ୍ତା ୭ ତାରିଖଠାରୁ ଆରମ୍ଭ ହେବାକୁ ଯାଉଛି ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ସହ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା। ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସର ମିଳିତ ସହଯୋଗରେ ଏହି ୩୨ତମ ଲୋକ ମହୋତ୍ସବ ଆୟୋଜିତ ହେବ। ଲୋକ ମହୋତ୍ସବ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ବୋଲି ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ଡ. ନୃପରାଜ ସାହୁ ସୋମବାର ସନ୍ଧ୍ୟାରେ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମହୋତ୍ସବକୁ ସନ୍ଥକବି ଭୀମଭୋଇଙ୍କ ନାମରେ ଉତ୍ସର୍ଗ କରାଯାଇଛି। ଚଳିତ ଥର ପଲ୍ଲିଶ୍ରୀ ମେଳା, ହସ୍ତ ଶିଳ୍ପ ପ୍ରଦର୍ଶନୀ, ଖାଦ୍ୟ ଷ୍ଟଲ ଓ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୩୯ଟି ଷ୍ଟଲ ଖୋଲାଯିବ। ୭ ତାରିଖ ପୂର୍ବାହ୍ନରେ ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଦଳ ସହ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିବ। ପରେ ମହୋତ୍ସବର ମଞ୍ଚକୁ ପୂଜା କରାଯିବ। ପ୍ରତ୍ୟହ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ଅତିଥିଭାବେ ଯୋଗଦାନ କରିବେ। ପରେ ଷ୍ଟାଡିୟମସ୍ଥିତ ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ମୋଟ ୫୯ଟି ସାଂସ୍କୃତିକ ଦଳ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିବେ। ୧୦୦୦ରୁ ଉର୍ଦ୍ଧ୍ୱ କଳାକାର ମହୋତ୍ସବରେ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସୂଚନା ଦିଆଯାଇଛି। ଭିଡ ନିୟନ୍ତ୍ରଣ ପାଇଁ ଚାରି ଚକିଆ ଓ ୨ ଚକିଆ ଯାନ ପାଇଁ ସ୍ୱତନ୍ତ୍ର ପାର୍କିଂ ସହ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ଏସ୍‌ପି ନାରାୟଣ ନାୟକ କହିଛନ୍ତି। ନଳିନୀ ଛକରୁ ମହୋତ୍ସବ ସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ୱାନ୍ ୱେ କରାଯିବ। ରାସ୍ତାରେ କୌଣସି ଉଠା ଦୋକାନୀଙ୍କୁ ବସିବାକୁ ଦିଆଯିବନି। ଏହି ରାସ୍ତାରେ ଲୋକେ କେବଳ ମହୋତ୍ସବ ସ୍ଥଳକୁ ଆସିପାରିବେ। ପ୍ରସ୍ଥାନ ପାଇଁ ରିଂ ରୋଡକୁ ହିଁ ବ୍ୟବହାର କରାଯିବ। ୨ଜଣ ଏଏସ୍‌ପି. ୩ଜଣ ଡିଏସ୍‌ପି, ୧୪ଜଣ ଇନିସପେକ୍ଟର, ୪୫ଜଣ ସବ୍ ଇନ୍ସପେକ୍ଟର, ୬ପ୍ଲାଟୁନ୍ ଫୋର୍ସ ସମେତ ମୋଟ ୩୫୦ ଜଣ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଷ୍ଟାଡିୟମର ୨ପାର୍ଶ୍ୱରେ ୨ଟି ପୋଲିସ କଣ୍ଟ୍ରୋଲ ରୁମ୍ ରହିବ ବୋଲି ଏସ୍‌ପି ନାୟକ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଲିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ.ହରିପ୍ରସାଦ, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଓରମାସ୍‌ର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ନାୟକ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା ଉପସ୍ଥିତ ଥିଲେ।

# କୋଇଲା ଓଭର ଲୋଡ଼ିଂ ପରିବହନ



କୋଇଲା ଓଭରଲୋଡ଼ କରି ପରିବହନ କରାଯାଉଛି।

■ ପାଳନ ହେଉନି ସରକାରୀ ନିୟମ
■ ଘରୋଇ ପରିବହନକାରୀ ସଂସ୍ଥା ଆଗରେ ମୁଣ୍ଡ ନୂଆଇଁଲା ସମଲେଶ୍ୱରୀ ମାଇନିଂ

**ଝାରସୁଗୁଡା, ୫।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ବ୍ରଜରାଜନଗର ଇବ୍‌ଭେଲି ଅନ୍ତର୍ଗତ ସମଲେଶ୍ୱରୀ ଓପନ କାଷ୍ଟ ପ୍ରୋଜେକ୍ଟରେ ଓଭର ଲୋଡ଼ିଂକୁ ନେଇ ଘରୋଇ ସଂସ୍ଥା ଚାପ ପ୍ରୟୋଗ କରିଥିବାବେଳେ ପ୍ରୋଜେକ୍ଟ କର୍ତ୍ତୃପକ୍ଷ ଘରୋଇ ସଂସ୍ଥା ଚାପରେ ମୁଣ୍ଡ ନୂଆଇଁଛି। ସରକାରୀ ନିୟମକୁ ପାଳନ ନ କରି ଘରୋଇ ସଂସ୍ଥା କୋଇଲା ଓଭର ଲୋଡ଼ିଂ ପରିବହନ କରୁଛି। ଏହା ସହିତ ମାଇନିଂ ଭିତରେ କୌଣସି ସରକାରୀ ନିୟମ ମଧ୍ୟ ପାଳନ ହେଉ ନ ଥିବା ଦେଖାଦେଇଛି। ସୂଚନା ଅନୁଯାୟୀ ଇବ୍‌ଭେଲି ଅନ୍ତର୍ଗତ ସମଲେଶ୍ୱରୀ ଓପନ କାଷ୍ଟ ପ୍ରୋଜେକ୍ଟରେ ଘରୋଇ ସଂସ୍ଥା ଏବଂ ସୋସାଇଟି ନିରୁପମା ମାଇନିଂ ଟ୍ରାନ୍ସପୋର୍ଟିଂ ପ୍ରାଇଭେଟ ଲିମିଟେଡ଼, ଶିବ ଶକ୍ତି ସୋସାଇଟି, ଜୟ ଅମ୍ବେ ରୋଡ଼ ଲାଇନ୍ସ, ମା'କାଳୀ ମୋଭର ଆଦି ସଂସ୍ଥା ମାଇନିଂ କର୍ତ୍ତୃପକ୍ଷ ଏବଂ ସରକାରୀ ନିୟମ ହିସାବରେ କୋଇଲା ପରିବହନ କାର୍ଯ୍ୟ କରୁଛନ୍ତି। ମାଇନିଂ ଏବଂ ସରକାରୀ ନିୟମ ଅନୁଯାୟୀ କୌଣସି ଭାରିଯାନରେ କୋଇଲା ଓଭର ଲୋଡ଼ିଂ ଦେବା ଏବଂ ପରିବହନ କରିବା ଆଇନଗତ ଅପରାଧ। କାରଣ କୋଇଲା ଓଭର ଲୋଡ଼ିଂ ହେବା ଦ୍ୱାରା ତାହା ଭାରିଯାନରୁ ତଳେ ପଡି ପରିବେଶକୁ ପ୍ରଦୂଷିତ କରିବ। ଓଭର ଲୋଡ଼ିଂ ହୋଇଥିବାରୁ କୋଇଲା ରାସ୍ତାରେ ପଡି ସରକାରଙ୍କ ରାଜସ୍ୱହାନୀ ହେବା ସହିତ ପରିବହନ କରୁଥିବା କମ୍ପାନୀ ଓଭର ଲୋଡ଼ ହୋଇଥିବା କୋଇଲାକୁ ଅନ୍ୟତ୍ର ପକାଇ କୋଇଲା କଳା ବଜାର ସୃଷ୍ଟି କରିବେ। ତେଣୁ ଓଭରଲୋଡ଼ିଂକୁ ସମ୍ପୂର୍ଣ୍ଣ ଭାବେ ମାଇନିଂ ଅଞ୍ଚଳରେ ମନା କରାଯାଇଛି। କିନ୍ତୁ ସମଲେଶ୍ୱରୀ ଓପନ କାଷ୍ଟ ପ୍ରୋଜେକ୍ଟରେ କାମ କରୁଥିବା ନିରୁପମା ଟ୍ରାନ୍ସପୋର୍ଟ ଏହି ନିୟମ ଖୋଲାଖୋଲି ଉଲ୍ଲଂଘନ କରୁଛି।

ସୂଚନା ଅନୁଯାୟୀ ଗତ ସୋମବାର କୋଇଲା ମନ୍ତ୍ରଣାଳୟର ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫଟି ନିଜେ ବ୍ରଜରାଜନଗର ସ୍ଥିତ ଇବ୍ ଭେଲି ଜିଏମ କମ୍ପ୍ଲେକ୍ସରେ ବୈଠକ କରିଥିଲେ। ଯେଉଁଥିରେ ମାଇନ୍ସରେ କାମ କରୁଥିବା ସମସ୍ତ ଟ୍ରାନ୍ସପୋର୍ଟର, ୟୁନିଅନ କର୍ମକର୍ତ୍ତାଙ୍କ ସହିତ ଏମ୍‌ସିଏଲର ଉଚ୍ଚସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ଡାଇରେକ୍ଟର ଜେନେରାଲ ଓଭର ଲୋଡ଼ିଂ ନ କରିବା ପାଇଁ କଡାକଡି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରବିବାର ସକାଳୁ ଯେତେବେଳେ ମାଇନିଂରେ କୋଇଲା ଲୋଡ଼ ସରକାରୀ ନିୟମ ଅନୁସାରେ କରାଗଲା, ସେତେବେଳେ ନିରୁପମା ଟ୍ରାନ୍ସପୋର୍ଟ ତାର ସମସ୍ତ ଭାରିଯାନକୁ ପରିବହନ କାର୍ଯ୍ୟରେ ନ ଲଗାଇ ପରିବହନ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ମଧ୍ୟାହ୍ନ ପର୍ଯ୍ୟନ୍ତ ପରିବହନ କାର୍ଯ୍ୟ ବାଧା ହେବାରୁ ସମଲେଶ୍ୱରୀ ଓପନ କାଷ୍ଟ ପ୍ରୋଜେକ୍ଟ ବାଧ ହୋଇ ପୁଣି ନିରୁପମା ଟ୍ରାନ୍ସପୋର୍ଟକୁ ଓଭର ଲୋଡ଼ିଂ ଦେଇ ପରିବହନ କାର୍ଯ୍ୟ ଆରମ୍ଭ କରିଛି। ପ୍ରୋଜେକ୍ଟରେ କାମ କରୁଥିବା ଅନ୍ୟ ଟ୍ରାନ୍ସପୋର୍ଟ ସଂସ୍ଥା ତଥା ସୋସାଇଟିଗୁଡିକ ସରକାରୀ ନିୟମ ପାଳନ କରି ପରିବହନ କରୁଥିବା ବେଳେ ନିରୁପମା ଟ୍ରାନ୍ସପୋର୍ଟ ଆଗରେ ମାଇନିଂ ପ୍ରୋଜେକ୍ଟ କର୍ତ୍ତୃପକ୍ଷ ମୁଣ୍ଡ ନୁଆଇଁବା ଝାରସୁଗୁଡା ଜିଲାରେ ବିସ୍ମୟ ସୃଷ୍ଟି କରିଛି। ଏ ନେଇ ନିରୁପମା ଟ୍ରାନ୍ସପୋର୍ଟର ଏଚଆର ମୁଖ୍ୟ ପ୍ରଭାତ ଯୋଗାଯୋଗ କରିବାରୁ ଏ ନେଇ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ସମଲେଶ୍ୱରୀ ଓପନ ମାଇନିଂ ପ୍ରୋଜେକ୍ଟର ମ୍ୟାନେଜର ଶତ୍ରୁଘ୍ନ ସାହୁ ଙ୍କୁ ଯୋଗାଯୋଗ ହୋଇ ନ ଥିବା ବେଳେ ପିଓ କହ୍ନେୟା ମିଶ୍ର କହିଥିଲେ, ବାହାରେ ଅଛି, ଆଜି କଣ ଘଟିଛି କହିପାରିବି ନାହିଁ। ଏ ନେଇ ଜିଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଯଦି କମ୍ପାନୀ ଏପରି ଓଭର ଲୋଡ଼ିଂ ପରିବହନ କରୁଛି, ତାହା ବେଆଇନ ଅଟେ। ଆମେ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଚାଷୀ


ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଉପସ୍ଥିତ ଅଛନ୍ତି।

**ଝାରସୁଗୁଡା/ଲଖନପୁର,୫।୧ (ଆଶିଷ ରଞ୍ଜନ ଦାଶ/ ଗୌତମସାହୁ)**

ଟୋକନ ସମସ୍ୟା ଦୂରୀକରଣ ନେଇ ଝାରସୁଗୁଡା ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଲଖନପୁର ବ୍ଲକ ଭଇଁରଖୋଲ ସେବା ସମବାୟ ସମିତି ଅଧିନ ଚାଷୀମାନେ ସୋମବାର ପୂର୍ବାହ୍ନରେ ଦାବିପତ୍ର ଦେଇଛନ୍ତି। ଭଇଁରଖୋଲ ସେବା ସମବାୟ ସମିତିର ଚାଷୀମାନେ ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଆବଶ୍ୟକ ଟୋକନ ଏପର୍ଯ୍ୟନ୍ତ ମିଳି ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଷ କରି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ ହେଁ ଆବଶ୍ୟକ ପରିମାଣର ଟୋକନ ନ ମିଳି, କମ ଟୋକନ ମିଳିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ୧୦୦ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ଚାଷୀଙ୍କ କେବଳ ୭୫ କୁଇଣ୍ଟାଲର ଟୋକନ ଆସିଥିବାବେଳେ ଯେଉଁମାନେ କମ ପରିମାଣର ଜମି ରେଜିଷ୍ଟ୍ରେଶନ କରିଛନ୍ତି ସେମାନଙ୍କ ମଧ୍ୟ ଆବଶ୍ୟକ ପରିମାଣର ଟୋକନ ଆସିନାହିଁ। ଫଳରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଯଦି ଶୀଘ୍ର ଚାଷୀଙ୍କୁ ଆବଶ୍ୟକ ପରିମାଣର ଟୋକନ ଯୋଗାଇ ଦିଆ ନ ଯାଏ, ତେବେ ଚାଷୀମାନେ ନିଜ କଷ୍ଟ ଉତ୍ପାଦିତ ଫସଲକୁ ଅତି କମ ଦରରେ ଦଲାଲଙ୍କ ହାତରେ ଟେକି ଦେବାକୁ ବାଧ ହେବେ ବୋଲି ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସହ ଚାଷୀମାନଙ୍କୁ ଉପଯୁକ୍ତ ପରିମାଣର ଟୋକାନ କିପରି ମିଳିପାରିବ ସେଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏନେଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆଲୋଚନାକରି ଜିଲାରେ ଦେଖା ଦେଇଥିବା ଏହି ଟୋକନ ସମସ୍ୟା ପାଇଁ ସମାଧାନର ବାଟ ବାହାର କରାଯିବ ବୋଲି ଜିଲାପାଳ ଚାଷମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଜିଲାପାଳଙ୍କୁ ଏହି ଅଭିଯୋଗପତ୍ର ପ୍ରଦାନ ଅବସରରେ ଚାଷୀ ଶିବୁ ପ୍ରଧାନ, ସରୋଜ ପ୍ରଧାନ, ଝସକେତନ ବିଶ୍ୱାଳ, ଶିବାଜୀ ବେହେରା, ଯୁଗେଶ କାଲୋ, କୃଷ୍ଣ ପଧାନ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପରମିଟ ନ ଥିବାରୁ ସ୍କୁଲ ବସ ସିଜ୍

**ଝାରସୁଗୁଡା, ୫।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଝିଲ୍ଲାପାଲି ଡେଙ୍ଗାବର ନିକଟରେ ଥିବା ନାରାୟଣୀ ଇଂଲିଶ ମିଡିୟମ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଥିବା ଏକ ଘରୋଇ ବସକୁ ପରମିଟ ନ ଥିବାରୁ ପରିବହନ ବିଭାଗ ସିଜ୍ କରିଛି। ସୋମବାର ଅପରାହ୍ନରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଏକ ଘରୋଇ ବସ ଛାଡି ଫେରୁଥିଲାବେଳେ ଲଇକେରା ବ୍ଲକ ଭାତଲଇଡାଠାରେ ଜିଲା ପରିବହନ ବିଭାଗ ଉକ୍ତ ବସର ପରମିଟ ସହିତ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବସ ମାଲିକ ବହୁ ଦିନ ହେବ ବସର ବିଭିନ୍ନ ଟ୍ୟାକ୍ସ ଭରି ନ ଥିବାବେଳେ ପରମିଟ ମଧ୍ୟ ନବୀକରଣ କରି ନ ଥିଲେ। ଉକ୍ତ ସ୍ଥାନରେ ପରିବହନ ବିଭାଗ ବସଟିକୁ କରିଥିବା ଫାଇନ ଭରି ନ ଥିବାରୁ ପରିବହନ ବିଭାଗ ତରଫରୁ ବସକୁ ସିଜ୍ କରି ଜିଲା ପରିବହନ କାର୍ଯ୍ୟାଳୟକୁ ଅଣାଯାଇଛି। ମଙ୍ଗଳବାର ବସ ମାଲିକ ଦେଇ ନ ଥିବା ସମସ୍ତ ଟ୍ୟାକ୍ସର ହିସାବ କଲା ପରେ କେତେ ଫାଇନ କଟାଯିବ ସେ ବିଷୟରେ ଜଣାଯିବ ବୋଲି ଜିଲା ପରିବହନ ଅଧିକାରୀ ପ୍ରମୟ ମିଶ୍ର ସୂଚନା ଦେଇଛନ୍ତି।

# ଦୁଲଦୁଲି ୨୦୨୬ ଉଦ୍‌ଯାପିତ


ଝାରସୁଗୁଡ଼ା ଜିଲା ସାଂସ୍କୃତିକ ମହୋତ୍ସବ 'ଦୁଲଦୁଲି-୨୦୨୬'ର ଉଦ୍‌ଯାପନୀରେ ଅତିଥି।

■ ସାଂସ୍କୃତିକ ମହୋତ୍ସବର ଶେଷ ସନ୍ଧ୍ୟା
■ ଭାରତୀୟ କଳା ଓ ସଂସ୍କୃତିର ପ୍ରତିଫଳନ

**ଝାରସୁଗୁଡ଼ା,୫।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲାର ୫ ଦିନିଆ ସାଂସ୍କୃତିକ ମହୋତ୍ସବ 'ଦୁଲଦୁଲି-୨୦୨୬' ଏବଂ ଏଥିସହିତ ଆୟୋଜିତ ସ୍ୱଦେଶୀ ଓ ପଲ୍ଲୀଶ୍ରୀ ମେଳା ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଜିଲାର କଳା, ସଂସ୍କୃତି ଏବଂ ବାଣିଜ୍ୟକୁ ଏକ ନୂତନ ପରିଚୟ ଦେଇଥିବା ଏହି ୫ ଦିନିଆ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ପ୍ରବଳ ଗହଳି ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବଲପୁର ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଜି. ରାଘବେନ୍ଦ୍ର ରେଡ୍ଡୀ, ବିଭାଗୀୟ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି ଏବଂ ଲଇକେରା ବ୍ଲକର ଅଧ୍ୟକ୍ଷ ସଞ୍ଜିତ କୁମାର ନାୟକ ସମ୍ମାନିତ ଅତିଥି ଏବଂ ପଦ୍ମଶ୍ରୀ ଗୁରୁ ଭାଗବତ ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବର ସଫଳ ଆୟୋଜନ ପାଇଁ ସହଯୋଗ କରିଥିବା ପ୍ରୟୋଜକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଏମ୍ବିଲନ କାର୍ବନ କମ୍ପାନୀର ସିଏସଆର ମୁଖ୍ୟ ଋତୁପର୍ଣ୍ଣା ଦେ, ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ପ୍ଲାଣ୍ଟହେଡ ଚରଣ କୁମାର ଜେନା, ଏନଟିପିସି ଦର୍ଲିପାଲିର ଜେନେରାଲ ମ୍ୟାନେଜର ରବୀନ୍ଦ୍ର ଶର୍ମା ଏବଂ ଟିଆରଏଲ କ୍ରୋସାକିର ଉପସଭାପତି ସୁଶାନ୍ତ କୁମାର ଦାସ ପ୍ରମୁଖଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ଝାରସୁଗୁଡ଼ା ଉପରେ ଆଧାରିତ ଝାରସୁଗୁଡ଼ା ଗାଥା ସଙ୍ଗୀତର ସ୍ରଷ୍ଟାମନ୍ଦାକିନୀ ଶତପଥୀ, ଆର୍.ଏସ ଏକାଡେମୀର ରାଜଶ୍ରୀ ତ୍ରିପାଠୀ ତଥା ତାଙ୍କ ସହଯୋଗୀ ଏଇତ ଜୀବନ ଫାଉଣ୍ଡେସନର ସୁଜାତା ମିଶ୍ର ଏବଂ ଅଭିନବ କଳା ମନ୍ଦିରର ମଳୟ ବିହାରୀ ନାୟକ ପ୍ରମୁଖଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଶେଷ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା। ତାଙ୍କର ସଙ୍ଗୀତ ଜାଦୁରେ ସମଗ୍ର ମଞ୍ଚ ଉଲ୍ଲସିତ ହୋଇଥିଲା। ଏଥିସହ ଡ୍ରୋନ ଲେଜର ଶୋ' ମାଧ୍ୟମରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଭବ୍ୟ ପ୍ରଦର୍ଶନ କରାଯାଇଥିଲା। ପାରମ୍ପରିକ କିସାନ ନୃତ୍ୟ, ଝୁମର ନାଚ ଏବଂ ପଶ୍ଚିମବଙ୍ଗର ବିଶ୍ୱପ୍ରସିଦ୍ଧ ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆସାମର ଶାସ୍ତ୍ରୀୟ ସତ୍ରିୟା ଓ ଆସାମୀଜ ଫ୍ୟୁଜନ ସାଙ୍ଗକୁ ରାଜସ୍ଥାନର ଲୋକପ୍ରିୟ ଘୁମର ଓ କାଲବେଲିଆ ଏବଂ ଜମ୍ମୁର ଗୀତଡୁ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ବିନା ଓଜନରେ ମିଲକୁ ଯାଉଛି ଧାନ

**ଝାରସୁଗୁଡା, ୫।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକରେ ଏକ ଏସଏଚଜି ଜରିଆରେ ପ୍ରଶାସନ ପକ୍ଷରୁ ଚାଷୀଙ୍କ ଧାନ କିଣା ଯାଉଛି। ଆଜି ପର୍ଯ୍ୟନ୍ତ ଏହି ମଣ୍ଡିରେ ୧ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କ୍ରୟ ହୋଇ ସାରିଥିବାବେଳେ ମଣ୍ଡିରେ ବିନା ଓଜନରେ ଧାନ ସିଧାସଳଖ ମିଲକୁ ଯାଉଥିବା ଅଭିଯୋଗ ହୋଇଛି। ଧାନ ମଣ୍ଡିରେ ଓଜନ ମେସିନର ଦେଖାନାହିଁ। ତେବେ କ୍ୟାମେରା ଲାଗିଛି। ତଥାପି ପ୍ରଶାସନ କିପରି ଏହିପରି ଏକ ବିରାଟ ବ୍ୟତିକ୍ରମ ବିଷୟରେ ଜାଣି ପାରୁନାହିଁ ତାହା ତଦନ୍ତ ସାପେକ୍ଷ। ଧାନ କ୍ରୟକେନ୍ଦ୍ରରେ ହିଁ ଓଜନ ହେବ ବୋଲି ସରକାର ଘୋଷଣା କରିଥିବା ବେଳେ ସରକାରୀ ଘୋଷଣା କୁଲିହାମାଲ ମଣ୍ଡିରେ ଏକ ପ୍ରହସନ ପାଲଟିଛି। ବେପାରୀମାନେ ଏଥିପାଇଁ ବ୍ୟାପକ ଲାଭବାନ ହେଉଥିବା ବେଳେ ପ୍ରକୃତ ଚାଷୀଙ୍କୁ ସିଧାସଳଖ ମିଲକୁ ଧାନ ନେବାକୁ

**ସରକାରୀ ଘୋଷଣା ପ୍ରହସନ**

ପଡୁଛି କିମ୍ବା କମ ଦରରେ ବେପାରୀଙ୍କୁ ଧାନ ବିକିବାକୁ ପଡୁଥିବା ଅଭିଯୋଗ ହେଉଛି। ଯାହାଫଳରେ ଚାଷୀମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ତେବେ ଅନ୍ୟ ଏକ ସୂଚନା ଅନୁଯାୟୀ ଏସଏଚଜି ଧାନ ଓଜନ ନ କରି ମଧ୍ୟ ଧାନର ଶ୍ରମିକ ପାଉଣା ସରକାରଙ୍କ ନିକଟରେ ପାଇବେ। ଏହାସହ ଆରଏମସି ପକ୍ଷରୁ ନିୟୋଜିତ ଧାନ ଆନାଲିଷ୍ଟ ମଧ୍ୟ ଧାନର ମାନ ପରୀକ୍ଷା ନ କରି ବିନା କାମରେ ଦରମା ପାଇବେ। ଏନେଇ ସିଏସଓ ଦୁର୍ଗା ଚରଣ ବେସରାଙ୍କୁ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।



ବିନା ଓଜନରେ ବିଭିନ୍ନ ଗାଡିରେ ଧାନ ମିଲକୁ ଯାଉଛି।

# ନାବାଳିକା ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଦେବଗଡ଼,୫।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ସୋମବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଶନିବାର ରାତିରେ ବଳମ ବସ୍‌ଷ୍ଟାଣ୍ଡ ନିକଟରୁ ଜଣେ ନାବାଳିକାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରିଥିଲେ। ଚେତା ଫେରିବା ପରେ ନାବାଳିକା ଜଣଙ୍କ ସୁରେନ୍ଦ୍ର ବଳିଆ ନାମକ ଜଣେ ଯୁବକ ବଳାତ୍କାର କରିଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକା ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ୮ରୁ ରାଧାକ୍ରିଷ୍ଣ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଦେବଗଡ଼,୫।୧ (ଶଶାଙ୍କ ଶେଖର ଝାଙ୍କର)**

ଆସନ୍ତା ୮ରୁ ରିଆମାଳ ବ୍ଲକ୍ କଣ୍ଢାବାହାଳ ହାଇସ୍କୁଲ ପଡିଆଠାରେ ୨୨ତମ 'ରାଧାକ୍ରିଷ୍ଣ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆୟୋଜକ ରାଧାକ୍ରିଷ୍ଣ କ୍ରିକେଟ୍ କ୍ଲବ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୮ରେ ସମ୍ବଲପୁର ଜିଲା କୁଚିଣ୍ଡାର କିଲ୍ଲର ଇଲେଭେନ୍ ଓ ଦେବଗଡ଼ର ବିସିସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୯ ତାରିଖରେ ବଲାଙ୍ଗୀରର ଏଫଏଫ୍‌ସି ଓ କେନ୍ଦୁଝରର ୟୁନିକ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୧୦ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଅନୁରୂପ ଭାବେ ୧୧ ତାରିଖରେ ଅନୁଗୋଳର ୟଙ୍ଗଷ୍ଟାର ଓ ଆୟୋଜକ ରାଧାକ୍ରିଷ୍ଣ କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ୧୨ ତାରିଖରେ ରାଉରକେଲାର ଜିମଖାନା ଓ ତାଳଚେରର ୟୁଥ୍ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ହେବ। ଉଭୟ ମ୍ୟାଚର ବିଜେତା ଦଳ ଦ୍ୱୟ ମଧ୍ୟରେ ୧୩ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୧୪ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଦର୍ଶକଙ୍କ ଅନ୍ୟତମ ଆକର୍ଷଣ ଭାବେ ଚିୟର ଲିଡର୍ସ ଅଂଶଗ୍ରହଣ କରିବେ ଓ ୟୁଟ୍ୟୁବ୍ ମାଧ୍ୟମରେ ପ୍ରତିଯୋଗିତାର ସିଧାପ୍ରସାରଣ କରାଯିବ ବୋଲି ଆୟୋଜକ କ୍ଲବ୍ ସଭାପତି ବିକାଶ କୁମାର ବେହେରା ଓ ସମ୍ପାଦକ ଜଗନ୍ନାଥ ସାହୁ ଏକ ପ୍ରେସ୍ ବିବୃତି ଯୋଗେ ସୋମବାର ସୂଚନା ଦେଇଛନ୍ତି।

# ଉତ୍ସବ ପ୍ରଧାନପାଟ ସ୍ମରଣିକା ପାଇଁ ଲେଖା ଆବଶ୍ୟକ

**ଦେବଗଡ଼,୫।୧ (ଶଶାଙ୍କ ଶେଖର ଝାଙ୍କର)**

ଉତ୍ସବ ପ୍ରଧାନପାଟ ନିମନ୍ତେ ସ୍ମରଣିକା କମିଟି ବୈଠକ ସୋମବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉତ୍ସବ ପ୍ରଧାନପାଟ ସ୍ମରଣିକା ପ୍ରକାଶ ପାଇଁ ସ୍ଥିର କରାଯାଇଛି। ସ୍ମରଣିକାରେ ଜିଲାର କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଓଡ଼ିଆ, ହିନ୍ଦୀ, ଇଂଲିଶ ଭାଷାରେ ଲେଖା ପ୍ରକାଶ ପାଇବ। ପ୍ରବନ୍ଧଗୁଡିକ ସର୍ବାଧିକ ୧୦୦୦ ଶବ୍ଦ ଓ କବିତାଗୁଡିକ ସର୍ବାଧିକ ୨୦ ଧାଡି ମଧ୍ୟରେ ସୀମିତ ରହିବ। ଏହି ଲେଖା ୧୨ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ପାଠାଗାର ଇମେଲ dipro.dgh111@gmail.comରେ ପଠାଇବା ପାଇଁ କୁହାଯାଇଛି। ଏହି ବୈଠକରେ ସହକାରୀ ଜିଲାପାଳ ତାପସ କୁମାର ମହନ୍ତ, ଉତ୍ସବ ପ୍ରଧାନପାଟର ଆବାହକ ନିରଞ୍ଜନ ଦିବେଦୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।


ସ୍ମରଣିକା କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

# ୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଦେବଗଡ଼,୫।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୬ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ଧାନବିକ୍ରି ପାଇଁ ଟୋକନ୍ ପ୍ରଦାନ, ପାନୀୟ ଜଳ, ଘରବାରି ପଟ୍ଟା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଏସିଏଫ୍ ଅରୁଣ କୁମାର ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୧ କୁଇଣ୍ଟାଲ ଗଞ୍ଜେଇ, ସ୍କର୍ପିଓ ଜବତ

■ ଚକା ଫାଟିଯିବାରୁ ଅଟକିଲା ଗଞ୍ଜେଇ ବୋଝେଇ ସ୍କର୍ପିଓ
■ ପୋଲିସ ଗାଡ଼ିକୁ ଧକ୍କାଦେଇ ଫେରାର ହୋଇଗଲେ ବ୍ୟବସାୟୀ

**ଦେବଗଡ଼,୫।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼-ରିଆମାଳ ୫୩ ନମ୍ବର ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ଗଞ୍ଜେଇ ଚୋରାଚାଲାଣବେଳେ ଏକ ସ୍କର୍ପିଓ ପୋଲିସ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ପୋଲିସ ଭ୍ୟାନ୍ କ୍ଷତିଗ୍ରସ୍ତ ହୋଇଥିବାବେଳେ ଗଞ୍ଜେଇ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଦେବଗଡ଼ ପୋଲିସ ଉକ୍ତ ସ୍କର୍ପିଓ ସହ ୧ କୁଇଣ୍ଟାଲ ୬ କେଜି ଗଞ୍ଜେଇ ଜବତ କରି ତଦନ୍ତ ଚଳାଇଛି। ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରୁ ଏକ ସ୍କର୍ପିଓ (ନଂ.ଡବ୍ଲ୍ୟୁବି୩୬ଏଫ୍-୯୨୦୭)ରେ ଦେବଗଡ଼ ପଟକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ପୋଲିସ ଟିମ୍ ୫୩ ନମ୍ବର ଜାତୀୟ ରାଜପଥର ଟିକିଣିଘାଟିଠାରେ ପିସିଆର୍ ଭ୍ୟାନ୍ ନଂ.ଓଡି୦୫ଏନ-୮୯୪୮ ନେଇ ଛକି ରହିଥିଲା। ଗଞ୍ଜେଇ ବୋଝେଇ ସ୍କର୍ପିଓ ରିଆମାଳ ପାରିହୋଇ ଦ୍ରୁତ ଗତିରେ ଦେବଗଡ଼ ଅଭିମୁଖେ ଆସୁଥିବାବେଳେ ରିଆମାଳ ଥାନା ଅଧିକାରୀ ବିନୟ କେରକେଟ୍ଟା ଏହାକୁ ପିଛା କରିଥିଲେ। ଏଣେ ଦେବଗଡ଼ ପୋଲିସ ଟିମ୍ ଟିକିଣିଘାଟି ଦୁର୍ଗା ମନ୍ଦିର ନିକଟରେ ଉକ୍ତ ସ୍କର୍ପିଓକୁ ଅଟକାଇବା ନିମନ୍ତେ ରାସ୍ତା ଅବରୋଧ କରିଥିଲା। ହେଲେ ଦ୍ରୁତ ଗତିରେ ଆସୁଥିବା ସ୍କର୍ପିଓ ଅଟକିବା ପରିବର୍ତ୍ତେ ପିସିଆର୍ ଭ୍ୟାନ୍‌ର ଡାହାଣ ପାର୍ଶ୍ୱକୁ ଧକ୍କା ଦେଇ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲା। ତେବେ ସ୍କର୍ପିଓ ବାମପାର୍ଶ୍ୱ ପଛ ଚକାରେ ପିସିଆର୍ ଭ୍ୟାନ୍‌ର ଫୁଟ ରେଷ୍ଟ ପଶିଯିବାରୁ ସ୍କର୍ପିଓ ଚକ ଫାଟିଯାଇଥିଲା। ଏଥିଯୋଗୁ ଗାଡ଼ିଟି ଅଧିକ ଦୂର ଯାଇ ନ ପାରି ମୋହିନୀପୁର ଛକ ନିକଟରେ ଅଟକି ଯାଇଥିଲା। ଏହି ସୁଯୋଗରେ ଗାଡ଼ିରେ ଥିବା ନିଶା ବ୍ୟବସାୟୀମାନେ ଖସି ପଳାଇଥିଲେ। ସ୍କର୍ପିଓ ଧକ୍କାରେ ପିସିଆର୍ ଭ୍ୟାନ୍‌ର ଆଂଶିକ କ୍ଷତି ହୋଇଥିବାବେଳେ ପୋଲିସ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍କର୍ପିଓକୁ ଜବତ କରିଛନ୍ତି। ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ ଗାଡ଼ିରୁ ୧ କୁଇଣ୍ଟାଲ ୬ କେଜି ଗଞ୍ଜେଇ, ଗୋଟିଏ ୱାକିଟକି ଜବତ କରିଛି। ଉକ୍ତ ସ୍କର୍ପିଓରେ ଲାଗିଥିବା ନମ୍ବର ପ୍ଲେଟ୍ ଜାଲ୍ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।



# ଟୋକନ୍ ସମସ୍ୟା, କଟ୍‌ନିଛଟ୍‌ନି ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଦେବଗଡ଼,୫।୧ (ଶଶାଙ୍କ ଶେଖର ଝାଙ୍କର)**


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଚାଷୀଙ୍କ ଟୋକନ ସମସ୍ୟା ଏବଂ କଟ୍‌ନିଛଟ୍‌ନି ପ୍ରତିବାଦରେ ଦେବଗଡ଼ ଜିଲା କୃଷକ ସଙ୍ଘର୍ଷ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୫ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦେବଗଡ଼ ଜିଲା କୃଷକ ସଙ୍ଘର୍ଷ ସଙ୍ଘ ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲାପାଳ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଉପଜିଲାପାଳ ପରକ୍ଷିତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଚାଷୀ ସମବାୟ ସମିତିରେ ନିର୍ଭୁଲ ଭାବେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। କିନ୍ତୁ ଗୋଡା କିସମର ଜମି ବାଦ ଦେଇ ଚତୁରତାର ସହିତ କାଟ୍‌ଛାଟ୍ କରି ଚାଷୀଙ୍କୁ ଟୋକନ୍ ଦିଆଯାଉଛି। ଏବେ ସୁଦ୍ଧା ଜିଲାର ଅନେକ ଚାଷୀ ଟୋକନ୍ ପାଇନାହାନ୍ତି। ଜମି ଅନୁସାରେ ଟୋକନ୍ ପ୍ରଦାନ ପାଇଁ ଦାବି ହୋଇଛି। ଚାଷୀଙ୍କୁ ମାଗଣାରେ ଅଖାବସ୍ତା ଦେବାର ବ୍ୟବସ୍ଥା ଥିବାବେଳେ ତାହା ଦିଆଯାଇ ନ ଥିବାରୁ ବାଧ ହୋଇ ୨୫ରୁ ୩୦ ଟଙ୍କା ଖର୍ଚ୍ଚ କରି ଚାଷୀ ଧାନବସ୍ତା କ୍ରୟ କରୁଛନ୍ତି। ଜିଲା ପ୍ରଶାସନ ଜାଣତରେ ଜିଲାର ସମସ୍ତ ଧାନମଣ୍ଡିରେ ୪ରୁ ୫ କିଲୋ ଧାନ କଟ୍‌ନି ଛଟ୍‌ନି କରାଯାଉଛି। ଏହାର ତଦନ୍ତ କରି ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ କଟ୍‌ନିଛଟ୍‌ନି ବନ୍ଦ ପାଇଁ ଦାବି ହୋଇଛି। ସେହିପରି ହ୍ରାସ କରାଯାଇଥିବା ୬୯ ଟଙ୍କା ସବ୍‌ସିଡି ସହିତ କୁଇଣ୍ଟାଲ ପିଛା ୩୧୬୯ ଟଙ୍କା ପ୍ରଦାନ ଏବଂ ଚାଷ ଜମିର କିସମ ପରିବର୍ତ୍ତନ ପାଇଁ ଦାବି ହୋଇଛି। ଏହି ଘେରାଉ କାର୍ଯ୍ୟକ୍ରମରେ ସଂଘର୍ଷ ସଂଘ ସମ୍ପାଦକ ଗୁଣନିଧି ବେହେରା, ଦେବରାଜ ପ୍ରଧାନ, ସୁରେଶ ସାହୁ, ଲମ୍ବୋଦର ମାଝୀ, ତୀର୍ଥବାସୀ ସାହୁ ଓ ବିରଞ୍ଚି ଭୋଇଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**କେସିଙ୍ଗା,୫।୧ (ତୁମେଶ୍ୱର ସାହୁ):** ସମ୍ବଲପୁର ଡିଭିଜନ ଅନ୍ତର୍ଗତ କାଣ୍ଡେଲ ରୋଡ୍ ରେଳ ଷ୍ଟେଶନର ୧ କି.ମି. ଦୂରରେ ସୋମବାର ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା କେସିଙ୍ଗା ସହର ୬ନଂ. ୱାର୍ଡ ଏମ୍ଇ ସ୍କୁଲପଡ଼ାର ନେପାଳ ମାଝୀ (୨୦)। ରେଳ ଧାରଣାରେ ମୃତଦେହ ପଡ଼ିଥିବା ଖବର ପାଇ ଟିଟିଲାଗଡ଼ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୋଲିସଠାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ନେପାଳଙ୍କ ବାପାଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ପରିବାରରେ କେବଳ ତାଙ୍କ ମା' ଅଛନ୍ତି। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଏଏସ୍ଆଇ କେ.ବି. ଶ୍ରୀନିବାସ ରାଓଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ।

### ବାଇକ୍ ଦୁର୍ଘଟଣା: ଜଣେ ମୃତ, ୧ ଗୁରୁତର

**ଜୁନାଗଡ଼,୫।୧(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବଲଦିଆମାଲ ଛକସ୍ଥିତ ଜାତୀୟ ରାଜପଥ ୧୩୦ ସି ବୁଲାଣି ରାସ୍ତାରେ ରବିବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଧର୍ମଗଡ଼ ବସ୍ତିପଡ଼ାର ପିଣ୍ଟୁ ବାଗ (୨୫)। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ତାଙ୍କ ସାଙ୍ଗ ଓମ୍ ଦୀପ (୨୫) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ବସ୍ତିପଡ଼ାର ପିଣ୍ଟୁ ଓ ଓମ୍ ଏକ ବାଇକ୍ (ନଂ.ଓଡି୦୮ଟି ୨୭୧୯) ରେ କୌଣସି କାମରେ ଜୁନାଗଡ଼ ଅଭିମୁଖେ ଆସୁଥିବା ସମୟରେ ବଲଦିଆମାଲ ଛକ ଜାତୀୟ ରାଜପଥପଥରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ପିଣ୍ଟୁଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଓମ୍‌ଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମୁକ୍ତ କାର୍ ଡ୍ରାଇଭର ତାଲିମ ଉଦ୍‌ଯାପିତ

**ଖଡ଼ିଆଳ,୫।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ଆଞ୍ଚଳିକ କ୍ଷତ୍ରିୟ ଯୁବ କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୨୦୨୫ ଡିସେମ୍ବର ୨୨ରୁ ଚାଲିଥିବା ୧୫ ଦିନିଆ ମୁକ୍ତ କାର ଡ୍ରାଇଭର ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଡୁମେରବାହାଲ ଖେଳ ପଡିଆଠାରେ ସକାଳ ୭ରୁ ୧୦ଟା ଓ ଅପରାହ୍ନ ୧ରୁ ୪ ଘଣ୍ଟା ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯାଇଥିଲା। କ୍ଷତ୍ରିୟ ସଂଗଠନର ସଭାପତି ଶ୍ରୀବତ୍ସ ବାରିକ, ସଂଗଠକ ବିକ୍ରମ ପାତ୍ର ଓ ସମିର ରଞ୍ଜନ ରାଉତ ଡ୍ରାଇଭରଙ୍କୁ ତାଲିମ ପ୍ରଦାନ କରିଥିଲେ। ସଭାପତି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଖଡିଆଳ ପାଟଣା କ୍ଷତ୍ରିୟ ସମାଜର ବରିଷ୍ଠ ପରାମର୍ଶଦାତା ନନ୍ଦଲାଲ ବାରିକ, ସାମାଜିକ କର୍ମୀ ଲବଣେଶ୍ୱର ବାରିକ, ସମାଜର ପୂର୍ବତନ ମୁଖ୍ୟ ସମ୍ପାଦକ ବୃନ୍ଦାବନ ବାରିକ, ସଂଗଠକ ପରମେଶ୍ୱର ବାରିକ, ଯୁବ ସଂଗଠନର ପୂର୍ବତନ ସଭାପତି ଅର୍ଜ୍ଜୁନ ସିଂ ଦଳପତି, ଛିନୁ ଚରଣ ନାଏକ, ପ୍ରେମାନନ୍ଦ ବାରିକ, ଉମାକାନ୍ତ ରାଉତଙ୍କ ସମେତ ତାଲିମ ନେଇଥିବା ହିତାଧିକାରୀ ଉପସ୍ଥିତ ଥିଲେ।

# ମିଲରଙ୍କ ଆନ୍ଦୋଳନ, ଧାନ ଉଠାଣ ବନ୍ଦ

**ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)**



ଜିଲାର ଏକ ମଣ୍ଡିରେ ଧାନ ଉଠାଣ ବନ୍ଦ ରହିଛି।

କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଗତ ନଭେମ୍ବର ୨୯ରୁ ଆରମ୍ଭ ହୋଇଥିଲା। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ମିଲରଙ୍କ ସହଯୋଗ ମନୋବୃତ୍ତି ଦେଖାଯାଇ ନ ଥିଲା। ଫଳରେ ଅନେକ ମଣ୍ଡିକୁ ବିକ୍ରି ପାଇଁ ଆସୁଥିବା ଧାନ ଠିକ୍ ଭାବେ ଉଠାଣ କରାଯାଇ ନ ଥିଲା। ଇତିମଧ୍ୟରେ ମାସେରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଜିଲାରେ ଧାନ କିଣାବିକା ସମସ୍ୟା ସମାଧାନ ହୋଇପାରିନାହିଁ। ଟୋକନ ସମସ୍ୟାକୁ ନେଇ ଚାଷୀମାନେ ମଣ୍ଡିକୁ ଧାନ ଆଣିପାରୁ ନ ଥିବାବେଳେ ଆସିଥିବା ଧାନ ମଧ୍ୟ ଠିକ୍ ଭାବେ ଉଠାଣ କରାଯାଉନାହିଁ। ଏହି ଦୃଷ୍ଟିରୁ ଅନ୍ୟ ବର୍ଷ ତୁଳନାରେ ଏଥର ଧାନ ସଂଗ୍ରହ ପ୍ରକ୍ରିୟା କେବଳ ବିଳମ୍ବିତ ହୋଇଛି ତା' ନୁହେଁ, ଧାନବିକ୍ରି ଓ ଉଠାଣରେ ମନ୍ଥରତା ଦେଖାଦେଇଛି। ଏଭଳି ସ୍ଥିତିରେ ସୋମବାର ଅଲ ଓଡ଼ିଶା ମିଲର୍ସ ଆସୋସିଏଶନ ପକ୍ଷରୁ କଷ୍ଟମ ମିଲିଂ ଚାର୍ଜ ବୃଦ୍ଧି, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ, ଧାନ ପରିବହନ ଖର୍ଚ୍ଚ ପ୍ରଦାନ ଦାବି ନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଏହାପୂର୍ବରୁ ସେମାନେ ଜିଲାପାଳଙ୍କଠାରୁ ଆରମ୍ଭକରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ମିଲରଙ୍କ ଆନ୍ଦୋଳନ ଯୋଗୁ କଳାହାଣ୍ଡିରେ ସୋମବାରଠାରୁ ମଣ୍ଡିରୁ ଧାନ ଉଠାଣ ପ୍ରକ୍ରିୟା ବନ୍ଦ ହୋଇଯାଇଛି। ଫଳରେ ଜିଲାର ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି। ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାବେଳେ ପରବର୍ତ୍ତୀ ରବି (ଡାଲୁଅ) ଚାଷ ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା କରିଛନ୍ତି।

ଜିଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ରବିବାର ସୁଦ୍ଧା ୪୯,୫୮୯ ଜଣ ଚାଷୀ ୨୨ଲକ୍ଷ ୫୩ ହଜାର ୬୭୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କେବଳ ରବିବାର ଗୋଟିଏ ଦିନରେ ୨୯୯୨ ଜଣ ଚାଷୀଙ୍କ ୧ଲକ୍ଷ ୩୬ ହଜାର ୧୪୯ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଗତବର୍ଷ ଏହି ତାରିଖରେ ୫୧ହଜାର ୧୩ ଜଣ ଚାଷୀ ୨୩ଲକ୍ଷ ୬୫ ହଜାର ୨୯୩ କୁଇଣ୍ଟାଲ ଧାନ ବିକ୍ରି କରିସାରିଥିଲେ। କଳାହାଣ୍ଡି ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲାର ବହୁ ଚାଷୀ ଧାନ ବିକ୍ରି ଆଶାରେ ହାଡ଼ଭଙ୍ଗା ଶୀତରେ ମଣ୍ଡିରେ ପଡ଼ି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ତାରିଖକୁ ଜଗି ବସିଛନ୍ତି। ଏପଟେ ମିଲରଙ୍କ ଆନ୍ଦୋଳନ ଯୋଗୁ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରକୁ ପଚାରିବାରୁ ମିଲରଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ଧାନ ଉଠାଣ ବନ୍ଦ ରହିଛି। ସରକାରୀ ସ୍ତରରେ ମିଲରଙ୍କ ସହ ଆଲୋଚନା ଚାଲିଛି, ଖୁବ୍‌ଶୀଘ୍ର ସମାଧାନ ହେବ ଓ ଧାନ ଉଠାଣ ପ୍ରକ୍ରିୟା ସ୍ୱାଭାବିକ ହେବ ବୋଲି କହିଥିଲେ।

## ନୂଆପଡ଼ା ଜିଲା: ମଣ୍ଡିରେ ଅଚଳାବସ୍ଥା

**ନୂଆପଡ଼ା,୫।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲାର ସମସ୍ତ ମିଲର୍ସ ବିଭିନ୍ନ ଦାବି ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ମଣ୍ଡିରେ ଅଚଳାବସ୍ଥା ଦେଖାଦେଇଛି। ଦୀର୍ଘ ବର୍ଷରୁ ମିଲର୍ସମାନେ ମିଲିଂ ଚାର୍ଜ ବୃଦ୍ଧି କରାଯାଉ ବୋଲି ଦାବି କରିଆସୁଛନ୍ତି। ସେହିପରି ଧାନର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଦାନ, ୪୦ କିଲୋମିଟରରୁ ଅଧିକ ଦୂରତା ପାଇଁ ଧାନ ଓ ଚାଉଳ ପରିବହନ ଖର୍ଚ୍ଚ ନିକଟରେ ସଂଶୋଧିତ ହୋଇଥିବା ୨୮ ପଇସା ପ୍ରତି କୁଇଣ୍ଟାଲ ପରିବର୍ତ୍ତେ ପୂର୍ବ ଦର ୪୩ ପଇସା ଲାଗୁ କରାଯାଉ, ଦୂରତା ଅନୁଯାୟୀ ପେଠ କରିବା ପରିବର୍ତ୍ତେ ଏମଏମଡିଏଫ ନାମରେ ବିଲ କରାଯିବା, ଖରିଫ ଋତୁ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ଅରୁଆ ଚାଉଳ ମିଲିଂ ଧାନ ଉପରେ ଡ୍ରାଏଜକୁ ୧ ଶତକଡାକୁ ପୁନଃ ସ୍ଥାପିତ କରିବା ଆଦି ଦାବି ରହିଛି। ଏ ନେଇ ସରକାରଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏବେ ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ୭୭ ମଣ୍ଡିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ପ୍ରକାଶଥାଉ କି ଚଳିତ ଖରିଫ ଋତୁରେ ଜିଲାର ୫୧ ହଜାର ୩୪୧ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ରବିବାର ସୁଦ୍ଧା ୨୮ ହଜାର ୫୪୧ ଚାଷୀଙ୍କ ୧୨ ଲକ୍ଷ ୪୨ ହଜାର ୪୧୮ କୁଇଣ୍ଟାଲ ଧାନ ଉଠାଯାଇଛି।

## ୭୨ ଅଭିଯୋଗର ଶୁଣାଣିକଲେ ଜିଲାପାଳ



ଜଣେ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

**ନୂଆପଡ଼ା,୫।୧ (ମକାରୁ ବେମାଲ)**

ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ, ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂଙ୍କ ସମେତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ, ଖଡ଼ିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏ. ମାଧବୀଲତା, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସମୀର ସାହୁ, ଉପଜିଲାପାଳ ସୁର୍ମି ସୁରେନ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୫୯ ବ୍ୟକ୍ତିଗତ ଓ ୧୩ ଗୋଷ୍ଠୀଗତ ମୋଟ ୭୨ ଅଭିଯୋଗର ଜିଲାପାଳ ଶୁଣାଣି କରିଛନ୍ତି। ଏହିସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲାପାଳ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର ଶେଖ ନସିମ ଓ ଚିନ୍ମୟ ସାଗର ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ଏଥର ୫ଦିନ ହେବ କଳାହାଣ୍ଡି ଉତ୍ସବ 'ଘୁମୁରା'

**ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ**

**ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସକାଶେ କଳାହାଣ୍ଡି ଉତ୍ସବ 'ଘୁମୁରା' ଆସନ୍ତା ୧୪ ତାରିଖରୁ ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ତେବେ ଚଳିତବର୍ଷ ୪ଦିନ ପରିବର୍ତ୍ତେ ପାଞ୍ଚଦିନ ଧରି ଉତ୍ସବ ଅନୁଷ୍ଠିତ ହେବ। ପୂର୍ବରୁ ୧୭ ତାରିଖ ଉଦ୍‌ଯାପନୀ ଥିବାବେଳେ ତାହା ୧୮କୁ ବୃଦ୍ଧି କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ଚୂଡାନ୍ତ ହୋଇଥିବା ସୋମବାର କଳାହାଣ୍ଡି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ପାୱାର ସଚିନ ପ୍ରକାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କୁ ଘୁମୁରାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।



ଭଟାପଲା ମହୋତ୍ସବରେ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

## ଭଟାପଲା ମହୋତ୍ସବ: ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହୁଛି

**କର୍ଲାମୁଣ୍ଡା,୫।୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ବୋରପଦର ପଞ୍ଚାୟତ ଭଟାପଲାଠାରେ ଗ୍ରାମବାସୀ ତଥା ଅଲେଖ ମହିମା କମିଟି ପକ୍ଷରୁ ଚାଲିଥିବା ଭଟାପଲା ମହୋତ୍ସବ ସୋମବାର ୫ମ ଦିନରେ ପହଞ୍ଚିଛି। ଏହି ଅବସରରେ ପ୍ରତ୍ୟେକ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ରବିବାର ଚତୁର୍ଥ ରାତିରେ ଆୟୋଜିତ ସଭାରେ ସରପଞ୍ଚ ସୁବାସ ସାହୁ ସଭାପତିତ୍ୱ କରିଥିଲେ। ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ତଥା ଯୁବ ନେତା ଅବିନାଶ ଠାକୁର ମୁଖ୍ୟ ଅତିଥି, ଖବରଦାତା ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ରିପୁଦମନ ସୌରଭ ମିଶ୍ର, ସାମାଜିକ କର୍ମୀ ଗୋବିନ୍ଦ ଅଗ୍ରୱାଲ, ଭାଜପା ମଣ୍ଡଳ ସଭାପତି ଡୋଲାମଣି ଭୋଇ, ଭାଜପା ନେତା ଗଣେଶ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଇଚାରା, ଏକତା ଭାବ ସୃଷ୍ଟିହେବା ସହ କଳା ସଂସ୍କୃତି ଓ ପରମ୍ପରାକୁ ବଞ୍ଚେଇବାର ପ୍ରୟାସକୁ ପ୍ରଶଂସା କରିଥିଲେ। ସଭା କାର୍ଯ୍ୟକୁ ତେଜରାଜ ସାହୁ, ରମେଶ ସାହୁ ଓ ମୁକେଶ ସାହୁ ପରିଚାଳନା କରିଥିବାବେଳେ ପରିଚାଳନା କମିଟି ସଭାପତି ବିଷ୍ଣୁ କୁମାର, ସମ୍ପାଦକ ବିଶ୍ୱାମିତ୍ର ଭୋଇ, କୋଷାଧ୍ୟକ୍ଷ ସମ୍ପଦ କୁମାର, ସହ ସମ୍ପାଦକ ବିଜୟ ସାହୁ, ଉପସଭାପତି ସରୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବ ମଙ୍ଗଳବାର ଉଦ୍‌ଯାପନ ହେବାକୁ ଥିବା ଜଣାପଡ଼ିଛି।

## ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

**ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୩୦ ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୦୫ ଓ ସାମୂହିକ ୧୫ଟି ରହିଥିବା ବେଳେ ୨୪ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ) ଅନିମେସ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ପିଡି ଜଳଛାୟା ପ୍ରଭାକର ନାୟକ, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ର, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମୀ କହଁର, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଟ୍ରାକ୍ଟର ତଳେ ଚାପିହୋଇ ଜଣେ ମୃତ, ୨ ଗୁରୁତର

**ନୂଆପଡ଼ା,୫।୧ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ଥାନା ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁରେ ସୋମବାର ଟ୍ରାକ୍ଟର ଚାପାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପଣ୍ଡରାପଥର ଗାଁର ସଞ୍ଜୁ ମାଝି (୨୩) ଓ ୨ ଗୁରୁତର ଉକ୍ତ ଗାଁର ଗୁଣ୍ଡା ମାଝି(୨୫) ଓ ଦିନେଶ ମାଝି (୨୭)। ଅପରାହ୍ନ ୩ଟା ସମୟରେ ଏକ ଟ୍ରାକ୍ଟର ପଣ୍ଡରାପଥର ଗାଁରୁ କୌଣସି କାର୍ଯ୍ୟରେ କେନାଲ ରାସ୍ତାରେ ନାଏକପଡା ଆସୁଥିଲା। ଏହି ସମୟରେ କିଛି ସାମଗ୍ରୀ ସହ ସାଇକେଲରେ ଯାଉଥିବା ଜଣେ ଲୋକଙ୍କୁ ସାଇଡ ଦେବାକୁ ଯାଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ସଞ୍ଜୁଙ୍କ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁଣ୍ଡା ଓ ଦିନେଶ ଆହତ ହୋଇଛନ୍ତି।

## ଜିଲାସ୍ତରୀୟ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଲାଞ୍ଜିଗଡ଼,୫।୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡରୋଡ ପଞ୍ଚାୟତ କାଉଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନିଆ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ଓ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। କଳାହାଣ୍ଡି ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ଏଡ଼ିଏମ୍ ତନ୍ମୟ ଦରୱାନ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହେମ ଶାଗର ମହାନନ୍ଦ, ଜିଲା ଶାରୀରିକ ଶିକ୍ଷାଧିକାରୀ ରୂପସିଂ ରାଉତ, ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଶାରୀରିକ ଶିକ୍ଷାଧିକାରୀ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜଳ ଦେବ ମୁଣ୍ଡ, ଭାରତ ଭୁଷଣ ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ, ବେଦବ୍ୟାସ ପ୍ରଧାନ ସଭା ପରିଚାଳନା କରିଥିଲେ। ସନ୍ଧ୍ୟା ଅଧିବେଶନରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୨୦ ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**କଲମପୁର, ୫।୧(ଗଣେଶରାମ ବାଗ)**




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ପଣ୍ଡିଗାଁ ଗ୍ରାମ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୧୦ଟାରେ ପାତ୍ରବସା ମା' ଲଙ୍କେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଉତ୍ସବ ମଞ୍ଚରେ ସ୍ଥାପନ କରାଯାଇଥିଲା। ସରପଞ୍ଚ କବିତା ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି ମୁଖ୍ୟ ଅତିଥି, ତହସିଲଦାର ସ୍ମରଣିକା ତୁଲ ମୁଖ୍ୟବକ୍ତା ଓ ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଜିଲା ପରିଷଦ ସଭ୍ୟ ଦୁହିତା ମାଝୀ, ନିବେଦିତା ହଂସ, ନାଏବ ସରପଞ୍ଚ ହେମଲତା ନାଏକ, ପଣ୍ଡିଗାଁ ପଞ୍ଚାୟତ ସମିତି ସଭ୍ୟ ଟିକେମଣି ହଂସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନୀ, ଶିକ୍ଷାବିତ୍ ସତ୍ୟନାରାୟଣ ରାଜପୁତ, ସାମାଜିକ କର୍ମୀ ଦେବରାଜ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଭା ଅନ୍ୱେଷଣ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ଓ ସୁଧୀର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ପଞ୍ଚାୟତ କର୍ମଚାରୀ ସହଯୋଗ କରିଥିଲେ। ଉତ୍ସବରେ ବାଜା ସାଲ, ମେଲୋଡି, ଢାବ ନୃତ୍ୟ, ସଙ୍ଗୀତ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## କଳାହାଣ୍ଡି ଉତ୍ସବ: ୩ ଦିନ ହେବ ରାହଗିରି କାର୍ଯ୍ୟକ୍ରମ

**ଭବାନୀପାଟଣା,୫।୧(ଉତ୍ତମ କୁମାର ଦାଶ)**



ରାହଗିରି କାର୍ଯ୍ୟକ୍ରମ ପାଇଁ ବୈଠକରେ ଆଲୋଚନା କରାଯାଉଛି।

କଳାହାଣ୍ଡି ଉତ୍ସବ 'ଘୁମୁରା' ଅବସରରେ ହେବାକୁ ଥିବା ରାହାଗିରି କାର୍ଯ୍ୟକ୍ରମ ନିମନ୍ତେ ସୋମବାର ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ଜିଲା ଯୋଜନା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସଞ୍ଜୟ କୁମାର ଅଧ୍ୟକ୍ଷତା କରିଥିଲେ। ଏଥିରେ ଉପଦେଷ୍ଟା ଡ. ଅଜୟ କୁମାର ମିଶ୍ର, ସହ ଅଧ୍ୟକ୍ଷ ସୌଭାଗିନୀ ପାତ୍ର, ନୋଡାଲ ଅଫିସର ଶ୍ରୀକାନ୍ତ ଦଳେଇ, ଉପନିର୍ଦ୍ଦେଶକ, ଯୋଜନା, କଳାହାଣ୍ଡି, ସଂଯୋଜକ ସୁଶାନ୍ତ କୁମାର ସିଂହ ଓ ବିଭିନ୍ନ ବିଦ୍ୟାଳୟର ପ୍ରତିନିଧିମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ରୂପରେଖ ଓ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଆଲୋଚନା ପରେ ରାହାଗିରି କାର୍ଯ୍ୟକ୍ରମ ଭବାନୀପାଟଣା ଜେଲ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଜରାସ୍ତାରେ ୧୧ ଜାନୁୟାରୀ ୨୦୨୬ଠାରୁ ୧୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ଚିତ୍ରାଙ୍କନ ପ୍ରତିଯୋଗିତା, ସମୂହ ଓ ଏକକ ନୃତ୍ୟ, ଯୋଗ, ମାସ୍‌ଡ୍ରିଲ, କରାଟେ, କଙ୍ଗ୍ଫୁ, ବ୍ୟାଡ୍‌ମିଣ୍ଟନ, ରଙ୍ଗୋଲି, ବାଲୁକା କଳା, ଫୁଡ ଫେଷ୍ଟିଭାଲ, ମ୍ୟାଜିକ, ର୍ୟାମ୍ପ ଶୋ, ମିମିକ୍ରି, ରାଇଫଲ ଚାଳନା, ମହିଳାମାନଙ୍କ ପାଇଁ ବିଭିନ୍ନ ଖେଳ, ବାଇକ୍ ଶୋ, କ୍ଷୁଦ୍ର ନାଟକ ଇତ୍ୟାଦି ସ୍ଥାନ ପାଇବ। କାର୍ଯ୍ୟକ୍ରମକୁ ଠିକ ରୂପରେଖ ଦେବାପାଇଁ ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପରିଶେଷରେ ଅଧ୍ୟକ୍ଷ ସଞ୍ଜୟ କୁମାର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି ସଭାସାଙ୍ଗ କରିଥିଲେ।

# ମିଲର୍ସଙ୍କ ଆନ୍ଦୋଳନ ପରେ ବଢ଼ିଲା ଧାନ ବିକ୍ରି ଜଟିଳତା

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଧାନ କିଣାବିକା ସମସ୍ୟା ଲାଗି ରହିଛି। ଜିଲାରେ ମଣ୍ଡି ଖୋଲିବାର ମାସାଧିକ କାଳ ବିତିଯାଇଛି। ଧାନ କିଣାବିକା ବ୍ୟବସ୍ଥା ଠିକ୍ ଭାବରେ ଚାଲିଥିବା ନେଇ ରାଜ୍ୟ ସରକାର ଦାବି କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଧାନ କିଣାବିକା ସମସ୍ୟା ଅସମାହିତ ରହିଛି ବୋଲି ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ଅଭିଯୋଗ କରିଛି। ଜିଲାର ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳି ନ ଥିବାବେଳେ ମଣ୍ଡିରୁ ମନ୍ଥର ଗତିରେ ଧାନ ଉଠାଇବା ଏବଂ କଟ୍‌ନୀଛଟ୍‌ନୀ ବ୍ୟାପକ ହେବା କାରଣରୁ ଧାନବିକ୍ରି ସମସ୍ୟା ଜଟିଳ ହୋଇ ଚାଲିଛି। ଏପରି ସ୍ଥିତିରେ ସୋମବାରରୁ ରାଇସ୍ ମିଲ ମାଲିକମାନଙ୍କ ଧାନ ନ ଉଠାଇବା ଧମକ ଧାନ ଉଠାଣରେ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି କରିଛି। ଓଡ଼ିଶାରେ ଅନୁସୃତ କଷ୍ଟମ ମିଲିଂ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଜକୋଷର ଅର୍ଥରୁ ଧାନ କିଣା ଯାଉଥିଲେ ସୁଦ୍ଧା ଓଡ଼ିଶା ସରକାରଙ୍କ ମିଲର୍ସ ଉପରେ ନିର୍ଭର ଧାନକିଣା ବ୍ୟବସ୍ଥା କାରଣରୁ ଏହାର ସୁଯୋଗ ନେଇ ମିଲରମାନେ ଏପରି ଧମକ ଦେଇଛନ୍ତି ବୋଲି ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ଅଭିଯୋଗ କରିଛି। ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଭଳି ସରକାର ନିଜେ ଚାଷୀମାନଙ୍କଠାରୁ ସିଧାସଳଖ ଧାନ କିଣି ଆବଶ୍ୟକ ସ୍ଥଳେ କେପ ଷ୍ଟୋରେଜ ଜରିଆରେ ଖୋଲା ପଡିଆରେ ଧାନ ଗଚ୍ଛିତ ରଖି ପର୍ଯ୍ୟାୟକ୍ରମେ ମିଲର୍‌ମାନଙ୍କୁ ପଠାଇବା ବ୍ୟବସ୍ଥା ନ କରିବା କାରଣରୁ ମିଲରମାନେ ଏପରି ଧମକ ଦେଇପାରୁଛନ୍ତି। ତେଣୁ ଓଡିଶା ସରକାର ମିଲର୍‌ମାନଙ୍କ ଧମକର ବାହାନା କରି ଅଚଳାବସ୍ଥା ସୃଷ୍ଟି ନକରି ନିଜେ ସିଧାସଳଖ ଚାଷୀମାନଙ୍କଠାରୁ ଧାନ କିଣିବା ଘୋଷଣା କରନ୍ତୁ ବୋଲି ଏହି ଚାଷୀ ସଂଗଠନ ଦାବି କରିଛି। ଆଗାମୀ ତିନିଦିନ ଭିତରେ ସରକାର ଆଶୁ ପଦକ୍ଷେପ ଗ୍ରହଣ ନକଲେ ସ୍ଥିତି ବିସ୍ଫୋରକ ହେବ ତଥା ଜୟ କିଷାନ ଆନ୍ଦୋଳନ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସୋମବାର ଅନୁଷ୍ଠିତ ଏକ ବୈଠକରେ ବରଗଡ଼ ଜିଲା ଜୟ କିଷାନ ଆନ୍ଦୋଳନ ଚେତାବନୀ ଦେଇଛି। ବୈଠକରେ ସଂଗଠନର ପ୍ରତିନିଧିମାନେ କହିଥିଲେ, ସଦ୍ୟ ସମାପ୍ତ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଞ୍ଚକୁ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଏ ସମସ୍ୟାର ସମାଧାନ ପାଇଁ ଠୋସ ପ୍ରତିଶ୍ରୁତି ନ ଦେବା ଏବଂ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେ. ଭି. ସିଂଦେଓ କୃଷକମାନଙ୍କ ରାଜରାସ୍ତାରେ ଆନ୍ଦୋଳକୁ ନୌଟଙ୍କି ବୋଲି କହି ବିଦ୍ରୂପ କରିବା ଘଟଣାକୁ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା। ଚାଷୀମାନଙ୍କର ଗମ୍ଭୀର ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କର ଏହା ସମ୍ବେଦନହୀନ ପରିଚାୟକ। ଏଭଳି ଚାଷୀମାରଣ ଆଭିମୁଖ୍ୟ ପରିହାର କରି ରାଜ୍ୟ ସରକାର ତତ୍କାଳ ପଦକ୍ଷେପ ଗ୍ରହଣ ନକଲେ ରାଜ୍ୟର ଚାଷୀକୁଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଜୟ କିଷାନ ଆନ୍ଦୋଳନ ଆହ୍ୱାନ ଦେଇଛି। ଏହି ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ଜିଲା ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ, ମହେଶ୍ୱର ପ୍ରଧାନ, ସୁରେନ୍ଦ୍ର ମେହେର, ଅରୁଣ ପ୍ରଧାନ, କୁନା ବେହେରା, ମିନିଷ୍ଟର ବାରିକ, କିଶୋର ସାହୁ, ସରୋଜ ପଧାନ, ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

## ଧାନ ଉଠେଇଲେନି ମିଲର୍ସ

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

ଆଉ ୨ସପ୍ତାହ ପରେ ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ବିତିବ। ହେଲେ ଜିଲାରେ ଧାନ କିଣାବିକା ସମସ୍ୟା ଅସମାହିତ ରହିଛି। ଟୋକନ ସମସ୍ୟାକୁ ନେଇ ଚାଷୀମାନେ ମଣ୍ଡିକୁ ଧାନ ଆଣିପାରୁ ନଥିବାବେଳେ ମଣ୍ଡିକୁ ଆସିଥିବା ଧାନ ମଧ୍ୟ ଠିକ୍‌ଭାବେ ଉଠାଣ କରାଯାଉ ନଥିବାବେଳେ କଟ୍‌ନୀଛଟ୍‌ନୀ ଜୋର୍ ଧରିଛି। ଏଭଳି ସ୍ଥିତିରେ ପୂର୍ବ ଘୋଷଣା ଅନୁଯାୟୀ, ସୋମବାରରୁ ବିଭିନ୍ନ ଦାବି ନେଇ ମଣ୍ଡିଗୁଡ଼ିକରୁ ଧାନ ଉଠାଣ ପ୍ରକ୍ରିୟାକୁ ବନ୍ଦ କରି ଦେଇଛନ୍ତି। ଫଳରେ ପୂର୍ବାପେକ୍ଷା ଜିଲାର ଧାନ ସଂଗ୍ରହ ପ୍ରକ୍ରିୟା ଆହୁରି ଜଟିଳ ହୋଇପଡ଼ିଥିବାବେଳେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ଜିଲାରେ ଗତ ନଭେମ୍ବର ୧୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଆରମ୍ଭରୁ ଧାନବିକ୍ରିରେ ଚାଷୀମାନଙ୍କୁ ବିଭିନ୍ନ ସମସ୍ୟାରେ ଛନ୍ଦି ହେବାକୁ ପଡ଼ିଛି। କେତେବେଳେ ଟୋକନ ସମସ୍ୟା ତ ଆଉକେବେ ମଣ୍ଡିରୁ ଧାନ ଉଠାଣରେ ମନ୍ଥରତା ଯୋଗୁ ଅନେକ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଅମଳ ଧାନ ବିକ୍ରି କରି ପାରିନାହାନ୍ତି। ଅନ୍ୟପଟେ ନିଜ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ କେତେକ ଚାଷୀ ବାଧ୍ୟ ହୋଇ ବେପାରୀ ହାତକୁ ଧାନ ଟେକିଦେବା ସାଧାରଣରେ ଆଲୋଚିତ ହୋଇଛି। ଏଭଳି ସ୍ଥଳେ ରାଜ୍ୟ ସରକାରଙ୍କ ପ୍ରତି ଚାଷୀଙ୍କ ବିକ୍ଷୋଦ୍‌ଗାର ପରିଲକ୍ଷିତ ହୋଇଥିବାବେଳେ ଆନ୍ଦୋଳନ ପାଇଁ ଚାଷୀ ସଙ୍ଗଠନଗୁଡ଼ିକ ପୁଣି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଅପରପକ୍ଷେ ମିଲର୍ସଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମଣ୍ଡିରୁ ଧାନ ଉଠାଣ ବନ୍ଦ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇ ଦେଇଛି।

ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନ ବରଗଡ଼ରେ ଏକ ଖବରଦାତା ସମ୍ମିଳନୀ କରିଥିଲା। କଷ୍ଟମ ମିଲିଂ ଚାର୍ଜ ବୃଦ୍ଧି, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣର ଖର୍ଚ୍ଚ ପ୍ରଦାନ, ଧାନ ପରିବହନ ଖର୍ଚ୍ଚ ପ୍ରଦାନ, ମିଲ୍ ଗୋଦାମରେ ଗଚ୍ଛିତ ଚାଉଳ ଉଠାଣ ନେଇ ଆସୋସିଏଶନ ଦାବି କରିଥିଲା ଏବଂ ରାଜ୍ୟ ସରକାରଙ୍କୁ ଏ ନେଇ ଲେଖି ଜଣାଇଥିଲା। ତେବେ ସେତେବେଳେ ରାଜ୍ୟ ସରକାର ଓ ମିଲର୍ସ ଆସୋସିଏଶନ ମଧ୍ୟରେ ଆଲୋଚନା ହୋଇଥିଲା ଏବଂ ଦାବି ପୂରଣ ନେଇ ଆଶ୍ୱାସନା ମିଳିବା ପରେ ମିଲର୍ସମାନେ ଧାନ ଉଠାଣ ନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ସହିତ ଚୁକ୍ତିନାମା କରିଥିଲେ। ମାତ୍ର ଆଲୋଚନାର ଦୀର୍ଘଦିନ ପରେ ମଧ୍ୟ ମିଲର୍ସଙ୍କ ଦାବି ପୂରଣ ନ ହେବାରୁ ଗତ ୧ତାରିଖ ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନ ପୁଣି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କୁ ଲେଖି ଜଣାଇଥିଲା ଏବଂ ୩ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୫ତାରିଖରୁ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ମିଲର୍ସ ଆସୋସିଏଶନ ଚେତାବନୀ ଦେଇଥିଲା। ଏହି କ୍ରମରେ ମିଲର୍ସ ଆସୋସିଏଶନ ମଣ୍ଡିରୁ ଧାନ ଉଠାଣ ପ୍ରକ୍ରିୟାକୁ ବନ୍ଦ କରିଦେଇଛି।

## ସଂକ୍ଷେପରେ

### କଫ୍ ସିରପ ଜବତ, ମହିଳା ଗିରଫ

ଝାରବନ୍ଧ,୫।୧(ଦେବେନ୍ଦ୍ର ସାହୁ): ବେଆଇନ କଫ୍ ସିରପ କାରବାର ଅଭିଯୋଗରେ ଝାରବନ୍ଧ ପୋଲିସ ସୋମବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚିତ୍ର ମହାନନ୍ଦ (୩୦)। ତାଙ୍କ ନିକଟରୁ ୪ଲିଟର ଅପମିଶ୍ରିତ କଫ୍ ସିରପ, ୨ଷ୍ଟ୍ରିପ ନିଶା ବଟିକା, ୧୦ଟି କଫ୍ ସିରପ ବୋତଲ ଜବତ କରାଯାଇଛି। ଝାରବନ୍ଧ ଥାନାଧିକାରୀ କେ. ସମାରିୟାଙ୍କ ସୂଚନା ଅନୁସାରେ, ପୂର୍ବାହ୍ନ ସାଢ଼େ ୧୦ଟାରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଝାରବନ୍ଧ ହରିଜନପଡ଼ା ପାଖ ଡୁଙ୍ଗୁରିରେ ବେଆଇନ କଫ୍ ସିରପ ବିକ୍ରି ହେଉଥିବା ଖବର ପାଇ ଏଏସ ଆଇ କୌଶିକ ସାହୁ, ହୋମଗାର୍ଡ ଦେବାର୍ଚ୍ଚନ ନିଆଲ ଏବଂ ଫୋର୍ସ ଷ୍ଟାଫ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କେତେଜଣ ଫେରାର ହୋଇଯାଇଥିବା ବେଳେ ଚିତ୍ର ମହାନନ୍ଦ ଧରାପଡ଼ି ଥିଲେ। ଉକ୍ତ ମହିଳାଙ୍କ ବିରୋଧରେ ଝାରବନ୍ଧ ଥାନାରେ ଏକ (ନଂ.୨/୨୬)ରେ ମାମଲା ରୁଜୁ ହୋଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ହରଭଙ୍ଗା,୫।୧(ନରେନ୍ଦ୍ର କୁମାର ସାହୁ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଥୁରା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ନବାଇ ଚରଣ ଦେହୁରୀଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଜଣେ ନିର୍ଭିକ ଓ ଲୋକପ୍ରିୟ ନେତା ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ମଥୁରା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଭାପତି ଥିଲେ। ତାଙ୍କ ବିୟୋଗରେ ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀମାନେ ଶୋକ ପ୍ରକାଶ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ମଣ୍ଡିରେ ମନ୍ଥରତା, ଚାଷୀ ନିରାଶ

ପଦ୍ମପୁର,୫।୧(ପ୍ରଦୀପ୍ତ ଦାଶ)

**ପଡି ରହିଛି ୮ଲକ୍ଷ ୭୫ ହଜାର ପ୍ୟାକେଟ ଧାନ**

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ପ୍ରାୟ ଦେଢ ମାସ ବିତିଯାଇଲେ ମଧ୍ୟ ସମସ୍ତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ । ଯେଉଁ ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିଛି ସେମାନେ ମଣ୍ଡିରେ ଧାନ ପକାଇଛନ୍ତି । ମାତ୍ର ମିଲର୍ସରେ ଓ ପ୍ରଶାସନର ଅସହଯୋଗ ଓ ଜୁଲମରେ ଚାଷୀ ଅତିଷ୍ଠ ହୋଇ ପଡୁଛନ୍ତି। ଏ ସଂପର୍କରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଦିନକୁ କେଉଁ ମଣ୍ଡିରେ କେତେ କୁଇଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି। ସେହିପରି ଉପଖଣ୍ଡର ଗୋଟିଏ ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦେଉଛି। ଫଳରେ ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡେନ,ଜମଲା, କନସିଂହା ସମେତ ଉପଖଣ୍ଡର ୯୨ ଗୋଟି ମଣ୍ଡିରେ ଅଚଳାବସ୍ଥା ଦେଖାଯିବା ସହିତ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଆଜି ସୁଦ୍ଧା ପଦ୍ମପୁର ଉପଖଣ୍ଡ ୯୨ ମଣ୍ଡିରେ ୮ଲକ୍ଷ ୭୫ ହଜାର ୯୨୮ ପ୍ୟାକେଟ ଧାନ ପଡ଼ିରହିଛି। ଏ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପଧାନ, ବ୍ଲକ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା।

## ବୀରତା ଦିବସରେ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଆଲୋଚନା ଚାଲିଛି।

ପଦ୍ମପୁର, ୫।୧(ପ୍ରଦୀପ୍ତ ଦାଶ)

ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ପକ୍ଷରୁ ଶହୀଦ ବୀର ମାଧୋ ସିଂଙ୍କ ୧୬୮ତମ ବୀରତା ଦିବସ ପାଳନ ହୋଇଥିବାରୁ ଏକ ସମୀକ୍ଷା ବୈଠକ ଘେଁସ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ବ୍ଲକର ବ୍ଲକ ସଭାପତି, ସମ୍ପାଦକ ଓ ବ୍ଲକ ସଭାନେତ୍ରୀ, ସମ୍ପାଦିକାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସଂଘର ପ୍ରତିଷ୍ଠାତା ଶ୍ରୀମାନ ଗୋବର୍ଦ୍ଧନ ଭୋଏ ଯୋଗଦାନ କରିଥିଲେ। ଜିଲା ସଭାପତି ଗୋବିନ୍ଦ ବରିହା, ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ ଏବଂ ସମସ୍ତ ବ୍ଲକର ସଂଗ୍ରାମୀମାନେ ଉପସ୍ଥିତ ଥିଲେ। ଶହୀଦ ବୀର ମାଧୋ ସିଂଙ୍କ ବୀର ମାଟି ବୀରତା ଦିବସରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ଘେଁସ ଗ୍ରାମର ମହାବିଦ୍ୟାଳୟକୁ ମାଧୋ ସିଂଙ୍କ ନାମରେ ନାମିତ କରିଥିବାରୁ ଏବଂ ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରମାନଙ୍କୁ ମାଧୋ ସିଂଙ୍କ ହାତ ଖର୍ଚ୍ଚ ଅନୁଦାନ ପ୍ରଦାନ, ଘେଁସ ମହାବିଦ୍ୟାଳୟକୁ ଶହୀଦ ମାଧୋ ସିଂ ସ୍ମାରକୀ ମହାବିଦ୍ୟାଳୟ ନାମକରଣ, ୧୦୦ ଆସନ ବିଶିଷ୍ଟ ଅର୍ବାନ ମଡେଲ ବାଳିକା ଛାତ୍ରାବାସ ତିଆରି ଘୋଷଣା, ଘେଁସରେ ଶହୀଦ ସ୍ମାରକୀ ପ୍ରତିଷ୍ଠା ଏବଂ ମାଧୋ ସିଂଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସ୍ୱାଗତ ତୋରଣ ନିର୍ମାଣ ପାଇଁ ଘୋଷଣା କରିଥିବାରୁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରି ଧନ୍ୟବାଦ ଜ୍ଞାପନ କରାଯାଇଛି । ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିବାରୁ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଧନ୍ୟବାଦ ଦିଆଯାଇଛି ।

## ୯ରୁ ବୁଦ୍ଧଦେବ ମହାବିଦ୍ୟାଳୟର ରଜତ ଜୟନ୍ତୀ

ପଦ୍ମପୁର,୫।୧( ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତିନିଦିନିଆ ରଜତ ଜୟନ୍ତୀ ମହୋତ୍ସବ ଜାନୁୟାରୀ ୯ରୁ ଆରମ୍ଭ ହେବ। ଏଥିପାଇଁ ରଜତ ଜୟନ୍ତୀ ପାଳନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ୯ତାରିଖ ଦିନ ବିଭିନ୍ନ ଲୋକନୃତ୍ୟ ସହିତ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ ଏବଂ ପରବର୍ତ୍ତୀ ଦୁଇ ଦିନ ସଭା, ସମ୍ବର୍ଦ୍ଧନା, ବନ୍ଧୁମିଳନ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଚୂଡାନ୍ତ ହୋଇଛି । ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ଆଦି ପରିବେଷିତ ହେବ ବୋଲି ଜଣାପଡ଼ିଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କବି ଲେଖକ ପ୍ରମୁଖ ଦୁଇ ଦିନର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କବିତା ପୁସ୍ତକ ଆଶ୍ଳେଷ ଓ ଆଭା ଉନ୍ମୋଚିତ




ଅତିଥିବୃନ୍ଦ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବରଗଡ଼,୫।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ସଭାଗୃହରେ ରବିବାର ଅବସରପ୍ରାପ୍ତ ଅଧ୍ୟାପକ ତଥା କବି ମନୋଜ ଦାଶଙ୍କ ୨ଟି କବିତା ଗ୍ରନ୍ଥ ଆଶ୍ଳେଷ ଓ ଆଭା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କବି ଦିବ୍ୟ କିଶୋର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଫେସର ଅନ୍ତର୍ଯ୍ୟାମୀ ସାହୁ ସମ୍ମାନିତ ଅତିଥି, ଡ. ରବୀନ୍ଦ୍ର ଗଡ଼ତିଆ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମୀକ୍ଷିକା ଡ. ସଂଘମିତ୍ରା ମିଶ୍ର ଏବଂ କବି ମନୋଜ କୁମାର ଦାଶ ମଞ୍ଚାସୀନ ଅତିଥିଭାବେ ଯୋଗଦେଇ କବିତା ପୁସ୍ତକ ଆଶ୍ଳେଷ ଓ ଆଭା ଉପରେ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ନିଶାମଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଡଃ ସଙ୍ଗୀତା ରଥ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋହିତ ଦାଶ, ତରଣୀସେନ ବୁଧିଆ, ସୁକୋମଳ ଦାଶ, ଦୟାନିଧି ମହାପାତ୍ର, ଦାମୋଦର ସାହୁ, ହୈମବତୀ ମିଶ୍ର, ସେବାଶ୍ରୀ ପାତ୍ର, ସନ୍ତୋଷିନୀ ଦାଶ, ନୁରାବତୀ ସାହୁ, ତ୍ରିବିକ୍ରମ ତ୍ରିପାଠୀ, ପ୍ରଦେଶୀ ବାରିକ, ଗୌରୀଶଙ୍କର ପଣ୍ଡା, ମନୋରଞ୍ଜନ ମେହେର, ଦୃତି ସାହୁ, ରୋଜାଲିନ ମିଶ୍ର, ତପସ୍ୱିନୀ ମହାପାତ୍ର, ସୁପ୍ରଭା ସାମଲ, ଆଶାରାଣୀ ରାଭେନ, ଜଗଦୀଶ ବେହେରା, ପ୍ରଦୀପ ମିଶ୍ର, ବିକ୍ରମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରୋଜାଲିନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯୯୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ବୌଦ୍ଧ,୫।୧(ଅଜିତ କୁମାର ବାରିକ)




ବୌଦ୍ଧ ଜିଲା ହରଭଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୯୧ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଗୋଳ ଜିଲା ଆଠମଲିକ ବ୍ଲକର ବିନିକେଇ ପୀଠରେ ଗତ ରବିବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବାସ ପ୍ରଧାନ, ବିଜୟ କୁମାର ପ୍ରଧାନ ସୁବୋଧ ପ୍ରଧାନ, ବସନ୍ତ କୁମାର ବେହେରା, ଡାକ୍ତର ଚିତ୍ତରନ ଖଟୁଆ, ପଦ୍ମଚରଣ ସାହୁ, ଅଚ୍ୟୁତ ରାଉତଙ୍କ ନେତୃତ୍ୱରେ ୩୫ ଛାତ୍ରୀଛାତ୍ରଙ୍କ ପରିବାରର ୧୦୦ରୁ ଅଧିକ ସଦସ୍ୟ ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ୫୦ ଘର ଖଡୁରାସମାଜ ସମାବେଶ

ବରପାଲି,୫।୧(ଚିତ୍ତରଞ୍ଜନ ସାହୁ)

ବରପାଲି ବଣିକ ସଂଘ ଭବନଠାରେ ବରଗଡ଼ ଜିଲାସ୍ତରୀୟ ୫୦ ଘର ଖଡୁରାସମାଜର ସମାବେଶ ସଭା ପୁଷ୍ପରାଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାବେଶ ସାଧାରଣ ସଭାରେ ଅତିଥି ଭାବରେ କାଇଁଶିର ଥାନା ଚେୟାରମ୍ୟାନ ଶୀତାରାମ ପାତ୍ର, ରାଧେଶ୍ୟାମ ସାହୁ, ଥାନ କାଇଁ ଶିର, ସନ୍ତୋଷ ପନ୍ଥଆ ରଜା, ସରୋଜ ସାହୁ ଝର, ଗଜାନନ ପାତ୍ର ବରଗଡ, ଜମିଦାର ପାତ୍ର ତୋରା, ପ୍ରଫୁଲ୍ଲ ପାତ୍ର ରେମଣ୍ଡା, ନାରାୟଣ ଦାସ ସହେଲା, ଲେଖରାଜ ସାହୁ ଅମାମୁଣ୍ଡା, ଅଜିତ ପାତ୍ର ପଦ୍ମପୁର, ହୃଷୀକେଶ ଦାସ ଗଣ୍ଡିଆପାଲି, କୃପାସିନ୍ଧୁ ସାହୁ ପିପିଲି ପାଲି ଯୋଗଦାନ କରି ଜିଲାରେ ସମାଜକୁ କେମିତି ଏକଜୁଟ କରି ବିବାହ, ଧର୍ମ ପରିବର୍ତ୍ତନ, ଗରିବ ଶ୍ରେଣୀର ଲୋକଙ୍କୁ ସାହାଯ୍ୟ, ଶିକ୍ଷା, ବାଲ୍ୟ ବିବାହକୁ ବିରୋଧ ଉପରେ ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୨ ଖଣ୍ଡ ଗ୍ରାମର ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଖଡୁର ସମାଜର ଇଷ୍ଟଦେବୀ ମାଁ ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରିବା ସହ ସଭାକୁ ପୂର୍ଣ୍ଣାନନ୍ଦ ପାତ୍ର, ହୃଷୀକେଶ ଦାସ ସଭା ସଞ୍ଚାଳନ କରିଥିଲେ।




ମଞ୍ଚାସୀନ ଅତିଥି।

## ସମ୍ବଲପୁରୀ ନାଚରେ ଝୁମିଲେ ଦର୍ଶକ



ବୌଦ୍ଧ ମହୋତ୍ସବ ଚତୁର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବୌଦ୍ଧ,୫।୧(ଅଜିତ କୁମାର ବାରିକ )

ବୌଦ୍ଧ ଜିଲାର ୩୨ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଚେରି ଖେଳ ପଡିଆରେ ଚାଲିଥିବା ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ସୋମବାର ଥିଲା ଚତୁର୍ଥ ଦିବସ। ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୋରଡା ବିଧାୟକ ନୀଳମଣି ବିଶୋୟୀ ମୁଖ୍ୟଅତିଥି, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦର ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଚାର୍ଲସ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖଣ୍ଡପଡା ସହ ବୌଦ୍ଧର ସମ୍ପର୍କ ନିବିଡ ବୋଲି ଖଣ୍ଡପଡା ବିଧାୟକ ସ୍ୱାଇଁ କହିଥିଲେ। ବୌଦ୍ଧ ହେଉଛି ଶାନ୍ତି ଓ କଳାର ମାଟି। ଏଠାରେ ଶାନ୍ତି ଅଛି ବୋଲି କବିସୂର୍ଯ୍ୟନଗର ବିଧାୟକ ନିଜ ବକ୍ତ୍ୟବରେ କହିଥିଲେ। ଚତୁର୍ଥ ସନ୍ଧ୍ୟାରେ ଲକ୍ଷ୍ୟମରୀ କଳା କ୍ଷେତରାମ, କଳାଜୀବୀ ବରଗଡ, ସଙ୍ଗମ ଡ୍ୟାନ୍ସ ଷ୍ଟୁଡିଓ କଟକ, ମା' ଦିବ୍ୟରୁପା କଳା ପରିଷଦ ବରଗଡ, ସାହିଜାତ ଘାଟ ନୃତ୍ୟ ଏବଂ ଘୋଡା ନାଚ, ଓ ସେଲିବ୍ରେଟିମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାସହ ସମ୍ବଲପୁରୀ ନାଚରେ ଦର୍ଶକ ଝୁମିଥିଲେ।

## ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ଆଲୋଚନାଚକ୍ର

ବୌଦ୍ଧ,୫।୧(ଅଜିତ କୁମାର ବାରିକ)

ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ସୋମବାର ଏକ ଆଲୋଚନାଚକ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଇଂ. ସଞ୍ଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବୌଦ୍ଧ ମହିଳା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ଗୁରୁ ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ପ୍ରକାଶ କୁମାର ସେଠ, ବରଗଡ ପଞ୍ଚାୟତ ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ଶାନ୍ତନୁ ସୁନା, ଚିତ୍ତରଞ୍ଜନ ଦାଶ, ଦୁଃଖିଶ୍ୟାମ ବେହେରା, ଉତ୍ତମ ବେହେରା, ଶିବଦତ୍ତ ପଟ୍ଟନାୟକ, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ବୌଦ୍ଧ ଜିଲାର ଦଣ୍ଡ ନୃତ୍ୟରେ ସାମାଜିକ ଓ ସାଂସ୍କୃତିକ ବିଭବ ଉପରେ ଆଲୋଚନା ହୋଇଥିଲା। ଇଂ. ସଞ୍ଜୟ କୁମାର ପଣ୍ଡା ବୌଦ୍ଧ ଜିଲା ଦଣ୍ଡନୃତ୍ୟର ଆଦିପୀଠ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ବାଣ୍ଡିବୁଡଲ, ଫାର୍ସ ଧର୍ମୀ ନୃତ୍ୟ ବୌଦ୍ଧ ଜିଲାର ଗୁଡଭେଲିପଦର ଗ୍ରାମରୁ ଆରମ୍ଭ ହୋଇଥିବା ସେ କହିଥିଲେ। ଅଧ୍ୟାପକ ପ୍ରବୀର କୁମାର ଦାସ, ସତ୍ୟନାରାୟଣ ପାଣି, ଶମ୍ଭୁଗିରି ଭାଗ ନେଇଥିଲେ। ଆବାହକ କୃତ୍ତିବାସ ପଲିଆଙ୍କ ତତ୍ତ୍ୱାବଧାନରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ଜାତୀୟ ଭୋଟର ଦିବସ ଉପଲକ୍ଷେ ସଚେତନତା ପ୍ରତିଯୋଗିତା

**ସୁନ୍ଦରଗଡ଼,୫ା୧(ଜୟ ନାରାୟଣ ମେଣ୍ଡୁଲି)**
ଜାତୀୟ ଭୋଟର ଦିବସ -୨୦୨୬ ଅବସରରେ ଭୋଟର ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି। ଭୋଟର ସଚେତନତା ଉପରେ ସ୍ଲୋଗାନ, ଛୋଟ ନାଟକ ଏବଂ ରିଲ୍ସ ପ୍ରତିଯୋଗିତା ହେଉଛି। ଏହି ପ୍ରତିଯୋଗିତା ଗୁଡ଼ିକ ଜାନୁୟାରୀ ୧ ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତ୍ୟେକ ବର୍ଗରେ ୩ ଜଣ କୃତି ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ଭୋଟର ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତା ସମ୍ବନ୍ଧୀୟ ସବିଶେଷ ସୂଚନା ୱେବସାଇଟ ceoodisha.nic.in ରେ ଉପଲବ୍ଧ ରହିଛି ବୋଲି ରବିବାର ଜିଲା ପ୍ରଶାସନ ପକ୍ଷରୁ ସୂଚୀତ କରାଯାଇଛି।

### ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ପରିବାର ଲୋକେ

**ବଡ଼ଗାଁ,୫ା୧(ଅଶୋକ ଷଡଙ୍ଗୀ):**
ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ସୁନ୍ଦରଗଡ଼ ଜିଲା ବଡ଼ଗାଁର ବାସିନ୍ଦା ଶୟନ ମାହାନ୍ତି (୧୭)ଙ୍କ ପରିବାର ପକ୍ଷରୁ ଶୟନଙ୍କ ଚକ୍ଷୁ ଦାନ କରାଯାଇଛି। ଭୁବନେଶ୍ୱର ପଟିଆ



ସ୍ଥିତ ଏଲଭି ପ୍ରସାଦ ଚକ୍ଷୁ ଦାନ ବ୍ୟାଙ୍କକୁ ଚକ୍ଷୁ ଦାନ କରାଯାଇଛି। ତ । ଙ୍କ ର ଏହି ମହାନ କାର୍ଯ୍ୟ ପାଇଁ ମୃତ୍ୟୁ ପରେ ବି ସେ ପ୍ରଶଂସାର ପାତ୍ର ହୋଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ବଡ଼ଗାଁର ବାସିନ୍ଦା ଚକ୍ରଧର ମହାନ୍ତି ଓ ସଞ୍ଜୁଲତା ମାହାନ୍ତିଙ୍କ ସାନ ପୁଅ ଶୟନ ମାହାନ୍ତି ବଡ଼ଗାଁ ଯୁକ୍ତ ୨ କଲେଜରେ ପ୍ରଥମ ବର୍ଷରେ ପଢୁଥିଲେ। ନୂଆ ବର୍ଷରେ ଲଟାପଡାର ଜଣେ ସାଙ୍ଗ ସହ ରାଉରକେଲା ବୁଲିବାକୁ ଯାଇଥିବା ବେଳେ ସେଠାରେ ବାଇକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ନିଖୋଜ ମହିଳା ଉଦ୍ଧାର

**ବଡ଼ଗାଁ,୫ା୧(ଅଶୋକ ଷଡଙ୍ଗୀ):**
ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କିଞ୍ଜିରକେଲା ଗ୍ରାମର ଅଜିତ ଦେହୁରିଆଙ୍କ ସ୍ତ୍ରୀ ଅଞ୍ଜନା ଦେହୁରିଆ ଗତ ୨ସପ୍ତାହ ତଳେ ନିଖୋଜ ହୋଇଯାଇଥିଲେ। ଏନେଇ ଅଜିତ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବଡ଼ଗାଁ ପୋଲିସ ଘଟଣାର ତଦନ୍ତ କରି ନିଖୋଜ ମହିଳାଙ୍କୁ ଝାରଖଣ୍ଡ ରାଜ୍ୟର ସରଫଗଞ୍ଜ ଅଞ୍ଚଳରୁ ରବିବାର ଉଦ୍ଧାର କରି ତାଙ୍କ ସ୍ୱାମୀଙ୍କୁ ହସ୍ତାନ୍ତର କରିଛି। ଘଟଣା ଅନୁଯାୟୀ, ଅଞ୍ଜନା ତାମିଲନାଡୁରୁ ଦାଦନ ଖଟିବାକୁ ଯାଇ ଗାଁ କୁ ଫେରିଲା ବେଳେ ଝାରସୁଗୁଡା ରେଳ ଷ୍ଟେଶନରେ ନିଖୋଜ ହୋଇଯାଇଥିଲେ। ବଡ଼ଗାଁ ଆଇଆଇସି ମହେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ତଦନ୍ତକାରୀ ଅଫିସର ବିଜୟ କୁମାର କର ଝାରଖଣ୍ଡ ରାଜ୍ୟର ସରଫଗଞ୍ଜ ଅଞ୍ଚଳରୁ ମହିଳାଙ୍କୁ ଉଦ୍ଧାର କରିଥିଲେ।

### ଏଥର ୫ଦିନ ହେବ କଳାହାଣ୍ଡି ଉତ୍ସବ 'ଘୁମୁରା'

#### ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭବାନୀପାଟଣା,୫ା୧(ଉତ୍ତମ କୁମାର ଦାଶ) :**
କଳାହାଣ୍ଡି ଜିଲାର ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସକାଶେ କଳାହାଣ୍ଡି ଉତ୍ସବ 'ଘୁମୁରା' ଆସନ୍ତା ୧୪ ତାରିଖରୁ ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ତେବେ ଚଳିତବର୍ଷ ୪ଦିନ ପରିବର୍ତ୍ତେ ପାଞ୍ଚଦିନ ଧରି ଉତ୍ସବ ଅନୁଷ୍ଠିତ ହେବ। ପୂର୍ବରୁ ୧୭ ତାରିଖ ଉଦ୍‌ଯାପନୀ ଥିବାବେଳେ ତାହା ୧୮କୁ ବୃଦ୍ଧି କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ଚୂଡ଼ାନ୍ତ ହୋଇଥିବା ସୋମବାର କଳାହାଣ୍ଡି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ପାୱାର ସଚିନ ପ୍ରକାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କୁ ଘୁମୁରାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।



କଟନୀ ଛଟନୀକୁ ବିରୋଧ କରି ଧାରଣାରେ ବସିଛନ୍ତି।

# ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

**ସୁନ୍ଦରଗଡ,୫ା୧(ଜୟ ନାରାୟଣ ମେଣ୍ଡୁଲି)**

#### କଟନୀ, ଛଟନୀକୁ ନେଇ ଚାଷୀ ମହଲରେ ଅସନ୍ତୋଷ

ସୁନ୍ଦରଗଡ ଜିଲାରେ ଡିସେମ୍ବର ୨୦ ତାରିଖରୁ ଚାଷୀଙ୍କ ଖରିଫ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବଣାଇ ଉପଖଣ୍ଡରେ ଡିସେମ୍ବର ୧୫ରୁ ପ୍ରଥମେ ଧାନ କିଣା ଆରମ୍ଭ ହୋଇଥିଲା। ପର୍ଯ୍ୟାୟ କ୍ରମେ ଜିଲାର ବିଭିନ୍ନ ଲ୍ୟାମ୍ପସ ଗୁଡିକରେ ଧାନ କିଣା ଆରମ୍ଭ ହୋଇଛି। ହେଲେ ଧାନ କିଣା ବେଳେ ଚାଷୀଙ୍କ ଠାରୁ ସରକାରୀ ଅଧିକାରୀଙ୍କ ପରିବର୍ତ୍ତେ ମିଲର୍ସଙ୍କ ଇଛାରେ ଧାନ କିଣାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାର ବଡଗାଁ ଓ ସବଡେଗାରେ ଚାଷୀଙ୍କ ଠାରୁ ଧାନ କଟନୀ ଛଟନୀ ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ସବ୍‌ଡେଗା ଲ୍ୟାମ୍ପସରେ ଡିସେମ୍ବର ୨୮ତାରଖରୁ ଧାନ କ୍ରୟର ଶୁଭାରମ୍ଭ ହୋଇଛି। ତଳସରା ବିଧାୟକ ତଥା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏହାକୁ ଉଦଘାଟନ କରିଥିଲେ। ଏହି ସମୟରେ ସମବାୟ ଅଧିକାରୀ, ଲ୍ୟାମ୍ପସ ଅଧିକାରୀ, ମିଲର୍ସ ଓ ଚାଷୀଙ୍କ ଉପସ୍ଥିତିରେ ଧାନ କୁଇଣ୍ଟାଲ ପ୍ରତି ୩ କେଜି ଲେଖାଏଁ କାଟିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଗତ ୨ତାରିଖରେ ସବଡେଗା ଲ୍ୟାମ୍ପସ ଅଧିକାରୀ ଧାନ କ୍ରୟ ପାଇଁ ଚାଷୀଙ୍କୁ ଡକାଇଥିଲେ। ମାତ୍ର ଲ୍ୟାମ୍ପସ ଅଧିକାରୀ ଚାଷୀଙ୍କୁ କୁଇଣ୍ଟାଲ ପିଛା ସାଢେ ୩କିଲୋ ଲେଖାଏଁ ଧାନ କାଟିବାକୁ କହିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିରେ ଚାଷୀମାନେ କ୍ଷୁବ୍ଧ ହୋଇ ଏକ ବୈଠକରେ ଧାନ ବିକ୍ରିବୁ ନାହିଁ ବୋଲି ନିଷ୍ପତ୍ତି ନେଇ ୨ତାରିଖରୁ ମଣ୍ଡି ଆଗରେ ଧାନ ରଖି ଧାରଣା ଦେଇଛନ୍ତି। ସୋମବାର ଚାଷୀଙ୍କ ପକ୍ଷରୁ ଏହାର ସମାଧାନ ଦାବି କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଦାବିପତ୍ରର ଏକ ନକଲ ଜିଲା ଯୋଗାଣ ବିଭାଗ ଅଧିକାରୀ ଓ ତଳସରା ଥାନା ଅଧିକାରୀଙ୍କୁ ମଧ ପ୍ରଦାନ କରାଯାଇଛି।ଏଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୮ତାରିଖରେ ଚାଷୀମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଶୁଭେନ୍ଦୁ କୁମାର ନାଏକ,ବିଶ୍ୱଜୀତ ପଟେଲ, ଧନେଶ୍ୱର ସାଗର, ଅରୁଣ କୁମାର ନାଏକ,ସୁବାଷ ଚନ୍ଦ୍ର ନାଏକ,ଟିକେଶ୍ୱର ମାଝୀ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ଧାରଣା ଦେଇଛନ୍ତି।

## ନୂଆପଡ଼ା ଜିଲା: ମଣ୍ଡିରେ ଅଚଳାବସ୍ଥା

**ନୂଆପଡ଼ା,୫ା୧ (ମକାରୁ ବେମାଲ)**
ନୂଆପଡ଼ା ଜିଲାର ସମସ୍ତ ମିଲର୍ସ ବିଭିନ୍ନ ଦାବି ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ମଣ୍ଡିରେ ଅଚଳାବସ୍ଥା ଦେଖାଦେଇଛି। ଦୀର୍ଘ ବର୍ଷରୁ ମିଲର୍ସମାନେ ମିଲିଂ ଚାର୍ଜ ବୃଦ୍ଧି କରାଯାଉ ବୋଲି ଦାବି କରିଆସୁଛନ୍ତି। ସେହିପରି ଧାନର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଦାନ, ୪୦ କିଲୋମିଟରରୁ ଅଧିକ ଦୂରତା ପାଇଁ ଧାନ ଓ ଚାଉଳ ପରିବହନ ଖର୍ଚ୍ଚ ନିକଟରେ ସଂଶୋଧିତ ହୋଇଥିବା ୨୮ ପଇସା ପ୍ରତି କୁଇଣ୍ଟାଲ ପରିବର୍ତ୍ତେ ପୂର୍ବ ଦର ୪୩ ପଇସା ଲାଗୁ କରାଯାଉ,ଦୂରତା ଅନୁଯାୟୀ ପୈଠ କରିବା ପରିବର୍ତେ ଏମଏମଡିଏଫ ନାମରେ ବିଲ କରାଯିବା, ଖରିଫ ଋତୁ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ଅରୁଆ ଚାଉଳ ମିଲିଂ ଧାନ ଉପରେ ଡ୍ରାଏଜକୁ ୧ ଶତକଡାକୁ ପୁନଃ ସ୍ଥାପିତ କରିବା ଆଦି ଦାବି ରହିଛି। ଏ ନେଇ ସରକାରଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏବେ ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ୭୭ ମଣ୍ଡିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ପ୍ରକାଶଥାଉ କି ଚଳିତ ଖରିଫ ଋତୁରେ ଜିଲାର ୫୧ ହଜାର ୩୪୧ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ରବିବାର ସୁଦ୍ଧା ୨୮ ହଜାର ୫୪୧ ଚାଷୀଙ୍କ ୧୨ ଲକ୍ଷ ୪୨ ହଜାର ୪୧୮ କୁଇଣ୍ଟାଲ ଧାନ ଉଠାଯାଇଛି।

## ପୌଷ ପୂର୍ଣ୍ଣିମା ମହୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଡ଼ଗାଁ,୫ା୧(ଅଶୋକ ଷଡଙ୍ଗୀ)**
୫ ଶହ ଘର ଡେଲକି ଖଡିଆ ସମାଜ ଆଞ୍ଚଳିକ ପାମରା ଗଦି ଆନୁକୂଲ୍ୟରେ ପାମରା ଗ୍ରାମରେ ପୌଷ ପୂର୍ଣ୍ଣିମା ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ଡେଲକି ଖଡିଆ ସମାଜର ରାଜ୍ୟ ସଭାପତି ନୃପ ଦଣ୍ଡସେନା ମୁଖ୍ୟ ଅତିଥି, ପରମାନନ୍ଦ ବାଗ, ଜିଲା ସଭାପତି ବିକେ ନାଏକ, ସମ୍ପାଦକ ଶିବ ଶଙ୍କର ନାଏକ ସମ୍ମାନୀତ ଅତିଥିଭାବେ ଅଂଶ ଗ୍ରହଣ କରିଥିଲେ। ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରମ୍ପରା ଓ ନିଶା ନିବାରଣ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ତଥା ଆଖପାଖର ଶତାଧିକ ସାମାଜିକ ବ୍ୟକ୍ତିମାନେ ଯୋଗଦେଇଥିଲେ।

## ୨୦ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ

#### ଜିଲା ସଦର ମହକୁମାରେ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୫ା୧(ଜୟ ନାରାୟଣ ମେଣ୍ଡୁଲି)**
ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲା ସଦର ମହକୁମା ସୁନ୍ଦରଗଡ଼ସ୍ଥିତ ସଦ୍‌ଭାବନା ଭବନଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୩ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୪ ବ୍ୟକ୍ତିଗତ ଏବଂ



ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

୧୧ ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗଗୁଡ଼ିକ ମଧ୍ୟରୁ ୨୦ଟି ଅଭିଯୋଗଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୬ଟି ଆବେଦନ ରହିଥିଲା। ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୨ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ସୂରଜ ପଟ୍ଟନାୟକ, ଆଇଏଏସ୍ ଶିକ୍ଷା ନବୀସ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଟ୍ରାକ୍ଟର ତଳେ ଚାପିହୋଇ ଜଣେ ମୃତ, ୨ ଗୁରୁତର

**ନୂଆପଡ଼ା,୫ା୧ (ମକାରୁ ବେମାଲ):**
ନୂଆପଡ଼ା ଜିଲା କୋମନା ଥାନା ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁରେ ସୋମବାର ଟ୍ରାକ୍ଟର ଚାପାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପଣ୍ଡରାପଥର ଗାଁର ସଞ୍ଜୁ ମାଝି (୨୩) ଓ ୨ ଗୁରୁତର ଉକ୍ତ ଗାଁର ଗୁଣ୍ଡା ମାଝି(୨୫) ଓ ଦିନେଶ ମାଝି (୨୭)। ଅପରାହ୍ନ ୩ଟା ସମୟରେ ଏକ ଟ୍ରାକ୍ଟର ପଣ୍ଡରାପଥର ଗାଁରୁ କୌଣସି କାର୍ଯ୍ୟରେ କେନାଲ ରାସ୍ତାରେ ନାଏକପଡା ଆସୁଥିଲା। ଏହି ସମୟରେ କିଛି ସାମଗ୍ରୀ ସହ ସାଇକେଲରେ ଯାଉଥିବା ଜଣେ ଲୋକଙ୍କୁ ସାଇଡ ଦେବାକୁ ଯାଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା।

## ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ ନୂତନ କାର୍ଯ୍ୟାଳୟ ପାଇଁ ଭୂମି ପୂଜନ



ନୂତନ କାର୍ଯ୍ୟାଳୟ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ।

**ସୁନ୍ଦରଗଡ,୫ା୧(ଜୟ ନାରାୟଣ ମେଣ୍ଡୁଲି)**
ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନର ନୂତନ କାର୍ଯ୍ୟାଳୟ ପାଇଁ ସୋମବାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଲ କରିଡର ନିକଟବର୍ତ୍ତୀ ଲୋକଡେଗା ଠାରେ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ ହେବ। ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ଆସୋସିଏଶନର ଅଧ୍ୟକ୍ଷ ସଞ୍ଜୟ ନନ୍ଦ, ସଭାପତି ସଞ୍ଜୟ ପୋଡଙ୍କ ସମେତ ଆସୋସିଏଶନର ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଷ୍ଟାର୍ ଚ୍ୟାଲେଞ୍ଜ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ




ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

#### ପିଣ୍ଟୁ ବ୍ରଦର୍ସ ଚାମ୍ପିୟନ

**ବନ୍ଧମୁଣ୍ଡା, ୫ା୧(ସୁବ୍ରତ ଦେ)**
ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ୧୦ ନଂ. ଗ୍ରାଉଣ୍ଡରେ ଷ୍ଟାର୍ ବଏସ କ୍ଲବ ଆନୁକୂଲ୍ୟରେ ହୋଇଥିବା ଦ୍ୱିତୀୟ ଷ୍ଟାର୍ ଚ୍ୟାଲେଞ୍ଜ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନିଆ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ପିଣ୍ଟୁ ବ୍ରଦର୍ସ ଓ ବବଲୁ ବ୍ରଦର୍ସ ମଧ୍ୟରେ ହୋଇଥିଲା। ରୋମାଞ୍ଚକ ଖେଳ ପ୍ରଦର୍ଶନ କରି ପିଣ୍ଟୁ ବ୍ରଦର୍ସ ଦଳ ବିଜୟ ହାସଲ କରିଥିଲା। ଫାଇନାଲ ମ୍ୟାଚରେ ସାମାଜିକ କର୍ମୀ ଶାହବାଜ ହୁସେନ ଓ ଛୋଟନ ଭଗତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଆୟୋଜକ ସମିତିର ଅଧ୍ୟକ୍ଷ ରିତେଶ ପ୍ରସାଦ, ଦୀପକ ଦାସ, ସନ୍ନୀ ସିଂହ, ରିତେଶ ମାଲାକାର, ଅଂଶୁ, ଦୀପକ ପ୍ରମାଣିକ, ଗୋପୀନାଥ କୁମାର, ବିକ୍ରମ ପ୍ରସାଦ, ଆକାଶ ମାଲାକାର, ଗୌତମ କୁମାର, ଅନୁରାଗ, କୁନ୍ଦନ, ପିଣ୍ଟୁ କୁମାର ଓ ଅନ୍ୟାନ୍ୟ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା।

## ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ପୂର୍ବତନ ନଗରପାଳ

**ସୁନ୍ଦରଗଡ଼,୫ା୧(ଜୟ ନାରାୟଣ ମେଣ୍ଡୁଲି)**
ସୁନ୍ଦରଗଡ ଜିଲାପାଳ ଡ.ଶୁଭଙ୍କର ମହାପାତ୍ର ଓ ଏସ୍‌ପି ଅମ୍ରିତ ପାଲକୌରଙ୍କୁ ବିଜୁ ଜନତା ଦଳର ନେତା ତଥା ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଓ ସଦର ବିଧାୟକଙ୍କ ପ୍ରତିନିଧି ତଥା ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ ସୋମବାର ସାକ୍ଷାତ କରି ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ଦୁଇ ପ୍ରଶାସନିକ ଅଧିକାରୀଙ୍କୁ ନବ ବର୍ଷର ଅଭିନନ୍ଦନ ଜଣାଇ ଜିଲାର ସାମୂହିକ ବିକାଶ, ଅଧପନ୍ତରିଆ ହୋଇ ପଡିରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ସପୂର୍ଣ୍ଣ ସହିତ ଆଇନ ଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷା ଦିଗରେ ଅନୁରୋଧ କରିଥିଲେ।



ଜିଲାପାଳଙ୍କ ସହ ପୂର୍ବତନ ନଗରପାଳ ଓ ବିଜେଡି ନେତା ଆଲୋଚନା କରୁଛନ୍ତି।

ଏହି ଆଲୋଚନା ସମୟରେ କାଉନସିଲର କୈଳାସ ତନ୍ତୀ, ଅନିଲ ମହାପାତ୍ର, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ଯୁବନେତା ବରୁନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ କରୁଣ କାହାଣୀକୁ ଜୀବନ୍ତ କଲା 'ହୁଲ'

**ରାଉରକେଲା,୫ା୧(ବିପ୍ଲବ ରଞ୍ଜନ ଦାଶ)**
ରାଉରକେଲା ସିଭିକ ସେଣ୍ଟରରେ ଚାଲିଥିବା କଲଚରାଲ ଏକାଡେ଼ମୀ ଆୟୋଜିତ ଲୋକନାଟକ ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ହୁଲ' ମଞ୍ଚସ୍ଥ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ସଭାପତି ପଶୁପତି ନାଥ ଚାଟାର୍ଜୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ପରିଚାଳନା କରିଥିଲେ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର। ସିଟୁର ଉପସଭାପତି ବିଷ୍ଣୁ ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ଜନତାଙ୍କ ଦୁଃଖ, ଆର୍ଥିକ ସମସ୍ୟା ଏବଂ ବୈଚାରିକ ଦ୍ୱନ୍ଦ୍ୱକୁ ଆଧାର କରି ଲୋକଙ୍କ ସୁଖ, ସୁବିଧା ଏବଂ ସକଳ ପ୍ରକାରର ଅଧିକାର ହାସଲ କରିବାର ସଂଗ୍ରାମର କାହାଣୀ ଲୋକ ନାଟକ ବୋଲି କହିଥିଲେ। ଅନ୍ୟତମ ଅତିଥି ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା କହିଥିଲେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ହିଁ ଆମ ପରିଚୟ । ଲୋକନାଟକ ମହୋତ୍ସବ ରାଉରକେଲା ପରି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଅଭିବୃଦ୍ଧି ନିମନ୍ତେ ଯେତିକି ସଚେତନତା ସୃଷ୍ଟି କରୁଛି ସେତିକି ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଜନସଚେତନତା ଜାଗ୍ରତ କରୁଛି ବୋଲି କହିଥିଲେ। କବି ମୀନକେତନ ପଶାୟତଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେ଼ମୀ ସଦସ୍ୟ ଡ. ପ୍ରଭାତ ମଲ୍ଲିକ, ଅକ୍ଷୟ କୁମାର ସାମଲ, ଡ. ଶ୍ରୀକାନ୍ତ ମହାନ୍ତି, ଡା. କୃପାସିନ୍ଧୁ ନାୟକ, ଡ. ନଗେନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହାପରେ ନାଟ୍ୟାନୁଷ୍ଠାନ 'ପରିଚୟ'ର କଳାକାରମାନେ ନାଟକ 'ହୁଲ' ପରିବେଷଣ କରିଥିଲେ। ବିଜୟ କୁମାର ଭୋଳଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଶ୍ରୀକାନ୍ତ ଗୁରୁ ସଙ୍ଗୀତ ଦେଇଥିବାବେଳେ ଜନ୍ମେଜୟ ମହାନ୍ତି ମଞ୍ଚସଜ୍ଜା କରିଥିଲେ। ସରଳ, ନିରୀହ, ନିଷ୍କପଟ, ଛଳଛଳ ପାହାଡ଼ି ଝରଣା ଭଳି ସ୍ୱଚ୍ଛ, ନିର୍ମଳ ହୃଦୟଧାରୀ ମଣିଷମାନେ ସମସ୍ତଙ୍କୁ ନିଜର କରିପାରନ୍ତି। ଆପଣାର ସବୁକିଛି ଅନ୍ୟମାନଙ୍କ ପାଇଁ ଅଜାଡ଼ି ଦେଇପାରନ୍ତି, କିନ୍ତୁ କେହି ଯଦି ସେମାନଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିବାର ପ୍ରୟାସ କରେ, ସେମାନଙ୍କ ସାବଲୀଳ ଜୀବନ ଜୀବିକା ଉପରେ ଆକ୍ରମଣ କରେ, ସେହି ସରଳ ମଣିଷମାନଙ୍କ ରକ୍ତରେ ଲାଗେ ନିଆଁ। ଆଉ ସେହି ନିଆଁ ଦାବାନଳର ରୂପ ନେଇ ଅନ୍ୟାୟ, ଅବିଚାର, ପ୍ରବଞ୍ଚନାକୁ ଜାଳିପୋଡ଼ି ଦେବା ପାଇଁ ଆହ୍ୱାନ ଦିଏ। ଏଭଳି କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ। ନାଟକରେ ଆଦିବାସୀମାନଙ୍କ ହକ୍ ଓ କରୁଣ କାହାଣୀ ଚିତ୍ରିତ ହୋଇଛି। କଳାକାର ଭୀଷ୍ମ ନାରାୟଣ ସ୍ୱାଇଁ, ପଞ୍ଚାନନ ପାତ୍ର, ମାନସ ସାହୁ, ନରେନ ଦାସ, କିଶୋର ଚନ୍ଦ୍ର ମହାରଣା, ଭାସ୍କର ଚନ୍ଦ୍ର ସାହୁ, ପର୍ଶୁରାମ ମଲ୍ଲିକ, ବାସୁଦେବ ଷଡ଼ଙ୍ଗୀ, ସୁଶାନ୍ତ ନନ୍ଦ, ବିଶ୍ୱଜିତ ଦାଶ, ପ୍ରଜ୍ଞା ପରିମିତା ପାଣିଗ୍ରାହୀ, ପାୟଲ ନାୟକ, ପୁଷ୍ପଲତା ବିଶୋଇ, ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

### ଲୋକନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ପରିବେଷିତ ନାଟକର ଏକ ଦୃଶ୍ୟ।

# ସମ୍ବଲପୁର ଉତ୍କୃଷ୍ଟ ଲୋକକଳାକୁ ଜନ୍ମ ଦେଇଛି



ଲୋକ ମହୋତ୍ସବ ସମ୍ବଲପୁରର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ୨୮ତମ ଲୋକ ମହୋତ୍ସବ ସମ୍ବଲପୁରର ୨ୟ ସନ୍ଧ୍ୟା

ସମ୍ବଲପୁର,୫ା୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମାଟିର ମହକ ଏବଂ ମାଟିର ମହିମା ସମସ୍ତଙ୍କୁ ଆକର୍ଷିତ କରି ଆସିଛି । ଶହଶହ ବର୍ଷରୁ ଏଠାରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକମାନେ ଏକାଠି ବସବାସ କରୁଛନ୍ତି। ସମସ୍ତଙ୍କ ସହଯୋଗ ଏବଂ ସହଭାଗିତାରେ ସମ୍ବଲପୁର ମାଟି ଉତ୍କୃଷ୍ଟ ଲୋକକଳାକୁ ଜନ୍ମ ଦେଇଛି। ଲୋକ ମହୋତ୍ସବ ସମ୍ବଲପୁର ତୃଣମୂଳସ୍ତରରୁ ଲୋକ କଳାକାରମାନଙ୍କୁ ମଞ୍ଚ ଦେଇ ଆସିଛି । ଏହାଦ୍ୱାରା ଲୋକ କଳା ବଞ୍ଚି ରହିଛି । ୨୮ତମ ସମ୍ବଲପୁର ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ସନ୍ଧ୍ୟାରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ଅଇଁଠାପାଲିସ୍ଥିତ ବୀର ବୀର୍ସା ମୁଣ୍ଡା ମଇଦାନରେ ସୋମବାର ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଭାବେ ଯୋଗଦେଇ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଏଡିଏମ ଅଶୋକ ଭୋଇ, ହିଣ୍ଡାଲକୋର ପ୍ଲାଣ୍ଟ ମୁଖ୍ୟ ଅରୁଣ ସିଂହ, ଆଦିତ୍ୟ ବିର୍ଲା ପ୍ଲାଣ୍ଟ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଲୋକ ମହୋତ୍ସବ ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ରେହାନ ଖତ୍ରୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ବର୍ଦ୍ଧନା ପର୍ବରେ ଆବାହକ ଡ. ଅତିଶ ଶତପଥୀଙ୍କ ସଂଯୋଜନାରେ ସମ୍ବର୍ଦ୍ଧିତ ହୋଇଥିଲେ ଅଞ୍ଚଳର ଜଣାଶୁଣା ଚିତ୍ରଶିଳ୍ପୀ ବରଦାମାଧବ ଗୁରୁ, ଲୋକବାଦ୍ୟ ପାଇଁ ଢୋଲ କଳାକାର ଡାକ୍ତର ବାରିକ, ଲୋକ ଗୀତିକାର ତେଜରାଜ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ମିତ୍ର ଓ ନାଟ୍ୟ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲୋକ ମହୋତ୍ସବର ସହ ସଂଯୋଜକ ସତ୍ୟ ରଞ୍ଜନ ବେହେରା ସଂଯୋଜନା କରିଥିଲେ । ମହୋତ୍ସବ ସମିତି ସଂଯୋଜକ ଦୀପକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



ଗୁଜରାଟୀ କଳାକାରଙ୍କ ନୃତ୍ୟ ପରିବେଷଣ।

ଅପରାହ୍ନ ୪ଟାରୁ ପାରମ୍ପରିକ ଲୋକବାଦ୍ୟ ଏବଂ ଲୋକନୃତ୍ୟ ପ୍ରଦର୍ଶନ ସହ ଲୋକ ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଯାଇଥିଲା। ଲୋକ ସଙ୍ଗୀତ ପର୍ଯ୍ୟାୟରେ ପ୍ରଥମଗୀତର ଅର୍ଘ୍ୟ ଢାଳିଥିଲେ ଇଷ୍ଟଦେବୀ ସମଲଇଙ୍କ ଧବଳମୁଖୀ ମାଗୋ ଗୀତକୁ ନେଇ ଅଙ୍କିତ କୁମାର ଷଡଙ୍ଗୀ । ଏହାପରେ ସୋନପୁରର ପ୍ରତିଷ୍ଠିତ କଳାକାର ନୂର ବେଗମ ଗାଇଥିବା ଫଁଟାଇ ଖାଇଲି ବେଲ ଦର୍ଶକଙ୍କୁ ପୁରୁଣା ଦିନର ମଧୁର ପରିବେଶକୁ ଟାଣି ନେଇଥିଲା । ଲୋକ ସଙ୍ଗୀତ କ୍ରମରେ ଦୁଲା ଶୈଳୀରେ ଅର୍ପିତା ମିଶ୍ରଙ୍କ କଣ୍ଠରେ ପରିବେଶିତ ହୋଇଥିଲା ଚପାଁ ଯାଉଛେରେ ଶାଶୁ ଘର । ସନ୍ଧ୍ୟାର ଶେଷ ଲୋକଗୀତ କ୍ରମରେ ପ୍ରତିଷ୍ଠିତ ଲୋକ ଗାୟକ ଶତ୍ରୁଘ୍ନ ଲୁହା ଜଡ ରସ ଛଇଲି ଗୀତ ପରିବେଷଣ କରିଥିଲେ । ଲୋକନୃତ୍ୟ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଠାରୁ ଆରମ୍ଭ କରି ଅନ୍ୟ ରାଜ୍ୟରୁ ଆସିଥିବା କଳାକାର ଲୋକ ନୃତ୍ୟ ପରିବେଷଣ କରିଥିଲେ ।

# ମାନବ ଜୀବନକୁ ଗତି ଦେଇଥାଏ ପର୍ବ

## ଲୋକ ମହୋତ୍ସବ ସମ୍ବଲପୁରର ଆଲୋଚନାଚକ୍ର

ସମ୍ବଲପୁର, ୫ା୧(ବି.ଶଙ୍କର)

ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ମିଳିତ ଆୟୋଜିତ ଲୋକ ମହୋତ୍ସବ ସମ୍ବଲପୁରରେ ଆଲୋଚନାଚକ୍ର ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ପିଏଚ୍‌ଡି ପଡିଆରେ ଅନୁଷ୍ଠିତ ହୋଇଛି। ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ଆଲୋଚନାଚକ୍ର ଉପସମିତି ଆବାହକ ପ୍ରଦୀପ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଦୀପକ କୁମାର ପଣ୍ଡାଙ୍କ ସମେତ ଆଲୋଚକଭାବେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ.ଶ୍ୟାମ ଭୋଇ, ଖିଣ୍ଡା ବିପ୍ଳବୀ ବୀରସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଡ. ଗୌରିଦାସ ପଧାନ ଏବଂ ସାହିତ୍ୟିକ ଉତ୍ପନ୍ନ ଭୋଇ ଯୋଗଦେଇଥିଲେ। ନୋଡାଲ ଅଧିକାରୀ ତଥା ତହସିଲଦାର ଅଭିଜିତ ମହନ୍ତ ଓ ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ଦଳେଇ ଏହି ସଂପାନରେ ଉପସ୍ଥିତ ଥିଲେ।

ସଂଯୋଜକ ପଣ୍ଡା କହିଥିଲେ, ଆମେ ସଭିଏ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଲୋକ ପରମ୍ପରାର ଅନୁକରଣ କରୁଛୁ। ଆମର ସୀମିତ ସମୟ ମଧ୍ୟରେ ଏଠାରେ ଆମେ ସେହି ମହାନ୍ ପରମ୍ପରା ଉପରେ ଗବେଷଣା କରିଥିବା ଗବେଷକମାନଙ୍କୁ ନେଇ ଏହି ସଂପାନ ଆୟୋଜିତ ହେଉଛି। ଏହାର ନିଷ୍କର୍ଷକୁ ନେଇ ଏହି କ୍ଷେତ୍ରରେ ଅଧ୍ୟୟନ କରୁଥିବା ଆଗାମୀ ପିଢିର ଗବେଷକମାନେ ଉପକୃତ ହେଲେ ଆମର ସଫଳତା ରହିବ।



ସୋମବାର ସମ୍ବଲପୁର ପିଏଚ୍‌ଡି ପଡିଆରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ।

ଉତ୍ପନ୍ନ ଭୋଇ ଲୋକଗୀତକୁ ଦୁଇଭାଗରେ ବିଭକ୍ତ କରି ଲୋକୋକ୍ତି ଓ ସାଙ୍ଗୀତିକ ଆବେଦନଭାବ ଏବଂ ଉଦ୍ଦେଶ୍ୟ ଉପରେ ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ। ହଳିଆ ଗୀତ, ଧୂଳକେଲ ଗୀତ, ଡାଲଖାଇ ଗୀତ ଲୋକକାହାଣୀର ପରିକଳ୍ପନା ଓ ଉପସ୍ଥାପନ ଧର୍ମକଥା, ଡିହାରି କଥାନି, ଜାତିଭିତ୍ତିକ, କିମ୍ବଦନ୍ତୀମୂଳକ, କଳ୍ପନା ପ୍ରସୂତ କାହାଣୀ ଭେଦରେ ସେ ଲୋକକାହାଣୀକୁ ବିଭାଜନ କରି ଆଲୋଚନା କରିଥିଲେ। ଲୋକନାଟ୍ୟକୁ ଛାଡି ଲୋକ ସାହିତ୍ୟ ଅପୂର୍ଣ୍ଣ। ଯାତ୍ରା, ଲୀଳା, ସୁଆଙ୍ଗ ଭେଦରେ ଭୋଇ ଏହାକୁ ଉପସ୍ଥାପନ କରିଥିଲେ। ସେହିପରି ଡ. ଭୋଇ ଲୋକ ସଂସ୍କୃତି ବୈଦିକ ସଂସ୍କୃତିଠାରୁ ଭିନ୍ନ। ଏହାର ପରିସର ଖୁବ୍ ବ୍ୟାପ୍ତ। ଲୋକଧାରା ଅଧ୍ୟୟନର ସବୁ କିଛି ଏହାର ଅନ୍ତର୍ଭୁକ୍ତ। ଲୋକସାହିତ୍ୟ, ଲୋକକଥା, ଲୋକଗାଥା, ଲୋକୋକ୍ତି, ଲୋକାଚାର, ଲୋକବିଶ୍ୱାସ, ବିବାହ ବିଧି, ଲୋକକଳା, ଲୋକକ୍ରୀଡା, ମୃଣ୍ମୟ କଳା, ରନ୍ଧନକଳା ଆଦି ଉପରେ ସେ ଆଲୋଚନା କରିଥିଲେ। ଡ. ପଧାନ ଲୋକପର୍ବ ଉପରେ ଆଲୋଚନା କରି କହିଥିଲେ, ମାନବ ଜୀବନକୁ ଯାହା ଗତି ଦେଇଥାଏ ତାହା ହେଉଛି ପର୍ବ। ଲୋକପର୍ବ ଭିତରେ ଯେଉଁ ଶିକ୍ଷଣୀୟ ବାର୍ତ୍ତା ରହିଛି ତାହା ଆମେ ସଭିଏ ଜାଣିବା ଉଚିତ। କୃଷିଭିତ୍ତିକ, ଜାତିଭିତ୍ତିକ, ଅଞ୍ଚଳଭିତ୍ତିକ ଭାବରେ ବିଭାଗୀକରଣ କରି ସେ ପଶ୍ଚିମ ଓଡ଼ିଶାର ପର୍ବଗୁଡିକ ଉପରେ ଆଲୋଚନା କରିଥିଲେ। ମମତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନ ପଶ୍ଚିମ ଓଡ଼ିଶାର ଲୋକ ନାଟ୍ୟ ପରମ୍ପରା ବିଷୟକୁ ନେଇ ଆଲୋଚନା ହୋଇଥିଲା। ଏହି ସଂପାନରେ ସଭାପତିତ୍ୱ କରିଥିଲେ ସାହିତ୍ୟିକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ। ଆଲୋଚକଭାବେ ସୁବର୍ଣ୍ଣପୁର ଜିଲାର ସଂସ୍କୃତି ଗବେଷକ ଗଦାଧର ବାରିକ ପଶ୍ଚିମ ଓଡ଼ିଶାର ମହାନ୍ ଲୋକନାଟ୍ୟ ପରମ୍ପରାରେ ଦଣ୍ଡ ବା ଡଁଣ ଯାତ୍ରାର ଷୁଲଖାଡିର ଷୁଲ ସୁଆଙ୍ଗ ଓ ରାଧାକୃଷ୍ଣ ଦଣ୍ଡ ଲୀଳା ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଏଥିସହ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶନ କରି ଦଣ୍ଡ ଦେଖାଇଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଡ. ପ୍ରମୋଦ କୁମାର ପାଢୀ ଲୋକ ଶବ୍ଦର ବ୍ୟାଖ୍ୟା କରି ଲୋକ ନାଟକକୁ ଧର୍ମୀୟ ଅନୁଷ୍ଠାନରୁ ସୃଷ୍ଟ କଳା ଭାବରେ ଅଭିହିତ କରିଥିଲେ। ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଡାଲଖାଇର କିଛି ପ୍ରଥା ମଧ୍ୟ ଲୋକ ନାଟକ ସହ ସଂଶ୍ଳିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ମଣ୍ଡଳୀ ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ର ଉପସମିତି ସହ ଆବାହକ ସୌମିକ ବାବୁ ଅତିଥି ସ୍ୱାଗତ କରିଥିଲେ।

# ଖେଲୋ ଇଣ୍ଡିଆ ଖେଲୋ ଓପନ ଇଣ୍ଟର କରାଟେ: ଆଦିତିଙ୍କୁ ସ୍ୱର୍ଣ୍ଣ

କୁଚିଣ୍ଡା,୫ା୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଏନଏସି ୱାର୍ଡ ନଂ.୩ ନିବାସୀ ଆଇନଜୀବୀ ରଞ୍ଜନ କୁମାର ଶର୍ମା ଓ ମମତା ମହାପାତ୍ରଙ୍କ ଝିଅ ଆଦିତି କଲିକତା ହାୱାଡା ଅଲମୋହନ ଦାସ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଖେଲୋ ଓପନ ଇଣ୍ଟର କରାଟେ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଦିତି ବର୍ତ୍ତମାନ ବୁର୍ଲା ଡିଏଭି ପବ୍ଲିକ ସ୍କୁଲର ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସମ୍ବଲପୁର କରାଟେ ସ୍କୁଲ କୋଚ ଦିଲ୍ଲୀପ କୁମାର ନାୟକଙ୍କ ସହ ଆଦିତିଙ୍କ ସହ ଏକ ୧୩ ଜଣିଆ ଟିମ୍ ଗତ ୩ ଓ ୪ଦୁଇଦିନ ଧରି ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଦିତିଙ୍କ ଏହି ସଫଳତା ପାଇଁ କୁଚିଣ୍ଡାରେ ଖୁସିର ଲହରି ଖେଳିଯାଇଛି।

# ରାମଚନ୍ଦ୍ର ମେହେର ଭାଜପା ସମ୍ବଲପୁର ଜିଲା ସଭାପତି



ରାମଚନ୍ଦ୍ର ମେହେର।

ସମ୍ବଲପୁର,୫ା୧(ପ୍ରମୋଦ ବହିଦାର)

ବରିଷ୍ଠ ନେତା ରାମଚନ୍ଦ୍ର ମେହେର ଭାଜପା ସମ୍ବଲପୁର ଜିଲା ସଭାପତିଭାବେ ନିଯୁକ୍ତ ହୋଇଛନ୍ତି। ଫଳରେ ଏହି ପଦବୀକୁ ନେଇ ଦୀର୍ଘଦିନରୁ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାମଚନ୍ଦ୍ରଙ୍କ ନିଯୁକ୍ତି ପରେ ସମ୍ବଲପୁର ଭାଜପାର ନେତା ଓ କର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋମବାର ସକଳେ ଭାଜପା କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତା ଓ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ନବନିଯୁକ୍ତ ଜିଲା ସଭାପତି ମେହେର ଭାଜପା ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଓ ବୌଦ୍ଧ ଜିଲା ପ୍ରଭାରୀଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂର୍ବରୁ ସେ ୧୯୯୧ରୁ ୧୯୯୫ ମସିହା ପର୍ଯ୍ୟନ୍ତ ସମ୍ବଲପୁର ପୌରପରିଷଦର ଉପନଗରପାଳ ଓ ୨୦୧୬ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଭାଜପା ଜିଲା ସଭାପତିଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ସଭାପତିତ୍ୱ କାଳରେ ୨୦୧୭ ମସିହାରେ ଭାଜପା ସମ୍ବଲପୁର ଜିଲା ପରିଷଦ ଗଠନ କରିଥିଲା। ନିଯୁକ୍ତି ସମ୍ପର୍କିତ ଘୋଷଣା ହେବା ପରେ ସଭାପତି ମେହେର କହିଛନ୍ତି, ନୂତନ ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବି। ଜିଲାରେ ଦଳୀୟ ସଙ୍ଗଠନ କିପରି ଅଧିକ ପରିବ୍ୟାପ୍ତ କରାଯାଇ ପାରିବ ସେ ଦିଗରେ ନିରନ୍ତର ପ୍ରୟାସ କରିବି। ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ନିଶା ନିବାରଣ, ବାଲ୍ୟ ବିବାହ ସଚେତନତା ପଦଯାତ୍ରା

ସମ୍ବଲପୁର, ୫ା୧(ଭବାନୀ ଶଙ୍କର ଭୋଇ)

ନିଶା ନିବାରଣ ଓ ବାଲ୍ୟ ବିବାହ ନିରୋଧକୁ ନେଇ ସୋମବାର କୋର୍ଟ ପରିସରରୁ ଜେଲ ଛକ ପର୍ଯ୍ୟନ୍ତ ଏହି ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ସମ୍ବଲପୁର ଅଧ୍ୟକ୍ଷା ପ୍ରଜ୍ଞା ପାଣିଗ୍ରାହୀ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ଏହି ପଦଯାତ୍ରାରେ କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଓକିଲ ଓ ଆଇନ ପରାମର୍ଶଦାତା ସଦସ୍ୟମାନେ ଯୋଗ ଦେଇଥିଲେ। ଏହାକୁ ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ପରିଚାଳନା କରିଥିଲେ।




ନିଶା ନିବାରଣ ଓ ବାଲ୍ୟ ନିରୋଧ ସଚେତନତା ପଦଯାତ୍ରାରେ ସାମିଲ କର୍ମକର୍ତ୍ତା ।

# ନାରୀ ଶିକ୍ଷିତ ହେଲେ ସମାଜ ଅଗ୍ରଗତି କରେ

## ସାବିତ୍ରୀ ବାଇ ଫୁଲେ ଜୟନ୍ତୀ

ସମ୍ବଲପୁର,୫ା୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପରମାଣପୁର ଉଚ୍ଚ ବିଦ୍ୟାଳୟରେ ସୋମବାର ସାବିତ୍ରୀ ବାଇ ଫୁଲେଙ୍କ ୧୯୫ତମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ପଦ୍ମଲୋଚନ ନାଥ ସଭାପତିତ୍ୱ କରିଥିଲେ। ସମ୍ବଲପୁରୀ ଗୀତିକାର ତଥା ସଙ୍ଗଠକ ବିଭୂତି ଭୂଷଣ ନାଥ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଡ. ଝସକେତନ ସାହୁ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଅଶ୍ୱିନୀ ବାରିକ ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭବେ ତ୍ରିଲୋଚନ ସାହୁ ଏବଂ ରାଜଲକ୍ଷ୍ମୀ ମିଶ୍ର ମଞ୍ଚାସୀନ ଥିଲେ । ଅତିଥିମାନେ ସାବିତ୍ରୀ ବାଇ ଫୁଲେଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ନାଥ କହିଥିଲେ, ନାରୀ ଶିକ୍ଷିତ ହେଲେ ସମାଜ ଅଗ୍ରଗତି କରେ ଏକଥା ସାବିତ୍ରୀ ବାଇ ବୁଝି ପାରିଥିଲେ। ସେଥିପାଇଁ ନାରୀଶିକ୍ଷା ଏବଂ ନାରୀ ଜାଗରଣ ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ। ଇଂରେଜ ଶାସନ ସମୟରେ ନାରୀ ମାନଙ୍କ ମଧ୍ୟରେ ଶିକ୍ଷାର ଅଭାବ ତତ୍କାଳୀନ ସମାଜକୁ କଳୁଷିତ କରିବାରେ ସହାୟକ ହୋଇଥିଲା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଅଶ୍ୱିନୀ ବାରିକ କହିଥିଲେ, ସାବିତ୍ରୀ ବାଇ ଫୁଲେ ଭାରତରେ ପ୍ରଥମ ବାଳିକା ବିଦ୍ୟାଳୟ ସ୍ଥାପନ କରି ନିଜେ ପ୍ରଥମ ମହିଳା ଶିକ୍ଷୟିତ୍ରୀ ହେବା ପଛରେ ଅନେକ ସଂଘର୍ଷ ଲୁଚି ରହିଛି। ତେବେ ତାଙ୍କ ସଂଘର୍ଷ ଆଜି ଦେଶ ଗଠନରେ ସହାୟକ ହୋଇ ପାରିଥିବା ସେ କହିଥିଲେ । କାର୍ଯ୍ୟକ୍ରମରେ ପରମାଣପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଲଳିତ ମୋହନ ପଧାନ, ସୁଶିଲ ନାଥ, ଭରଦ୍ୱାଜ ହଳଦିଆ ଦାୟିତ୍ୱ ତୁଲାଇଥିଲେ।




ସାବିତ୍ରୀବାଇ ଫୁଲେଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ସମ୍ବଲପୁର,୫ା୧(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ହାଲପାଲି ନିକଟ ଜାତୀୟ ରଜାପଥ(୫୫)ରେ ଏକ ସଡ଼କ ଦୁର୍ଘଟଣାରେ ସୋମବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ମୁଣ୍ଡେର ଅଞ୍ଚଳର ପ୍ରହଲ୍ଲାଦ ଭୋଇ(୩୦)। ସେ ବାଇକ୍(ଓଡି-୧୫-ଏସ୍-୮୮୮୪)ରେ ସମ୍ବଲପୁର ପଟୁ ମୁଣ୍ଡେର ଫେରୁଥିବା ସମୟରେ ହାଲିପାଲି ଜଙ୍କସନ୍ ଢାବା ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର(ସିଜି-୦୪-ପିଆର୍-୯୦୩୪) ତାଙ୍କୁ ଧକ୍କା ଦେଇଥିଲା। ସଦର ଥାନା ପୋଲିସ ପ୍ରହଲ୍ଲାଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଶବ ବ୍ୟବଚ୍ଛେଦ ହେବ। ପୋଲିସ ଉଭୟ ଗାଡ଼ିକୁ ଜବତ କରିଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ମିଲର୍ସ

ସମ୍ବଲପୁର,୫ା୧(ପ୍ରମୋଦ ବହିଦାର)

ସମ୍ବଲପୁରର ମିଲର୍ସ ମଙ୍ଗଳବାରଠାରୁ ଧାନ ସଂଗ୍ରହ କରିବେନାହିଁ। ଫଳରେ ଜିଲାରେ ପୁନର୍ବାର ଧାନ ସଂଗ୍ରହ ପ୍ରକ୍ରିୟାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଗତ ନଭେମ୍ବର ୨୮ରୁ ରସମ୍ବଲପୁର ଓ ବରଗଡ଼ ଜିଲାରେ ଧାନ ପ୍ରକ୍ରିୟା ଆରମ୍ଭ ପାଇଁ ଦିନଧାର୍ଯ୍ୟ ହୋଇଥିଲା। ମାତ୍ର ୭ ଦଫା ଦାବିରେ ମିଲର୍ସ ଆନ୍ଦୋଳନକୁ ଓହ୍ଲାଇ କଷ୍ଟମ୍‌ମିଲିଂ ପାଇଁ ଧାନ ସଂଗ୍ରହ କରି ନ ଥିଲେ। ତେବେ ସରକାର ଓ ଓଡ଼ିଶା ରାଇସ୍ ମିଲ୍ ସଂଘ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ଓ ମିଲର୍ସଙ୍କ ଦାବିର ବିଚାର କରାଯିବ ବୋଲି ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ମୌଖିକ ପ୍ରତିଶ୍ରୁତି ପରେ ଗତ ୨ ତାରିଖରୁ ସମ୍ବଲପୁରରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ମାତ୍ର ସମ୍ବଲପୁର ଜିଲାରେ ଏପର୍ଯ୍ୟନ୍ତ ଚଳିତ ଖରିଫର ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟର ୭୫ ପ୍ରତିଶତ ଧାନ ସଂଗ୍ରହ ହୋଇ ସାରିଥିଲେ ମଧ୍ୟ ଯୋଗାଣ ମନ୍ତ୍ରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇନାହିଁ। ସଂଘ ଓ ସରକାରଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପକ୍ଷିକ ଆଲୋଚନା ବିଫଳ ହେବାରୁ ରାଜ୍ୟ ସଂଘ ନିର୍ଦ୍ଦେଶରେ ମଙ୍ଗଳବାରଠାରୁ ମିଲର୍ସ ଧାନ ସଂଗ୍ରହ କରିବେ ନାହିଁ ସମ୍ବଲପୁର ଜିଲାର ମିଲର୍ସ କହିଛନ୍ତି।

# ବୃଦ୍ଧାଙ୍କଠାରୁ ନେଇଗଲେ ୭ ଲକ୍ଷର ସୁନା ଗହଣା

ସମ୍ବଲପୁର,୫ା୧(ପ୍ରମୋଦ ବହିଦାର)

## ପୋଲିସ ପରିଚୟରେ ଠକେଇ

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରୁ ଜଣେ ବୃଦ୍ଧାଠାରୁ ଦୁର୍ବୃତ୍ତମାନେ ୭ ଲକ୍ଷ ଟଙ୍କାର ସୁନା ଗହଣା ଠକି ନେଇଛନ୍ତି। ଠକାମିର ଶିକାର ହୋଇଛନ୍ତି କ୍ଷେତରାଜପୁର ଥାନା ପନକାପଡ଼ାର ଶଶୀପ୍ରଭା ଅଗ୍ରୱାଲ(୬୫)। ଠକେଇର ଶିକାର ମହିଳାଙ୍କ କହିବା ଅନୁସାରେ ସୋମବାର ପୂର୍ବାହ୍ନରେ ଫିଜିଓଥେରାପି ପାଇଁ ସେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ଏକ ଘରୋଇ ଡାକ୍ତରଖାନାକୁ ଆସିଥିଲେ। ଏଠାରୁ ଚିକିତ୍ସା ହୋଇ ପୂର୍ବାହ୍ନ ପ୍ରାୟ ୧୧ଟାରେ ଘରକୁ ଯିବାକୁ ରାସ୍ତାରେ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କ ନିକଟକୁ ଏକ ବାଇକ୍‌ରେ ଆସି ନିଜକୁ ପୋଲିସ ପରିଚୟ ଦେଇଥିଲେ। ସୁରକ୍ଷା ଆଳରେ ସେ ପିନ୍ଧିଥିବା ସମସ୍ତ ଗହଣାକୁ ଖୋଲିଦେବାକୁ କହି ନିକଟରେ ଥିବା ଘରୋଇ ଡାକ୍ତରଖାନା ଗଳିକୁ ଡାକି ନେଇଥିଲେ। ତାଙ୍କୁ ବିଶ୍ୱାସ କରି ସେ ତାଙ୍କ ସାଥୀରେ ଉକ୍ତ ଗଳିକୁ ଯାଇଥିଲେ। ସେଠାରେ ପୂର୍ବରୁ ଆହୁରି ୩ ଜଣ ମୁଖାପିନ୍ଧା ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନଙ୍କୁ ମଧ୍ୟ ପୋଲିସ ଭାବି ଉକ୍ତ ଗଳିରେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ କଥାରେ ପଡ଼ି ସେ ପିନ୍ଧିଥିବା ଚୁଡ଼ି, ମାଳି ଆଦି ସୁନା ଗହଣାକୁ ଖୋଲିବା କ୍ଷଣି ଠକମାନେ କାଗଜ ପ୍ୟାକେଟ୍‌ରେ ଭର୍ତ୍ତି କରିବାକୁ ଚଞ୍ଚକତା ପୂର୍ବକ ତାଙ୍କ ହାତରୁ ଗହଣାକୁ ନେଇ ଏକ ଗହଣା ଭର୍ତ୍ତି କାଗଜ ପ୍ୟାକେଟ୍ ତାଙ୍କୁ ଧରାଇଦେଇ ଫେରାର ହୋଇ ଯାଇଥିଲେ। ସେମାନେ ଗଲା ପରେ ପ୍ୟାକେଟ୍ ଖୋଲି ଦେଖିଲା ବେଳକୁ ସେଥିରେ ତାଙ୍କ ନିଜ ଗହଣା ବଦଳରେ ପ୍ଲାଷ୍ଟିକର ମାଳି ଓ ଚୁଡ଼ି ଆଦି ନକଲି ଗହଣା ଥିବା ଦେଖିବାକୁ ପାଇଥିଲେ। ତତ୍‌କ୍ଷଣାତ ସେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇ ଟାଉନ ଥାନାକୁ ଯାଇ ଏତଲା ଦେଇଥିଲେ। ପ୍ରାୟ ୫୫ ଗ୍ରାମର ଓଜନର ଉକ୍ତ ଗହଣା ଯାହାର ଅନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ତାଙ୍କ ଏତଲା ଆଧାରରେ ଟାଉନ ଥାନାରେ ଏକ ମାମଲା(ନଂ.୪/୨୬)ରୁଜୁ କରି ପୋଲିସ ଉକ୍ତ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରିଛି। ତେବେ ପୋଲିସ ଯାଞ୍ଚ ସ୍ୱରୂପ ସିସି ଟିଭିରେ ଲୁଟେରାମାନଙ୍କୁ ସ୍ପଷ୍ଟ ଚିହ୍ନଟ କରି ହେଉଥିବା ବେଳେ ସେମାନେ ବ୍ୟବହାର କରିଥିବା ବାଇକ୍‌ରେ ନକଲି ନମ୍ବର ଲାଗିଥିବା ଜଣାପଡ଼ିଛି। ଲୁଟେରାମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବା ପୋଲିସ ପୋଲିସ କହିଛି।

# ଯୋଜନାର ଅଗ୍ରଗତି, ଭିତ୍ତିଭୂମିର ସମୀକ୍ଷା

## ଆକାଂକ୍ଷୀ ବ୍ଲକ ନାକଟିଦେଉଳରେ ନୀତି ଆୟୋଗ ଅଧିକାରୀଙ୍କ ବୈଠକ

ନାକଟିଦେଉଳ, ୫ା୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଆକାଂକ୍ଷୀ ବ୍ଲକଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ହେବା ପରେ ବିଭିନ୍ନ କ୍ଷେତ୍ରରେ ଏହି ଅଞ୍ଚଳକୁ ବିକଶିତ କରିବା ପାଇଁ ବିଭିନ୍ନ କାର୍ଯ୍ୟ ଜାରି ରହିଛି। ପ୍ରଥମ କରି ସୋମବାର କେନ୍ଦ୍ର ନୀତି ଆୟୋଗ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରାଯାଇଛି। ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ସୁଷମା କିଣ୍ଡୋ(ଆଇଇଏସ୍)ଙ୍କ ଅଧ୍ୟକ୍ଷତାରେ ପ୍ରଥମ ପର୍ଯ୍ୟାୟରେ ପୂର୍ବାହ୍ନ ୧୦ଟାରେ ସମୀକ୍ଷା ବୈଠକ ହୋଇଥିଲା। ଏହି ବୈଠକରେ ସୁଶ୍ରୀ ଶୁଭ୍ରା ପଣ୍ଡା(ଆଇଏଏସ୍), ସମ୍ବଲପୁର ଜିଲା ଯୋଜନା ଓ ତଦାରଖ ୟୁନିଟ ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ, ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ଏବଂ ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ ଯୋଗଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, କୃଷି,



ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧିକାରୀମାନେ ବିଭିନ୍ନ ଯୋଜନାର ସମୀକ୍ଷା କରୁଛନ୍ତି।

ଶିକ୍ଷା ବିଭାଗରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନାର ଅଗ୍ରଗତି ଏବଂ ଲକ୍ଷ୍ୟ ହାସଲ କରାଯିବା ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଏବଂ ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗରେ ମାତୃ, ଶିଶୁ ସ୍ୱାସ୍ଥ୍ୟ, ଅଣ ସଂକ୍ରାମକ ରୋଗ ଏବଂ ଜାତୀୟ ଗୁଣବତ୍ତା ସହିତ ଶିକ୍ଷା ବିଭାଗରେ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ଏବଂ ଡ୍ରପ ଆଉଟ ଛାତ୍ରୀଛାତ୍ରୀଙ୍କ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗରେ ନୀତି ଆୟୋଗ ଦ୍ୱାରା ଉଦ୍ଦିଷ୍ଟ ସୂଚକାଙ୍କ ଉପରେ ଅଧିକାରୀମାନେ ସମୀକ୍ଷା କରିଥିଲେ। ଏଥିସହିତ ନୀତି ଆୟୋଗର ଏହି ଅଧିକାରୀମାନେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୂଷାକାନୀ ଅଙ୍ଗନୱାଡି କେନ୍ଦ୍ର, ପିଏମ୍‌ଶ୍ରୀ ସରାପାଲି ଉଚ୍ଚ ବିଦ୍ୟାଳୟ ଏବଂ ବଞ୍ଜାଗୋଲା ଏଲିମେଣ୍ଟାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ପାଠ ପଢାରେ କ'ଣ ସବୁ ଅସୁବିଧା ରହିଛି ଏବଂ ଆଉ କଣ ଆବଶ୍ୟକ ବୋଲି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୀକ୍ଷା ବୈଠକ ରେ ବ୍ଲକର ସମସ୍ତ ଲାଇନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଅପର ପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଚିତ୍ରା ଅରୁମୁଗମ ମଧ୍ୟ ନୀତି ଆୟୋଗ ଦ୍ୱାରା ରହିଥିବା ବିଭିନ୍ନ ବିଭାଗର ସୂଚକାଙ୍କ ଉପରେ ମଧ୍ୟ ସମୀକ୍ଷା କରିଥିବା ବେଳେ ମଙ୍ଗଳବାର ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ଦିଲ୍ଲୀରେ ଆଜି


ସୋମବାର ଦିଲ୍ଲୀ ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ବାୟୁ ପ୍ରଦୂଷଣ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି ବିଧାୟକମାନେ ମାସ୍କ ପିନ୍ଧି ବିଧାନସଭା ବାହାରେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ଆମେରିକା ଉପରାଷ୍ଟ୍ରପତିଙ୍କ ଘର ଉପରେ ଆକ୍ରମଣ

ୱାଶିଂଟନ,୫।୧

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସିନ୍‌ସିନାଟିସ୍ଥିତ ଘର ଉପରେ ରାତିରେ ଆକ୍ରମଣ ହୋଇଛି। ଘରର ଅନେକ ଝରକା ଭାଙ୍ଗିଯାଇଛି। ଆକ୍ରମଣ ଖବର ପାଇ ଆମେରିକା ସିକ୍ରେଟ ସର୍ଭିସ୍ ଏଜେଣ୍ଟମାନେ ସୋମବାର ଭୋର ସମୟରେ ଭାନ୍ସଙ୍କ ଇଷ୍ଟ ୱାଲନଟ୍ ହିଲ୍ସ ବାସଭବନରେ ପହଞ୍ଚିଥିଲେ। ସେମାନେ ଜଣେ ସନ୍ଦିଗ୍ଧଙ୍କୁ ଧରିଥିବାବେଳେ ତାଙ୍କ ବିରୋଧରେ ଆକ୍ରମଣ ମାମଲା ରୁଜୁ ହୋଇଥିବା ସ୍ପଷ୍ଟ ହୋଇନାହିଁ। ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବା ସ୍ଥାନୀୟ ପୋଲିସ କହିଛି। ଆକ୍ରମଣ ସମୟରେ ଭାନ୍ସଙ୍କ ପରିବାର ଘରେ ନ ଥିଲେ। ଆକ୍ରମଣକାରୀ ଘରେ ପଶିଥିବା ବିଶ୍ୱାସ ହେଉନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ରିପୋର୍ଟ ଅନୁଯାୟୀ ଗତ ଶୁକ୍ରବାର ଭାନ୍ସ ଫ୍ଲୋରିଡାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାରା ଦିନ ରହିଥିଲେ। ଭେନେଜୁଏଲା ଉପରେ ଆକ୍ରମଣକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଦେଖିବା ପରେ ସିନ୍‌ସିନାଟି


ଜେଡି ଭାନ୍ସ

ଫେରିଥିଲେ। ଫ୍ଲୋରିଡା ଆକ୍ରମଣ ଯୋଜନା ଓ ପ୍ରକ୍ରିୟା ସହ ଭାନ୍ସ ଗଭୀର ଭାବେ ଜଡ଼ିତ ଥିଲେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଭାନ୍ସଙ୍କ ଘର ଉପରେ ଆକ୍ରମଣ ପରେ ସେଠାରେ ପୋଲିସ ଓ ସିକ୍ରେଟ୍ ସର୍ଭିସ କର୍ମଚାରୀମାନେ ଜଗିରହିଛନ୍ତି।

ସୂଚନାଯୋଗ୍ୟ, ରିପବ୍ଲିକାନ୍ ଭାନ୍ସ ଓହିଓରୁ ଆମେରିକା ସିନେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଉପରାଷ୍ଟ୍ରପତି ଅଛନ୍ତି। ଆକ୍ରମଣ ଘଟଣାରେ ତାଙ୍କ କାର୍ଯ୍ୟାଳୟ ସିକ୍ରେଟ୍ ସର୍ଭିସ୍‌କୁ ସିଧା ପ୍ରଶ୍ନ କରିଛି। ଆକ୍ରମଣରେ ସିକ୍ରେଟ ସର୍ଭିସର ଏକ ଗାଡ଼ି ମଧ୍ୟ ଭାଙ୍ଗିଯାଇଛି।

# ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ଆଇଏସ୍‌ଆଇର ଉଦ୍ୟମ

## ଭୁଲ୍ ସୂଚନା ଅଭିଯାନ ଚଳାଇବ

ନୂଆଦିଲ୍ଲୀ,୫।୧

ପାକିସ୍ତାନର ବାହ୍ୟ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଭାରତରେ ଗୁପ୍ତଚରଗିରି ନେଟ୍‌ୱର୍କ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏନେଇ ସରକାରଙ୍କୁ ସତର୍କ କରାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦେଶର ସୁରକ୍ଷା ବଳ ସତର୍କ ରହିବା ଆବଶ୍ୟକ ବୋଲି ପ୍ରସ୍ତାବ ଦିଆଯାଇଛି। ନିକଟ ଅତୀତରେ ପାକିସ୍ତାନର ବହୁ ଗୁପ୍ତଚରଗିରି ଉଦ୍ୟମ ବିଫଳ ହୋଇଥିବା ସତ୍ତ୍ୱେ ଆଇଏସ୍‌ଆଇ ଏହାର ନେଟ୍‌ୱର୍କ ବଢ଼ାଇବାକୁ ସକ୍ରିୟ ରହିଛି। ଆଇଏସ୍‌ଆଇ ଏଜେଣ୍ଟମାନେ ଭାରତ ବିରୋଧରେ ଭୁଲ୍ ତଥ୍ୟ ପ୍ରସାର ଅଭିଯାନ ଚଳାଇବାରେ ନିୟୋଜିତ ଅଛନ୍ତି। ଭାରତ ସରକାରଙ୍କ ନୀତି ଉପରେ ପ୍ରଶ୍ନ ଉଠାଇ ବିକ୍ଷୋଭ କରିବା ଲାଗି ଆଇଏସ୍‌ଆଇ କେତେଜଣ ଲୋକ ଏବଂ ସଂଗଠନକୁ ନିୟୋଜିତ କରିବାକୁ ଯୋଜନା କରିଛି। ଭାରତରେ ଅସ୍ଥିରତା ସୃଷ୍ଟି ଲାଗି ଶତ୍ରୁ ରାଷ୍ଟ୍ର ଚଳାଇଥିବା ବୃହତ୍ ଗେମ୍ ପ୍ଲାନ୍‌ର ଏହା ଅଂଶବିଶେଷ ବୋଲି ଗୋଇନ୍ଦା ସୂତ୍ରରୁ କୁହାଯାଇଛି।

# ଖାଲିଦ, ଇମାମଙ୍କୁ ମିଳିଲାନି ଜାମିନ

## ଦିଲ୍ଲୀ ଦଙ୍ଗା ମାମଲା

ନୂଆଦିଲ୍ଲୀ,୫।୧(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଆକ୍ଟିଭିଷ୍ଟ ଉମର ଖାଲିଦ ଏବଂ ଶର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହି ମାମଲାର ଅନ୍ୟ ୫ ଅଭିଯୁକ୍ତ ଗୁଲ୍‌ଫିଶା ଫତିମା, ମୀରାନ ହାଇଦର, ଶିଫା ଉର୍ ରେହମାନ, ମହମ୍ମଦ ସଲିମ ଏବଂ ଶଦାବ ଅହମଦଙ୍କୁ ଜାମିନ ମିଳିଛି। ଖାଲିଦ ଏବଂ ଇମାମଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ରର ପ୍ରମାଣ ରହିଥିବାରୁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ର ଧାରା ୪୩ଡି(୫) ଅନୁଯାୟୀ ସେମାନଙ୍କୁ ଜାମିନ ପ୍ରଦାନରେ ବୈଧାନିକ ପ୍ରତିବନ୍ଧକ ରହିଥିବା ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. କଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି। ସାକ୍ଷୀମାନଙ୍କ ବୟାନ ଯାଞ୍ଚ ପରେ କିମ୍ବା ଆଜିଠାରୁ ବର୍ଷେ ପରେ ଖଲିଦ ଏବଂ ଇମାମ ଜାମିନ ପାଇଁ ସାନି ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ତୁଳନାରେ ଖାଲିଦ ଓ ଇମାମଙ୍କ ବିରୋଧରେ ଅଭିଯୋଗର ଆଧାର ଗୁଣାତ୍ମକ ଭାବେ ଭିନ୍ନ ବୋଲି ଖଣ୍ଡପୀଠ କହିଛନ୍ତି। ଦଙ୍ଗା ପଛରେ ସେମାନଙ୍କର ମୁଖ୍ୟ ଏବଂ ରଚନାତ୍ମକ ଭୂମିକା ରହିଥିଲା। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବା,


ଉମର ଖାଲିଦ


ଶର୍ଜିଲ ଇମାମ

ଲୋକଙ୍କୁ ଏକାଠି କରିବା ସହ ନିର୍ଦ୍ଦିଷ୍ଟ ସ୍ଥାନ ବାହାରେ ଦଙ୍ଗା ଘଟାଇବା ପାଇଁ ନିର୍ଦ୍ଦେଶ ଦେବାରେ ସେମାନେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଖଣ୍ଡପୀଠ କହିଛନ୍ତି। ଅଦାଲତଙ୍କ କହିବା ଅନୁଯାୟୀ, ବିଚାର ପ୍ରକ୍ରିୟାରେ ବିଳମ୍ବ ବୈଧାନିକ ସୁରକ୍ଷା ପାଇବା ପାଇଁ ସୁଯୋଗ ନୁହେଁ।

୨୦୨୦ ଫେବୃଆରୀ ୨୩ରେ ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗା ଘଟିବାରୁ ୫୩ ଜଣଙ୍କ ଜୀବନ ଯିବା ସହ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ବିରୋଧୀ ବିକ୍ଷୋଭ ପାଇଁ ଭାଷଣ ଦେବା ଅଭିଯୋଗରେ ଇମାମଙ୍କୁ ୨୦୨୦ ଜାନୁଆରୀ ୨୮ରେ ଗିରଫ କରାଯାଇଥିବାବେଳେ ବୃହତ୍ତର ଷଡ଼ଯନ୍ତ୍ର ମାମଲାରେ ସେହିବର୍ଷ ଅଗଷ୍ଟରେ ତାଙ୍କୁ ପୁନର୍ବାର ଗିରଫ କରାଯାଇଥିଲା। ଖାଲିଦ ଓ ଅନ୍ୟ ଅଭିଯୁକ୍ତମାନେ ସେପ୍ଟେମ୍ବରରେ ଗିରଫ ହୋଇଥିଲେ। ସେମାନଙ୍କ ସମେତ ୧୫ ଜଣଙ୍କ ବିରୋଧରେ ୟୁଏପିଏ ଏବଂ ଆଇପିସିର ଆନୁଷଙ୍ଗିକ ଧାରାରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଖାଲିଦ ଏବଂ ଇମାମଙ୍କ ବିରୋଧରେ ଅଭିଯୋଗର ପ୍ରମାଣ ସ୍ୱରୂପ ଦାଖଲ ତଥ୍ୟ ପ୍ରମାଣରେ ଅଦାଲତ ସନ୍ତୋଷବ୍ୟକ୍ତ କରିଛନ୍ତି। ବିଚାର ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତିରେ ସେମାନଙ୍କୁ ।ଜାମିନରେ ଛଡ଼ାଯିବା ଯଥାର୍ଥ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଅଦାଲତଙ୍କ ରାୟ ପରେ ଖାଲିଦ କହିଛନ୍ତି, ଜେଲ ଏବେ ତାଙ୍କ ଜୀବନ ହୋଇଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଜାମିନ ମିଳିଥିବାରୁ ସେ ଆଶ୍ୱସ୍ତ ଏବଂ ଖୁସି ବୋଲି ସୋମବାର ତାଙ୍କ ପାର୍ଟନର ବନଜ୍ୟୋସ୍ନା ଲାହିରିଙ୍କୁ କହିଛନ୍ତି।

## ପ୍ରଶ୍ନ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ,୫।୧(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଆକ୍ଟିଭିଷ୍ଟ ଉମର ଖାଲିଦ ଏବଂ ଶର୍ଜିଲ ଇମାମଙ୍କୁ ସୁପ୍ରିମକୋର୍ଟ ଜାମିନ ଦେବାକୁ ମନା କରିଦେବା ଉପରେ ବିରୋଧୀ ନେତାମାନେ ପ୍ରଶ୍ନ ଉଠାଇଛନ୍ତି। ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ଡେରା ସଚା ସୌଦା ମୁଖ୍ୟ ଗୁରମିତ୍ ରାମ ରହିମଙ୍କୁ ଇତିମଧ୍ୟରେ ୧୫ ଥର ପାରୋଲରେ ଛଡ଼ାଯାଇଥିବାରୁ ଏହାକୁ ବିରୋଧୀ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଜାମିନ ହେଉଛି ନିୟମ ଏବଂ ଜେଲ ବ୍ୟତିକ୍ରମ ସିଦ୍ଧାନ୍ତ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଲାଗୁ ହେଉ ନ ଥିବାରୁ ଏଥିରୁ ସ୍ପଷ୍ଟ ହେଉଛି ବୋଲି ସିପିଆଇ(ଏମ୍) ଏମ୍‌ପି ଜନ୍ ବ୍ରିଟାସ Xରେ ଲେଖିଛନ୍ତି। କଠୋର ୟୁଏପିଏରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଜେଲରେ ଥିବା ଖାଲିଦଙ୍କ ବିଚାର ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ବିଚାର ପୂର୍ବରୁ ଜେଲଦଣ୍ଡ ନୁହେଁ ବୋଲି ବ୍ରିଟାସ କହିଛନ୍ତି। ଇତିମଧ୍ୟରେ ୨୦୧୭ରେ ଦୋଷୀସାବ୍ୟସ୍ତ ହୋଇ ଜେଲରେ ଥିବା ଗୁର୍‌ମିତ ରାମ ରହିମଙ୍କୁ ପଞ୍ଚଦଶ ଥର ପାଇଁ ୪୦ ଦିନ ପାରୋଲରେ ଛଡ଼ାଯାଇଛି। ତାଙ୍କ ଦାବି ଅନୁଯାୟୀ ଜେଲରୁ ଛୁଟି ମିଳିଯାଉଛି।

ଜାମିନ ନ ମିଳିବା ଏକ ଗୁରୁତର ପ୍ରଶ୍ନ ଛିଡ଼ା କରାଇଛି ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଛନ୍ତି। ବିନା ବିଚାରରେ ଦୀର୍ଘଦିନ ଜେଲରେ ରହିବା ଅଯଥାର୍ଥ ଓ ଅସଙ୍ଗତ ହୋଇଥିବାରୁ ଜାମିନ ପ୍ରଦାନ କରିବା ସାମ୍ବିଧାନିକ ଅଦାଲତଙ୍କ କର୍ତ୍ତବ୍ୟ। ସାମ୍ବିଧାନିକ ସୁରକ୍ଷା ପାଇବା ପାଇଁ ଆଉ କେତେଦିନ ଜେଲରେ ରହିବାକୁ ପଡ଼ିବ ବୋଲି ଝା ପ୍ରଶ୍ନ ଉଠାଇଛନ୍ତି।

# ଓଏନ୍‌ଜିସି ଗ୍ୟାସ୍ ପାଇପ୍‌ଲାଇନ ଲିକ୍‌ରୁ ନିଆଁ

ମୋରି(ଆନ୍ଧ୍ରପ୍ରଦେଶ,୫।୧(ପି.ଟି.)

ଆନ୍ଧ୍ରପ୍ରଦେଶର ଡ. ବି.ଆର୍. ଆମ୍ବେଡକର କୋନାସୀମା ଜିଲାରେ ଅଏଲ୍ ଆଣ୍ଡ ନ୍ୟାଚୁରାଲ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି)ର ଉତ୍ପାଦନ ଠିକା ସଂସ୍ଥା ଦୀପ୍ ଇଣ୍ଡଷ୍ଟ୍ରିଜ୍ ଲିଃ ଦ୍ୱାରା ପରିଚାଳିତ ଏକ ଗ୍ୟାସ୍ ପାଇପ୍‌ଲାଇନ ସୋମବାର ଲିକ୍ ହୋଇ ନିଆଁ ଲାଗିଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ଉକ୍ତ ନବରତ୍ନ ରାଷ୍ଟ୍ରାୟତ୍ତ କମ୍ପାନୀର ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି। ନିଆଁ ଲାଗିଥିବା ଖବର ପାଇ ରାଜମୁନ୍ଦ୍ରିସ୍ଥିତ ଓଏନ୍‌ଜିସର ବରିଷ୍ଠ ଅଧିକାରୀମାନେ ମୋରି ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ମୋରି-୫ ତୈଳକୂପଠାରେ ଗ୍ୟାସ୍ ପାଇପ୍ ଲାଇନ୍ ଲିକ୍ ହେବାରୁ ଅଗ୍ନିକାଣ୍ଡ ଘଟିଥିବା ଜଣେ ଅଧିକାରୀ କହିଛନ୍ତି। ଏହା ଜନବସତିଠାରୁ ୬୦୦ ମିଟର ଦୂରରେ ହୋଇଥିବାବେଳେ ପ୍ରଭାବିତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ଶୀତଳୀକରଣ କରାଯାଉଛି। ଓଏନ୍‌ଜିସି ଏହାର ସଙ୍କଟ ପରିଚାଳନା ଟିମ୍‌କୁ ଘଟଣାସ୍ଥଳକୁ ପଠାଇଛି।

# ବିଜୟବର୍ଗୀୟଙ୍କ 'ଘଣ୍ଟା' ମନ୍ତବ୍ୟ: ଆପତ୍ତି ଉଠାଇଥିବା ଏସ୍‌ଡିଏମ୍ ନିଲମ୍ବିତ

ଭୋପାଳ,୫।୧

ମଧ୍ୟପ୍ରଦେଶର ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ଜଣେ ବରିଷ୍ଠ ଖବରଦାତାଙ୍କ ପ୍ରତି 'ଘଣ୍ଟା' ମନ୍ତବ୍ୟ ଦେଇଥିଲେ। ଏକ ସରକାରୀ ନିର୍ଦ୍ଦେଶନାମାରେ ଏହାକୁ ଅଭଦ୍ର, ଅମାନବୀୟ ଏବଂ ସତ୍ତାବାଦୀ ବୋଲି ଦର୍ଶାଇଥିବା ଦେୱାସ୍ ଜିଲାର ଜଣେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍)ଙ୍କୁ ନିଲମ୍ବନ କରାଯାଇଛି। ଏସ୍‌ଡିଏମ୍ ଆନନ୍ଦ ମାଳବ୍ୟ ଗତ ୩ ତାରିଖରେ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ। ୪ ତାରିଖରେ ଭାଜପା ଏମ୍‌ପି ଏବଂ ବିଧାୟକମାନଙ୍କ ଘର ବାହାରେ ବିରୋଧୀ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯିବାକୁ ଥିବାରୁ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ମୁତୟନ କରିବା ନିମନ୍ତେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉକ୍ତ ନିର୍ଦ୍ଦେଶନାମାର ପ୍ରଥମ ୮ ଧାଡ଼ି ଏସ୍‌ଡିଏମ୍‌ଙ୍କୁ ଅଡୁଆରେ ପକାଇଛି। ସେଥିରେ ଲେଖାଥିଲା ଭାଜପା ଶାସିତ ଇନ୍ଦୋର ମ୍ୟୁନିସିପାଲ କର୍ପୋରେଶନରେ ଯୋଗାଣ ହେଉଥିବା ଦୂଷିତ ପାଣି ପିଇ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ ଲୋକ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଖବରଦାତାଙ୍କ ପ୍ରଶ୍ନର ଜବାବରେ ମନ୍ତ୍ରୀ ବିଜୟବର୍ଗୀୟ ଘଣ୍ଟ ଶବ୍ଦ ବ୍ୟବହାର କରିବା ଅଭଦ୍ରାମୀ ଏବଂ ସତ୍ତାବାଦର ସଙ୍କେତ ବୋଲି ଏସ୍‌ଡିଏମ୍‌ଙ୍କ ନିର୍ଦ୍ଦେଶନାମା ପ୍ରଥମ ପାରାଗ୍ରାଫ୍‌ରେ ଲେଖାଥିଲା। ଏହା ଦେଖିବା ପରେ ଦେୱାସ ଜିଲାପାଳ ରିତୁ ରାଜ୍ ଉଜ୍ଜୟିନୀ ଡିଭିଜନାଲ କମିଶନର ଆଶିଷ ସିଂଙ୍କୁ ଅବଗତ କରାଇଥିଲେ। ଏସ୍‌ଡିଏମ୍‌ଙ୍କୁ ନିଲମ୍ବନ କରିବା ପାଇଁ ଡିଭିଜନାଲ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

# ଏସ୍‌ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯିବେ ମମତା

ନୂଆଦିଲ୍ଲୀ,୫।୧

ବିଧାନସଭା ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ଅମାନବୀୟ ଆଚରଣ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ସହ ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି। ଦକ୍ଷିଣ ୨୪ ପ୍ରଗଣାର ସାଗର ଦ୍ୱୀପରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ମମତା କହିଛନ୍ତି,


ମମତା ବାନାର୍ଜୀ

ଏସ୍‌ଆଇଆର୍ ସହ ଜଡ଼ିତ ଭୟ, ନିର୍ଯାତନା ଏବଂ ପ୍ରଶାସନିକ ମନମାନି ଯୋଗୁ ଅନେକ ଲୋକ ହସ୍ପିଟାଲରେ ଭର୍ତ୍ତି ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ଏସ୍‌ଆଇଆର୍ ଯୋଗୁ ଏତେ ଲୋକଙ୍କ ପ୍ରତି ଅମାନବୀୟ ଆଚରଣ ଏବଂ ମୃତ୍ୟୁ ବିରୋଧରେ ମଙ୍ଗଳବାର ଅଦାଲତଙ୍କ ଦ୍ୱାରସ୍ଥ ହେବୁ। ସେଠାରୁ ଅନୁମତି ମିଳିଲେ ସୁପ୍ରିମକୋର୍ଟ ଯିବୁ ଏବଂ ଅମାନବୀୟ କାର୍ଯ୍ୟ ବିରୋଧରେ ଅପିଲ୍ କରିବୁ ବୋଲି ତୃଣମୂଳ କଂଗ୍ରେସ ସୁପ୍ରିମୋ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, କୌଣସି ବୈଧ କାରଣ ନ ଥାଇ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ଲୋକଙ୍କ ନାଁ କାଟିଦିଆଯାଉଛି। ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ଏବଂ ବରିଷ୍ଠ ନାଗରିକମାନଙ୍କୁ ବୈଧ ଭୋଟରର ପ୍ରମାଣ ଦେବା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ବାଧ୍ୟ କରାଯାଉଛି। ଭାଜପା ନେତାମାନଙ୍କ ବୃଦ୍ଧ ମା'ବାପାଙ୍କୁ ଏଭଳି ଛିଡ଼ା କରାଇଲେ, ସେମାନେ କିପରି ଅନୁଭବ କରିବେ ବୋଲି ମମତା ପ୍ରଶ୍ନ କରିଛନ୍ତି। ଏସ୍‌ଆଇଆର୍ ଆରମ୍ଭ ହେବା ଦିନରୁ ଭୟ ଓ ଅନ୍ୟାନ୍ୟ କାରଣରୁ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି ବୋଲି ସେ କହିଛନ୍ତି।

## ଫୁରସତ୍

# ଯମଜ ସନ୍ତାନଙ୍କ ଗାଁ

ବିଶ୍ୱର ଅନ୍ୟାନ୍ୟ ଦେଶ ପରି ଭାରତରେ ମଧ୍ୟ ଅନେକ ରହସ୍ୟମୟ ସ୍ଥାନ ଅଛି। ଏଥିମଧ୍ୟରୁ କେରଳର ଏକ ଛୋଟ ଗାଁ କୋଡିନିହି ଅନ୍ୟତମ। ଏହା ବିଶ୍ୱର ଏକମାତ୍ର ଗାଁ ବୋଲି ବିଶ୍ୱାସ କରାଯାଏ, ଯେଉଁଠାରେ କେବଳ ଯମଜ ବା ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି। ଏହି ଗାଁରେ ପ୍ରାୟ ୨୦୦ ଯମଜ ସନ୍ତାନ ଅଛନ୍ତି। ଏହା ପଛର ରହସ୍ୟ ଆଜି ପର୍ଯ୍ୟନ୍ତ କୌଣସି ଡାକ୍ତର କିମ୍ବା ବୈଜ୍ଞାନିକ ଖୋଜି ପାଇନାହାନ୍ତି।

କେରଳର ମାଲାପୁରମ ଜିଲାର ୨୦୦୦ ଲୋକ ବସବାସ କରୁଥିବା ଏକ ଛୋଟ ଗାଁ କୋଡିନିହି, ଯେଉଁଠି ଯମଜ ସନ୍ତାନ ଜନ୍ମହାର ଅସାଧାରଣ ଭାବରେ ଅଧିକ। ଏହି ଗାଁର ପ୍ରାୟ ପ୍ରତ୍ୟେକ ଘରେ



ଅତି କମ୍‌ରେ ଏକ ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଭାରତରେ ହାରାହାରି ଜନ୍ମହାର ପ୍ରତି ୧୦୦୦ରେ ୮ରୁ ୯ ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି, କିନ୍ତୁ କୋଡିନିହିରେ ଏହା ହାରାହାରି ୪୨ରୁ ୪୫ ହୋଇଥାଏ। ଅନେକ ବୈଜ୍ଞାନିକ ଏହି ଗାଁ ବିଷୟରେ ଢେର ଅଧ୍ୟୟନକରି ମଧ୍ୟ ଏପର୍ଯ୍ୟନ୍ତ ପ୍ରକୃତ କାରଣ ନିର୍ଣ୍ଣୟ କରିପାରିନାହାନ୍ତି। କିଛି ତତ୍ତ୍ୱ ସୂଚାଇଦିଏ ଯେ ଖାଦ୍ୟ, ପାଣି କିମ୍ବା ଜେନେଟିକ୍ସ ଭଳି କାରଣଗୁଡ଼ିକ ଯୋଗୁ ଅଧିକ ଯମଜ ସନ୍ତାନ ଜନ୍ମ ନିଅନ୍ତି। ତଥାପି ଏପର୍ଯ୍ୟନ୍ତ ଏହାର କୌଣସି ଠୋସ୍ ପ୍ରମାଣ ବୈଜ୍ଞାନିକଙ୍କୁ ମିଳିନାହିଁ। ଅପରପକ୍ଷେ ଏହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଗର୍ବ ଏବଂ ସ୍ୱୀକୃତିର ପ୍ରତୀକ। ଏହି ଅନନ୍ୟ ଗାଁ ବିଷୟରେ ବିଶ୍ୱବ୍ୟାପୀ ଡକ୍ୟୁମେଣ୍ଟାରି, ବୈଜ୍ଞାନିକ ପ୍ରବନ୍ଧ ଏବଂ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି। ଏହା ବୈଜ୍ଞାନିକମାନଙ୍କୁ ଆକର୍ଷିତକରେ ଏବଂ ଆଶ୍ଚର୍ଯ୍ୟ ବି କରେ।

# ଜନ୍ମଦିନରେ ଦୀପିକାଙ୍କ ଉପହାର

ମୁମ୍ବାଇ

ନିଜ ଜନ୍ମଦିନରେ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି ବଲିଉଡ୍‌ର ଆଗଧାଡ଼ିର ନାୟିକା ଦୀପିକା ପାଦୁକୋନ୍। ସେ ତାଙ୍କ ଜନ୍ମଦିନରେ ଏକ ବଡ଼ ପ୍ରୟାସ ଆରମ୍ଭ କରିଛନ୍ତି, ଯାହା ପରବର୍ତ୍ତୀ ପିଢ଼ିର ସୃଜନଶୀଳ ପ୍ରତିଭା ପାଇଁ ନୂତନ ଦିଶା ଦେବ। ୪୦ତମ ଜନ୍ମଦିନ ପାଳନ ଅବସରରେ ଦୀପିକା 'ଦି ଅନ୍‌ସେଟ୍ ପ୍ରୋଗ୍ରାମ' ନାମକ ଏକ ନୂତନ ପ୍ଲାଟ୍‌ଫର୍ମ ଆରମ୍ଭ କରିଛନ୍ତି। ଏହି ପ୍ଲାଟ୍‌ଫର୍ମ ଉଦୀୟମାନ କଳାକାରମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ହେବ ବୋଲି ଆଶା କରାଯାଉଛି।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ସାରା ଦେଶରୁ ଉଦୀୟମାନ ସୃଜନଶୀଳ କଳାକାରଙ୍କ ପ୍ରତିଭାକୁ ବିକଶିତ କରିବା । ଏହା ମାଧ୍ୟମରେ ଦୀପିକା ଭାରତୀୟ ଚଳଚ୍ଚିତ୍ର, ଟେଲିଭିଜନ ଏବଂ ବିଜ୍ଞାପନ ଶିଳ୍ପରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବତୀଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରତିଶ୍ରୁତିବଦ୍ଧ ପ୍ରତିଭାଙ୍କ ଲାଗି ତାଲିମ ସୁଯୋଗ ପ୍ରଦାନ କରିବ। ଦୀପିକା କହିଛନ୍ତି, ଦେଶ ଏବଂ ବିଶ୍ୱର ସର୍ବଶ୍ରେଷ୍ଠ ସୃଜନଶୀଳ ପ୍ରତିଭାକୁ ଚିହ୍ନଟ ସହ ସେମାନଙ୍କୁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ ଲାଗି ଗଭୀର ଭାବରେ ଆଗ୍ରହୀ ଅଛି। ମୁଁ 'ଦି ଅନ୍‌ସେଟ୍ ପ୍ରୋଗ୍ରାମ'ର ଶୁଭାରମ୍ଭ ଘୋଷଣାକରି ବହୁ ଉତ୍ସାହିତ ଏବଂ ଆପଣମାନଙ୍କୁ ଆଗାମୀ ପିଢ଼ିର ସୃଜନଶୀଳ ପ୍ରତିଭାଙ୍କ ସହ ପରିଚିତ କରାଇବା ପାଇଁ ଅପେକ୍ଷାରେ ରହିଛି।


ଦୀପିକା ପାଦୁକୋନ୍

# ସିବିଆଇ ଚାର୍ଜଶିଟ୍‌ରେ ସନ୍ଦେହ ଘେରରେ ଓପିଆର୍‌ବି

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ୨୦୨୫ ମାର୍ଚ୍ଚରୁ ଅଭିଯୁକ୍ତଙ୍କ ସହ ଡିଲ୍ ହୋଇସାରିଥିଲା
- ଗୋଟିଏ ସେଟ୍ ପ୍ରଶ୍ନପତ୍ର ଛାପି ନେଇ ଯାଇଥିଲେ ସିଲିକନ ଏମ୍‌ଡି ସୁରେଶ
- ଓପିଆର୍‌ବି ଏସ୍‌ପି ବଳଭଦ୍ର ଦୀପ୍ ଓ ଏସ୍‌ଓ ଗୌତମ ବେହେରାଙ୍କୁ ଜେରା

ଭୁବନେଶ୍ୱର,୫।୧(ତ୍ରିନାଥ ମହାନ୍ତ)

ବାଡ଼ ଖାଉଥିଲା ଫସଲ। ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ରୁ ହିଁ ଜାଲିଆତିର ପୂରା ପ୍ଲାନ୍ ହୋଇଥିଲା। ୨୦୨୫ ମାର୍ଚ୍ଚରୁ ହିଁ ଏସ୍‌ଆଇ ପରୀକ୍ଷା ସ୍କାମ୍ ପାଇଁ ଷଡ଼ଯନ୍ତ୍ର କରିଥିଲେ ଦାୟିତ୍ୱରେ ଥିବା ବଡ଼ ଅଧିକାରୀ। ତଦନ୍ତକାରୀ ସଂସ୍ଥା ସିବିଆଇ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ପ୍ରାଥମିକ ଚାର୍ଜଶିଟ୍‌ରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଏହି ନିଯୁକ୍ତି ମହାଦୁର୍ନୀତିରେ ଓପିଆର୍‌ବିର ଭୂମିକାକୁ ନେଇ ସିବିଆଇ ସନ୍ଦେହ କରିବା ସହ କେତେକ ପ୍ରାମାଣିକ ତଥ୍ୟ ମଧ୍ୟ ଉପସ୍ଥାପନ କରିଛି। ଚାର୍ଜଶିଟ୍ ଅନୁସାରେ ପରୀକ୍ଷା ପାଇଁ ସମସ୍ତ ପ୍ରଶ୍ନପତ୍ର ତିଆରି କରିବା ଓ ଛପେଇବା ଦାୟିତ୍ୱ ଥିଲା ଓପିଆର୍‌ବିର। ସମସ୍ତ ଲଜିଷ୍ଟିକ ସପୋର୍ଟ ସହ ଲୋକବଳ, ସିସିଟିଭି ଲଗାଇବା, ଯାନବାହନ ଯୋଗାଇବା ଆଦି କାମ ଥିଲା ଥାର୍ଡ ପାର୍ଟି ଏଜେନ୍ସି ସିଲିକନ ଟେକ୍ ଲାବ ପ୍ରାଇଭେଟ ଲିମିଟେଡ୍‌ର। କିନ୍ତୁ କୋଲକାତାର ସରସ୍ୱତୀ ପ୍ରିଣ୍ଟିଂ ପ୍ରେସ୍‌ରେ ଛପାଯାଇଥିବା ପ୍ରଶ୍ନପତ୍ର ମଧ୍ୟ ସିଲିକନ ଟେକ୍ ଏମ୍‌ଡି ସୁରେଶ ନାୟକଙ୍କ ଅନୁସାରେ ହୋଇଥିଲା। ସେଠାରେ ଗୋଟିଏ ସେଟ୍ ପ୍ରଶ୍ନପତ୍ର ଛପାଇବା ପାଇଁ ଓପିଆର୍‌ବି ସ୍ଥିର କରିଥିବା ବେଳେ ସୁରେଶ ଆଉଏକ ସେଟ୍ ପ୍ରଶ୍ନ ପତ୍ର ଛାପିବା ଲାଗି ପରାମର୍ଶ ଦେଇଥିଲେ। ତାଙ୍କ ଅନୁସାରେ, ଓପିଆର୍‌ବି କର୍ତ୍ତୃପକ୍ଷ ଆଉ ଏକ ସେଟ୍ ପ୍ରଶ୍ନପତ୍ରକୁ ବିକଳ୍ପ ଭାବେ ରଖି ଛାପିବାକୁ ରାଜି ହୋଇଥିଲେ। ହେଲେ ଏହାରି ଭିତରେ ସୁରେଶ କାରସାଦି କରି ବିକଳ୍ପ ସେଟ୍‌ର ପ୍ରଶ୍ନପତ୍ରକୁ ମୂଳ ସେଟ୍‌ର ପ୍ରଶ୍ନପତ୍ର ପ୍ୟାକେଟରେ ବଦଳାଇ ଛାପି ଦେଇଥିଲେ। ଏହାପରେ ଛପାଯାଇଥିବା ପ୍ରଶ୍ନପତ୍ର ଆଣି କଟକ ଷଷ୍ଠ ବାଟାଲିୟନ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ହେଲେ ତାହାକୁ ଠିକ୍ ଭାବେ ଓପିଆର୍‌ବିର ଅଧିକାରୀମାନେ ଚେକିଂ କରି ନ ଥିଲେ କାହିଁକି ବୋଲି ସିବିଆଇ ପ୍ରଶ୍ନ ଉଠାଇଛି। ଏଥିସହ ଏଭଳି ପ୍ରଶ୍ନକୁ ଧରି ଓପିଆର୍‌ବି ଏସ୍‌ପି ବଳଭଦ୍ର ଦୀପ ଓ ସେକ୍ସନ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ଜେରା କରିଛି ସିବିଆଇ ଟିମ୍। କିନ୍ତୁ ଜେରାରୁ ଠିକ ଉତ୍ତର ଦେଇନାହାନ୍ତି ଦୁଇ ଅଧିକାରୀ। ସେହିପରି ସିବିଆଇ ଜାଣିବାକୁ ପାଇଛି ଯେ, ଗତବର୍ଷ ମାର୍ଚ୍ଚରେ ହେବାକୁ ଥିବା ପରୀକ୍ଷା ପୂର୍ବରୁ ସମସ୍ତ ପ୍ରକାରର ଡିଲ ସରିଥିଲା। ତେବେ ଓପିଆର୍‌ବି ଜାଣି ଜାଣି ଅଜଣା ଥିଲା ନା କିଛି ସୁରାକ ପାଇ ନ ଥିଲା, ସେନେଇ ଚାଲିଛି ଖୋଳତାଡ଼।

ଏଥିସହ ଚାର୍ଜଶିଟ୍‌ରେ ପଞ୍ଚସଫ୍ଟ କମ୍ପାନୀ ମାଲିକ ଶଙ୍କର ପୃଷ୍ଟିଙ୍କୁ ପୂରା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଦର୍ଶାଇଛି ସିବିଆଇ। ଆଇଟିଆଇ ଲିମିଟେଡ୍ ନିକଟରୁ ଥାର୍ଡପାର୍ଟି ଭାବେ ସିଲିକନ ଟେକ୍ ଟେଣ୍ଡର ପାଇଥିବା ବେଳେ ସମସ୍ତଙ୍କ ଅଗୋଚରରେ ପଞ୍ଚସଫ୍ଟ କମ୍ପାନୀକୁ ଦେଇଥିଲା କାମ। ଏହାରି ଭିତରେ ପୋଲିସ ଏସ୍‌ଆଇ ପରୀକ୍ଷା ଘୋଟାଲା ପାଇଁ ଅରବିନ୍ଦ ଦାସ, ମୁନା ମହାନ୍ତି, ଧର୍ମେନ୍ଦ୍ର ଓ ତ୍ରିନାଥ ଜେନାଙ୍କ ଜରିଆରେ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଭାବିତ କରିଥିଲେ ଶଙ୍କର ପୃଷ୍ଟି। ଏପରିକି ପରୀକ୍ଷାର ବହୁ ପୂର୍ବରୁ ପ୍ରଶ୍ନପତ୍ର ପାଇସାରିଥିବା ବେଳେ ତାହାକୁ ଦେଖାଇ ୨୫ ଲକ୍ଷ ଟଙ୍କାରେ ପୋଲିସ ଏସ୍‌ଆଇ ପଦ ପାଇଁ ଚାକିରି ଆଶାୟୀଙ୍କ ସହ ଡିଲ କରିଥିଲେ। ଗୋଟିଏ ପଟେ ୧୧୪ ପରୀକ୍ଷାର୍ଥୀ ଆନ୍ଧ୍ର ଯାଉଥିବାବେଳେ ବହୁ ପରୀକ୍ଷାର୍ଥୀ ପଶ୍ଚିମବଙ୍ଗର ଦୀଘା ଓ ମନ୍ଦାରମଣି ଯିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇସାରିଥିଲା। ଟଙ୍କା ଦେଇଥିବା ପରୀକ୍ଷାର୍ଥୀଙ୍କ ସମସ୍ତ ଅରିଜିନାଲ ସାର୍ଟିଫିକେଟ ସବୁ ଦଲାଲଙ୍କ ଜରିଆରେ ଶଙ୍କର କଲେକ୍ସନ କରିସାରିଥିଲେ।

ଅନ୍ୟପକ୍ଷରେ ଜବତ ୧୩୩ଟି ମୋବାଇଲ ମଧ୍ୟରୁ ରବିବାର ରାଜ୍ୟ ବାହାରର ଏକ ଘରୋଇ ସଂସ୍ଥା ସିବିଆଇକୁ ଜବତ ୩୨ଟି ମୋବାଇଲର ପରୀକ୍ଷା ରିପୋର୍ଟ ଦେଇଥିଲା। ଏହି ତଥ୍ୟ ଆଧାରରେ ସିବିଆଇ ତା'ର ତଦନ୍ତକୁ ଆଗକୁ ନେଇଛି। ଏଥିରେ ୨୨ଜଣ ପରୀକ୍ଷାର୍ଥୀଙ୍କ ମୋବାଇଲ୍ ଫୋନ୍ ଥିବା ବେଳେ ୧୦ଟି ମୋବାଇଲ ଦଲାଲ, ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କର ରହିଛି। ଶଙ୍କର ଓ ମୁନା ୧୦ ଜଣ ଆଇପିଏସ୍‌ଙ୍କ ସହ ଲିଙ୍କ୍‌ରେ ରହି ଏହି ଜାଲିଆତିକୁ ଦୀର୍ଘଦିନ ହେବ ପରିଚାଳନା କରୁଥିଲେ। ଏବେ ଚାର୍ଜଶିଟ୍ ରିପୋର୍ଟ ସମ୍ପୃକ୍ତ ଆଇପିଏସ୍ ଅଫିସରଙ୍କ ପାଇଁ ଅଡୁଆ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

# ଲାଞ୍ଚ ନେଇ ଧରାପଡ଼ିଲେ ୨ ଯନ୍ତ୍ରୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଉଦଳା (ସନ୍ତୋଷ କୁମାର ବାଛିନୀ),୫।୧



ଗିରଫ ଜୁନିୟର ଇଞ୍ଜିନିୟର ସୁବ୍ରତ ମହାନ୍ତି ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ସିଂ।

ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଓଡ଼ିଶା ଲିଫ୍ଟ ଇରିଗେଶନ କର୍ପୋରେଶନ (ଓଏଲ୍‌ଆଇସି) ଉପ-ବିଭାଗରେ କାର୍ଯ୍ୟରତ ଦୁଇ ଯନ୍ତ୍ରୀ ସୋମବାର ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ହରେକୃଷ୍ଣ ସିଂ ଏବଂ ଜୁନିୟର ଇଞ୍ଜିନିୟର (ଜେଇ) ସୁବ୍ରତ ମହାନ୍ତି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧/୨୦୨୬) ରୁଜୁ ହୋଇଛି। ଗିରଫ ପରେ ଭିଜିଲାନ୍ସ ପକ୍ଷରୁ ଏଇଇ ସିଂଙ୍କ ବାସଭବନ ସମେତ ୨ଟି ସ୍ଥାନ ଓ ଜେଇଙ୍କର ଦୁଇଟି ସ୍ଥାନରେ ଚଢ଼ାଉ ଜାରି ରହିଛି।

ସୂଚନାଯୋଗ୍ୟ, ଠିକାଦାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୨୫ ଲକ୍ଷ ଟଙ୍କା ପ୍ରକଳ୍ପର ବକେୟା ବିଲ୍ (ପ୍ରାୟ ୫ ଲକ୍ଷ) ଏବଂ ସିକ୍ୟୁରିଟି ଡିପୋଜିଟ ବିଲ୍ ପାସ କରିବା ପାଇଁ ଦୁଇ ଯନ୍ତ୍ରୀ ୪.୫% ହାରରେ ମୋଟ ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ମଧ୍ୟରେ ଏଇଇଙ୍କ ୧.୫% ହିସାବରେ ୩୨ ହଜାର ଏବଂ ଜେଇଙ୍କ ୩% ହିସାବରେ ୨୮ହଜାର ରହିଥିଲା। ମୋଟ ୬୦ ହଜାର ଟଙ୍କା ନ ଦେଲେ ବିଲ୍ ପାସ୍ ହେବ ନାହିଁ ବୋଲି ଠିକାଦାରଙ୍କୁ ରୋକ୍‌ଠୋକ୍ କହିଥିଲେ। ଏନେଇ ଠିକାଦାର ଜଣକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ସୋମବାର ଯନ୍ତ୍ରୀଦ୍ୱୟ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ଉଭୟଙ୍କଠାରୁ କେମିକାଲ ବୋଳା ଲାଞ୍ଚ ଟଙ୍କା ଜବତ ହୋଇଛି।

# ଦୀପକଙ୍କୁ ରିମାଣ୍ଡରେ ନେଲା ଖୁଣ୍ଟୁଣୀ ପୋଲିସ

**ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା ମାମଲା**

ଭୁବନେଶ୍ୱର,୫।୧(ସତ୍ୟଜିତ ରାଉତ)

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଝାରପଡ଼ା ଜେଲରେ ଥିବା କନ୍‌ଷ୍ଟେବଲ୍ ସ୍ୱାମୀ ଦୀପକ ରାଉତ ତାଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ଅଧିକ ଛନ୍ଦି ହୋଇଛନ୍ତି। ଅପର୍ଣ୍ଣାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇ ନ ଥିଲା, ଦୀପକ ହିଁ ତାଙ୍କୁ ହତ୍ୟା କରିଥିଲେ ବୋଲି ତଦନ୍ତରେ ପୋଲିସ ଜାଣିବାକୁ ପାଇଛି। ଖୁଣ୍ଟୁଣୀ ଥାନା ପୋଲିସ ସୋମବାର ଝାରପଡ଼ା ଜେଲରୁ ଦୀପକଙ୍କୁ ଦିନିକିଆ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଏପରିକି ରିମାଣ୍ଡ ଅବଧି ମଧ୍ୟରେ ଦୀପକଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ ପୋଲିସ ଯୋଜନା କରିଛି। ଦୀପକଙ୍କୁ ଗୁଡ଼ାଇ ତୁଡ଼ାଇ ପୋଲିସ ପ୍ରଶ୍ନ କରିବା ସହ ଏହି ମାମଲାରେ ଅଧିକ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଏହାପୂର୍ବରୁ ଅକ୍ଟୋବର ୨୨ରେ ଦୀପକଙ୍କୁ ଖୁଣ୍ଟୁଣୀ ପୋଲିସ ଝାରପଡ଼ା ଜେଲ ଭିତରେ ଜେରା କରି ଅନେକ ତଥ୍ୟ ମଧ୍ୟ ହାସଲ କରିଥିଲା। ଅପରପକ୍ଷରେ ଅପର୍ଣ୍ଣାଙ୍କ ପୋଷ୍ଟମୋର୍ଟମ ରିପୋର୍ଟରୁ ପୁନଃ ଯାଞ୍ଚରେ ବି ହତ୍ୟା ବୋଲି ସ୍ପଷ୍ଟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅପର୍ଣ୍ଣାଙ୍କ ହତ୍ୟା ମାମଲାରେ ଦୀପକଙ୍କ ବିରୋଧରେ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାରେ ପୋଲିସ ପ୍ରୟାସ କରୁଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ କାର୍ଯ୍ୟ କରୁଥିବା ଅପର୍ଣ୍ଣାଙ୍କୁ ୨୦୧୮ ଏପ୍ରିଲ ୨୫ରେ ଦୀପକ ବିବାହ କରିଥିଲେ। ମୃତ୍ୟୁ ସମୟରେ ବି ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ପରିବାର ଲୋକଙ୍କୁ ଜଣାଇଥିଲେ। ସେତେବେଳେ ପୋଲିସ ଠାରୁ ପରିବାର ଲୋକ ଦୀପକଙ୍କ କଥାକୁ ସତ ମାନିଯାଇଥିଲେ। ପରେ କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା ଶୁଭମିତ୍ରାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିବା ପରେ ତାଙ୍କୁ ହତ୍ୟା କରିଥିଲେ।

# ଇନ୍‌ସପେକ୍ଟର ବିଜୟ ବାରିକ ନିଲମ୍ବିତ

**ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ**

ଭୁବନେଶ୍ୱର,୫।୧ (ସତ୍ୟଜିତ ରାଉତ)

ମଦ ଦୋକାନୀଙ୍କୁ ସୁରୁଖୁରୁରେ ବ୍ୟବସାୟ ଚଳାଇବାକୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭିଜିଲାନ୍ସ ମାମଲାକୁ କେନ୍ଦ୍ର କରି ପୋଲିସ ଡିଜି ୱାଇବି ଖୁରାନିଆ ସୋମବାର ବିଜୟଙ୍କୁ ନିଲମ୍ବିତ କରିଛନ୍ତି। ଏହି ନିଲମ୍ବିତ ଅବଧି ମଧ୍ୟରେ ଅଭିଯୁକ୍ତ ବିଜୟ ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

# ଧରାପଡ଼ିଲେ ଆଉ ୨, ଗିରଫ ସଂଖ୍ୟା ୫କୁ ବୃଦ୍ଧି

**୨ ଯୁବକଙ୍କୁ ହାତୁଡ଼ିରେ ହତ୍ୟା ଘଟଣା**

ମଙ୍ଗୁଳି-ଜଗତପୁର,୫।୧(ମାନସ ସାମଲ)



ଗିରଫ ୨ ଅଭିଯୁକ୍ତ।

କଟକ ଜିଲା ଟାଙ୍ଗୀ ଥାନା ୧୬ ନମ୍ବର ଜାତୀୟ ରାଜପଥ ନିର୍ଗୁଣ୍ଡି ନିକଟରେ ଥିବା ନାରାୟଣୀ ପୋକ୍‌ଲିନ ଗ୍ୟାରେଜରେ ୨ ଯୁବକଙ୍କୁ ହାତୁଡ଼ିରେ ପିଟି ହତ୍ୟା ଘଟଣାରେ ଆଉ ୨ ଜଣଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ କଟକ ଜିଲା କାନପୁର ଥାନା ଅଧୀନ କନକପୁର ଗ୍ରାମର ସୂର୍ଯ୍ୟମଣି ମୁଦୁଲି ଓରଫ ନାଲୁ (୨୮), ଯାଜପୁର ଜିଲା ସୁକିନ୍ଦା ଥାନା ଅଧୀନ ବନ୍ଧଗାଁ ଗ୍ରାମର ସ୍ୱପ୍ନେଶ୍ୱର ମହନ୍ତ (୧୯)। ପୂର୍ବରୁ ଗ୍ୟାରେଜ ମାଲିକଙ୍କ ସମେତ ୩ଜଣ ଧରାପଡ଼ିଥିବା ବେଳେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଏବେ ବି ଆଉ ୩ଜଣ ଫେରାର ଥିବା ଜଣାପଡ଼ିଛି। ମୃତକ ମହମ୍ମଦ ସହେବଙ୍କ ମାମୁ ଅବଦୁଲ ମୁସଲିମ୍ ଖାନ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୪୬୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାର ୫ ଅଭିଯୁକ୍ତ ଗିରଫ ଥାଇ ମଧ୍ୟ ହତ୍ୟାକାଣ୍ଡ ବିଷୟରେ ପୋଲିସ କୌଣସି ସ୍ପଷ୍ଟ ସୂଚନା ନ ଦେବା ପୋଲିସର ଭୂମିକା ସନ୍ଦେହଘେରକୁ ଟାଣୁଛି। ସୂଚନା ମୁତାବକ, ଚୌଦ୍ୱାର ଥାନା ଅଧୀନ ରୂପଯାତ୍ରା ପଡିଆର ପ୍ରଶାନ୍ତ କୁମାର ଜେନା ଓ ଟାଙ୍ଗୀ ଥାନା ଅଧୀନ ବିଲଟେରୁଆଁ ଗ୍ରାମର ମହମ୍ମଦ ସହେବ ମଙ୍ଗୁଳି ନିକଟରେ ଏକ ମେଡିସିନ ଗୋଦାମରେ ବର୍ଷେ ହେବ ରାତିରେ କାମ କରୁଥିଲେ। ସବୁଦିନ ପରି ୩୦ ତାରିଖ ସନ୍ଧ୍ୟାରେ ଘରୁ କାମକୁ ଯାଇ ଆଉ ଫେରି ନ ଥିଲେ। କିନ୍ତୁ ପରଦିନ ସକାଳୁ ପ୍ରଶାନ୍ତଙ୍କ ମୃତଦେହ ଗ୍ୟାରେଜ ବାହାରୁ ମିଳିଥିବା ବେଳେ ମହମ୍ମଦଙ୍କ ମୃତଦେହ ଗ୍ୟାରେଜ ଭିତରୁ ମିଳିଥିଲା। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଏ ନେଇ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## Business

# ୮୦% କ୍ୟାପେକ୍ସ ବ୍ୟୟ କରିଛି ଭାରତୀୟ ରେଳ

**୩ ତ୍ରୟ ମାସରେ ଖର୍ଚ୍ଚ ହୋଇଛି ୨,୦୩,୧୩୮ କୋଟି**

ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)



ଭାରତୀୟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଘୋଷଣା ହୋଇଥିବା ଗ୍ରସ୍ ବଜେଟାରି ସପୋର୍ଟ (ଜିବିଏସ୍) ଅନୁଦାନର ଏକ ବଡ଼ ଅଂଶ ଡିସେମ୍ବର ୨୦୨୫ ଶେଷ ସୁଦ୍ଧା ଅର୍ଥାତ୍ ପ୍ରଥମ ୩ ତ୍ରୟମାସରେ ବ୍ୟୟ କରିସାରିଛି। ଏହି ସମୟ ମଧ୍ୟରେ ମୋଟ ୮୦.୫୪% ଅର୍ଥାତ୍ ୨,୦୩,୧୩୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ମୋଟ ଜିବିଏସ ୨,୫୨,୨୦୦ କୋଟି ଟଙ୍କାର ଏକ ଉଲ୍ଲେଖନୀୟ ଅଂଶ। ଗତ ବର୍ଷ ଏହି ସମୟରେ (ଡିସେମ୍ବର ୨୦୨୪) ତୁଳନାରେ ଏହା ୬.୫୪% ଅଧିକ ବ୍ୟୟକୁ ଦର୍ଶାଇଛି। ଏହି ବ୍ୟୟ ମୁଖ୍ୟତଃ ସୁରକ୍ଷା ବ୍ୟବସ୍ଥା, କ୍ଷମତା ବୃଦ୍ଧି, ଭିତ୍ତିଭୂମି ଆଧୁନିକୀକରଣ ଏବଂ ଯାତ୍ରୀ ସୁବିଧା ଉପରେ କେନ୍ଦ୍ରୀଭୂତ ରହିଛି। ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ଅର୍ଥର ୮୪%, କ୍ଷମତା ବୃଦ୍ଧି ପାଇଁ ୧,୦୯,୨୩୮ କୋଟି ଟଙ୍କାରୁ ୭୬,୦୪୮ କୋଟି ଟଙ୍କା (୬୯%) ଏବଂ ଯାତ୍ରୀ ସୁବିଧା ପାଇଁ ୮୦% ଅର୍ଥାତ୍ ୯,୫୭୫ କୋଟି ଟଙ୍କା ବ୍ୟୟ ହୋଇଛି। ଭାରତୀୟ ରେଳପଥ ଅଧୀନରେ ବର୍ତ୍ତମାନ ୧୬୪ଟି ବନ୍ଦେ ଭାରତ ଟ୍ରେନ୍ ସେବା, ୩୦ଟି ଅମୃତ ଭାରତ ଟ୍ରେନ୍, କବଚ ଅଟୋମେଟିକ ଟ୍ରେନ୍ ପ୍ରୋଟେକ୍ସନ ସିଷ୍ଟମ, ବ୍ରଡ୍ ଗେଜ୍ ନେଟ୍‌ୱର୍କର ୯୯%ରୁ ଅଧିକ ବିଦ୍ୟୁତୀକରଣ ଏବଂ ନୂତନ ଲାଇନ, ଗେଜ୍ ପରିବର୍ତ୍ତନ, ଟ୍ରାକ୍ ଡବଲିଂ, ଟ୍ରାଫିକ ସୁବିଧା ତଥା ମେଟ୍ରୋପଲିଟାନ ପରିବହନ ପ୍ରକଳ୍ପରେ ବିଭିନ୍ନ କାର୍ଯ୍ୟ ହୋଇଛି।

# ଧାମନଗରରେ ଖୋଲିଲା ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା

ଧାମନଗର,୫।୧(ଦେବେନ୍ଦ୍ର ଆଢିଆ/ସନ୍ତୋଷ କୁମାର ମହାପାତ୍ର)



ଭଦ୍ରକ ଜିଲା ଧାମନଗର ବଜାରଠାରେ ସୋମବାର ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ଜୋନ୍‌ର ଆଞ୍ଚଳିକ ପ୍ରବନ୍ଧକ କମ୍‌ଲେଶ ରଞ୍ଜନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶାଖା ପ୍ରବନ୍ଧକ ସରୋପ ଦାସ ମହାପାତ୍ର, ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ କିଶୋର ପଣ୍ଡା, ଚନ୍ଦ୍ରଶେଖର ଆଚାର୍ଯ୍ୟ, ସାତ୍ୟକୀ କବିରାଜ, ଶାଖା କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡୁଆ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ସଦା ଗ୍ରାହକ-ମିତ୍ର ସେବା ପ୍ରଦାନକୁ ପ୍ରାଥମିକତା ଦେଇଆସୁଛି। ନୂତନ ଶାଖା ମାଧ୍ୟମରେ ସାଧାରଣ ଲୋକଙ୍କୁ ସଞ୍ଚୟ ଖାତା, ଚାଲୁ ଖାତା, ଗୃହ, ଶିକ୍ଷା, କୃଷି ଋଣ, ମହିଳା ସ୍ୱାବଲମ୍ବନ ଯୋଜନା ସହ ସହଜ ସୁଧ ହାରରେ ବିଭିନ୍ନ ଋଣ ସୁବିଧା ଯୋଗାଇ ଦିଆଯିବ। ଏହି ଶାଖା ମାଧ୍ୟମରେ ଡିଜିଟାଲ ବ୍ୟାଙ୍କିଙ୍ଗ, ଏଟିଏମ୍, ଅନ୍‌ଲାଇନ ଟ୍ରାଞ୍ଜାକ୍ସନ, ମୋବାଇଲ ବ୍ୟାଙ୍କିଙ୍ଗ ଭଳି ଆଧୁନିକ ସୁବିଧା ଗ୍ରାହକଙ୍କୁ ମିଳିବ ବୋଲି ଶାଖା ପ୍ରବନ୍ଧକ ଦାସ ମହାପାତ୍ର କହିଛନ୍ତି।

# ଏନ୍‌ବିଏଫ୍‌ସିରେ ସୁସ୍ଥ ଋଣ ମାନଦଣ୍ଡ ଏବଂ ଆସେଟ ନିରୀକ୍ଷଣ

ଭୁବନେଶ୍ୱର,୫।୧

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଗଭର୍ନର ସଞ୍ଜୟ ମାଲହୋତ୍ରା ସୋମବାର କିଛି ନିର୍ବାଚିତ ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି)ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକରେ ସୁସ୍ଥ ଅଣ୍ଡରରାଇଟିଂ ମାନଦଣ୍ଡ ବଜାୟ ରଖିବା ଏବଂ ଆସେଟ ଗୁଣବତ୍ତାର ନିକଟତର ନିରୀକ୍ଷଣର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି। ରିଜର୍ଭ ବ୍ୟାଙ୍କର ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ସହ ଚାଲୁଥିବା ସଂଯୋଗର ଅଂଶ ସ୍ୱରୂପ, ଗଭର୍ନର କିଛି ନିର୍ବାଚିତ ଏନବିଏଫସିର ମ୍ୟାନେଜିଂ ଡାଇରେକ୍ଟର ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମଡି ଏବଂ ସିଇଓ)ମାନଙ୍କ ସହ ଏକ ବୈଠକ କରିଥିଲେ, ଯେଉଁଥିରେ ସରକାରୀ ଏନବିଏଫସି, ହାଉସିଂ ଫାଇନାନ୍ସ କମ୍ପାନୀ (ଏଚ୍‌ଏଫସି) ଏବଂ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ମଧ୍ୟ ଥିଲା। ବକ୍ତବ୍ୟରେ ଗଭର୍ନର ଏନବିଏଫସି ଏବଂ ଏଚ୍‌ଏଫସିଗୁଡ଼ିକର କ୍ରେଡିଟ ପ୍ରବାହ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ସୁସ୍ଥ ଅଣ୍ଡରରାଇଟିଂ ମାନଦଣ୍ଡ ଏବଂ ଆସେଟ ଗୁଣବତ୍ତାର ନିକଟତର ନିରୀକ୍ଷଣର ଆବଶ୍ୟକତା ଉପରେ ଜୋର୍ ଦେଇଥିବା ଆରବିଆଇଏକ ବିଜ୍ଞପ୍ତିରେ କହିଛି। ମାଲହୋତ୍ରା ଆହୁରି ଗ୍ରାହକ କେନ୍ଦ୍ରିକତା, ନୈତିକ ଆଚରଣ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ତୁରନ୍ତ ଅଭିଯୋଗ ନିରାକରଣ, ଯାହା କ୍ଷେତ୍ରରେ ଆସ୍ଥା ବଜାୟ ରଖିବା ଏବଂ ଏହାର ନିୟମିତ ଏବଂ ସ୍ଥାୟୀ ବିକାଶକୁ ସମର୍ଥନ କରିବା ପାଇଁ ଆବଶ୍ୟକ। ରିଜର୍ଭ ବ୍ୟାଙ୍କ ପୂର୍ବରୁ ଏନବିଏଫସିଗୁଡ଼ିକ ସହ ଏହିପରି ଏକ ବୈଠକ ୨୦୨୫ ଫେବୃଆରୀ ୧୩ରେ କରିଥିଲା। ଭାଗନେଉଥିବା ସଂସ୍ଥାଗୁଡ଼ିକ ଏନବିଏଫସି କ୍ଷେତ୍ରର ପ୍ରାୟ ୫୩ ପ୍ରତିଶତ ଆସେଟର ପ୍ରତିନିଧିତ୍ୱ କରୁଛନ୍ତି। ଉଦ୍ୟୋଗ ଭାଗନେଉଥିବାରେ ସ୍ୱ-ନିୟନ୍ତ୍ରକ ସଂଗଠନଗୁଡ଼ିକର ପ୍ରତିନିଧି, ସା-ଧନ, ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁଶନ ନେଟୱର୍କ ଏବଂ ଫାଇନାନ୍ସ ଇଣ୍ଡଷ୍ଟ୍ରି ଡେଭଲପମେଣ୍ଟ କାଉନସିଲ ଅନ୍ତର୍ଭୁକ୍ତ ଥିଲା। ଆଲୋଚନା ସମୟରେ, ଭାଗନେଉଥିବାମାନେ ଏନବିଏଫସି କ୍ଷେତ୍ର ସହ ଜଡ଼ିତ ନୀତି ପ୍ରସଙ୍ଗ ଏବଂ କାର୍ଯ୍ୟକାରୀ ବିଷୟଗୁଡ଼ିକରେ ପ୍ରତିକ୍ରିୟା ଦେଇଥିଲେ ବୋଲି ଆରବିଆଇ କହିଛି। ଏହି ବୈଠକରେ ଡେପୁଟି ଗଭର୍ନର ଟି ରବି ଶଙ୍କର, ସ୍ୱାମୀନାଥନ ଜେ, ପୁନମ ଗୁପ୍ତା ଏବଂ ଶିରୀଶ ଚନ୍ଦ୍ର ମୁର୍ମୁ, ନ୍ୟାଶନାଲ ହାଉସିଂ ବ୍ୟାଙ୍କର ଏମଡି ଏବଂ ସିଇଓଙ୍କ ସହିତ ରିଜର୍ଭ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଟକରେ 'ହୀରାଙ୍ଗ' ଷ୍ଟୋର ଉଦ୍‌ଘାଟିତ


କଟକ ନୟାସଡ଼କ ଠାରେ ହୀରା ଅଳଙ୍କାର ଷ୍ଟୋର 'ହୀରାଙ୍ଗ' ସୋମବାର ଉଦଘାଟିତ ହୋଇଯାଇଛି। (ଫଟୋ- ରାଜକିଶୋର ମହାନ୍ତି)

ଭୁବନେଶ୍ୱର,୫।୧

କଟକ ନୟାସଡ଼କଠାରେ ହୀରା ଅଳଙ୍କାର ଷ୍ଟୋର 'ହୀରାଙ୍ଗ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଷ୍ଟୋର ସିଇଓ ତଥା ଏମ୍‌ଡି ପ୍ରଭୁ ଆଶୀର୍ବାଦ ନାୟକଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଭୁ ଆଶୀର୍ବାଦ କହିଛନ୍ତି, ହୀରା ଏବଂ ଅଙ୍ଗକୁ ନେଇ ଷ୍ଟୋର ନାମକରଣ କରାଯାଇଛି। ଏହାର ଅର୍ଥ'ଏକ ହୀରା, ଯାହା ତୁମର ଏକ ଅଂଶ ହୋଇଯାଏ'। ସେ କହିଛନ୍ତି, ହୀରାଙ୍ଗ ପ୍ରେରଣାର ଉତ୍ସ, ରାଜକୀୟତା, କଳା, ଆକାଂକ୍ଷା, ମହାନତା ଏବଂ ସୁନା। ଏଗୁଡ଼ିକ କେବଳ ଆଦର୍ଶ ନୁହେଁ ସେମାନେ ଆମ ବ୍ରାଣ୍ଡର ଆତ୍ମା। ପ୍ରେରଣାରୁ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ, ହୀରାର ଚମକରୁ ପ୍ରତ୍ୟେକ ମୋଡ଼୍‌ରେ କାବ୍ୟ ପର୍ଯ୍ୟନ୍ତ ଆମେ ପ୍ରକୃତ ଉଦ୍ଦେଶ୍ୟ, ସଠିକତା ଏବଂ ଗର୍ବ ସହିତ ଡିଜାଇନ କରୁ। ୧୪ କ୍ୟାରେଟ ଏବଂ ୧୮ କ୍ୟାରେଟ ସୁନା ଏବଂ ଲାବରେଟୋରିରେ ବିକଶିତ ହୀରା ଅଳଙ୍କାରରେ ସୁଦକ୍ଷ ଓ ବିଶେଷଜ୍ଞତା ହାସଲ କରିଛୁ ଏବଂ ହଳଦିଆ, ଗୋଲାପି ଏବଂ ଧଳା ରଙ୍ଗରେ ଅନନ୍ୟ ଡିଜାଇନ ସୃଷ୍ଟି କରୁଛୁ। ଲାବ୍‌ରେ ଉତ୍ପାଦିତ ହୀରାକୁ ଯତ୍ନ, ଦାୟିତ୍ୱ, ନିଖୁଣ କାରିଗରି ସହିତ ତିଆରି କରାଯାଇଛି। ହୀରାଙ୍ଗ ଏହାର ଅଫିସିଆଲ ଇ-କମର୍ସ ପ୍ଲାଟଫର୍ମ, www. hiraang.com ମାଧ୍ୟମରେ ଡିଜିଟାଲ ଦୁନିଆରେ ଏହାର ଉପସ୍ଥିତିକୁ ବିସ୍ତାର କରିଛି, ଯାହା ଗ୍ରାହକମାନଙ୍କୁ ଯେକୌଣସି ସ୍ଥାନରୁ ଏହାର ଅଳଙ୍କାର ସଂଗ୍ରହକୁ ଦେଖିବା ଏବଂ କ୍ରୟ କରିବା ପାଇଁ ଏକ ସରଳ ଓ ସହଜ ଉପାୟ ପ୍ରଦାନ କରୁଛି। ହୀରାଙ୍ଗ ମୋବାଇଲ ଆପ୍ଲିକେଶନ ପ୍ଲେ ଷ୍ଟୋର ଏବଂ ଆପ୍ ଷ୍ଟୋର ଉଭୟରେ ଉପଲବ୍ଧ ହୋଇ ବ୍ରାଣ୍ଡକୁ ଏହାର ଗ୍ରାହକଙ୍କ ଆହୁରି ନିକଟତର କରିଛି। ୱେବସାଇଟ ଏବଂ ଆପ ମାଧ୍ୟମରେ ହୀରାଙ୍ଗ ନିଶ୍ଚିତ କରେ ଯେ ଏହାର କାରିଗରି, ମୂଲ୍ୟବୋଧ ଏବଂ ସେବା ସର୍ବଦା ଉପଲବ୍ଧ ରହିବ । ପ୍ରତ୍ୟେକ ସ୍ଥାନରେ ଏକ ସ୍ଥିର, ଚିନ୍ତାଶୀଳ ଏବଂ ନିର୍ଭରଯୋଗ୍ୟ ଅଭିଜ୍ଞତା ପ୍ରଦାନ କରିବ ।

# ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାକେନ୍ଦ୍ର ହୋଇଛି ଟିଏସ୍‌ଏଏଫ୍‌ର ସ୍ପୋର୍ଟସ କ୍ଲାଇମ୍ବିଂ ସେଣ୍ଟର

ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)

ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍‌ଏଏଫ୍) ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ସ୍ଥାପିତ ଓଡ଼ିଶା ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନର ସ୍ପୋର୍ଟସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ପରିଚୟ ସୃଷ୍ଟି କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପରିସରରେ ରହିଥିବା ଏହି କେନ୍ଦ୍ରଟି ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଧୁନିକ ପ୍ରଶିକ୍ଷଣ ସହ ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେଉଛି। ସ୍ଥାପନ ହେବାର ଗୋଟିଏ ବର୍ଷ ମଧ୍ୟରେ ଏହି ଏଚପିସିରେ ୧୨୫ କ୍ରୀଡ଼ା (୭୭ ବାଳକ ଓ ୪୮ବାଳିକା) ସାମିଲ ହୋଇ ଟ୍ରେନିଂ ନେଉଛନ୍ତି । ୪୦ ଜଣ ଅନ୍ତେବାସୀ ଏକ ୩ ସଦସ୍ୟ ବିଶିଷ୍ଟ ପ୍ରଶିକ୍ଷକ ଟିମ୍‌ଠାରୁ ତାଲିମ ହାସଲ କରୁଛନ୍ତି। ଏଚପିସିର କ୍ରୀଡ଼ା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଉଚ୍ଚକୋଟୀର ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ସାହିଲ କୁମାର ଦାସ ୨୦୨୪ ଇଷ୍ଟ ଜୋନ କ୍ଲାଇମ୍ବିଂ ଚାମ୍ପିଅନଶିପରେ ବ୍ରୋଞ୍ଜ, ବେଙ୍ଗାଲୁରୁରେ ଅନୁଷ୍ଠିତ ୨୮ତମ ଜାତୀୟ କ୍ରୀଡ଼ା କ୍ଲାଇମ୍ବିଂ ଚାମ୍ପିଅନଶିପ-୨୦୨୫ରେ ରୌପ୍ୟ ପଦକ ଏବଂ କର୍ନାଟକରେ ଆୟୋଜିତ ନୀଳଗିରି କପ ୨୦୨୫ରେ ରୌପ୍ୟ ପଦକ ଜିତିଛନ୍ତି। ସାହିଲ ପ୍ରଥମ ଓଡ଼ିଆ ଭାବେ ପୁଣେରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ ସ୍ପୋର୍ଟ୍ସ କ୍ଲାଇମ୍ବିଂ (ଆଇଏଫ୍‌ସି) ଏସିଆନ କପ ଚାମ୍ପିଅନଶିପ ୨୦୨୫ରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରି ଚତୁର୍ଥ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଟାଟା ଷ୍ଟିଲର କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି ଯେ ଟିଏସଏଏଫ ସ୍ପୋର୍ଟସ କ୍ଲାଇମ୍ବିଂ ହାଇପରଫର୍ମାନ୍ସ ସେଣ୍ଟର ହେଉଛି ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଓ ଢାଞ୍ଚାଗତ କ୍ରୀଡ଼ା ବିକାଶର ଏକ ଉଦାହରଣ। ମାତ୍ର ଏକ ବର୍ଷରେ ଏହା ପ୍ରତିଭାବାନ ଆରୋହଣକାରୀ ଟିମ ବିକାଶ କରିଛି ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେମାନଙ୍କ ସଫଳତା ଆମ ତାଲିମ ମଡେଲର ପ୍ରଭାବକୁ ଦର୍ଶାଉଛି। ଓଡ଼ିଶା ସ୍ପୋର୍ଟସ କ୍ଲାଇମ୍ବିଂକୁ ଆଗକୁ ନେବା ଏବଂ ଏକ ଜାତୀୟମାନଦଣ୍ଡ ସ୍ଥାପନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଚ୍ୟୁତ ଭାରତୀୟ ଭଲିବଲ୍ ସଂଘ ମୁଖ୍ୟ ପୃଷ୍ଠପୋଷକ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**



ବାରାଣସୀରେ ଚାଲିଥିବା ୭୨ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍ ଅବସରରେ ସୋମବାର ଭାରତୀୟ ଭଲିବଲ୍ ସଂଘ (ଭିଏଫ୍‌ଆଇ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ସବୁ ରାଜ୍ୟରେ ଥିବା ଭଲିବଲ୍ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସର୍ବସମ୍ମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଭିଏଫ୍‌ଆଇର ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଛି। କାର୍ଯ୍ୟବ୍ୟସ୍ତତା ଯୋଗୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଯୋଗଦେଇ ପାରି ନ ଥିଲେ। ତେବେ ଭିଏଫ୍‌ଆଇର ସଭାପତି ଓ ସମ୍ପାଦକ ଟେଲିଫୋନ ଯୋଗେ ଅଚ୍ୟୁତଙ୍କ ସହ ଆଲୋଚନା କରିବାପରେ ଆସନ୍ତା ୪ ବର୍ଷ ପାଇଁ ତାଙ୍କୁ ମୁଖ୍ୟ ପୋଷ୍ଟପୋଷକ କରାଯାଇଛି। କ୍ରୀଡ଼ା କ୍ଷେତ୍ରକୁ ବ୍ୟାପକ ଅବଦାନ ବିଶେଷ କରି ଭଲିବଲ୍ କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି। ଆସନ୍ତା ଜାତୀୟ ଯୁବ ଭଲିବଲ୍ ଚାମ୍ପିୟନଶିପ୍ କିଟ୍‌ରେ ଆୟୋଜନ କରାଯିବା ନେଇ ଏହି ବୈଠକରେ ଅନୁମୋଦିତ ହୋଇଛି। ଅଚ୍ୟୁତ ପୂର୍ବରୁ ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘଦିନ ଧରି ଭଲିବଲର ବିକାଶ ଦିଗରେ କାର୍ଯ୍ୟ କରିଆସୁଥିବାରୁ ଭିଏଫ୍‌ଆଇ ପକ୍ଷରୁ ତାଙ୍କ କାର୍ଯ୍ୟକୁ ଉଚିତ ସମ୍ମାନ ଜଣାଇ ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଛି ବୋଲି ଅଚ୍ୟୁତ କହିଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସରୁ ଅଲଗା ହେଲେ ନୀରଜ

**ମୁମ୍ବାଇ,୫।୧(ପି.ଟି.)**

ଦୁଇ ଥରର ଅଲିମ୍ପିକ୍ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ସହ ଏକ ଦଶନ୍ଧି ପୁରୁଣା ସମ୍ପର୍କ ଛିନ୍ନ କରିଛନ୍ତି। ଏଥିସହିତ ସେ ନିଜସ୍ୱ ଆଥଲେଟ୍ ମାନେଜମେଣ୍ଟ ସଂସ୍ଥା ଭେଲ ସ୍ପୋର୍ଟ୍ସର ଆରମ୍ଭ କରିଛନ୍ତି। ଚୋପ୍ରା ୨୦୧୬ଠାରୁ ଜେଏସ୍‌ଡବ୍ଲ୍ୟୁ ସହ ଜଡ଼ିତ ହୋଇଥିଲେ। ଗତ ଏକ ଦଶନ୍ଧିରେ ଆମର ମିଳିତ ଯାତ୍ରା ଅଭିବୃଦ୍ଧି, ବିଶ୍ୱାସ ଓ ଉପଲବ୍ଧିର ଥିଲା। ମୋ କ୍ୟାରିୟରରେ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ଏବଂ ମୁଁ ସେମାନଙ୍କ ସମର୍ଥନ ଓ ଦୂରଦୃଷ୍ଟି ପାଇଁ ସେମାନଙ୍କ ନିକଟରେ ସର୍ବଦା କୃତଜ୍ଞ ରହିବି। ଆମେ ଏହି ଅଧ୍ୟାୟ ଶେଷ କରୁଥିବା ବେଳେ ମୁଁ ଏହି ସମାନ ମୂଲ୍ୟବୋଧକୁ ମୋ ଯାତ୍ରର ପରବର୍ତ୍ତୀ ପର୍ଯ୍ୟାୟକୁ ନେଉଛି ବୋଲି ୨୭ ବର୍ଷୀୟ ଚୋପ୍ରା ଏକ ବିବୃତିରେ କହିଛନ୍ତି।

# ରୁଟ୍‌ଙ୍କ ଶତକ, ଇଂଲଣ୍ଡ ୩୮୪

**ସିଡ୍‌ନୀ,୫।୧(ଏପି)**

**ପଞ୍ଚମ ଆଶେସ ଟେଷ୍ଟ**



ଶତକ ହାସଲପରେ ଜୋ ରୁଟ୍।

ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ଜୋ ରୁଟ୍‌ଙ୍କ ଶତକ ବଳରେ ୩୮୪ ରନରେ ଅଲଆଉଟ୍ ହୋଇଛି। ଜବାବରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୬୬ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟ୍ରାଭିସ ହେଡ୍ ୯୧ ଓ ମାଇକେଲ ନେସର ୧ ରନରେ ଅପରାଜିତ ରହିଛନ୍ତି। ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୧୮ ରନରେ ପଛରେ ଥିବାବେଳେ ହାତରେ ୮ ଉଇକେଟ ସୁରକ୍ଷିତ ରଖିଛି। ଏହି ମ୍ୟାଚ୍‌ରେ ରୁଟ୍ ତାଙ୍କ କ୍ୟାରିୟରର ୪୧ତମ ଟେଷ୍ଟ ଶତକ ସହ ସର୍ବାଧିକ ଟେଷ୍ଟ ଶତକ ହାସଲକାରୀ ବ୍ୟାଟରଙ୍କ ତାଲିକାରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍ଗଙ୍କ ସହ ସମକକ୍ଷ ହୋଇଛନ୍ତି। ସେ ଏବେ କେବଳ ସଚିନ ତେନ୍ଦୁଲକର (୫୧) ଓ ଜ୍ୟାକ୍ସ କାଲିସ (୪୫)ଙ୍କ ପଛରେ ରହିଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ରୁଟ୍ ଧୈର୍ଯ୍ୟର ସହ ବ୍ୟାଟିଂ କରୁଥିବା ବେଳେ ହ୍ୟାରୀ ବ୍ରୁକ ୮୪ ରନ କରି ଦିନର ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ରୁଟ୍ ଓ ଜେମି ସ୍ମିଥ ଦଳୀୟ ସ୍କୋରରେ ସପ୍ତମ ଉଇକେଟରେ ୯୪ ରନ ଯୋଡ଼ିଥିଲେ। ଏହା ମଧ୍ୟରେ ରୁଟ୍ ଶତକ ପୂରଣ କରିଥିଲେ, ଯାହାକି ଚଳିତ ସିରିଜ୍‌ରେ ତାଙ୍କର ଦ୍ୱିତୀୟ ଶତକ। ସ୍ମିଥ ୪୬ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟମ କ୍ରମରେ ଆସିଥିବା ୱିଲ ଜ୍ୟାକ୍ସ(୨୭ ରନ, ୨ ଚୌକା ଓ ୧ ଛକା)ଙ୍କ ସହ ମିଶି ରୁଟ ଦଳୀୟ ସ୍କୋରକୁ ୩୭୫ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୩୮୪ ରନରେ ଅଲଆଉଟ୍ ହୋଇଯାଇଥିଲା। ରୁଟ୍ ୧୬୦ ରନ କରି ନବମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୧୫ ଚୌକା ସାମିଲ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନେସର ୪ ଉଇକେଟ ହରାଇଥିବା ବେଳେ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ଗୋଟିଏ ଲେଖାଏ ଉଇକେଟ ଅଧିକାର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡପ୍ରଥମଇନିଂସ:୩୮୪/ଅଲଆଉଟ୍ (ଜୋ ରୁଟ୍-୧୬୦, ହ୍ୟାରୀ ବ୍ରୁକ-୮୪, ଜେମି ସ୍ମିଥ-୪୬, ମାଇକେଲ ନେସର-୪/୬୦, ସ୍କଟ ବୋଲାଣ୍ଡ-୨/୮୫, ମିଚେଲ ଷ୍ଟାର୍କ-୨/୯୩)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୬୬/୨(ଟ୍ରାଭିସ ହେଡ୍-୯୧*, ମାର୍ନସ ଲାବୁସେନ-୪୮, ବେନ ଷ୍ଟୋକ୍ସ-୨/୩୦)।

# ହକି ଇଣ୍ଡିଆ ଲିଗ୍: ସୁରମାର ପ୍ରଥମ ବିଜୟ

**ମୁମ୍ବାଇ,୫।୧(ପି.ଟି.)**



ବିଜୟରେ ଉଲ୍ଲସିତ ସୁର୍‌ମା ଦଳର ଖେଳାଳି।

ଚଳିତ ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପେନି ସ୍କୁଇବ ଓ ଓଲିଭିଆ ଶାନନଙ୍କ ଗୋଲ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା କ୍ଲବ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଚଳିତ ସିଜନରେ ଏହା ସୁରମା କ୍ଲବର ପ୍ରଥମ ବିଜୟ। ସ୍କୁଇବ ଓ ଶାନନ ଯଥାକ୍ରମେ ପ୍ରଥମ ଓ ୩୯ତମ ମିନିଟ୍‌ରେ ଗୋଲ କରିଥିବା ବେଳେ ରୟାଲ୍ସ ପାଇଁ ଆଗୋଷ୍ଟିନା ଆଲୋନ୍‌ସୋ ୩୫ତମ ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ।

ମ୍ୟାଚ୍ ଆରମ୍ଭରୁ ସୁରମା କ୍ଲବକୁ ଲଗାତର ଦୁଇଟି ପେନାଲ୍ଟି କର୍ଣ୍ଣର (ପିସି) ମିଳିଥିଲା। ଡ୍ରାଗ୍ ଫ୍ଲିକର ସ୍କୁଇବ ଦ୍ୱିତୀୟ ପିସିକୁ ଗୋଲରେ କନଭର୍ଟ କରି ଦଳକୁ ଅଗ୍ରଣୀ ଆଣିଦେଇଥିଲେ। ପ୍ରଥମ କ୍ୱାର୍ଟରରେ ରୟାଲ୍ସ ପକ୍ଷରୁ ମାତ୍ର ଦୁଇ ଥର ସର୍କଲ ପେନେଟ୍ରେଶନ ହୋଇଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ସେମାନେ ୧୧ ଥର ସର୍କଲରେ ପ୍ରବେଶ କରିବା ସହ ୩ଟି ପିସି ମଧ୍ୟ ଜିତିଥିଲେ। ହେଲେ ସମସ୍ତ ପିସି ବେକାର ସାବ୍ୟସ୍ତ ହୋଇଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସୁରମା ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ହାନା କଟରଙ୍କଠାରୁ ପାଇଥିବା ପାସକୁ ଆଗୋଷ୍ଟିନା ଆଲୋନ୍‌ସୋ ଗୋଲରେ ପରିଣତ କରି ସ୍କୋର ଲାଇନକୁ ବରାବର କରିଥିଲେ। କିନ୍ତୁ ଏହାର ୪ ମିନିଟ୍ ପରେ ସୁରମା ଦଳକୁ ଏକ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା, ଯାହାକୁ ଶାନନ ଗୋଲରେ କନଭର୍ଟ କରି ଦଳକୁ ୨-୧ ବ୍ୟବଧାନରେ ଆଗୁଆ କରାଇଥିଲେ।

# ନାଡା ଅପ୍‌ଡେଟ୍ ତାଲିକାରେ ସ୍ମୃତି, ଜେମିମା, ସାବ୍‌ଲେ

**ନୂଆଦିଲ୍ଲୀ, ୫।୧ (ପି.ଟି.)**

୨୦୨୬ର ପ୍ରଥମ କ୍ୱାର୍ଟର ପାଇଁ ନ୍ୟାଶନାଲ ଆଣ୍ଟି-ଡୋପିଙ୍ଗ ଏଜେନ୍‌ସୀ (ନାଡା)ର ଅପ୍‌ଡେଟ୍ ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଆର୍‌ଟିପି)ରେ ଯେଉଁ ପ୍ରମୁଖ ଖେଳାଳିମାନଙ୍କ ନାମ ସାମିଲ କରାଯାଇଛି, ସେମାନଙ୍କ ମଧ୍ୟରେ ଭାରତର ଷ୍ଟାର ମହିଳା ଖେଳାଳି ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସଙ୍କ ନାମ ସ୍ଥାନ ପାଇଛି। ୧୧୮ ଆଥ୍‌ଲେଟଙ୍କ ସମେତ ୧୨୦ଜଣ ନୂଆ ଖେଳାଳିଙ୍କ ନାମ ଯୋଗ କରାଯିବା ପରେ ଆରଟିପିରେ ମୋଟ ଖେଳାଳିଙ୍କ ସଂଖ୍ୟା ୩୪୭କୁ ବୃଦ୍ଧି ପାଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରହିଥିବାରୁ ଡୋପ୍ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଇଛି। ଆରଟିପି ତାଲିକାଭୁକ୍ତ ଆଥ୍‌ଲେଟମାନଙ୍କୁ ଆଣ୍ଟି ଡୋପିଙ୍ଗ ଏଜେନ୍‌ସୀ ସହି ସେମାନଙ୍କ ଲୋକେଶନ ଶେୟାର କରିବାକୁ ପଡ଼ିବ। କୌଣସି ଦିନ ଯେକୌଣସି ସମୟରେ ଟେଷ୍ଟିଂ ପାଇଁ ଉପଲବ୍ଧ ହେବାକୁ ପଡ଼ିବ। ୩ଥର ଲୋକେଶନ ଜଣାଇବାରେ ବିଫଳ ହେଲେ ଏହାକୁ ଡୋପିଙ୍ଗ ଉଲ୍ଲଂଘନ କରାଯାଇଛି ବୋଲି ବିଚାର କରାଯିବ। ପୂର୍ବ ନାଡା ଆରଟିପିରେ ଆଥ୍‌ଲେଟଙ୍କ ସଂଖ୍ୟା ୬୮ ରହିଥିଲା। ପ୍ରଥମ କ୍ୱାର୍ଟରରେ ସାମିଲ ହୋଇଥିବା ନୂଆ ପ୍ରମୁଖ ଆଥ୍‌ଲେଟଙ୍କ ମଧ୍ୟରେ ଅଛନ୍ତି ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ, ହଡଲର ଜ୍ୟୋତି ୟାରାଜୀ, ଡେକାଥଲେଟ ଶଙ୍କର ଏବଂ ସ୍ପ୍ରିଣ୍ଟର ଅନିମେଶ କୁଜୁର। ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା)ର ଆର୍‌ଟିପି ତାଲିକାରୁ ବାଦ୍ ପଡ଼ିବା ପରେ ସାବ୍‌ଲେ ନାଡାକୁ ଫେରିଛନ୍ତି। ବର୍ତ୍ତମାନ ୱାଡା ଆର୍‌ଟିପିରେ କେବଳ ଦୁଇ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ସଚିନ ଯାଦବଙ୍କ ନାମ ରହିଛି। ସୂର୍ଯ୍ୟକୁମାର ଓ ସଞ୍ଜୁ ସାମସନଙ୍କ ସ୍ଥାନରେ ମନ୍ଧାନା ଓ ରୋଡ୍ରିଗ୍ସଙ୍କ ସମେତ ୧୪ଜଣ କ୍ରିକେଟର ତାଲିକାଭୁକ୍ତ ହୋଇଛନ୍ତି।

# ପୂର୍ବତନ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ ମନୋଜ କୋଠାରୀଙ୍କ ପରଲୋକ

**କୋଲକାତା,୫।୧(ପି.ଟି.)**

ପୂର୍ବତନ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ ମନୋଜ କୋଠାରୀଙ୍କର ସୋମବାର ପରଲୋକ ଘଟିଛି। ତେବେ ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ସଦସ୍ୟଙ୍କ ପକ୍ଷରୁ କୁହାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। କୋଲକାତାରେ ରହୁଥିବା କୋଠାରୀଙ୍କର ୧୦ ଦିନ ତଳେ ତାମିଲନାଡୁର ଥିରୁନେଲଭେଲିସ୍ଥିତ ଏକ ହସ୍ପିଟାଲରେ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ଅସ୍ତ୍ରୋପଚାର ସଫଳ ଥିଲା ଏବଂ ସେ ଅସ୍ତ୍ରୋପଚାରର ତୃତୀୟ ଦିନ ସଭିଙ୍କ ସହ କଥା ହୋଇଥିଲେ। କିନ୍ତୁ କିଛିଦିନ ତଳେ ସେ ଫୁସଫୁସ ସଂକ୍ରମଣର ସମ୍ମୁଖୀନ ହୋଇଥିଲେ। ସୋମବାର ସକାଳ ୭ଟା ୩୦ରେ ସେ ବଡ଼ଧରଣର ହୃଦ୍‌ଘାତର ସମ୍ମୁଖୀନ ହୋଇଥିଲେ ବୋଲି ତାଙ୍କ ପରିବାର ସଦସ୍ୟ କହିଛନ୍ତି। ମନୋଜ ୧୯୯୦ରେ ୱାର୍ଲ୍ଡ ବିଲିଆର୍ଡ୍ସ ଟାଇଟଲ ଜିତିଥିଲେ। ତାଙ୍କ ପୁଅ ସୌରଭ ମଧ୍ୟ ଜଣେ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ। ସେ ଗତବର୍ଷ ହିଁ ଏହି ଟାଇଟଲ ଜିତିଥିଲେ।


# Classified Everyday

**0674-2580101, 9692975378**



3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Wellness relax body massage & jointpain treatment by traind therapist. 7008773793. D-3034

Newly open health benefits, joint pain relax good environment atmosphere. 7653969971. D-3035

**LOST**

It is hereby informed to the general public that the original land documents relating to the property described below have been lost/ misplaced. Details of Property- Type of document- Sale Deed, Name of owner- PRATIMA BEHERA, Plot No.- 1430/ 2755, Khata No.- 1451/ 260, Mouza/Village- JAGADHATRIPUR, Tahasil- JEYPORE, District- KORAPUT, Area- JAGADHATRIPUR. The documents were lost on or about 30.12.2025 (date). Despite best efforts, the same could not be traced. A General Diary/ FIR has been lodged at JEYPORE TOWN Police Station, vide G.D./ FIR No. 018 dated 04.01.2026. If anyone finds the said documents or has any, Name- RANJAN KUMAR BEHERA, Address: AKASHVANI, NEW COLONY, JEYPORE, Mobile No.- 9438268568. D-3033

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated- 13.06.2025, I Rubida Bibi, At/P.O.- Uchhupur, P.S.- Nimapada, Dist.- Puri, PIN- 752105, declare that I, have changed my name from Rubida Begum to Rubida Bibi. Henceforth, I shall be known as Rubida Bibi for all purposes.
Rubida Bibi D-3037

By virtue of an affidavit sworn before Executive Magistrate, Bhubaneswar, dated- 17.12.2025, I, Pinki Amant, Address: At- Shyampur, P.O.- Jillinda, P.S.- Jodum, 754032, Dist.- Cuttack declare that I have changed my name from Pinkirani Amant to Pinki Amant. Henceforth, I shall be known as Pinki Amant for all purposes.
Pinki Amant D-3032

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Bhubaneswar, dated 13th January 2025, I, Pabitra Pradhan, Address: Sriram Nagar, Salia Sahi, P.O.- Regional Research Laboratory, P.S.- Nayapalli, Bhubaneswar, Dist.- Khordha, PIN- 751013, Odisha declare that I have changed my daughter's name from Isani Pradhan to Priasha Pradhan. Henceforth, she shall be known as Priasha Pradhan for all purposes.
Pabitra Pradhan D-3031

Executive Magistrate, ଗାଇସିଲେଟଙ୍କ ନିକଟରେ ତା ୦୫।୦୧।୨୦୨୬ ଏକ ସତ୍ୟପାଠ ଜରିଆରେ ମୁଁ ନରେନ୍ଦ୍ର ବରିହା, ପି- ଭୋଜରାଜ ବରିହା, ନିବାସୀ- କନ୍ଧମୁଣ୍ଡା, ପୋ- କଠଉମାଲ, ଥାନା- ଗାଇସିଲେଟ, ଜି- ବରଗଡ଼ ଘୋଷଣା କରୁଛି ଯେ ମୋର ନାମ ନରେନ୍ଦ୍ର ଏଣ୍ଡଜା ରୁ ନରେନ୍ଦ୍ର ବରିହାକୁ ପରିବର୍ତ୍ତନ କରିଛି। ଆଜିଠାରୁ ମୁଁ ନରେନ୍ଦ୍ର ବରିହା ନାମରେ ପରିଚିତ ହେବି।
ନରେନ୍ଦ୍ର ବରିହା D-3030

ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁ କରନ୍ତୁ।

BHIM UPI

ଦେୟ ପେଁ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ସତ୍ୟଭାମା ମହାପାତ୍ର

ସତ୍ୟଭାମା ଭବନ, ଧାମନଗର

ଆବିର୍ଭାବ: ୨୧।୦୭।୧୯୪୦

ତିରୋଧାନ: ୨୬।୧୨।୨୦୨୫

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ହେଲେ ଆମେ ତୁମକୁ ଭୁଲିପାରୁନାହୁଁ। ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ପୁଅ କିଶୋର ଚନ୍ଦ୍ର ମହାପାତ୍ର, କୈଳାସ ମହାପାତ୍ର ବୋହୂ, ନାତିନାତୁଣୀ, ଝିଅ, ଜ୍ୱାଇଁ ଓ ମହାପାତ୍ର ପରିବାରବର୍ଗ।

D-3029

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ପି. ଦେବରାଜ ପାତ୍ର

ମହାତ୍ମାଗାନ୍ଧୀ ରୋଡ, ଆସିକା

ତିରୋଧାନ : ୨୬.୧୨.୨୦୨୫

ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।

- ଶୋକସନ୍ତପ୍ତ -

ମଝିଆ ପୁଅ- ପି. ଶ୍ରୀନିବାସ ପାତ୍ର

ବୋହୂ- ସ୍ମିତାରାଣୀ

ନାତୁଣୀ - ଶ୍ରେୟାରାଣୀ, ଶ୍ରୀନିତାରାଣୀ

D-3036


# କ୍ୱାର୍ଟର ଫାଇନାଲରେ କେଟି ଗ୍ଲୋବାଲ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**



ପଦମ ଲୋଚନ ପୁରସ୍କାର ଗ୍ରହଣ କରୁଛନ୍ତି।

ହାଇଟେକ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲକୁ ୨ ଉଇକେଟରେ ହରାଇ କେଟି ଗ୍ଲୋବାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ହିମାଂଶୁ କର (୫୯)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୨୩.୪ ଓଭରରେ ୧୨୪ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳ ପକ୍ଷରୁ ପଦମ ଲୋଚନ ୪ଟି, ମହେଶ ବରାଳ ୨ଟି ଏବଂ ପ୍ରତୀକ ସଦରମକା ନତିକ ସଦରମକା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୨୫ ରନ ବିଜୟ ଲକ୍ଷ୍ୟ କି କେଟି ଗ୍ଲୋବାଲ ୨୩.୪ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ରୋହିତ ଶର୍ମା ୨୨, ଏସକେ ଅର୍ଶାଦ ଆଲମ ୨୦ ଓ ଗତିକ ଘଡ଼ାଇ ୧୯ ରନ କରିଥିଲେ। କିଟ୍ ବୋଲରଙ୍କ ମଧ୍ୟରେ ଶ୍ରୀୟାନ ରଥ ୩ଟି, ଅନୁରାଗ ବାରିକ ୨ଟି ଏବଂ ଓଁକାର ତ୍ରିପାଠୀ ଗୋଟିଏ ଉଇକେଟ ନେଇଥିଲେ। ୪ଟି ଉଇକେଟ ନେବା ସହ ୧୦ ରନରେ ଅପରାଜିତ ଥିବା ବିଜୟୀ ଦଳର ପଦମ ଲୋଚନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଜାତୀୟ ନାଇନ୍ ଏ ସାଇଡ୍ ଫୁଟବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ଚଳିତ ମାସ ୭ରୁ ୯ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶର ଦେଓସଠାରେ ୧୪ଶ ଜାତୀୟ ନାଇନ୍ ଏ ସାଇଡ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାଲାଗି ସୋମବାର ଓଡ଼ିଶା ଦଳ ଘୋଷିତ ହୋଇଛି। ରାଜ୍ୟ ଦଳ ମଧ୍ୟପ୍ରଦେଶ ଯାତ୍ରା କରିବା ପୂର୍ବରୁ ଓଡ଼ିଶା ନାଇନ୍ ଏ ସାଇଡ୍ ଫୁଟବଲ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜମ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଯଶବନ୍ତ ଓରାମ (ଅଧିନାୟକ), ଆକାଶ ନାଏକ, ବିଶ୍ୱନାଥ ନାଏକ, ଏଲ୍ ନୁର୍ଙ୍ଗଶିବା ଖୁମାନ, ସୂର୍ଯ୍ୟଜିତ ସିଂ ବାଦରା, ଆଦ୍ୟାଂଶ ପାତ୍ର, ଅଂଶୁମାନ ବାରିକ, ସାହିଲ ଡୋଙ୍ଗରି, ସଞ୍ଜୟ ପ୍ରଧାନ, ବିଶାଲ କିସ୍କୁ, ଶ୍ୟାମପ୍ରସାଦ ମାଝି। କୋଚ୍: ମହମ୍ମଦ ଅମନ, ମ୍ୟାନେଜର: ତନୁଜ କୁମାର ଜେନା।



ମଧ୍ୟପ୍ରଦେଶ ଯାତ୍ରା ପୂର୍ବରୁ ଓଡ଼ିଶା ନାଇନ୍ ଏ ସାଇଡ୍ ଫୁଟବଲ ଦଳ।



# ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ




**ନୂଆ ବର୍ଷର ଶୁଭାରମ୍ଭ କରିବା ପାଇଁ ଅନେକେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ଉପହାର ପ୍ରଦାନ କରିଥାନ୍ତି । ଆଉ ଯଦି ଉପହାରଟି ଏପରି ହୁଏ ଯାହା ମନରେ ଏକ ସକାରାତ୍ମକ ଉର୍ଜା ଭରିଦେବା ସହ ପରିବେଶ ସୁରକ୍ଷାରେ ବି ସାହାଯ୍ୟ କରିପାରେ ତେବେ ଉପହାରର ଖୁସି ଦ୍ୱିଗୁଣିତ ହୋଇଯାଏ। ଏହି ଚିନ୍ତାଧାରାକୁ ଆଖିଆଗରେ ରଖି ଦିନକୁ ଦିନ ବଢ଼ିବାରେ ଲାଗିଛି ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ...**

ଗ୍ରୀନ୍ ଗିଫ୍ଟ ବା ସବୁଜ ଉପହାର ହେଉଛି ଏମିତି ଉପହାର ଯାହା ପ୍ରକୃତି ଓ ପରିବେଶ ଉପଯୋଗୀହେବା ସହ ମଣିଷର ସୁସ୍ଥ, ଦୀର୍ଘସ୍ଥାୟୀ ଜୀବନଶୈଳୀରେ ବି କାମରେ ଆସିଥାଏ ; ଯେଉଁଥିରେ ବିଭିନ୍ନ ପ୍ରକାର ଚାରା, ଗଛ, ଇକୋଫ୍ରେଣ୍ଡ୍ଲି ଧୂପକାଠି ଓ ଅନ୍ୟାନ୍ୟ ସାମଗ୍ରୀ ସହ ସିନ୍ଥେଟିକ୍ ପରିବର୍ତ୍ତେ କଟନ୍ ଓ ଅନ୍ୟ ହସ୍ତତନ୍ତ ପୋଷାକ ସାମିଲ ରହିଛି। ଏହା ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଉପକାରୀ ହୋଇଥିବାରୁ କେବଳ ପର୍ସନାଲ ଗିଫ୍ଟ ଭାବେ ନୁହେଁ ବିଭିନ୍ନ ସଂସ୍ଥା ବିଶେଷକରି କର୍ପୋରେଟ୍ ସେକ୍ଟରରେ ଏହି ଗିଫ୍ଟର ପ୍ରଚଳନ ବଢ଼ିବାରେ ଲାଗିଛି। ପ୍ରମୁଖ ଗ୍ରୀନ୍ ଗିଫ୍ଟଗୁଡ଼ିକ ହେଉଛି...

**ପ୍ଲାଣ୍ଟ ଗିଫ୍ଟ:** ଘର ଭିତରେ ସଜାଇ ରଖିବା ଲାଗି ବର୍ତ୍ତମାନ ବିଭିନ୍ନ ପ୍ରକାର ଇନ୍‌ଡୋର ପ୍ଲାଣ୍ଟ ଏବଂ ବୋନ୍‌ସାଇ ପ୍ଲାଣ୍ଟର ଡିମାଣ୍ଡ ସବୁଠୁ ଅଧିକ । ଏହା ଘର ଭିତରେ ମଧ୍ୟ ପ୍ରକୃତି ସହ ଯୋଡ଼ିରଖିବା ସହ ମାନସିକ ଶାନ୍ତି ଦେଇଥାଏ। ସେହିପରି ଗୋଲାପ, ମଲ୍ଲୀ, ରଜନୀଗନ୍ଧା, ପାରିଜାତ ଭଳି ବିଭିନ୍ନ ସୁଗନ୍ଧିତ ଫୁଲଗଛ ମଧ୍ୟ ଉପହାର ଦେଇପାରିବେ। ଆଲୋଭେରା, ସ୍ନେକ୍‌ପ୍ଲାଣ୍ଟ, ମନି ପ୍ଲାଣ୍ଟ, ଏରିକା ପାମ୍, ଲକି ବାମ୍ବୁ, ରବର ପ୍ଲାଣ୍ଟ, ପିସ୍ ଲିଲି, ସ୍ୱାଡର ପ୍ଲାଣ୍ଟ ଭଳି ଏୟାର ପ୍ୟୁରିଫାୟର ପ୍ଲାଣ୍ଟ ମଧ୍ୟ ଗିଫ୍ଟ ପାଇଁ ବର୍ତ୍ତମାନ ବହୁ ଡିମାଣ୍ଡରେ ଅଛି। ତୁଳସୀ, ପୁଦିନା ଭଳି ହର୍ବାଲ ତଥା ମେଡିସିନାଲ ପ୍ଲାଣ୍ଟ ବି ଏକ ବେଷ୍ଟ ଗିଫ୍ଟ ଅପ୍ସନ। ଏହା ବ୍ୟତୀତ ପରିବେଶ ସୁରକ୍ଷାକୁ ଆଖିଆଗରେ ରଖି ବିଭିନ୍ନ ଫଳ ଗଛ ଏବଂ ବଡ଼ ବଡ଼ ଗଛର ଚାରା ଗିଫ୍ଟଦେବା ମଧ୍ୟ ଏବେ ଟ୍ରେଣ୍ଡରେ ଅଛି।

**ଇକୋ ଫ୍ରେଣ୍ଡ୍ଲି ପ୍ରଡକ୍ଟ:** ଏଥିରେ ଗୋବର, ଫୁଲ, ଜଡିବୁଟି ଆଦିରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପ୍ରାକୃତିକ ଧୂପକାଠି, ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ଫଟୋ ଫ୍ରେମ୍, ବାଲିରେ ତିଆରି ସ୍ୟାଣ୍ଡ ଆର୍ଟ, ଉଡେନ୍ ଗିଫ୍ଟ ଆଇଟମ୍, ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ପରିବର୍ତ୍ତେ କଟନ୍, ଝୋଟ ଆଦିରେ ପ୍ରସ୍ତୁତ ବ୍ୟାଗ୍ ଏବଂ ଗୃହସଜ୍ଜା ସାମଗ୍ରୀ ଆଦି ଉପହାର ସ୍ୱରୂପ ଦିଆଯିବାର ଟ୍ରେଣ୍ଡ ଚାଲିଛି। ସେହିପରି ବର୍ତ୍ତମାନ ଆର୍ଟିଫିସିଆଲ୍ ଜୁଏଲେରି ପରିବର୍ତ୍ତେ ବାଉଁଶ, ବିଭିନ୍ନ ମଞ୍ଜି, ମାଟି ଆଦିରେ ପ୍ରସ୍ତୁତ ଜୁଏଲେରିକୁ ସମସ୍ତେ ଅଧିକ ପସନ୍ଦ କରୁଛନ୍ତି।

**ସଷ୍ଟେନେବଲ୍ ଆଇଟମ୍:** ପୋଷାକ ହେଉ ଅବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବାରମ୍ବାର କିଣିବା ଏବଂ ଟିକେ ପୁରୁଣା ହେଲେ ପୁଣି ଫିଙ୍ଗି ନୂଆ କିଣିବାକୁ ଅନେକେ ଭଲ ପାଆନ୍ତି। ଯାହାଦ୍ୱାରା ଅଧିକ ଆବର୍ଜନା ମଧ୍ୟ ସୃଷ୍ଟି ହୋଇଥାଏ। ଏମିତିରେ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଅନେକେ ବର୍ତ୍ତମାନ ସଷ୍ଟେନେବଲ୍ ବା ଦୀର୍ଘସ୍ଥାୟୀ ତଥା ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରୁଛନ୍ତି ଏବଂ ଏସବୁ ଉପହାର ସ୍ୱରୂପ ଦେବାରେ ଏଭଳି ସାମଗ୍ରୀର ଚାହିଦା ବି ବଢ଼ୁଥିବା ଦେଖିବାକୁ ମିଳୁଛି। ଏଥିରେ କଟନ, ଖଦି, ପାଟ ଆଦି ଶାଢ଼ି, ପୋଷାକର ଡିମାଣ୍ଡ ସବୁଠୁ ଅଧିକ ରହୁଛି।

**ଅର୍ଗାନିକ ଫୁଡ୍:** ବର୍ତ୍ତମାନ ବିଭିନ୍ନ ଜୈବିକ ଖାଦ୍ୟ ପଦାର୍ଥ ଉପହାରରେ ଦିଆଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ବିଶେଷକରି ମିଲେଟ୍, ଓଟ୍ସ ଆଦିରେ ପ୍ରସ୍ତୁତ କୁକିଜ୍, ବିସ୍କୁଟ୍, ମିଠା, କେକ୍ ଆଦି ଅନେକ ଗିଫ୍ଟ ଭାବେ ମଧ୍ୟ ଦେଉଛନ୍ତି।

– ପୌର୍ଣ୍ଣମାସୀ

## ଏମାନେ କ'ଣ କରନ୍ତି

**ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ ସ୍ୱାଗତଯୋଗ୍ୟ**



**ଡା. ରଶ୍ମିରେଖା ସାହୁ**(ରେସିଡେଣ୍ଟ ମେଡିକାଲ ଅଫିସର, ତମାଣ୍ଡୋ, ଭୁବନେଶ୍ୱର)– ପରିବେଶ ପ୍ରଦୂଷଣ ଓ ପାଣିପାଗ ପରିବର୍ତ୍ତନକୁ ଆଖିଆଗରେ ରଖି ସମସ୍ତଙ୍କୁ ନିଜ ଲାଇଫଷ୍ଟାଇଲ୍ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ। ଏମିତିରେ ଆମକୁ ନିଜ ଉପହାର ଦେବା ଶୈଳୀରେ ମଧ୍ୟ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତେଣୁ ବର୍ତ୍ତମାନ ଚାଲିଥିବା ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡକୁ ହୃଦୟର ସହ ସ୍ୱାଗତ ଜଣାଉଛି। କିଛି ବର୍ଷ ହେବ କାହାର ଜନ୍ମଦିନ, ବିବାହ କିମ୍ବା ଅନ୍ୟ ପାର୍ଟି, ଫଙ୍କସନକୁ ଗଲେ କାହାରି ଶରୀର ଅବା ପରିବେଶକୁ କ୍ଷତି ପହଞ୍ଚାଉଥିବା ସାମଗ୍ରୀ ପରିବର୍ତ୍ତେ ଇକୋଫ୍ରେଣ୍ଡ୍ଲି ଗିଫ୍ଟ ଦେଉଛି। ଏଥିରେ ବିଭିନ୍ନ ପ୍ଲାଣ୍ଟ, ମାଟି, ବାଉଁଶ, କାଠ, ଝୋଟ, ଶିଙ୍ଗ ଭଳି ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ସାମଗ୍ରୀ ସହ ଡ୍ରାଏ ଫ୍ରୁଟ୍ସ ଆଦି ସାମିଲ ଅଛି। କେବଳ ଏତିକି ନୁହେଁ, ଦୀର୍ଘ ୧୫ ବର୍ଷ ହେବ ଆମେ ୟୁଏସ୍‌ଆଇ ନାମକ ଫାଉଣ୍ଡେଶନ ଗଠନକରି ଲୋକଙ୍କୁ ଗଛ ଲଗାଇବା, ଜନ୍ମଦିନ ଓ ବିବାହ ଆଦି ଉତ୍ସବରେ ଗଛ ଉପହାର ଦେବା ଓ ଲଗାଇବା ସହ ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ କରିଆସୁଛୁ।

**ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଏହା ଜରୁରୀ**



**ଅନସୂୟା ସାହୁ** (ପୋଖରୀପୁଟ, ଭୁବନେଶ୍ୱର)– ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ପାଲଟିଛି। ଯେଉଁଥିପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ସହିତ ଇକୋଫ୍ରେଣ୍ଡଲି ଓ ସଷ୍ଟେନେବଲ୍ ପ୍ରଡକ୍ଟ ବ୍ୟବହାର କରୁଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ସଚେତନ କରାଉଛି। କେବଳ ଏତିକି ନୁହେଁ କୌଣସି ବିଶେଷ ଅବସରରେ କାହାକୁ ଉପହାର ଦେବା ଲାଗି ମଧ୍ୟ ପ୍ଲାଣ୍ଟ ଏବଂ ଇକୋଫ୍ରେଣ୍ଡଲି ସାମଗ୍ରୀ ବ୍ୟବହାର କରୁଛି। ଏଥିପାଇଁ ପେପର, ସୋଲ, ଗଜ୍ କପଡା, ଚକ୍, ମାଟି, କାଠ, ବିଭନ୍ନ ମଞ୍ଜି, ପ୍ରାକୃତିକ ରଙ୍ଗ ଆଦି ବ୍ୟବହାର କରି ପେନ୍‌ଷ୍ଟାଣ୍ଡ, ୱାଲ୍ ହ୍ୟାଙ୍ଗିଙ୍ଗ୍, ହୋମ୍‌ଡେକର ସାମଗ୍ରୀ, ସୋ ପିସ୍, ଫ୍ଲାୱାର୍ ଏବଂ ଫ୍ଲାୱାରଭେସ୍, ବୋନ୍‌ସାଇ ପ୍ଲାଣ୍ଟ ଆଦି ପ୍ରସ୍ତୁତ କରୁଛି। ଏ କ୍ଷେତ୍ରରେ ରୋଜଗାର ପାଇଁ ଆଗ୍ରହୀ ଯୁବତୀଙ୍କୁ ତାଲିମ ମଧ୍ୟ ଦେଉଛି। ଏଭଳି ଗ୍ରୀନ୍ ଗିଫ୍ଟର ଡିମାଣ୍ଡ ମଧ୍ୟ ମାର୍କେଟରେ ଦିନକୁ ଦିନ ବଢୁଥିବାରୁ ଖୁସି ଲାଗୁଛି।






# ପୁରୁଣା ବାନ୍ଧିନୀ ଶାଢ଼ିରୁ ମଡର୍ନ ଆଉଟ୍‌ଫିଟ୍

**ବେଳେବେଳେ କିଛି ପାରମ୍ପରିକ ଶାଢ଼ି ଫ୍ୟାଶନ ଦୁନିଆରେ ପୁରୁଣା ବା ଆଉଟ୍‌ଡେଟେଡ୍ ହୋଇଯାଏ। କିନ୍ତୁ ଏହାକୁ ନୂଆ ଢଙ୍ଗରେ ବ୍ୟବହାରକରି ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡରେ ସାମିଲ କରିପାରିବେ...**



➤ଯଦି ଆପଣଙ୍କ ପାଖରେ ପୁରୁଣା ବାନ୍ଧିନୀ ଶାଢ଼ି ଅଛି ଏହାକୁ ଭିନ୍ନ ଢଙ୍ଗରେ ପିନ୍ଧି ନୂଆ ଲୁକ୍ ଦେଇପାରିବେ। ଏହି ଶାଢ଼ିରେ ତିଆରି ଅନାରକଲୀ ସୁଟ୍ ଏଲିଗାଣ୍ଟ ଓ ରୟାଲ ଲୁକ୍ ଦେଇପାରିବେ। ଏହାକୁ ସିଲ୍କ ଓ କଟନ ଲାଇନିଂ ଦେଇ ତିଆରି କରନ୍ତୁ। ବିଭିନ୍ନ ଉତ୍ସବ ସମୟ କିମ୍ବା ପାରିବାରିକ ସମାରୋହରେ ଏହାକୁ ପିନ୍ଧିପାରିବେ।

➤ବାନ୍ଧିନୀ ଶାଢ଼ିରେ ଜ୍ୟାକେଟ୍ ତିଆରିକରି କୁର୍ତ୍ତା ସହ ପିନ୍ଧିପାରିବେ। ଏହା ଏକ ଇଣ୍ଡୋ ଇଷ୍ଟର୍ନ ଲୁକ୍ ଦେଇପାରିବ। ପୂଜା ସମୟରେ ଓ ଘରୋଇ ଉତ୍ସବରେ ଏହାକୁ ପିନ୍ଧିପାରିବେ।

➤ପୁରୁଣା ବାନ୍ଧିନୀ ଶାଢ଼ିରେ ଆପଣ ଚାହିଁଲେ ଲେହେଙ୍ଗା ଚୋଲୀ ଡିଜାଇନ କରିପାରିବେ। ଏହା ବହୁ ସୁନ୍ଦର ଦେଖାଯିବ। ଶାଢ଼ିର ବର୍ଡରକୁ ଲେହେଙ୍ଗାର ଘେର, ବ୍ଲାଉଜର ବର୍ଡ଼ର କିମ୍ବା ଚୋଲୀ ଡିଜାଇନରେ ଦେଲେ ଏହି ଆଉଟ୍‌ଫିଟ୍ ଅଧିକ ସୁନ୍ଦର ଦେଖାଯିବ।

➤ଯଦି କାଜୁଆଲ ଓ ମର୍ଡନ ଲୁକ୍ ଚାହୁଁଥାନ୍ତି ତେବେ ବାନ୍ଧିନୀ ଶାଢ଼ିରେ ସର୍ଟ କୁର୍ତ୍ତା ତିଆରି କରନ୍ତୁ। ଏହାକୁ ଜିନ୍ସ, ପ୍ଲାଜୋ କିମ୍ବା ସ୍କର୍ଟ ସହ ପିନ୍ଧିପାରିବେ। ଏହା ମଧ୍ୟ ଆଜିର ଫ୍ୟାଶନ ଟ୍ରେଣ୍ଡରେ ବହୁ ସୁନ୍ଦର ଦେଖାଯିବ।

➤ଷ୍ଟାଇଲିଶ୍ ମେକ୍‌ଓଭର ପାଇଁ ବାନ୍ଧିନୀ ଶାଢ଼ିରେ ଦୁପଟ୍ଟା କିମ୍ବା ଶ୍ରଗ ତିଆରି କରନ୍ତୁ। ଯେକୌଣସି ସିମ୍ପଲ ଆଉଟ୍‌ଫିଟ୍‌କୁ ଏହା ଏକ ଆକର୍ଷଣୀୟ ଲୁକ୍ ଦେଇପାରିବ।

# ଶୀତରେ ରହିବନି ଦରଜ ସମସ୍ୟା

**ପ୍ରବଳ ଥଣ୍ଡାରେ ଅନେକଙ୍କର ଅଣ୍ଟା, କାନ୍ଧ ଓ ବେକ ଆଦି ସ୍ଥାନରେ ଦରଜ ଅନୁଭବ ହୋଇଥାଏ, ଯାହାକୁ ଦୂରକରିବା ଲାଗି ଅନେକେ ପେନ୍ କିଲର ବ୍ୟବହାର କରିଥାନ୍ତି। ହେଲେ ଏହି ସମସ୍ୟାକୁ ବିଭିନ୍ନ ଘରୋଇ ଉପଚାର ଦ୍ୱାରା ଦୂରକରିପାରିବେ । ଜାଣି ରଖନ୍ତୁ କେତୋଟି ଉପାୟ...**

**ତେଲ ମାଲିସ:** ଶୀତଦିନେ ଦରଜ ହେଉଥିବା ସ୍ଥାନରେ ଉଷୁମତେଲ ମାଲିସ କରନ୍ତୁ। ସୋରିଷ ତେଲରେ ରସୁଣ, ଜୁଆଣି ଆଦି ପକାଇ ମାଲିସ କଲେ ଆରାମ ଲାଗିବ। ଥଣ୍ଡା ଦିନେ ଶରୀର ପାଇଁ ଏହି ପାରମ୍ପରିକ ଉପାୟ ଅତ୍ୟନ୍ତ ପ୍ରଭାବଶାଳୀ। ମାଲିସ କରିବା ପରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ ଓ ତୁରନ୍ତ ଆରାମ ଅନୁଭବ ହୋଇଥାଏ।

**ଶୀତ ପୋଷାକ:** ଥଣ୍ଡାଦିନେ ବାହାରକୁ ଗଲେ ଠିକ୍ ଭାବରେ ଶରୀରକୁ ଘୋଡ଼େଇ ରଖନ୍ତୁ। ମୁଣ୍ଡ, କାନ, ବେକ ଓ କାନ୍ଧ ଆଦି ବିଭିନ୍ନ ସ୍ଥାନକୁ ମଫଲର କିମ୍ବା ସ୍କାର୍ଫରେ ଢାଙ୍କି ବାହାରକୁ ଯାଆନ୍ତୁ। ସେହିଭଳି ଯଦି ବାଇକ୍‌ରେ ବାହାରକୁ ଯାଉଥାନ୍ତି ତା'ହେଲେ ଥଣ୍ଡା ପବନରୁ ରକ୍ଷା କରିବା ପାଇଁ ଶରୀରକୁ ସ୍ୱେଟର କିମ୍ବା ଶାଲ୍ ବ୍ୟବହାରକରି ଭଲଭାବରେ ଘୋଡ଼ାଇ ହୋଇ ଯାଆନ୍ତୁ।

**ହାଲୁକା ବ୍ୟାୟାମ:** ଅଳ୍ପ କିଛି ସମୟ ପାଇଁ ହେଲେ ବି ନିୟମିତ ବ୍ୟାୟାମ କରନ୍ତୁ। ବେକ, ଅଣ୍ଟା ଓ କାନ୍ଧ ପାଇଁ ଷ୍ଟ୍ରେଚିଂ କିମ୍ବା ଅଳ୍ପ କିଛି ଏକ୍ସରସାଇଜ୍ କରନ୍ତୁ। ବେକକୁ କ୍ଲକ୍ ୱାଇଜ୍ ଓ ଆଣ୍ଟି କ୍ଲକ୍ ୱାଇଜ୍ ଧୀରେ ଧୀରେ ବୁଲାନ୍ତୁ। ଭୁଜଙ୍ଗାଶନ ଓ ମର୍କଟାସନ ଭଳି ଯୋଗ କଲେ ଅଣ୍ଟା ଦରଜରୁ ମୁକ୍ତି ମିଳିପାରିବ। ତେଣୁ ନିୟମିତ କିଛି ସମୟ ପାଇଁ ଏହିସବୁ ଯୋଗ ଓ ବ୍ୟାୟାମ ଆଦି କରନ୍ତୁ।

**ଖାଦ୍ୟପେୟ:** ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ହେଲ୍‌ଦି ଖାଦ୍ୟ ନିହାତି ଜରୁରୀ। ଥଣ୍ଡାଦିନେ ହଳଦୀ, ଅଦା ଓ ମେଥି ଭଳି ଆଣ୍ଟି ଇନ୍‌ଫ୍ଲାମେଟାରି ଖାଦ୍ୟ ପଦାର୍ଥ ସାମିଲ କରନ୍ତୁ। ଶୀତଦିନେ ଥଣ୍ଡା ଯୋଗୁ ପାଣି ପିଇବାକୁ ଇଚ୍ଛା ହୁଏନାହିଁ। ଫଳରେ ଡିହାଇଡ୍ରେଶନ ହେବା ଆଶଙ୍କା ରହିଥାଏ। ତେଣୁ ଏ ଦୃଷ୍ଟିରୁ ସଚେତନ ହୋଇ ପାଣି ପିଅନ୍ତୁ। ଅଧିକ ଥଣ୍ଡା ଲାଗୁଥିଲେ ଅଳ୍ପ ଉଷୁମ କରି ପାଣି ପିଅନ୍ତୁ।

ଏସବୁ ଘରୋଇ ଉପାୟ ଆପଣାଇବା ସତ୍ତ୍ୱେ ଦରଜ କମ୍ ହେଉ ନ ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



**ସୌନ୍ଦର୍ଯ୍ୟ**

# ଘରୋଇ ଲିପ୍‌ବାମ୍

**ଶୀତଦିନେ ଓଠ ଶୁଖିବା ଓ ଫାଟିବା ଅନେକଙ୍କ ପାଇଁ ଏକ ବଡ଼ ସମସ୍ୟା। ତେଣୁ ଓଠ ନ ଫାଟିବା ଲାଗି ଏହାକୁ ମଶ୍ଚରାଇଜ୍ ଓ ସଫ୍ଟ ରଖିବା ପାଇଁ ଲିପ୍‌ବାମ୍ ଲଗାଇବା ନିହାତି ଜରୁରୀ। ତେଣୁ ଆପଣ ଚାହିଁଲେ ଘରେ ମଧ୍ୟ ଲିପ୍‌ବାମ୍ ପ୍ରସ୍ତୁତ କରିପାରିବେ। ଜାଣି ରଖନ୍ତୁ ଟିପ୍ସ...**

➔ରୋଜ୍ ଲିପ୍‌ବାମ୍ ମଧ୍ୟ ଓଠକୁ ନାଚୁରାଲି ପିଙ୍କ୍ ଓ ସଫ୍ଟ ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଗୋଲାପ ପାଖୁଡ଼ାକୁ ଶୁଖାଇ ଗୁଣ୍ଡ କରିଦିଅନ୍ତୁ। ଏକ ପାତ୍ରରେ ଅଧାକପ୍ ପାଣି କିମ୍ବା କଞ୍ଚାକ୍ଷୀର ଗରମକରି ସେଥିରେ ୨ଚାମଚ ରୋଜ୍ ପାଉଡର ପକାଇ ଧୀରେ ଧୀରେ ଗୋଳାନ୍ତୁ। ଫୁଟିଗଲେ ଚୁଲା ବନ୍ଦକରି ଏହାକୁ ଛାଣିଦିଅନ୍ତୁ। ସେଥିରେ ଅଧା ଚାମଚ ନଡ଼ିଆ ତେଲ, ଅଧା ଚାମଚ ମହୁ ଏବଂ ୨ଟି ଭିଟାମିନ୍ ଇ କ୍ୟାପ୍‌ସୁଲ୍ ଫଟାଇ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏକ କଡ଼େଇରେ ପାଣି ଗରମ କରନ୍ତୁ, ଏହା ଉପରେ ଏକ ଗିନା ରଖି ଅଧା ଚାମଚ ମହମ ବା ବିୱାକ୍ସ ଗରମ କରନ୍ତୁ। ତାହା ମେଲ୍ଟ ହୋଇଗଲେ ପୂର୍ବ ପ୍ରସ୍ତୁତ ମିଶ୍ରଣକୁ ପକାଇ ଧୀରେ ଧୀରେ ଗୋଳାଇ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ଥଣ୍ଡାକରି ଏକ ଛୋଟ କଣ୍ଟେନରରେ ରଖି ପ୍ରତିଦିନ ଲଗାନ୍ତୁ , ଦେଖିବେ ଓଠ ଆଦୌ ଫାଟିବ ନାହିଁ ଏବଂ ପୂର୍ବ ଅପେକ୍ଷା ଅଧିକ ପିଙ୍କ୍ ମଧ୍ୟ ଲାଗିବ।



➔ରୋଜ୍‌ମେରୀ ଲିପ୍‌ବାମ୍ ଓଠ ପାଇଁ ବହୁତ ଭଲ। ଏଥିପାଇଁ ୧ଚାମଚ ବିୱାକ୍ସ, ୩ ଚାମଚ ନଡ଼ିଆତେଲ ଏବଂ ୨ ଚାମଚ ସିଆ ବଟର ପକାଇ ଅଳ୍ପ ଗରମ କରନ୍ତୁ ଏବଂ ତରଳିବା ପରେ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ୪–୫ ଟୋପା ଭିଟାମିନ୍ ଇ, ୨ ଟୋପା ରୋଜ୍‌ମେରୀ ଏସେନ୍ସିଆଲ ଅଏଲ୍ ଏବଂ ୩ ଟୋପା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରତିଦିନ ଏହି ବାମ୍‌କୁ ଓଠରେ ଲଗାଇଲେ ଓଠ ନରମ ଏବଂ ଗୋଲାପି ରହିବ।

➔କୋରିଆନ୍ ଲିପ୍‌ବାମ୍‌କୁ ବର୍ତ୍ତମାନ ଅନେକେ ପସନ୍ଦ କରୁଥିବାରୁ ମାର୍କେଟ୍‌ରେ ଏହା ଖୁବ୍ ଅଧିକ ଦାମ୍‌ରେ ବିକ୍ରି ହେଉଛି। ହେଲେ ଆପଣ ଚାହିଁଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିପାରିବେ। ଏଥିପାଇଁ ପ୍ରଥମେ ଏକ କଡ଼େଇରେ ପାଣି ରଖି ଗରମ କରନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ଏହା ଉପରେ ଏକ ଗିନା ରଖନ୍ତୁ ଯେପରି ତାହା ଭାସିବ। ସେଥିରେ ୧ ବଡ଼ ଚାମଚ ବିୱାକ୍ସ ପ୍ୟାଲେଟ୍ ରଖି ଚାମଚରେ ଧୀରେ ଧୀରେ ଗୋଳନ୍ତୁ। ଏହା ଭଲ ଭାବେ ତରଳିଗଲେ ସେଥିରେ ୧ଚାମଚ ନଡ଼ିଆତେଲ ଏବଂ ୧ ଚାମଚ ବାଦାମ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ ୧ ଚାମଚ ମହୁ ମିଶାଇ ପୁଣି ଗୋଳାନ୍ତୁ ଏବଂ ୪–୫ ଡ୍ରପ୍ ଭିଟାମିନ୍ ଇ ଅଏଲ୍ ଏବଂ ନିଜ ପସନ୍ଦର କୌଣସି ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାନ୍ତୁ। ଚୁଲା ବନ୍ଦକରି ଗିନା କାଢ଼ି ଆଣନ୍ତୁ। ଭଲ ଭାବେ ଥଣ୍ଡାହେବା ପରେ ଲିପ୍‌ବାମ୍‌କୁ ଏକ କଣ୍ଟେନରରେ ରଖିଦିଅନ୍ତୁ।



**ଖାଦ୍ୟରୁଚି**

# ହୋମ୍ ମେଡ୍ ବିସ୍କୁଟ୍



**ଆବଶ୍ୟକ ସାମଗ୍ରୀ:** ଚିନି ୧୦୦ଗ୍ରାମ୍, ସୁଜି ୫୦୦ଗ୍ରାମ୍, ଅଟା ୨୦୦ଗ୍ରାମ୍, ୨ ଚାମଚ ଘିଅ, ଛାଣିବା ଲାଗି ତେଲ, ଗୁଜୁରାତି ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚିନି ନିଅନ୍ତୁ , ସେଥିରେ ଅଳ୍ପ ସୁଜି ପକାଇ ଏହାକୁ ଏବେ ଗ୍ରାଇଣ୍ଡ କରିନିଅନ୍ତୁ। ଏହା ଗ୍ରାଇଣ୍ଡ ହୋଇଗଲା ପରେ ତାକୁ ଏକ ପାତ୍ରରେ କାଢ଼ି ଦିଅନ୍ତୁ। କଢ଼ା ହୋଇଥିବା ମିଶ୍ରଣରେ ଅଟା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏଥିରେ ଗୁଜୁରାତି ଗୁଣ୍ଡ, ଘିଅ, ଅଳ୍ପ ଲୁଣ ଏବଂ ଗରମ ପାଣି ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲଭାବେ ଚକଟି କିଛି ସମୟ ରଖି ଦିଅନ୍ତୁ। ଏହି ଚକଟାରୁ ଅଳ୍ପ ଅଳ୍ପ ହାତରେ ନେଇ ଗୋଲ ସେପ୍ ଦିଅନ୍ତୁ। କଣ୍ଟା ଚାମଚ ଏବଂ ଛଣା ଜାଲିର ସାହାଯ୍ୟ ନେଇ ଡିଜାଇନ୍ କରିପାରିବେ। ବର୍ତ୍ତମାନ କଡ଼େଇ ଗ୍ୟାସ୍ ଚୁଲାରେ ବସାଇ ସେଥିରେ ତେଲ ପକାନ୍ତୁ। ଏବେ ଏଥିରେ ଗୋଟିଏ ଗୋଟିଏ ପକାଇ ଏହାକୁ ଛାଣନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଘର ତିଆରି ବିସ୍କିଟ୍।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। (ଫଟୋ: ରାଜକିଶୋର ମହାନ୍ତି)

# ବୃହତ୍ ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ଡିଉର ଘୋଘଲା ବିଚ୍‌ରେ ସୋମବାର ଆରମ୍ଭ ହୋଇଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ମହିଳା ସକ୍କର ଦଳ ବୃହତ୍ ବିଜୟ ସହ

**ଖେଲୋ ଇଣ୍ଡିଆ ବିଚ୍ ସକ୍କର**

ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ୧୧-୩ ଗୋଲରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସତ୍ୟବତୀ ଖାଡ଼ିଆ ଏକାକୀ ୫ ଗୋଲ ଦେଇଥିବାବେଳେ ଶ୍ରୀଜନ ତମାଙ୍ଗ ୨ଟି ଏବଂ ମନିଶା ନାଏକ, ଅଙ୍କିତା ନାଏକ, ଶିବାନୀ ମୁଣ୍ଡାରୀ ଓ ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।


ପ୍ରଥମ ମ୍ୟାଚ ବିଜୟ ପରେ ଉଲ୍ଲସିତ ଓଡ଼ିଶା ମହିଳା ବିଚ୍ ସକ୍କର ଦଳ।

# ଆଜିଠାରୁ ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ

**କୁଆଲାଲମ୍ପୁର, ୫।୧ (ପି.ଟି.)**

ସିଜନ ଆରମ୍ଭ ୧,୪୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ମିଲେସିଆ ଓପନ ସୁପର ୧,୦୦୦ ଟୁର୍ନାମେଣ୍ଟ ଏଠାରେ ମଙ୍ଗଳବାରଠାରୁ ଖେଳାଯିବ। ଭାରତର ଦୁଇ ଅଭିଜ୍ଞ ଖେଳାଳି ଲକ୍ଷ୍ୟ ସେନ୍ ଓ ପି.ଭି. ସିନ୍ଧୁ ଏଥିରେ ସତେଜ ମନୋଭାବ ନେଇ ପ୍ରଭାବୀ ପ୍ରଦର୍ଶନ ସହ ସିଜନ ଆରମ୍ଭ କରିବା ଲକ୍ଷ୍ୟରେ ଅଛନ୍ତି। ୨୦୨୫ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନଙ୍କ ପ୍ରଦର୍ଶନ ମୋଟ ଉପରେ ସନ୍ତୋଷଜନକ ନ ଥିଲା। ଖେଳାଳିମାନେ ଆଘାତଜନିତ ସମସ୍ୟାରେ ରହିବା ସହ ଉଚ୍ଚସ୍ତରରେ ସେମାନଙ୍କ ପ୍ରଦର୍ଶନରେ ଅସ୍ଥିରତା ଲକ୍ଷ୍ୟ କରାଯାଇଥିଲା। ଆସନ୍ତା ସପ୍ତାହରେ ଦିଲ୍ଲୀରେ ଇଣ୍ଡିଆ ଓପନ ସୁପର ୭୫୦ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତି କ୍ଷେତ୍ରରେ ମାଲେସିଆ ଓପନ ସହାୟକ ହେବ। ଲକ୍ଷ୍ୟ ହେଉଛନ୍ତି ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା। ଗତ ସିଜନରେ ତାଙ୍କ ପାଇଁ ଭଲ ସୁଯୋଗ ରହିଥିଲା। ପ୍ୟାରିସ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହିବା ପରେ ସେ ବିଜୟ ପଥକୁ ଫେରିବା ସହ ଅଷ୍ଟ୍ରେଲିଆନ ଓପନ ସୁପର ୫୦୦ ଟାଇଟଲ ଜିତିଥିଲେ। ଆଲମୋରାର ଏହି ୨୪ ବର୍ଷୀୟ ହଂକଂ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ସେ ତାଙ୍କର ଏହି ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସିଙ୍ଗାପୁରର ଜିଆ ହେଙ୍ଗ୍ ଜାସନ ତେ'ଙ୍କ ବିପକ୍ଷରେ ଭଲ ଖେଳିବେ ବୋଲି ଆଶା କରାଯାଉଛି। ୟୁଏସ୍ ଓପନ ସୁପର ୩୦୦ ଜିତିଥିବା ଯୁବ ଖେଳାଳି ଆୟୁଷ ଶେଟ୍ଟି ଏଠାରେ ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ମାଲେସିଆର ଲି' ଜି ଜିଆଙ୍କ ବିପକ୍ଷ ମ୍ୟାଚରେ ତାଙ୍କ ସ୍ଥିର ପ୍ରଦର୍ଶନ ଜାରି ରଖିବେ ବୋଲି ଆଶା କରାଯାଉଛି। ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ବର୍ତ୍ତମାନ ଏକ ଖରାପ ସମୟ ଦେଇ ଗତି କରୁଛନ୍ତି। ବର୍ତ୍ତମାନ ସେ ଭଲ ଫର୍ମରେ ନାହାନ୍ତି। ତାଙ୍କର ଫିଟ୍‌ନେସ ସମସ୍ୟା ମଧ୍ୟ ରହିଛି। ପାଦରେ ଇଞ୍ଜୁରି ଯୋଗୁ ସେ ଅକ୍ଟୋବରରୁ ପ୍ରତିଯୋଗିତାରେ ଭାଗ ନେଇ ନାହାନ୍ତି। ଏଠାରେ ଚାଇନିଜ ତାଇପେର ସଙ୍ଗ୍ ଶୁଓ ୟୁନ୍‌ଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ ସହ ତାଙ୍କ ଅଭିଯାନ ଆରମ୍ଭ କରିବେ ବୋଲି ଆଶା କରାଯାଉଛି। ଦ୍ୱିତୀୟ ଥର ଓଡ଼ିଶା ଓପନ ଟାଇଟଲ ଜିତିଥିବା ଉନ୍ନତି ହୁଡା ୪ର୍ଥ ସିଡ୍ ତଥା ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଚାଇନାର ଚେନ୍ ୟୁ ଫେଇଙ୍କ ସହ ମୁକାବିଲା କରିବେ। ଆଣ୍ଠୁରେ ଆଘାତପ୍ରାପ୍ତ ପାଇଁ ୬ ମାସ ଲାଗି ନିଜକୁ ଖେଳରୁ ଦୂରେଇ ରଖିଥିବା ମାଳବିକା ବନ୍‌ସୋଡ୍ ପୂର୍ବତନ ବିଶ୍ୱ ଚାମ୍ପିୟନ ତଥା ୭ମ ସିଡ୍ ଥାଇଲାଣ୍ଡର ରାଚାନୋକ୍ ଇଣ୍ଟାନାନ୍‌ଙ୍କ ସହ ମୁକାବିଲା କରିବେ। ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପ୍ରଦର୍ଶନ ଉପରେ ମଧ୍ୟ ଖେଳପ୍ରେମୀଙ୍କ ନଜର ରହିବ। ଗତବର୍ଷ ସେମାନେ ପ୍ରଥମ ଭାରତୀୟ ଯୋଡ଼ି ଭାବେ ସିଜନ ଶେଷ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଜାତୀୟ ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୩୩ତମ ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ରାଜୀବ ମେହେଟା ସମ୍ମାନୀୟ ଅତିଥିଭାବେ ଉପସ୍ଥିତ ଥିଲେ। ରାଜ୍ୟ ଆସୋସିଏଶନ ପରାମର୍ଶଦାତା ନାରାୟଣ ପ୍ରସାଦ ମହାନ୍ତି, ଉପସଭାପତି ରମେଶ ଚନ୍ଦ୍ର ମଲିକ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ